

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol. 10, Issue. 342, Saturday, 06 April 2024, Puri, Pages- 20, Rs. 7/-

ଦଶମ ବର୍ଷ, ସଂଖ୍ୟା-୩୪୨, ଶନିବାର, ୦୬ ଏପ୍ରିଲ୍ ୨୦୨୪, ପୁରୀ, ୨୦ ପୃଷ୍ଠା, ମୂଲ୍ୟ - ୭ ଟଙ୍କା







ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol. 10, Issue. 342, Saturday, 06 April 2024, Puri, Pages- 20, Rs. 7/-

ଦଶମ ବର୍ଷ, ସଂଖ୍ୟା-୩୪୨, ଶନିବାର, ୦୬ ଏପ୍ରିଲ୍ ୨୦୨୪, ପୁରୀ, ୨୦ ପୃଷ୍ଠା, ମୂଲ୍ୟ - ୭ ଟଙ୍କା







ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org



Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ

selfiedunia96@gmail.com

କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



■ Vol. 10, Issue. 342, Saturday, 06 April 2024, Puri, Pages- 20, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୩୪୨, ଶନିବାର, ୦୬ ଏପ୍ରିଲ୍ ୨୦୨୪, ପୁରୀ, ୨୦ ପୃଷ୍ଠା, ମୂଲ୍ୟ - ୭ ଟଙ୍କା


ଉତ୍ତରପ୍ରଦେଶରେ ମଦ୍ରାସା ଉଚ୍ଛେଦ ଆଇନ୍ ପ୍ରସଙ୍ଗ

## ରୋକ୍ ଲଗାଇଲେ ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ**

ଉତ୍ତର ପ୍ରଦେଶ ସରକାର ଆଣିଥିବା ମଦ୍ରାସା ଆଇନ ଉପରେ ଆହ୍ଲାବାଦ ହାଇକୋର୍ଟ ଦେଇଥିବା ରାୟକୁ ସ୍ଥଗିତ ରଖିଲେ ସୁପ୍ରିମକୋର୍ଟ। ହାଇକୋର୍ଟ ଏହି ଆଇନକୁ ଅସାମ୍ବିଧାନିକ ଘୋଷଣା କରିଥିଲେ, କିନ୍ତୁ ସର୍ବୋଚ୍ଚ ଅଦାଲତ ଏହି ରାୟକୁ ସ୍ଥଗିତ ରଖିଛନ୍ତି।ନିକଟରେ ଆହ୍ଲାବାଦ ହାଇକୋର୍ଟ ଉତ୍ତର ପ୍ରଦେଶ ବୋର୍ଡ ଅଫ ମଦ୍ରାସା ଏଜୁକେସନ ଆକ୍ଟ ୨୦୦୪କୁ ଅସାମ୍ବିଧାନିକ ଦର୍ଶାଇଥିଲେ ଏବଂ ଉକ୍ତ ଆଇନ ଧର୍ମନିରପେକ୍ଷର ବିରୋଧୀ ବୋଲି କୋର୍ଟ କହିଥିଲେ। ହାଇକୋର୍ଟଙ୍କ ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ପ୍ରଧାନ ବିଚାରପତି ଡିଓ୍ୱାଇ ଚନ୍ଦ୍ରଚୁଡ଼ଙ୍କ ନେତୃତ୍ୱରେ ଗଠିତ ତିନି ଜଣିଆ ଖଣ୍ଡପୀଠ ଆଜି ଏହି ମାମଲା ଉପରେ ଶୁଣାଣି କରିଛନ୍ତି। ଶୁଣାଣି ସମୟରେ ହାଇକୋର୍ଟଙ୍କ ରାୟକୁ ସ୍ଥଗିତ ରଖି ସର୍ବୋଚ୍ଚ ଅଦାଲତ କହିଛନ୍ତି, ହାଇକୋର୍ଟ ମଦ୍ରସା ଆକ୍ଟର ଧାରାକୁ ଭୁଲ ବୁଝିଛନ୍ତି। ହାଇକୋର୍ଟ ପ୍ରାଥମିକ ସ୍ତରରେ ଯେଉଁ ରାୟ ଦେଇଛନ୍ତି ତାହା ଠିକ୍ ନୁହେଁ। ଏଥିସହ ସୁପ୍ରିମକୋର୍ଟ ଏ ଉପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଏପ୍ରିଲ ୩୧ ସୁଦ୍ଧା ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ଦ୍ୱିତୀୟ ସପ୍ତାହରେ ହେବ।

# ଏସିଆର ଷଷ୍ଠ ଉତ୍ତପ୍ତ ସହର ପାଲଟିଲା ଭୁବନେଶ୍ୱର

## ୪୩.୫ ଡିଗ୍ରୀ ତାତିରେ ଛଟପଟ ରାଜଧାନୀବାସୀ



**ଭୁବନେଶ୍ୱର(ବ୍ୟୁରୋ)**

ସାରା ରାଜ୍ୟରେ ଶୁକ୍ରବାର ଭୁବନେଶ୍ୱରରେ ସବୁଠୁ ଅଧିକ ଖରା ହୋଇଛି। ଏଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି, ଯାହା ସାରା ରାଜ୍ୟରେ ସର୍ବାଧିକ। ତା' ସହିତ ପ୍ରଥମ ଥର ପାଇଁ ଆଜି ରାଜ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ଛୁଇଁଛି। ୪୩.୫ ଡିଗ୍ରୀ ସହିତ ଆଜି ଭୁବନେଶ୍ୱର ଏସିଆର ଷଷ୍ଠ ଉତ୍ତପ୍ତ ସହର ପାଲଟିଛି। ଏସିଆର ୧୦ଟି ଉତ୍ତପ୍ତ ସହର ତାଲିକାରେ ଏହା ଷଷ୍ଠ ସ୍ଥାନରେ ରହିଛି ବୋଲି କହିଛନ୍ତି ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ। ରାଜଧାନୀ ଭୁବନେଶ୍ୱରରେ ଆଜି ସକାଳୁ ମିଳିସାରିଥିଲା ପ୍ରଚଣ୍ଡ ତାତିର ଆଭାସ। ସକାଳ ସାଢ଼େ ୮ଟାରେ ଭୁବନେଶ୍ୱରର ତାପମାତ୍ରା ୩୧.୨ ଡିଗ୍ରୀ ରହିଥିବା ବେଳେ ସାଢେ ୧୧ଟା ସୁଦ୍ଧା ୩୯.୮ ଓ ଦିନ ସାଢେ ୨ଟା ବେଳକୁ ଏହା ଛୁଇଁଥିଲା ୪୩.୨ ଡିଗ୍ରୀ। ସେହିପରି ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ବଢ଼ିଛି ଗ୍ରୀଷ୍ମ ପ୍ରବାହ। ଅନୁଗୋଳ, ଝାରସୁଗୁଡ଼ା, ତାଳଚେର, ଟିଟିଲାଗଡ଼, ମାଲକାନଗିରି, ନୟାଗଡ଼, ବୌଦ୍ଧ ଓ ପାରଳାଖେମୁଣ୍ଡିରେ ଆଜି ତାପମାତ୍ରା ୪୨ ଡିଗ୍ରୀ ବା ଏହା ଉପରେ ରେକର୍ଡ କରାଯାଇଛି। ଅନୁଗୋଳରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୨.୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ାରେ ୪୨, ତାଳଚେରରେ ୪୨.୫, ବଲାଙ୍ଗିରରେ ୪୨, ଟିଟିଲାଗଡ଼ରେ ୪୨, ମାଲକାନଗିରିରେ ୪୨.୨, ନୟାଗଡ଼ରେ ୪୨, ବୌଦ୍ଧରେ ୪୨.୨ ଓ ପାରଳାଖେମୁଣ୍ଡିରେ ୪୨.୬ ଡିଗ୍ରୀ ରେକର୍ଡ କରାଯାଇଛି। ଗତକାଲି ରାଜ୍ୟର ମାତ୍ର ଦୁଇଟି ସ୍ଥାନ- ବୌଦ୍ଧ ଓ ମାଲକାନଗିରିରେ ତାପମାତ୍ରା ୪୨ ଡିଗ୍ରୀ ଛୁଇଁଥିଲା।ଆଜି ଚାନ୍ଦବାଲିରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୧.୨ ଡିଗ୍ରୀ ରହିଥିବା ବେଳେ କଟକରେ ୪୦.୬, ବାରିପଦାରେ ୪୧, କେନ୍ଦୁଝରରେ ୪୦.୫, ସମ୍ବଲପୁରରେ ୪୧.୩, ସୁନ୍ଦରଗଡ଼ରେ ୪୧, ହୀରାକୁଦରେ ୪୧, ଭବାନୀପାଟଣାରେ ୪୧.୨, ସୋନପୁରରେ ୩୯.୮, ଛତ୍ରପୁରରେ ୩୮, ରାୟଗଡ଼ାରେ ୩୯, ଯାଜପୁରରେ

▶(ପୃଷ୍ଠା-୧୫)

## ଖୋର୍ଦ୍ଧାରେ ସାଢ଼େ ୧୦ଟାରେ ହେବ ସ୍କୁଲ ଛୁଟି

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଓଡିଶା ସରକାର ସକାଳୁଆ ସ୍କୁଲ ପାଇଁ ସୂଚନା ଜାରି କରିଛନ୍ତି। ରାଜ୍ୟ ସରକାର ଏପ୍ରିଲ ୨ ତାରିଖରୁ ସକାଳୁଆ ସ୍କୁଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ କ୍ଲାସଗୁଡିକ ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ରହିଛି। ସେହିପରି ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ମଧ୍ୟ ସକାଳୁଆ ହେବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ତେବେ ପ୍ରବଳ ଖରାକୁ ଦେଖି ଖୋର୍ଦ୍ଧା ଜିଲାପାଳ ଆଜି ସ୍କୁଲ ସମୟ ପରିବର୍ତ୍ତନ କରିଛନ୍ତି। ଖୋର୍ଦ୍ଧା ଜିଲାରେ ସବୁ ସ୍କୁଲ ସକାଳ ସାଢେ ୬ରୁ ସାଢେ ୧୦ ଯାଏଁ ରହିବ ବୋଲି ସୂଚନା ଜାରି କରିଛନ୍ତି। ସରକାରୀ, ଘରୋଇ ଓ ଅନୁଦାନପ୍ରାପ୍ତ

▶(ପୃଷ୍ଠା-୧୫)

## ବିଦ୍ୟୁତ ଆଘାତରେ ଯୁବକଙ୍କ ମୃତ୍ୟୁ

**ସୋର(ଅମୃତ ମିଡିଆ)**

ବାଲେଶ୍ୱର ଜିଲ୍ଲା ସୋର ଥାନା ପାଖର ପଂଚାୟତ ଚକପଦା ଗ୍ରାମର ଜଣେ ଯୁବକ ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଯୁବକ ଜଣଙ୍କ ହେଲେ ମାୟାଧର ବାରିକଙ୍କ ପୁଅ ଉମାଶାଙ୍କର ବାରିକ (୩୦)। ସୂଚନା ଅନୁସାରେ ଆଜି ସନ୍ଧ୍ୟାରେ ଉମାଶାଙ୍କର ଜଣେ ବ୍ୟକ୍ତିଙ୍କ ଘରେ ବିଦ୍ୟୁତ ସଂଯୋଗ କାମ କରୁଥିବା ବେଳେ ସେ ବିଦ୍ୟୁତ ଆଘାତର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତର ଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଂଚି ଶବ ଜବତ କରି ବ୍ୟବଛେଦ ପାଇଁ ରଖିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

ବିଜେଡିର ତୃତୀୟ ପର୍ଯ୍ୟାୟ ପ୍ରାର୍ଥିତାଲିକା ଘୋଷଣା

# ୯ ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

- ବିଜେଡି ପ୍ରାର୍ଥିତାଲିକା ୧୦୮ରେ ପହଞ୍ଚିଲା
- ଆହୁରି ୩୯ ପ୍ରାର୍ଥୀଙ୍କ ଘୋଷଣା ରହିଲା ବାକି

**ଭୁବନେଶ୍ୱର(ବ୍ୟୁରୋ)**

ଆଜି ବିଜେଡି ପକ୍ଷରୁ ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ତୃତୀୟ ପର୍ଯ୍ୟାୟରେ ବିଜେଡିର ୯ ବିଧାନସଭା ପ୍ରାର୍ଥୀ ଘୋଷଣା କରାଯାଇଛି। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ୯ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। ଏହି ଅବସରରେ ଆଜି ବିଜୁଜନତା ଦଳର ୯ଜଣଙ୍କ ପ୍ରାର୍ଥୀ ତାଲିକା ଘୋଷଣା କରି ଆପଣମାନଙ୍କ ଆଶୀର୍ବାଦ କାମନା କରୁଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ବିଜେଡି ପକ୍ଷରୁ ଘୋଷଣା କରାଯାଇଥିବା ତାଲିକା ଅନୁଯାୟୀ ରେଙ୍ଗାଲିରୁ ସୁଦର୍ଶନ ହରିପାଲ ଏବଂ ରାଉରକେଲାରୁ ଶାରଦା ନାୟକଙ୍କୁ ବିଜେଡି ଟିକଟ ପ୍ରଦାନ କରାଯାଇଛି। ଭୁବନେଶ୍ୱର ଜୟଦେବ ଆସନରେ ବିଜେଡି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ନବକିଶୋର ମଲ୍ଲିକଙ୍କୁ ଦଳ ଟିକଟ ଦେଇଛି। ସେହିପରି ବୀରମିତ୍ରପୁର ପାଇଁ ରୋହିତ ଜୋଶେଫ ତିର୍କୀ, କେନ୍ଦୁଝରରୁ ମୀନା ମାଝି, ରାଇରଙ୍ଗପୁରରୁ ରାଇସିଂ ମୁର୍ମୁ, ବାଲେଶ୍ୱରରୁ ସ୍ୱରୂପ ଦାସ, ବାରବାଟି କଟକରୁ ପ୍ରକାଶ ବେହେରା ଓ ସାଲେପୁର ପାଇଁ ପ୍ରଶାନ୍ତ ବେହେରାଙ୍କୁ ବିଜେଡି ଟିକଟରେ ଲଢ଼ିବା ପାଇଁ ଦଳ ଟିକଟ ଦେଇଛି। ବିଜେଡି ସୁପ୍ରିମୋ ତଥା ନବୀନ ପଟ୍ଟନାୟକ ତୃତ୍ରୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। ଏଥିରେ ଅଭିଜ୍ଞ, ମହିଳା ଓ ନୂଆମୁହଁ ମଧ୍ୟ ସ୍ଥାନ ପାଇଛି। ଲୋକେ ସବୁବେଳେ ବିକାଶକୁ ଆଧାର କରିଛନ୍ତି ସେହି ଅନୁଯାୟୀ ପ୍ରାର୍ଥୀ ମନୋନୟନ କରାଯାଇଛି। ଆଜି ଘୋଷଣା ପରେ ବିଜେଡି ପ୍ରାର୍ଥୀ ତାଲିକା ୧୦୮ରେ ପହଞ୍ଚିଛି। ସୂଚନାଯୋଗ୍ୟ ଓଡ଼ିଶା ବିଧାନସଭା ନିର୍ବାଚନ ପାଇଁ ବିଜେଡି ପ୍ରଥମ ପର୍ଯ୍ୟାୟରେ ୭୨ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲା। ସେହିପରି ଦଳ ଦ୍ୱିତୀୟ ପର୍ଯ୍ୟାୟରେ ୨୭ ଜଣ ପ୍ରାର୍ଥୀଙ୍କୁ ଟିକେଟ୍ ଦେଇଥିଲା। ୩ଟି ପର୍ଯ୍ୟାୟରେ ମୋଟ୍ ୧୦୮ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା ପରେ ଏବେ ବାକି ୩୯ଟି ଆସନରେ ପ୍ରାର୍ଥୀ ଘୋଷଣା କରିବାର ବାକି ଅଛି।



### କେଉଁଠୁ କାହାକୁ ମିଳିଲା ଟିକେଟ

| | |
|---|---|
| ରେଙ୍ଗାଲି-ସୁଦର୍ଶନ ହରିପାଲ | ବାଲେଶ୍ୱର-ସ୍ୱରୂପ ଦାସ |
| ରାଉରକେଲା-ଶାରଦା ନାୟକ | ବାରବାଟୀ କଟକ- ପ୍ରକାଶ ବେହେରା |
| ବୀରମିତ୍ରପୁର-ରୋହିତ ଯୋଶେଫ ତିର୍କୀ | ସାଲେପୁର-ପ୍ରଶାନ୍ତ ବେହେରା |
| କେନ୍ଦୁଝର-ମୀନା ମାଝୀ | ଜୟଦେବ-ନବକିଶୋର ମଲ୍ଲିକ |
| ରାଇରଙ୍ଗପୁର-ରାଇସିଂ ମୁର୍ମୁ | |

## ଆଇଏଏସ୍ ଓ ଆଇପିଏସ ଅଧିକାରୀଙ୍କ ବଦଳି

- କଟକ ଜିଲ୍ଲାପାଳ ହେଲେ ଅରିନ୍ଦମ ଡାକୁଆ
- ଜଗତସିଂହପୁର ଜିଲ୍ଲାପାଳ ଭାବେ ଅନୁପମ ଶାହାଙ୍କୁ ନିଯୁକ୍ତି
- ସଞ୍ଜୟ କୌଶଳ ହେଲେ କେନ୍ଦ୍ରାଞ୍ଚଳ ଆଇଜି

**ଭୁବନେଶ୍ୱର(ବ୍ୟୁରୋ)**

ଜାତୀୟ ନିର୍ବାଚନ କମିଶନ ରାଜ୍ୟର ୮ଜଣ ସର୍ବଭାରତୀୟ ଅଫିସରଙ୍କୁ ନିର୍ବାଚନ ସଂକ୍ରାନ୍ତ କାର୍ଯ୍ୟରୁ ଦୂରେଇ ରଖିବାକୁ ନିର୍ଦ୍ଦେଶ ଦେବା ପରେ ଆଜି ନୂତନ ନିଯୁକ୍ତି ହୋଇଛି । ତେବେ ନିର୍ବାଚନ କମିଶନ ଖୋର୍ଦ୍ଧା ଓ ବ୍ରହ୍ମପୁର ପୁଲିସ ଏସପିଙ୍କ ବଦଳି ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେଠାରେ ନୂଆ ନିଯୁକ୍ତି ସମ୍ଭବପର ହୋଇପାରିନି । ଅବଶ୍ୟ ୨୦୦୪ ବ୍ୟାଚ୍ ଆଇପିଏସ୍ ଆଶୀଷ କୁମାର ସିଂଙ୍କ ବଦଳରେ ୨୦୦୩ ବ୍ୟାଚର ସଞ୍ଜୟ କୁମାର କୌଶଲଙ୍କୁ କେନ୍ଦ୍ରାଂଚଳ ଆଇଜି ଭାବେ ଆଜି ଅବସ୍ଥାପିତ କରାଯାଇଛି । କଟକ ଓ ଜଗତସିଂହପୁର ଜିଲ୍ଲାରେ ଦୁଇ ନୂଆ ଜିଲ୍ଲାପାଳଙ୍କ ସମେତ ରାଉରକେଲା ଓ ଅନୁଗୁଳରେ ନୂଆ ପୁଲିସ ଏସପି ଏବଂ କଟକରେ ନୂଆ ଡିସିପିଙ୍କୁ ଆଜି କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।ନିର୍ବାଚନ କମିଶନ ଚଳିତ ମାସ ୨ତାରିଖରେ ରାଜ୍ୟ ମୁଖ୍ୟ ସଚିବଙ୍କୁ ଚିଠି ଲେଖି ୨ଜଣ ଆଇଏଏସ୍ ଓ ୬ଜଣ ଆଇପିଏସଙ୍କୁ ନିର୍ବାଚନ କାର୍ଯ୍ୟରୁ ଦୂରେଇ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ସେମାନେ ଯେଉଁସବୁ ଦାୟିତ୍ୱରେ ଅଛନ୍ତି ସେହି ପଦବୀ ନିମନ୍ତେ ୩ଜଣିଆ ଅଫିସରଙ୍କ ପ୍ୟାନେଲ ପଠାଇବାକୁ କହିଥିଲେ । ରାଜ୍ୟ ସରକାର ୩ତାରିଖରେ ଏହି ପ୍ୟାନେଲ ପଠାଇବା ପରେ ନିର୍ବାଚନ କମିଶନଙ୍କ ଦ୍ୱାରା କେନ୍ଦ୍ରାଂଚଳ ଆଇଜି ଭାବେ ଆଶୀଷ ସିଂଙ୍କ ସ୍ଥାନରେ ସଞ୍ଜୟ କୌଶଲଙ୍କୁ ନିଯୁକ୍ତି ଦିଆଯାଇଛି । ସେହିପରି ରାଉରକେଲା ଏସପି ଭାବେ ବ୍ରଜେଶ କୁମାର ରାଏ, ଅନୁଗୁଳ ଏସପି ଭାବେ ଉମାଶଙ୍କର ଦାଶ ଓ କଟକ ଡିସିପି ଭାବେ ପ୍ରକାଶ ଆରଙ୍କୁ ନିଯୁକ୍ତି ମିଳିଛି । ସେମାନଙ୍କୁ ତୁରନ୍ତ ନିଜ ନୂଆ ଦାୟିତ୍ୱ

▶(ପୃଷ୍ଠା-୧୫)

### ସେ କହିଲେ...



ଯଦି ଜଣେ ଆତଙ୍କବାଦୀ ପାକିସ୍ତାନକୁ ପଳାନ୍ତି, ତେବେ ଆମେ ମଧ୍ୟ ସେଠାରେ ତାଙ୍କୁ ହତ୍ୟା କରିବୁ ଅର୍ଥାତ୍ ଆମେ ଘରେ ପଶି ଆତଙ୍କବାଦକୁ ସଫା କରିବୁ। ଯଦି କୌଣସି ଆତଙ୍କବାଦୀ ଭାରତରେ ଶାନ୍ତି ଭଙ୍ଗ କରିବାକୁ ଚେଷ୍ଟା କରନ୍ତି, ତେବେ ତାଙ୍କୁ ଉପଯୁକ୍ତ ଉତ୍ତର ଦିଆଯିବ। ଯଦି ଜଣେ ଆତଙ୍କବାଦୀ ଦେଶରେ କୌଣସି ପ୍ରକାର ଅଘଟଣ ଘଟାନ୍ତି, ତେବେ ତାଙ୍କୁ ଉପଯୁକ୍ତ ଉତ୍ତର ଦିଆଯିବ। ଆତଙ୍କବାଦୀ ଅଘଟଣ ଘଟାଇବା ପରେ ଯଦି ଜଣେ ଆତଙ୍କବାଦୀ ପାକିସ୍ତାନକୁ ପଳାନ୍ତି, ତେବେ ଆମେ ପାକିସ୍ତାନରେ ପ୍ରବେଶ କରି ଆତଙ୍କବାଦୀଙ୍କୁ ହତ୍ୟା କରିବୁ।

**ରାଜନାଥ ସିଂ**
ପ୍ରତିରକ୍ଷା ମନ୍ତ୍ରୀ

## ଆତ୍ମସମର୍ପଣ କରିଥିବା ନକ୍ସଲକୁ ହତ୍ୟାକଲେ ନକ୍ସଲ

**ମାଲକାନଗିରି(ଅମୃତ ମିଡ଼ିଆ)**

ମାଲକାନଗିରି ଜିଲ୍ଲାର ନାରାୟଣପୁର ଜିଲ୍ଲାରେ ପୁଣି ନକ୍ସଲ ଜଣେ ଆତ୍ମସମର୍ପଣ କରିଥିବା ନକ୍ସଲକୁ ଅତି ନିର୍ମମ ଭାବେ ହତ୍ୟା କରି ଅଂଚଳରେ କୋକୁଆ ଭୟ ସୃଷ୍ଟି କରିଛନ୍ତି। ନାରାୟଣପୁର ଜିଲ୍ଲା ଅନ୍ତର୍ଗତ ଛୋଟେଡଙ୍ଗର ବ୍ଲକର ଚମେଲି ପଞ୍ଚାୟତର ତୁର୍ସମେଟା ଗ୍ରାମର ଗୋସୁ କୋର୍ରାମ ଅରଫ ଅଜିତ ୨୦୧୨ ମସିହାରେ ମାଓ ସଂଗଠନରେ ଜଡିତହୋଇ କାମ କରୁଥିଲା। ୨୦୨୧ରୁ ସେ ଘରକୁ ଫେରିଯିବାକୁ ତେବେ ୨୦୨୩ରେ ପାର୍ଟି ତାଂକୁ ଘରେ ରହି ବାକି ଜୀବନ କାଟିବାକୁ କହିଥିଲେ। ସେ ଏଭଳି ନକରି ଅର୍ଥ ଲୋଭରେ ନାରାୟଣପୁର ଏସପି ପୁରସ୍କାର ଶର୍ମା ଏବଂ ପୁଲିସ ଆଇଆଇସି ବିଜୟ କୁମାରଙ୍କ ନିକଟରେ ଆତ୍ମସମର୍ପଣ କଲା। ପରେ ପୁଲିସ ତରଫରୁ ଅଜିତକୁ ଡିଆରଡି ଯବାନଙ୍କ ସହ ମିଶି ନକ୍ସଲ ଅପରେସନରେ ସାମିଲ ହେଲା।ନକ୍ସଲଙ୍କ ସମସ୍ତ ଗତିବିଧି ସଂପର୍କରେ ସେ ଲଗାତାର ସୂଚନା ଦେଉଥିଲା। ପୁଲିସର ଇନଫର୍ମର ବନିଯାଇଥିଲା।ନକ୍ସଲ ଏ ସଂପର୍କରେ ଜାଣିବା ପରେ ତାକୁ ଏଥିରୁ ନିବୃତ ରହିବାକୁ ତାଗିଦ କରିଥିଲେ। ଗତ ମାର୍ଚ୍ଚ ୧୭ ତାରିଖ ଦିନ ନିଜ ଗ୍ରାମକ ପୁଲିସ ପଠାଇ ନକ୍ସଲଙ୍କ ଗତିବିଧି ସଂପର୍କରେ ସୂଚନା ଦେବାକୁ କହିଥିଲେ। ଏ ସଂପର୍କରେ ମାଓ ସଂଗଠନ ଅବଗତ ହେବା ପରେ ତାକୁ କାବୁ କରାଯାଇଥିଲା। ପରେ ଜଂଗଲରେ ପ୍ରଜାକୋର୍ଟରେ ଅଜିତ ନିଜର ଭୁଲ ସ୍ୱୀକାର କରିଥିଲେ। ସମସ୍ତ ଜନସାଧାରଣଙ୍କ ସାମ୍ନାରେ ତାକୁ ନିର୍ଦ୍ଦ୍ଧମ ମାଡ ମାରିବା ପରେ ହତ୍ୟା କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ପିଏଲଜିଏ ସଦସ୍ୟମାନେ ଅଜିତକୁ ହତ୍ୟା କରି ଗାଁ ରାସ୍ତାରେ ଫିଙ୍ଗି ଦେଇଥିଲେ। ଏହି ହତ୍ୟା ପାଇଁ ନାରାୟଣପୁର ଏସପି ଓ ପୁଲିସ ଆଇଆଇସି ଦାୟୀ ବୋଲି ଛାଡିଯାଇଥିବା ପୋଷ୍ଟରରେ ଉଲ୍ଲେଖ କରିଛନ୍ତି।ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।ଶବକୁ ଜବତ କରିବା ପରେ ବ୍ୟବଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

କଂଗ୍ରେସ ଜାରିକଲା ତା'ର ଘୋଷଣାପତ୍ର

# କଂଗ୍ରେସର ୫ ନ୍ୟାୟ, ୨୫ ଗ୍ୟାରେଣ୍ଟି




**ନୂଆଦିଲ୍ଲୀ**

ପାଖେଇ ଆସିଲାଣି ଲୋକସଭା ନିର୍ବାଚନ। ଏହାପୂର୍ବରୁ କଂଗ୍ରେସ ଜାରି କରିଛି ତା'ର ଘୋଷଣା ପତ୍ର। ଏହାକୁ ସେ 'ନ୍ୟାୟ ପତ୍ର' ନାଁ ଦେଇଛି। ଏହି ନ୍ୟାୟ ପତ୍ରରେ ରହିଛି ୫ ନ୍ୟାୟ ଓ ୨୫ ଗ୍ୟାରେଣ୍ଟି। କଂଗ୍ରେସ ମୁଖ୍ୟା କାର୍ଯ୍ୟାଳୟରେ ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ପୂର୍ବତନ ଅଧ୍ୟକ୍ଷ ସୋନିଆ ଗାନ୍ଧି ଏବଂ ରାହୁଲ ଗାନ୍ଧି ଏହି ଘୋଷଣା ପତ୍ରକୁ ପ୍ରକାଶ କରିଛନ୍ତି।କଂଗ୍ରେସ ଏହି ଘୋଷଣା ପତ୍ର ମାଧ୍ୟମରେ ଜନସାଧାରଣଙ୍କୁ ୨୫ଟି ପ୍ରତିଶ୍ରୁତି ତଥା ଗ୍ୟାରେଣ୍ଟି ଦେଇଛି। ଗରିବ ପରିବାରର ମହିଳାମାନଙ୍କୁ ବାର୍ଷିକ ୧ଲକ୍ଷ ଟଙ୍କା ସହାୟତା ପାଇଁ ପ୍ରତିଶୃତି ଦିଆଯାଇଛି। ଏଥି ସହିତ, ୨୦୨୫ ସୁଦ୍ଧଶ ସରକାରୀ ଚାକିରିରେ ମହିଳାମାନଙ୍କୁ ୫୦ ପ୍ରତିଶତ ସଂରକ୍ଷଣ ଦେବାକୁ କଂଗ୍ରେସ ନିଜ ନ୍ୟାୟ ପତ୍ରରେ କହିଛି।କେବଳ ସେତିକି ନୁହେଁ ସଂରକ୍ଷଣ ସୀମା ବଢ଼ାଇବା, ଜାତିଗତ ଜନଗଣନା କରାଯିବ, ଋଣ ଛାଡ କମିଶନ ଗଠନ ଓ ନିଯୁକ୍ତ ଗ୍ୟାରେଣ୍ଟି, ସର୍ବନିମ୍ନ ମଜୁରୀ ୪୦୦, ୪୦ ଲକ୍ଷ ସରକାରୀ ଚାକିରୀ, ଗରିବ ମହିଳାଙ୍କୁ ୧ ଲକ୍ଷ ଟଙ୍କା ସହାୟତା, ତାଲିମ ପାଇଁ ୧ଲକ୍ଷ ଟଙ୍କା, ସହରୀ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା ଆଣିବାକୁ ପ୍ରତିଶୃତି ଦିଆଯାଇଛି।ଏଥିସହ ରାଜସ୍ଥାନରେ କଂଗ୍ରେସ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଚିରଞ୍ଜୀବୀ ଯୋଜନାରେ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ପାଇଁ ସାରା ଦେଶରେ କ୍ୟାସ୍ ଲେସ୍ ବୀମା ଯୋଜନା କାର୍ଯ୍ୟକାରୀ ହେବ। ପରିବାରର ବୟସ୍କା ମହିଳାମାନଙ୍କୁ ମହାଲକ୍ଷ୍ମୀ ଯୋଜନା ଅନୁଯାୟୀ ବାର୍ଷିକ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି କଂଗ୍ରେସରେ ନିଜ ନ୍ୟାୟ ପତ୍ରରେ କହିଛି।ଏସସି, ଏସଟି ଓ ଓବିସି ପାଇଁ ସଂରକ୍ଷଣ ସୀମାକୁ ୫୦- ପ୍ରତିଶତକୁ ବୃଦ୍ଧି କରାଯିବ। ଆର୍ଥିକ ଅନଗ୍ରସର ବର୍ଗଙ୍କ ପାଇଁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସଂରକ୍ଷଣ ରହିବ। ଘର ନିର୍ମାଣ , ବ୍ୟବସାୟ କରିବାକୁ ଏସସି, ଏସଟି ବର୍ଗଙ୍କ ପାଇଁ ସଂସ୍ଥାଗତ ଋଣ ରାଶି ବୃଦ୍ଧି କରାଯିବ। ଓବିସି, ଏସସି, ଏସଟି ଛାତ୍ର ଛାତ୍ରୀଙ୍କ ପାଇଁ ସ୍କଲାରସିପ ରାଶିକୁ ୨ ଗୁଣା ବଢଯିବ। ବିଶେଷ କରି ଉଚ୍ଚଶିକ୍ଷା କ୍ଷେତ୍ରରେ ଏହା ଲାଗୁ କରାଯିବ। ଗରିବ, ଓ ଏସସି ,ଏସଟି ଛାତ୍ରଛାତ୍ରୀଙ୍କ ପାଇଁ ଏକ ଆବାସିକ ବିଦ୍ୟାଳୟ ବ୍ୟବସ୍ଥାର ନେଟୱାର୍କ କରାଯିବ। ତଦନ୍ତକାରୀ ସଂସ୍ଥାର ଅପବ୍ୟବହାର ରୋକିବା ଏବଂ ପିଏମଏଲଏ ଆଇନରେ ପରିବର୍ତ୍ତନ ପାଇଁ ଘୋଷଣା କରାଯାଇଛି। କଂଗ୍ରେସର ଇସ୍ତାହାର ଦଳର ପାଞ୍ଚ ଜଣ ବିଚାରପତିଙ୍କୁ ଆଧାର କରି ପ୍ରସ୍ତୁତ ହୋଇଛି । କାମ, ଧନ ଓ କଲ୍ୟାଣ ଏହି ତିନୋଟି ଶବ୍ଦ ଉପରେ କଂଗ୍ରେସର ଘୋଷଣା ପତ୍ର ଆଧାରିତ। କାମ ଅର୍ଥ ହେଉଛି ତୁମକୁ ଚାକିରି ଦେବା ବୋଲି ମଲ୍ଲିକାର୍ଜୁନ୍ ଖଡ଼ଗେ କହିଛନ୍ତି।






ଯଦି ନକରାତ୍ମକ ପରିସ୍ଥିତିରେ ସର୍ବଦା ସକରାତ୍ମକ ମନୋଭାବ ବଜାୟ ରଖନ୍ତି ତେବେ ଏହି ବିଜୟ ହେବ ଆପଣଙ୍କର

**ଶୁଭ ସକାଳ**



# ଜ୍ଞାନ ପ୍ରାପ୍ତି



ଜଣେ ଯୁବକ ଜ୍ଞାନ-ପ୍ରାପ୍ତି ପାଇଁ ଋଷିଙ୍କ ପାଖକୁ ଗଲା। ବହୁତ ଦିନ ଧରି ତାଙ୍କ ସହିତ ରହି ଜ୍ଞାନ ଲାଭ କଲା। ଯେତେବେଳେ ଘରକୁ ଫେରିବାର ବେଳ ହେଲା, ତାକୁ ନିଜର ଗୁରୁଙ୍କ ଦକ୍ଷିଣା ଦେବା ପାଇଁ ମନ ହେଲା। ଗୁରୁ-ଦକ୍ଷିଣା ରୂପରେ ଋଷି ଗୋଟିଏ ଏମିତି ଜିନିଷ ମାଗିଲେ ଯାହା ପୂରା ବ୍ୟର୍ଥ ହୋଇଥିବ। ଏବେ ଶିଷ୍ୟ ବ୍ୟର୍ଥ ଜିନିଷ ଖୋଜିବା ପାଇଁ ବାହାରି ପଡ଼ିଲା। ଶିଷ୍ୟ ଯେତେବେଳେ ମାଟି ଆଡ଼କୁ ହାତ ବଢ଼େଇଲା। ସେ ସମୟରେ ମାଟି ଚିହିଁକି ପଡ଼ି କହିଲା, ତୁମେ ମୋତେ ବ୍ୟର୍ଥ ଭାବୁଛ ଧରା ପୃଷ୍ଠରେ ସବୁ ବୈଭବ ମୋ ଗର୍ଭରୁ ହିଁ ପ୍ରକଟ ହୋଇଥାଏ। କିଛି ଦୂରରେ ଗୋଟିଏ ପଥର ଥିଲା, ଯେମିତି ସେ ପଥର ଆଡ଼କୁ ହାତ ବଢ଼େଇଲା ପଥର କହିଲା ତୁମେ ଜ୍ଞାନୀ ହୋଇ ମୋତେ ବେକାର ଭାବୁଛ ଏହି ଭବନ, ନଦୀ, ନାଳ, ପର୍ବତରେ କ'ଣ ମୁଁ ନାହିଁ ତୁମେ ମୋତେ କାହିଁକି ବ୍ୟର୍ଥ ଭାବୁଛ ବୁଲି ବୁଲି ଶେଷରେ ଅଳିଆ ଗଦା ମିଳିଲା। ପାଖକୁ ଗଲା ବେଳେ ତା' ମନରେ ଘୃଣା ଭାବ ଆସିବାକୁ ଲାଗିଲା। ସେ ଅଳିଆ ଗଦା ଦିଗରେ ହାତ ବଢ଼େଇଲା ବେଳକୁ ଅଳିଆ ଗଦା କହିଲା, କ'ଣ ମୋଠୁ ଭଲ ସାର ଏ ଧରା ପୃଷ୍ଠରେ ମିଳିବ ଏଠି ଅନ୍ନ, ଫଳ ସବୁ ଲୁକ୍‌କାୟିତ ଅଛି, ଆଉ ତୁମେ ମୋତେ ବ୍ୟର୍ଥ ଭାବୁଛ ସେ ଏବେ ଭାବିବାକୁ ଲାଗିଲା ମାଟି, ପଥର, ଅଳିଆ ଗଦା ଯଦି ଏତେ ମୂଲ୍ୟବାନ ତା'ହେଲେ ବ୍ୟର୍ଥ କ'ଣ ଠିକ୍ ସେତିକି ବେଳକୁ ତା' ମନରେ ଗୋଟିଏ ଶବ୍ଦ ଗୁଞ୍ଜରିତ ହେବାକୁ ଲାଗିଲା, ଏ ସୃଷ୍ଟିରେ ସବୁ ପଦାର୍ଥ ନିଜ ପାଇଁ ଉପଯୋଗୀ। ବ୍ୟର୍ଥ ଆଉ ତୁଚ୍ଛ ସେଇ ଯେ ଅନ୍ୟମାନଙ୍କୁ ବ୍ୟର୍ଥ ଆଉ ତୁଚ୍ଛ ବୁଝିଥାଏ।

# ତ୍ୱଚାକୁ ଚମକାଇବ

କେଶ ଓ ତ୍ୱଚା ପାଇଁ ପଇଡ ପାଣି ଖୁବ ଉପକାରୀ। ଖରାଦିନେ ଲୋକେ ଏହାର ଖୁବ ସେବନ କରିଥାଆନ୍ତି। ଏହାକୁ ପାନୀୟରେ ବ୍ୟବହାର କରିବା ବ୍ୟତୀତ ତ୍ୱଚା ଓ କେଶ ପାଇଁ ମଧ ବ୍ୟବହାର କରାଯାଇଥାଏ। ଦାଗହୀନ ତ୍ୱଚା ଓ ରେଶମୀ କେଶ ପାଇଁ ଏହା ଖୁବ ଉପକାରୀ। କେବଳ ପଇଡ ପାଣି ନୁହେଁ ଏହା ମଧ୍ୟରେ ଥିବା ନାଳି ନଡିଆ ମଧ ଖୁବ ଉପକାରୀ। ଜାଣନ୍ତୁ.... ତ୍ୱଚାର ସୁନ୍ଦରତା ପାଇଁ ଏହା ନିଶ୍ଚୟ ସାମିଲ କରନ୍ତୁ। ଏଥିରେ ଭିଟାମିନ ଏ,ସି, ପ୍ରୋଟିନ,କ୍ୟାଲସିୟମ, ପୋଟାସିୟମ, ମେଗ୍ନେସିୟମ ଭଳି ଅନେକ ତତ୍ତ୍ୱ ରହିଛି। ଏଭଳି କରନ୍ତୁ ଏହାର ବ୍ୟବହାର.. ସକାଳ ସମୟରେ କିମ୍ବା ରାତିରେ ଶୋଇବା ପୂର୍ବରୁ ପଇଡ ପାଣିରେ ତ୍ୱଚାକୁ ଭଲ ଭାବେ ମାଲିସ କରନ୍ତୁ। ଏହାସହ ପଇଡ ଭିତରେ ଥିବା ନାଳି ନଡିଆକୁ ଭଲ ଭାବେ ପେଷି ଦିଅନ୍ତୁ। ଏହାକୁ ତ୍ୱଚାରେ ଲଗାଇ ୧୦ ମିନିଟ ପାଇଁ ରଖି ଦିଅନ୍ତୁ। ପରେ ମୁହଁକୁ ଧୋଇ ଦିଅନ୍ତୁ। ସକାଳେ ଏହାକୁ ମୁହଁରେ ଲଗାଇବା ପୂର୍ବରୁ ପେଷିବା ପରେ କିଛି ସମୟ ଫ୍ରିଜରେ ରଖି ଦିଅନ୍ତୁ। ଏହାପରେ ଏହାକୁ ମୁହଁରେ ଲଗାନ୍ତୁ। ଏହାକୁ ପେଷି ଏଥିରେ ଅଳ୍ପ ବେସନ ମିଶାନ୍ତୁ। ଏଥିରେ ଗୋଲାପ ଜଳ ମିଶାଇ ମୁହଁରେ ଲଗାନ୍ତୁ। ଏହାକୁ ଲଗାଇ ୨୦ ମିନିଟ ମୁହଁରେ ରଖିବା ପରେ ମୁହଁ ଧୋଇ ଦିଅନ୍ତୁ। ଏହା ତ୍ୱଚା ପାଇଁ ଖୁବ ଉପକାରୀ ହୋଇଥାଏ। ଏହି ନଡିଆକୁ ପେଷି ବରଫ ଟ୍ରେରେ ରଖି ଦିଅନ୍ତୁ। ବରଫ ଭଳି ହେବା ପରେ ଏହାକୁ ମୁହଁରେ ମାଲିସ କରନ୍ତୁ। ୫ ରୁ ୬ ମିନିଟ ମାଲିସ ପରେ ୧୦ ମିନିଟ ପରେ ମୁହଁ ଧୋଇ ଦିଅନ୍ତୁ। ଏହି ନଡିଆ ଓ ଓଟସ୍‌କୁ ମିଶାଇ ପେଷି ଦିଅନ୍ତୁ। ସ୍ନାନ ପୂର୍ବରୁ ଏହାକୁ ମୁହଁ ଓ ବେକରେ ୧୫ ମିନିଟ ମାଲିସ କରନ୍ତୁ। ସପ୍ତାହକୁ ୨ଥର ଏହାକୁ ବ୍ୟବହାର କରନ୍ତୁ। ଏହାକୁ ବ୍ୟବହାର କରି ହାତ ଓ ପାଦର କଳାଦାଗ ମଧ ଦୂର କରି ପାରିବେ।

*୫ ରୁ ୬ ମିନିଟ ମାଲିସ ପରେ ୧୦ ମିନିଟ ପରେ ମୁହଁ ଧୋଇ ଦିଅନ୍ତୁ। ଏହି ନଡିଆ ଓ ଓଟସ୍‌କୁ ମିଶାଇ ପେଷି ଦିଅନ୍ତୁ। ସ୍ନାନ ପୂର୍ବରୁ ଏହାକୁ ମୁହଁ ଓ ବେକରେ ୧୫ ମିନିଟ ମାଲିସ କରନ୍ତୁ। ସପ୍ତାହକୁ ୨ଥର ଏହାକୁ ବ୍ୟବହାର କରନ୍ତୁ। ଏହାକୁ ବ୍ୟବହାର କରି ହାତ ଓ ପାଦର କଳାଦାଗ ମଧ ଦୂର କରି ପାରିବେ।*



# ଅଭିନୟରେ ସଫଳ
## ଘର ସଂସାରରେ ବିଫଳ



ଅନେକ କଳାକାର ସେଇ କଳାକ୍ଷେତ୍ରରୁ ନିଜ ମନପସନ୍ଦର ଜୀବନସାଥୀ ବାଛି ସୁନ୍ଦର ଦାମ୍ପତ୍ୟ ଜୀବନ ଅତିବାହିତ କରୁଥିବା ବେଳେ ଅନେକଙ୍କ ପାଇଁ ଜୀବନର ଅଙ୍କକଷା ଭୁଲ୍ ? ହୋଇଯାଇଛି। ଜଣାଶୁଣା ଟିଭି ଅଭିନେତ୍ରୀ ଦିଲଜିତ କୌରଙ୍କ ଭାଗ୍ୟରେ ସେଭଳି କିଛି ଅବ୍ୟକ୍ତ ଦୁଃଖ ଲେଖା ହୋଇଥିବା ଜଣାଯାଇଛି। ତିରିଶରୁ ଊର୍ଦ୍ଧ୍ୱ ହିନ୍ଦୀ ଧାରାବାହିକରେ ଅଭିନୟ କରି ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଥିବା ଦିଲଜିତ କିନ୍ତୁ ନିଜ ଘରସଂସାର ଚଳାଇବାରେ ବିଫଳ ହୋଇଯାଇଛନ୍ତି। ସାଥୀ କଳାକାର ଶାଳୀନ ଭାନୋଟ୍ ?ଙ୍କୁ ବିବାହ କରି ଦୀର୍ଘ ପାଞ୍ଚ ବର୍ଷ କାଳ ଦାମ୍ପତ୍ୟ ଜୀବନ କଟାଇବା ପରେ ସେ ବିବାହ ବିଚ୍ଛେଦର ସମ୍ମୁଖୀନ ହୋଇଛନ୍ତି। ଏବେ ନିଜର ଏକମାତ୍ର ଆଠ ବର୍ଷର ପୁଅ ସହ ଏକଲା ମାଆର ସମୟ କାଟୁଥିବା ଦିଲଜିତ ଏଭଳି ଦୁର୍ଦ୍ଦିନକୁ ଜୀବନର ଏକ ଅଂଶ ବୋଲି ଧରିନେଇଛନ୍ତି। ତେବେ ଏତେ ସତ୍ତ୍ୱେ ବି ସେ ପୂର୍ବ ପରି ଅଭିନୟ ଜାରି ରଖିଛନ୍ତି ଏବଂ ତାହା ହିଁ ତାଙ୍କୁ ଅପାର ଆନନ୍ଦ ପ୍ରଦାନ ପୂର୍ବକ ଅତୀତକୁ ଭୁଲିଯିବାରେ ସହାୟକ ହେଉଛି ବୋଲି ସେ ଆଶ୍ୱସ୍ତ ଥିବା କହିଛନ୍ତି। ପଞ୍ଜାବର ଲୁଧିଆନା ଠାରେ ୧୯୮୨ ନଭେମ୍ବର ୧୫ ତାରିଖରେ ଜନ୍ମିତ ଦିଲଜିତଙ୍କ ପିତା ଜଣେ ସାମରିକ ଅଧିକାରୀ ଏବଂ ତାଙ୍କର ଦୁଇ ଭଉଣୀ ମଧ ସେନାବାହିନୀରେ କାର୍ଯ୍ୟରତ। ୨୦୦୪ରେ ସେ 'ନୌସୁନ୍ଦରୀ', 'ମୁମ୍ବାଇ ସୁନ୍ଦରୀ' ଓ 'ମହାରାଷ୍ଟ୍ର ରାଣୀ' ପରି ସୌନ୍ଦର୍ଯ୍ୟ ପ୍ରତିଯୋଗିତାର ଉପବିଜୟିନୀ ହେବା ସହ 'ପୁଣେ ସୁନ୍ଦରୀ' ମୁକୁଟ ଧାରଣ କରିଥିଲେ। ଏହା ପରେ ସେ ଜୀ ଟିଭିରେ ପ୍ରସାରିତ 'ମନ୍‌ସା' ଧାରାବାହିକରେ ଅଭିନୟ ଜୀବନ ଆରମ୍ଭ କରିଥିଲେ।

# ମିଳିଲା ଗହମର ଜିନୋମ୍


*ଇଣ୍ଟରନ୍ୟାସନାଲ ହ୍ୱେଟ୍ ଜିନୋମ୍ ସିକ୍ୱେସିଙ୍ଗ୍ କନ୍ସୋର୍ସିୟମ୍ (ଆଇଡବ୍ଲ୍ୟୁଜିଏସ୍‌ସି) ପକ୍ଷରୁ ଏକ ସାଇନ୍ସ ଜର୍ଣ୍ଣାଲରେ ଗହମର ଜିନୋମ୍ ସମ୍ପର୍କରେ ବିସ୍ତୃତ ଭାବେ ପ୍ରକାଶ କରାଯାଇଛି। ଗହମର ଜିନୋମ୍ ପ୍ରସ୍ତୁତ କରିବା ଏକ ପ୍ରମୁଖ ଲକ୍ଷ୍ୟ ଥିଲା।*



ଗହମର ଜିନୋମ୍ (ଜୀବର ଅବଶେଷାଂଶ) ପ୍ରସ୍ତୁତ କରିବା ଏପର୍ଯ୍ୟନ୍ତ ବୈଜ୍ଞାନିକମାନଙ୍କ ପାଇଁ କାଠିକର ପାଠ ଥିଲା। ମାତ୍ର ଲଗାତର ୧୩ ବର୍ଷର ଅକ୍ଲାନ୍ତ ପରିଶ୍ରମ ପରେ ବୈଜ୍ଞାନିକମାନଙ୍କୁ ସଫଳତା ମିଳିଛି। ଏବେ ଗହମର ଜିନୋମ୍ ମିଳିଯାଇଥିବାରୁ ଏହାର ଉତ୍ପାଦନ ବଢ଼ିବା ନେଇ ଆଶା ସଂଚାର ହୋଇଛି। ଇଣ୍ଟରନ୍ୟାସନାଲ ହ୍ୱେଟ୍ ଜିନୋମ୍ ସିକ୍ୱେସିଙ୍ଗ୍ କନ୍ସୋର୍ସିୟମ୍ (ଆଇଡବ୍ଲ୍ୟୁଜିଏସ୍‌ସି) ପକ୍ଷରୁ ଏକ ସାଇନ୍ସ ଜର୍ଣ୍ଣାଲରେ ଗହମର ଜିନୋମ୍ ସମ୍ପର୍କରେ ବିସ୍ତୃତ ଭାବେ ପ୍ରକାଶ କରାଯାଇଛି। ଗହମର ଜିନୋମ୍ ପ୍ରସ୍ତୁତ କରିବା ଏକ ପ୍ରମୁଖ ଲକ୍ଷ୍ୟ ଥିଲା। ସାରାବିଶ୍ୱରେ ଗହମ କ୍ଷେତ ରହିଛି ଏବଂ ଖାଦ୍ୟ ଯୋଗାଣ କ୍ଷେତ୍ରରେ ଏହାର ପ୍ରମୁଖ ଭୂମିକା ରହିଛି। ଦିନକୁ ଦିନ ବିଶ୍ୱରେ ଗହମର ଚାହିଦା ବଢ଼ିବାରେ ଲାଗିଥିବା ବେଳେ ଏସିଆ, କାନାଡା ଓ ନଦର୍ଣ୍ଣ ୟୁରୋପରେ ଲୁ ଯୋଗୁଁ ଗହମ ଫସଲରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ରୋଗପୋକ ଏବଂ ପାଣିପାଗ ପରିବର୍ତ୍ତନ ଯୋଗୁଁ ମଧ ଫସଲରେ କ୍ଷୟକ୍ଷତି ହେଉଛି। ଆଗାମୀ ୨୦୫୦ ମସିହାରେ ବିଶ୍ୱର ଜନସଂଖ୍ୟା ୯.୬ ବିଲିୟନ୍ ହୋଇଯାଇପାରେ ବୋଲି ଅନୁମାନ କରାଯାଉଛି। ଏହି ହିସାବରେ ଖାଦ୍ୟ ଯୋଗାଣ ପାଇଁ ପ୍ରତିବର୍ଷ ୧.୬ ପ୍ରତିଶତ ଗହମ ଉତ୍ପାଦନ ବୃଦ୍ଧି ପାଇବାର ଆବଶ୍ୟକତା ରହିଛି। ତେଣୁ ଏଥିପାଇଁ ବୈଜ୍ଞାନିକମାନେ ଖୁବ୍‌ଜୋର୍‌ରେ ଉଦ୍ୟମ ଚଳାଇଥିଲେ। ଆଉ ଏବେ ଜିନୋମ୍ ପ୍ରସ୍ତୁତ ହୋଇଯିବା ଯୋଗୁଁ ଏବେ କୃଷକ ଓ ବୈଜ୍ଞାନିକମାନଙ୍କ ସମସ୍ୟା ଦୂର ହୋଇଛି। ଏଣିକି ନିୟମିତ ଗହମ ଉତ୍ପାଦନରେ ବୃଦ୍ଧି ପାଇବାର ଆଶା କରାଯାଉଛି।

ଅଶୋକ ପତ୍ରର ଅନେକ ଔଷଧୀୟ ଗୁଣ ରହିଛି। ବୃକ୍ଷର ଛେଲିକୁ ଋତୁଚକ୍ରର ସମସ୍ୟା ସମାଧାନ ପାଇଁ ବ୍ୟବହାର କରାଯାଇଥାଏ। ଏହାର ଫୁଲକୁ ବାଟି ପିଇଲେ ନାଳରକ୍ତ ଝାଡା ବନ୍ଦ ହୋଇଥାଏ। ଛେଲି ଅଂଶଟି ପେଟରୋଗ, କୃମିଜନିତ ରୋଗ ଇତ୍ୟାଦିର ନିରାକରଣରେ ବ୍ୟବହାର କରାଯାଏ। ଛେଲିର ସିଝାଜଳ ସହ ମହୁ ମିଶାଇ ସେବନ କଲେ ପେଟ ସମସ୍ୟା ତଥା ଜରାୟୁରୋଗରୁ ଉପଶମ ମିଳିଥାଏ।ଏହି ସିଝାଜଳ ସହ ମିଶ୍ରିଗୁଣ୍ଡ ଓ ମହୁ ମିଶାଇ ସେବନ କଲେ ଜ୍ୱର ତଥା ବାୟୁଜନିତ ରୋଗରୁ ରକ୍ଷା ମିଳିଥାଏ। ଏହି ବୃକ୍ଷର ମଞ୍ଜି ମୁତ୍ରାଶୟଜନିତ କୌଣସି ରୋଗର ନିଦାନ ପାଇଁ ବ୍ୟବହୃତ ହୁଏ। ଅଶୋକ ପତ୍ରରେ ବାରମୂଳିଆ, ବଥ, ବ୍ରଣ, କାଖଗୋଳି ଭଳି ଦେହକଷ୍ଟରୁ ରକ୍ଷା ମିଳିଥାଏ।

# ଅଶୋକପତ୍ରର ଔଷଧୀୟ ଗୁଣ



# ଉପକାରୀ ଅଁଳା




ପ୍ରତ୍ୟେକ ବର୍ଷ କାର୍ତ୍ତିକ ମାସର ଶୁକ୍ଳପକ୍ଷର ନବମୀ ତିଥିରେ ଅକ୍ଷୟ ନବମୀ ପାଳନ କରାଯାଏ। ଏହି ଦିନ ଭଗବାନ ବିଷ୍ଣୁଙ୍କର ବିଶେଷ ଭାବେ ପୂଜାର୍ଚ୍ଚନା କରାଯାଇଥାଏ। ଏହି ଦିନ ଅଁଳା ବୃକ୍ଷର ପୂଜାର୍ଚ୍ଚନା କରାଯାଇଥାଏ। ତେଣୁ ଏହାକୁ ଅଁଳା ନବମୀ ବୋଲି ମଧ କୁହାଯାଏ। ଚଳିତ ବର୍ଷ ନଭେମ୍ବର ୨ରେ ପାଳନ



ହେବ ଅଁଳା ନବମୀ। ହିନ୍ଦୁ ଧର୍ମରେ ଅଁଳା ବୃକ୍ଷ ପୂଜନୀୟ ହେବା ସହ ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ। ନିୟମିତ ଏହାର ସେବନ କରିବା ଦ୍ୱାରା ଶରୀରକୁ ଆଶ୍ଚର୍ଯ୍ୟଜନକ ଲାଭ ମିଳିଥାଏ। ଜାଣନ୍ତୁ .. ଅଁଳାରେ ଭରପୁର ମାତ୍ରାରେ ଭିଟାମିନ ସି ରହିଛି। ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ବେଶ ସହାୟକ ହୋଇଥାଏ। ଏହାର ସେବନ ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ଶରୀରକୁ ଅନେକ ସଂକ୍ରମଣରୁ ଦୂରେଇ ରଖିଥାଏ। ଏହା ଶରୀରକୁ ଥଣ୍ଡା, ଜ୍ୱର, ଅନେକ ସଂକ୍ରମଣରୁ ରକ୍ଷା କରିଥାଏ। ଥଣ୍ଡା ସମୟରେ ୨ ଚାମଚ ଅଁଳା ଗୁଣ୍ଡରେ ୨ ଚାମଚ ମହୁ ମିଶାଇ ସେବନ କରନ୍ତୁ। ଏହାଦ୍ୱାରା ଖୁବ ଲାଭ ମିଳିଥାଏ। ଅଁଳାରେ ଏକ ବିଶେଷ ପ୍ରକାରର ପ୍ରୋଟିନ ରହିଛି। ଯାହା ଦ୍ୱାରା ବାରମ୍ବାର ଭୋକ ଅନୁଭବ ହୋଇନଥାଏ। ଏହା ଭୋକକୁ ନିୟନ୍ତ୍ରଣ କରିଥାଏ। ଏଥିରେ ଫ୍ୟାଟ୍ ମାତ୍ରା ମଧ ଖୁବ କମ ଥାଏ। ଏହା ପେଟରୁ ଚର୍ବିକୁ ଜମାଟ ବାନ୍ଧିବାକୁ ଦେଇନଥାଏ ଓ ଓଜନ ହ୍ରାସ କରିବାରେ ବେଶ ସହାୟକ ହୋଇଥାଏ। ଯଦି ଆପଣଙ୍କୁ ଦୃଷ୍ଟି ଶକ୍ତି ଦୁର୍ବଳ ହେବା ଭଳି ଅନୁଭବ ହେଉଛି, ନିୟମିତ ଗୋଟିଏ ଅଁଳାର ସେବନ ନିଶ୍ଚୟ କରନ୍ତୁ। ଏହା ଦୃଷ୍ଟି ଶକ୍ତି ବୃଦ୍ଧି କରିବାରେ ବେଶ ସହାୟକ ହୋଇଥାଏ। ଏହାସହ ଆଖିରେ କୁଣ୍ଡାଇ ହେବା ଭଳି ଅନୁଭବ ହେଉଥିବା,ଆଖି ପୋଡା ସମସ୍ୟାକୁ ମଧ ଦୂର କରିଥାଏ।

*ଯଦି ଆପଣଙ୍କୁ ଦୃଷ୍ଟି ଶକ୍ତି ଦୁର୍ବଳ ହେବା ଭଳି ଅନୁଭବ ହେଉଛି, ନିୟମିତ ଗୋଟିଏ ଅଁଳାର ସେବନ ନିଶ୍ଚୟ କରନ୍ତୁ। ଏହା ଦୃଷ୍ଟି ଶକ୍ତି ବୃଦ୍ଧି କରିବାରେ ବେଶ ସହାୟକ ହୋଇଥାଏ। ଏହାସହ ଆଖିରେ କୁଣ୍ଡାଇ ହେବା ଭଳି ଅନୁଭବ ହେଉଥିବା, ଆଖି ପୋଡା ସମସ୍ୟାକୁ ମଧ ଦୂର କରିଥାଏ।*



**କିସମିସରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଛି ଯାହା ଅନ୍ତନଳୀ କାର୍ଯ୍ୟରେ ଉନ୍ନତି ଆଣିବାରେ ସାହାଯ୍ୟ କରିଥାଏ। ଏହା ଆପଣଙ୍କ ଅନ୍ତନଳୀରେ ବ୍ୟାକ୍ଟେରିଆର ସନ୍ତୁଳନକୁ ମଧ ନିୟନ୍ତ୍ରଣ କରିଥାଏ।**

# କ୍ୟାନସର ରୋକିପାରେ କିସମିସ୍



ଦୈନନ୍ଦିନ ଜୀବନରେ କିସ୍‌ମିସ୍‌ର ସେବନ ସ୍ୱାସ୍ଥ୍ୟ ପ୍ରତି ହିତକର ବୋଲି କୁହାଯାଇଛି। ଅନେକ ଲୋକ କାଜୁ ଓ କିସ୍‌ମିସ ଭଳି ଡ୍ରାଏଫ୍ରୁଟସ ଖାଇବାକୁ ବେଶ୍ ପସନ୍ଦ କରିଥାନ୍ତି। କେବଳ ସେତିକି ନୁହେଁ ବିଭିନ୍ନ ପ୍ରକାରର ଖାଦ୍ୟ ପଦାର୍ଥରେ କିସମିସ୍‌ର ମିଶ୍ରଣ ଏହାର ସ୍ୱାଦକୁ ଦ୍ୱିଗୁଣିତ କରିଥାଏ। କିସମିସ୍ ଫାଇବରର ସର୍ବୋତ୍ତମ ଉତ୍ସ ଏବଂ ଏହା ହଜମ ପ୍ରକ୍ରିୟାରେ ମଧ ସାହାଯ୍ୟ କରିଥାଏ। ଏଥିରେ ଟାର୍ଟାରିକ୍ ଏସିଡ୍ ମଧ ରହିଥାଏ ଯାହା ପେଟ ସମସ୍ୟାରୁ ମୁକ୍ତି ପାଇବାରେ ସାହାଯ୍ୟ କରିଥାଏ। ଅନୁସନ୍ଧାନରୁ ଜଣାପଡିଛି ଯେ କିସମିସରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଛି ଯାହା ଅନ୍ତନଳୀ କାର୍ଯ୍ୟରେ ଉନ୍ନତି ଆଣିବାରେ ସାହାଯ୍ୟ କରିଥାଏ। ଏହା ଆପଣଙ୍କ ଅନ୍ତନଳୀରେ ବ୍ୟାକ୍ଟେରିଆର ସନ୍ତୁଳନକୁ ମଧ ନିୟନ୍ତ୍ରଣ କରିଥାଏ। କିସମିସ୍ ଆଇରନ୍ ସ୍ତରକୁ ବଢାଇଥାଏ ଏବଂ ହାଡକୁ ଶକ୍ତିଶାଳୀ ରଖିବାରେ ସାହାଯ୍ୟ କରିଥାଏ। ଗୋଟିଏ ଦିନରେ ପ୍ରାୟ ୩୦ରୁ ୪୦ ଗ୍ରାମ କିସମିସ୍ ଖାଇବା ଶରୀର ପାଇଁ ଉପଯୋଗୀ ହୋଇଥାଏ। ଅନ୍ୟପକ୍ଷରେ, ଅଧିକ ମାତ୍ରାରେ କିସମିସ୍ ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ଖରାପ ହୋଇପାରେ ବୋଲି ଡାକ୍ତରମାନେ ମତ ଦେଇଛନ୍ତି। ଅନ୍ୟ ପୋଷକ ତତ୍ତ୍ୱକୁ ଅବଶୋଷିତ କରିବାରେ କିସ୍‌ମିସ୍‌ର କ୍ଷମତା ଥିବାରୁ କ୍ୟାନସରଜନିତ ରୋଗ ରୋକିବାରେ ଏହା ସହାୟକ ହୋଇଥାଏ ବୋଲି ଅନୁସନ୍ଧାନକାରୀମାନେ ଜାଣିପାରିଛନ୍ତି।



# କମ୍ପ୍ୟୁଟର ଶିଖିବାକୁ ଯାଇ ରାଜା ନିଖୋଜ



**ଭୁବନେଶ୍ୱର (ବ୍ୟୁରୋ) :** ଦୀର୍ଘ ୬ ଦିନ ହେବ ଆଶୁତୋଷ ନାୟକ ଓରଫ ରାଜା ଘରୁ ଦିନ ୧୦ଟାରେ ସିଆରପି ସ୍ଥିତ ସିଏସି ଶିକ୍ଷାନୁଷ୍ଠାନକୁ କମ୍ପ୍ୟୁଟର କ୍ଲାସକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ସେହିଦିନ ଠାରୁ କେଉଁଆଡେ ନିଖୋଜ ହୋଇଯାଇଛନ୍ତି। ଆଶୁତୋଷ ନାୟକ (ରାଜା) ବୟସ (୧୮)। ୫ ଫୁଟ ୫ ଇଞ୍ଚ ଉଚ୍ଚତା, ରଙ୍ଗ ଗୋରା। ପିତା- ଶରତ କୁମାର ନାୟକ, ମା- ଅମୂଲ୍ୟ ନାୟକ, ଘର ୟୁନିଟ-୮, ନୀଳପାଣିଟାଙ୍କି, ପୋ- ନୟାପଲ୍ଲୀ ଭୁବନେଶ୍ୱର ମୋ- ୯୦୭୮୦୦୩୯୮୪। ଶନିବାର ୩୦।୩।୨୦୨୪ ତାରିଖରୁ ସକାଳ ୧୦ଟାରୁ କେଉଁଆଡେ ନିଖୋଜ ହୋଇଯାଇଛନ୍ତି। ରାଜାର ନିଖୋଜ ସମ୍ପର୍କରେ ତାଙ୍କ ବାପା ଶରତ ନୂଆପଲ୍ଲୀ ଥାନାରେ ୩୧।୩।୨୪ରେ ଏକ ଏତଲା ମଧ୍ୟ ଦେଇଛନ୍ତି। ସେ ରାଜଧାନୀ କଲେଜର ଯୁକ୍ତ ୨ ବାଣିଜ୍ୟ ପରୀକ୍ଷା ମଧ୍ୟ ଦେଇଛନ୍ତି। ରାଜା ସବୁଦିନ ଭଳି ସେଦିନ ଅର୍ଥାତ୍ ୩୦।୩।୨୦୨୪ ସକାଳ ୧୦ଟାରେ କମ୍ପ୍ୟୁଟର କ୍ଲାସକୁ ଯାଉଛି କହି ଯାଇଥିଲା। ଘରକୁ ନ ଫେରିବାରୁ ତାର ପିତା ଶରତ ନାୟକ ବିଭିନ୍ନ ସ୍ଥାନ, ସାଙ୍ଗସାଥୀ, ସହପାଠୀ ସମସ୍ତଙ୍କୁ ପଚାରିସାରିଲେଣି। କେହି ହେଲେ ରାଜାର କୌଣସି ସନ୍ଧାନ କିମ୍ବା କିଛି ଖୋଜ ଖବର ଦେଉନାହାନ୍ତି। ରାଜାର ନିଜ ଗାଁ ଝାଡସାହି, ଥାନା-ଓଡଗାଁ, ଜିଲ୍ଲା ନୟାଗଡ। ସେ ତାର ବାପା ମାଆ ଓ ଗୋଟିଏ ଛୋଟ ଭାଇ ସହିତ ୟୁନିଟ-୮ ନୀଳପାଣି ଟାଙ୍କି, ନୟାପଲ୍ଲୀଠାରେ ରହେ। ସେ ରାଜଧାନୀ କଲେଜରେ ଯୁକ୍ତ ଦୁଇ ବାଣିଜ୍ୟ ପରୀକ୍ଷା ଦେଇଛନ୍ତି। କେହି ଯଦି ସହୃଦୟ ବ୍ୟକ୍ତି ରାଜାର କୌଣସି ସନ୍ଧାନ ପାଆନ୍ତି ତେବେ ଉକ୍ତ ଫୋନ୍ ନଂ.-୭୦୭୭୩୬୯୫୮୫ରେ ଜଣାଇବାକୁ ଅନୁରୋଧ।

# ବାରବାଟୀ ଦୁର୍ଗରୁ ୩ଟି ମନ୍ଦିରର ଭଗ୍ନାବଶେଷ ଉଦ୍ଧାର



**କଟକ(ବ୍ୟୁରୋ):** ବାରବାଟୀ ଦୁର୍ଗ ଖନନରୁ ଏବେ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ଗତ ୬ ମାସ ଧରି ଏହି ଖନନ ଚାଲିଥିବାବେଳେ ଇତିମଧ୍ୟରେ ଦୁର୍ଗ ଭିତରୁ ତିନିଟି ନୂଆ ମନ୍ଦିରର ଭଗ୍ନାବଶେଷ ମିଳିଛି। ସେଥିରୁ ଗୋଟିଏ ମନ୍ଦିର ନବମ ଶତାବ୍ଦୀର। ଅନ୍ୟ ଦୁଇଟି ମନ୍ଦିର ଦ୍ୱାଦଶ ଶତାବ୍ଦୀ ଓ ଏହାର ପରବର୍ତ୍ତୀ ସମୟର ବୋଲି ଅନୁମାନ କରାଯାଉଛି। କେବଳ ସେତିକି ନୁହେଁ ଥିଲା ବୋଲି ଦୁର୍ଗ ଖନନରୁ ଅନେକ ପ୍ରମାଣ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)ର ହସ୍ତଗତ ହୋଇଛି। ଗତ ୬ ମାସ ଧରି ଚାଲିଥିବା ଖନନରୁ ଅନେକ ନୂଆ ସାମଗ୍ରୀ ହାସଲ ହୋଇଥିବା ଏଏସ୍ଆଇର ମୁଖ୍ୟ ଅଧିକ୍ଷଣ ପ୍ରତ୍ନତତ୍ତ୍ୱବିତ୍ ଡକ୍ଟର ଡି. ଗଡ଼ନାୟକ ସୂଚନା କହିଛନ୍ତି। ସେ କହିଛନ୍ତି, ଦୁର୍ଗ ଖନନରୁ ନବମ ଶତାବ୍ଦୀର ଚାଇନା ପାତ୍ର, ଆରବ ଦେଶର ବିଭିନ୍ନ ସାମଗ୍ରୀ ଆଦି

## ସାମ୍ନାକୁ ଆସିଲା ନୌବାଣିଜ୍ୟ କାରବାରର ଅନେକ ତଥ୍ୟ

ଖନନରୁ କଟକର ନୌବାଣିଜ୍ୟ କାରବାରର ବ୍ୟାପକତା ସଂପର୍କରେ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ଖନନ ପ୍ରକ୍ରିୟାରୁ ବିଭିନ୍ନ ଦେଶର ବହୁ ସାମଗ୍ରୀ ମିଳିଛି। ଏଥିରୁ ପ୍ରମାଣିତ ହେଉଛି, ନୌବାଣିଜ୍ୟ କାରବାରରେ ବେଶ୍ ଆଗୁଆ ଥିଲା କଟକ। କେବଳ ବାଲି, ଜାଭା, ସୁମାତ୍ରା, ଇଣ୍ଡୋନେସିଆ ଭଳି ଦେଶ ସହ ନୁହେଁ ବରଂ ଚୀନ୍, ଭିଏତନାମ, ଆରବ ଦେଶ ସମେତ ଦକ୍ଷିଣ-ପୂର୍ବ ଏସିଆର ବହୁ ଦେଶ ସହ ନୌବାଣିଜ୍ୟ କାରବାର କରୁଥିଲା ଏହି ସହର। ଦେଢ଼ ହଜାର ବର୍ଷ ତଳେ କଟକ ଆଜ, ସାଂସ୍କୃତିକ ଓ ସାମାଜିକ ଦୃଷ୍ଟିରୁ ବେଶ୍ ସମୃଦ୍ଧ ପ୍ରାପ୍ତ ହୋଇଛି। ସେହିପରି ଚୀନ୍ ଭାଷାର କେତେକ ଲେଖା ମଧ୍ୟ ମିଳିଛି। ଏତଦ୍‌ବ୍ୟତୀତ ବାରବାଟୀ ଦୁର୍ଗ ମଧ୍ୟରେ ତିନୋଟି ମନ୍ଦିର ଥିବାର ପ୍ରମାଣ ମିଳିଛି। ଗୋଟେ ମନ୍ଦିର ନବମ ଶତାବ୍ଦୀ ଅର୍ଥାତ୍ ସୋମବଂଶୀ ରାଜାଙ୍କ ସମୟର ହୋଇଥିଲାବେଳେ ଅନ୍ୟ ଏକ ମନ୍ଦିର ୧୨ତମ ଶତାବ୍ଦୀ ଅର୍ଥାତ୍ ଗଙ୍ଗବଂଶୀଙ୍କ ସମୟର ଏବଂ ଅନ୍ୟ ଏକ ମନ୍ଦିର ସୂର୍ଯ୍ୟବଂଶୀ ରାଜାଙ୍କ ସମୟର। ମନ୍ଦିର ତିଆରିରେ ବ୍ୟବହୃତ ବଉଳମାଳିଆ ପଥର, ବାଲିପଥର ଆଦି ମିଳିଛି। ମନ୍ଦିର ସମ୍ମୁଖରେ ଲାଗିଥିବା ଗୌରୀ-ଶଙ୍କର ମୂର୍ତ୍ତି ମଧ୍ୟ ମିଳିଛି। ଦୁର୍ଗରେ ଥିବା ନବତଳ ପ୍ରସାଦ ସମ୍ପର୍କରେ କିଛି ସାମଗ୍ରୀ ଖନନରୁ ମିଳିଛି। ଅବୁଲ୍ ଫଜଲଙ୍କ ଦ୍ୱାରା ଲିଖିତ ଆଇନ-ଆକବରୀ ପୁସ୍ତକରେ ଏହି ବହୁତଳ ପ୍ରାସାଦ ସମ୍ପର୍କରେ ମଧ୍ୟ ଉଲ୍ଲେଖ ହୋଇଛି। ଏହି ନଅ ମହଲା ପ୍ରାସାଦରେ ବିଭିନ୍ନ ମହଲା ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିଲା ଖନନ ସ୍ଥାନରୁ ଶଙ୍ଖ, ବହୁ ପରିମାଣର କଉଡ଼ି ଆଦି ମିଳିଛି। ତେବେ ଏହି ଖନନ କାର୍ଯ୍ୟ ଜାରି ରହିବ ବୋଲି ଶ୍ରୀ ଗଡ଼ନାୟକ କହିଛନ୍ତି। ପାଣି ଭର୍ତ୍ତି ହୋଇଯାଉଥିବାରୁ ଖନନରେ ସାମାନ୍ୟ ସମସ୍ୟା ଦେଖାଯାଉଛି। କିନ୍ତୁ ଯେତିକି ଯେତିକି ତଳକୁ ଖୋଳା ଯାଉଛି ସେତିକି ସେତିକି ପୁରୁଣା କୀର୍ତ୍ତିରାଜି ମିଳିବାରେ ଲାଗିଛି ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ବିଭିନ୍ନ ସମୟରେ ଏଏସ୍ଆଇ ଦ୍ୱାରା ବାରବାଟୀ ଦୁର୍ଗ ଖନନ କରାଯାଉଛି। ପ୍ରଥମେ ୧୯୭୯ ମସିହାରେ ଖନନ ଆରମ୍ଭ ହୋଇଥିଲା। କିଛିବର୍ଷ ଚାଲିବା ପରେ ବନ୍ଦ ହୋଇଯାଇଥିଲା। ପୁନର୍ବାର ୧୯୯୫ରୁ ୯୬ ଗୋଟେ ବର୍ଷ ପର୍ଯ୍ୟନ୍ତ ଖନନ ଚାଲିଲା। ପରେ ୨୦୦୩ ରୁ ୨୦୦୬ ଏବଂ ୨୦୦୬ ରୁ ୨୦୦୮ ପର୍ଯ୍ୟନ୍ତ ଦୁର୍ଗ ଖନନ କରାଯାଇଥିଲା। ଲମ୍ବା ବ୍ୟବଧାନ ପରେ ଗତବର୍ଷ ଅକ୍ଟୋବରରୁ ପୁଣି ଥରେ ଖନନ ଆରମ୍ଭ ହୋଇଛି।

# କଟକର ନୂତନ ଜିଲ୍ଲାପାଳ ହେଲେ ଅରିନ୍ଦମ ଡାକୁଆ



**କଟକ(ବ୍ୟୁରୋ):** କଟକ ଜିଲ୍ଲା ପାଇଁ ନୂଆ ଜିଲ୍ଲାପାଳଙ୍କୁ ନିଯୁକ୍ତି ଦିଆଯାଇଛି। ଆଇଏଏସ ଅରିନ୍ଦମ ଡାକୁଆ କଟକର ନୂତନ ଜିଲ୍ଲାପାଳ ଭାବେ ନିଯୁକ୍ତି ପାଇଛନ୍ତି। କଟକର ପୂର୍ବ ଜିଲ୍ଲାପାଳଙ୍କୁ ଟ୍ରାନ୍ସଫର କରିବା ନେଇ ପୂର୍ବରୁ ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ନିର୍ଦ୍ଦେଶ ଦେଇଥିଲେ। ତେବେ ନୂଆ ଜିଲ୍ଲାପାଳଙ୍କ ନିଯୁକ୍ତି ନେଇ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଆଇଏଏସ ଅରିନ୍ଦମ ଡାକୁଆ ପାନୀୟ ଜଳ ଓ ପରିମଳ ବିଭାଗର ସଚିବ ସହିତ ଓଡ଼ିଶା ଜୀବିକା ମିଶନର ମିଶନ ଡାଇରେକ୍ଟର ପଦରେ ଅବସ୍ଥାପିତ ଥିଲେ। ଏବେ ସେ କଟକର ଜିଲ୍ଲାପାଳ ପଦ ସମ୍ଭାଳିବେ।

# ରକ୍ତଦାନ ଶିବିର

**ବାରିପଦା (ଅମୃତ ମିଡିଆ):** ସ୍ଥାନୀୟ ମୁର୍ଗାବାଡି ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ବାରିପଦା ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଅଧକ୍ଷ ଅନାଦି ଚରଣ ବିନ୍ଧାଣୀଙ୍କ ଉପସ୍ଥିତିରେ ସମାଜସେବୀ ଅମର କୁମାର ସେଠି ଓ ପ୍ରଣବ ମହାନ୍ତି ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରତିଷ୍ଠାନର ଚମ୍ପାବତୀ ହାଁସଦା, ତୃପ୍ତି ମହାନ୍ତ, ଦୀପ୍ତି ମହାନ୍ତ, ପ୍ରମୋଦ କୁମାର ଡାକୁଆ, କଳ୍ପନା ଚାମ୍ପିୟାର, ଯୋଗେଶ୍ୱର ଘୋଷ ମହାପାତ୍ର, ହରପ୍ରିୟା ନାୟକ, ରୁପାଲୀ ରଚନା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଓଡିଶା ରକ୍ତକେନ୍ଦ୍ର ବାରିପଦାର ରକ୍ତ ଭଣ୍ଡାର ଅଧିକାରୀ ସୌମ୍ୟ ରଞ୍ଜନ ନାୟକ, ରକ୍ତଦାତା ଡଃ ନିରୋଜ କୁମାର ପୋଥାଳ ଓ ସୋମନାଥ ସିଂହ ଛାତ୍ରଛାତ୍ରୀ ମାନଙ୍କୁ ରକ୍ତଦାନର ଉପକାରିତା ଓ ମହାନତା ଉପରେ ଆଲୋକପାତ କରିବା ସହ ରକ୍ତଦାନ କରିବା ପାଇଁ ଉତ୍ସାହିତ କରିଥିଲେ। ଶିବିରରେ ପ୍ରଥମ ଥର ପାଇଁ ୩୨ ଜଣ ଛାତ୍ରଛାତ୍ରୀ ରକ୍ତଦାନ କରିଥିଲେ। ଏହି ଶିବିରରେ ୧୬ ଜଣ ମହିଳା ସମେତ ମୋଟ ୪୪ ଜଣ ରକ୍ତଦାନ କରିଥିଲେ। ଓଡିଶା ରକ୍ତ କେନ୍ଦ୍ର, ବାରିପଦାର ମେଡିକାଲ ଅଫିସର ଡଃ ନୀଲେଶ ଦାସଙ୍କ ନେତୃତ୍ୱରେ ରକ୍ତ ସଂଗୃହୀତ ହୋଇଥିଲା।

# ନୂତନ ଡିସିପି ଭାବେ ଦାୟିତ୍ୱ ଗ୍ରହଣ କଲେ ପ୍ରକାଶ ଆର୍



**କଟକ(ବ୍ୟୁରୋ):** କଟକ ଡିସିପି ଭାବେ ଦାୟିତ୍ୱ ଗ୍ରହଣ କଲେ ୨୦୦୮ ବ୍ୟାଚର ଆଇପିଏସ ପ୍ରକାଶ ଆର। ଆଇପିଏସ ପ୍ରକାଶ ଆର ପୂର୍ବରୁ ଭିଜିଲାନ୍ସର ଡିଆଇଜି ଭାବେ କାର୍ଯ୍ୟରତ ଥିଲେ। ଏ ନେଇ ଜାତୀୟ ନିର୍ବାଚନ ଅୟୋଗଙ୍କ ସଚିବ ରାକେଶ କୁମାର ଚିଠି ଲେଖି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ସୂଚନା ଦେଇଛନ୍ତି। କିଛିଦିନ ତଳେ ନିର୍ବାଚନ କାର୍ଯ୍ୟକ୍ରମରେ ପକ୍ଷପାତିତା କରୁଥିବା ଅଭିଯୋଗରେ ନିର୍ବାଚନ ଆୟୋଗ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ଓଡ଼ିଶାର ଜଣେ ଆଇଜି, ୨ ଜିଲ୍ଲାପାଳ ଓ ୫ ଏସ୍‌ପିଙ୍କୁ ନିର୍ବାଚନ ଦାୟିତ୍ୱରୁ ତୁରନ୍ତ ହଟେଇବା ଲାଗି ନିର୍ଦ୍ଦେଶ ଦେଇଥିଲେ ଭାରତୀୟ ନିର୍ବାଚନ କମିଶନ।

# ପୋଷା ବିଲେଇକୁ ନେଇ ଥାନାରେ ମାମଲା

**କଟକ(ବ୍ୟୁରୋ):** ଜଣେ ବ୍ୟକ୍ତିଙ୍କ ପୋଷା ବିଲେଇ ଅନ୍ୟ ଜଣଙ୍କ ଘରେ ପଶିଯିବାରୁ ହୋଇଛି ତୁମୁଳକାଣ୍ଡ। ଦୁଇ ପଡ଼ୋଶୀ ଖାଲି ଗାଳିଗୁଲଜରେ ସୀମିତ ନାହାନ୍ତି ହାତାହାତି ହେବା ପରେ କଥା ଯାଇ ଥାନାରେ ପହଞ୍ଚିଛି। ଏପରିକି ପରସ୍ପର ବିରୋଧୀ ଦୁଇଟି ମାମଲା ରୁଜୁ ହୋଇଛି। ଏଭଳି ଚର୍ଚ୍ଚିତ ଘଟଣା ଘଟିଛି କଟକର ସିଡିଏ ସେକ୍ଟର-୧୧ ଅଞ୍ଚଳରେ। ଏହି ଅଞ୍ଚଳରେ ଦୁଇ ଉଚ୍ଚଶିକ୍ଷିତ ପରିବାର ପଡ଼ୋଶୀ ଭାବେ ରହି ଆସୁଥିବାବେଳେ କୌଣସି କାରଣରୁ ଉଭୟ ପରିବାର ମଧ୍ୟରେ ତିକ୍ତତା ଲାଗି ରହିଥିଲା। ତେବେ ଗୋଟିଏ ପରିବାର ନିଜ ଘରେ ଏକ ପୋଷା ବିଲେଇ ପାଳିଛନ୍ତି। ମାତ୍ର ଗତକାଲି ବିଳମ୍ବିତ ରାତିରେ ଉକ୍ତ ବିଲେଇଟି ପଡ଼ୋଶୀଙ୍କ ଘରେ ପଶି କିଛି ଖାଇ ଦେଇଥିଲା। ଆଉ ଏହି ବିଷୟ ସକାଳୁ ଜାଣିବା ପରେ ପଡ଼ୋଶୀ ଘରର ମହିଳା ଜଣକ ଉତ୍‌କ୍ଷିପ୍ତ ହୋଇ ପଡ଼ିଥିଲେ। ଏବଂ ପୋଷା ବିଲେଇ ରଖିଥିବା ଘର ସାମ୍ନାକୁ ଯାଇ ଗାଳିଗୁଲଜ କରିଥିଲେ। ଏହା ଶୁଣି

## ଦୁଇ ପଡ଼ୋଶୀ ହାତାହାତି

ବିଲେଇ ପୋଷିଥିବା ମହିଳା ଜଣକ ଘର ବାହାରକୁ ଆସି ବୁଝାସୁଝା କରିଥିଲେ। ମାତ୍ର ପୂର୍ବରୁ ତିକ୍ତତା ରହିଥିବାରୁ ବିବାଦ ସମାଧାନ ହେବା ପରିବର୍ତ୍ତେ ବଢ଼ିଥିଲା। ପାଟିତୁଣ୍ଡ ଶୁଣି ଦୁଇ ପରିବାରର ପୁରୁଷ ସଦସ୍ୟ ଘରୁ ବାହାରି ଆସିବାରୁ ପରିସ୍ଥିତି ଉଗ୍ରରୂପ ନେଇଥିଲା। ଉଚ୍ଚଶିକ୍ଷିତ ପରିବାର ହୋଇଥିଲେ ବି ରାସ୍ତାରେ ମାରପିଟ୍ ହେବାକୁ ପଛାଇନଥିଲେ। ଏପରିକି ପୋଷା ଜୀବଜନ୍ତୁ ମଧ୍ୟ ଏହି ଗଣ୍ଡଗୋଳରୁ ବର୍ତ୍ତିନଥିଲେ। ଦୁଇ ପଡ଼ୋଶୀ ପରସ୍ପର ଘର ଭିତରେ ପଶି ଜୀବଜନ୍ତୁଙ୍କୁ ଆକ୍ରମଣ କରିଥିଲେ। ସୂଚନା ପାଇ ପୁଲିସ ପହଞ୍ଚି ବୁଝାସୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ପରେ ଉଭୟ ପରିବାର ଥାନାକୁ ଯାଇ ପରସ୍ପର ବିରୋଧରେ ଏତଲା ଦେଲେ। ପୁଲିସ ଦୁଇଟି ମାମଲା ରୁଜୁ କରିବା ପରେ ବ୍ୟକ୍ତିଗତ ମୁଚାଲିକାରେ ଉଭୟ ପକ୍ଷକୁ ଛାଡ଼ିଛି। ସାମାନ୍ୟ ଏକ ବିଲେଇକୁ ନେଇ ଦୁଇ ଶିକ୍ଷିତ ପରିବାର ରାସ୍ତାରେ ଏଭଳି ଗଣ୍ଡଗୋଳ କରିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଫେରାର ଦୁଇ ଅଭିଯୁକ୍ତ ଗିରଫ

**ଜୟପୁର(ଅମୃତ ମିଡିଆ):** ଫେରାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ଟାଉନ ପୋଲିସ। ଗିରଫ ଦୁଇ ଅଭିଯୁକ୍ତ ହେଲା ବିଜୁରାଜ ନଗର ଦିବାକର ଖରା (୩୦) ଓ ଜୟନଗରର ସୁଶାନ୍ତ ଏଲିୟସ ସୁବ୍ରମନ୍ୟା ପାତ୍ର (୨୫)। ପୋଲିସ ସୂଚନା ଅନୁଯାୟୀ, ବିଜୁରାଜ ନଗର ରହୁଥିବା ଦିବାକର ଖରା ନାମରେ ଅପରାଧିକ ମାମଲା ୨୦୧୭ ମସିହା ଠାରୁ ରହିଥିଲା। ସେହି ଦିନ ସେ ଫେରାର ଥିବାବେଳେ ଆଜି ଜୟପୁର ଟାଉନ ପୋଲିସ ଗିରଫ କରିଛି। ସେହିପରି ଜୟନଗରର ସୁଶାନ୍ତ ଏଲିୟସ ସୁବ୍ରମନ୍ୟା ପାତ୍ର (୨୫) ନାମରେ ୨୦୧୯ ମସିହାରେ ଅପରାଧିକ ମାମଲା ରହିଥିଲା। ସେହିଦିନ ଠାରୁ ସେ ଫେରାର ଥିବାବେଳେ ଆଜି ଚଢାଉ କରି ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବିଷୟ ଟାଉନ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ ସୁଚନା ଦେଇଛନ୍ତି।

# ଷ୍ଟ୍ରଙ୍ଗରୁମ ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

**ଜୟପୁର(ଅମୃତ ମିଡିଆ):** ଆଗାମୀ ସାଧାରଣ ନିର୍ବାଚନ ପାଇଁ ଜୟପୁର ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟରେ ଷ୍ଟ୍ରଙ୍ଗରୁମ କରାଯାଇଛି। ଶୁକ୍ରବାର ମୁଖ୍ୟ ଶାସନ ସଚିବ ପ୍ରଦିପ କୁମାର ଜେନା ଓ କୃଷି ସଚିବ ଅରବିନ୍ଦ ପାଢୀ ଏହାର ସମୀକ୍ଷା କରିଛନ୍ତି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଜୟପୁର ବିକ୍ରମ ବିଶ୍ୱ ବିଦ୍ୟାଳୟରେ ହେବାକୁ ଥିବା ଷ୍ଟ୍ରଙ୍ଗରୁମ ପରିଦର୍ଶନ କରି ସମୀକ୍ଷା କରିଥିଲେ। ଏଠାରେ ଡିଆଇଜି ଚରଣ ସିଂ ମିନା, କୋରାପୁଟ ଜିଲାପାଳ ଭି କିର୍ତ୍ତି ଭାସନ, ଏସପି ଅଭିନବ ସୋନାକାର, ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଷ୍ଟ୍ରଙ୍ଗରୁମ କ'ଣ ବ୍ୟବସ୍ଥା ରହିଛି ଭୋଟ ଗଣତି, ଏଭିଏମ ରଖିବା ରୁମ ଆଦି ଉପରେ ସମୀକ୍ଷା କରିଥିଲେ।

# ପୌରନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ



**ଟାଙ୍ଗୀ-ଚୌଦ୍ୱାର(ଅମୃତ ମିଡିଆ):** ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୨ନଂ. ୱାର୍ଡ଼ର ସ୍ୱଜାଗ୍ରତ ଆଂଚଳିକ ମହାସଂଘ ପକ୍ଷରୁ ନୂତନ ଭାବେ ପୌରପାଳିକାର ନୂତନ ନିର୍ବାହୀ ଅଧିକାରୀ ଭାବେ ଯୋଗ ଦେଇଥିବା ଦେବୀ ପ୍ରସାଦ ରାଉତଙ୍କୁ ସ୍ୱାଗତ କରିବା ସହିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସଂଘର ସମ୍ପାଦିକା ଶାରଦା ଭାରତୀ ନାୟକଙ୍କ ନେତୃତ୍ୱରେ ମହିଳା ସଦସ୍ୟମାନେ ଏହି ୱାର୍ଡ଼ରେ ଅବସ୍ଥିତ ମାଇକ୍ରୋ କମ୍ପୋଷ୍ଟ କେନ୍ଦ୍ରର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ କେନ୍ଦ୍ର ସମ୍ମୁଖରେ ଷ୍ଟ୍ରିଟ୍ ଲାଇଟ୍‌ର ବ୍ୟବସ୍ଥା କରାଯାଇଛି ବୋଲି ସୂଚନା ପ୍ରଦାନ କରିଥିଲେ। ଏହାସହ କେନ୍ଦ୍ରର ସିସିଟିଭି ତୁରନ୍ତ କାର୍ଯ୍ୟକ୍ଷମ କରିବା ସହ ମାଛିମରା ମେସିନ୍, କେନ୍ଦ୍ରର ଫ୍ୟାନ୍ ଆଦି ସମସ୍ୟା ସମ୍ପର୍କରେ ନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଯାଇଥିବା ବେଳେ ତୁରନ୍ତ ଏସବୁ ସମସ୍ୟାର ସମାଧାନ କରାଯିବ ବୋଲି ଶ୍ରୀ ରାଉତ ସୂଚନା ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗାୟତ୍ରୀ ନାୟକ, ଅମ୍ବିକା ନାୟକ, ମଧୁସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡି ବୃଦ୍ଧାଙ୍କ ମୃତ୍ୟୁ

**କାମାକ୍ଷାନଗର(ଅମୃତ ମିଡିଆ):** କାମାକ୍ଷାନଗର ଥାନା ତାଳଗୋରଡ଼ ଗାଁରେ ପୋଖରୀରେ ବୁଡି ଜଣେ ବୃଦ୍ଧାଙ୍କର ମୃତ୍ୟୁ ହୋଇଛି। ମୃତ ବୃଦ୍ଧା ଜଣଙ୍କ ବାଲିଗୋରଡ଼ ପଞ୍ଚାୟତ ଅନ୍ତର୍ଗତ ତାଳଗୋରଡ଼ ଗାଁର ରଇବାରୀ ସେଣ। ରଇବାରୀ ଗାଧୋଇବା ପାଇଁ ଘର ପାଖ ଗାଁ ପୋଖରୀକୁ ଯାଇଥିଲେ। ଅସାବଧାନତା କାରଣରୁ ପୋଖରୀରେ ବୁଡି ଯାଇଥିଲେ ରଇବାରୀ। ସ୍ଥାନୀୟ ଲୋକଙ୍କ ସହାୟତାରେ ଗାଁ ପୋଖରୀରୁ ତାଙ୍କ ମୃତ ଦେହ ଉଦ୍ଧାର କରାଯାଇଥିଲା। ପୁଲିସ ପକ୍ଷରୁ ମୃତଦେହ ଜବତ ପରେ ବ୍ୟବଚ୍ଛେଦ କରାଯାଇଥିବାର ଜଣାଯାଇଛି। ଏ ନେଇ ଗାଁରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି।

# ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**କଟକ(ବ୍ୟୁରୋ):** ସହଙ୍ଗା ଗୋପାଳପୁର ଠାରେ ଗୁରୁବାର ମହାନଦୀରେ ଡଙ୍ଗା ଓଲଟି ପଡିବାରୁ ନିଖୋଜ ଥିବା ଯୁବକ ରଜତ ନାୟକଙ୍କୁ ଶୁକ୍ରବାର ଉଦ୍ଧାର କରିଛି ଅଗ୍ନିଶମ ବାହିନୀ। ଗତକାଲି ଡଙ୍ଗାଟି ଗଣ୍ଡ ମଝିରେ ପଲଟି ଯିବାପରେ ୩ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଜଣେ ନିଖୋଜ ଥିଲେ। ଆଜି ସକାଳେ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ଢେଙ୍କାନାଳ ଜିଲ୍ଲା ସପ୍ତଶଯ୍ୟା ଅଞ୍ଚଳର ୨୩ ବର୍ଷିୟ ରଜତ ନାୟକ ବୋଲି ଜଣାପଡିଛି। ଗତକାଲି ଢେଙ୍କାନାଳ ଜିଲ୍ଲା ସପ୍ତଶଯ୍ୟା ପଞ୍ଚାୟତ ସପ୍ତଶଯ୍ୟା ପଡା ଗ୍ରାମର ଦୁଇଜଣ ଯୁବକ ତିଗିରିଆ ଥାନା ଅନ୍ତର୍ଗତ ଖଣ୍ଡହତା ଗ୍ରାମର ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଆସିଥିଲେ। ବୁଲାବୁଲି ସାରି ୪ ଯୁବକ ଗତକାଲି ମଧ୍ୟାହ୍ନ ସମୟରେ ବାଙ୍କୀ ଥାନା ଅନ୍ତର୍ଗ ସହଙ୍ଗା ଗୋପାଳପୁର ଗ୍ରାମ ଦେଇ ପ୍ରବାହିତ ମହାନଦୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ କୌତୁହଳବଶଃତ ହୁଲି ଡଙ୍ଗାରେ ଭିତରକୁ ପଳାଇଥିଲେ। ମାତ୍ର ମଝି ନଦୀରେ ଭାରସାମ୍ୟ ହରାଇ ଡଙ୍ଗାଟି ଓଲଟି ପଡ଼ିଥିଲା। ଦୁଇ ଜଣ ପହଁରି କୂଳକୁ ଆସିଥିବା ବେଳେ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ମାତ୍ର ରଜତଙ୍କ କୌଣସି ପତ୍ତା ମିଳୁ ନ ଥିଲା। ଗତକାଲି ରାତି ସାରା ଅଗ୍ନିଶମ ବାହିନୀ, ଓଡ୍ରାଫ ଟିମ୍, ସ୍କୁବା ଡାଇଭର ଖୋଜାଖୋଜି କରି ବି ରଜତଙ୍କ ଖବର ପାଇ ପାରି ନ ଥିଲେ। ଆଜି ସକାଳୁ ପୁଣି ଥରେ ଅଗ୍ନିଶମ କର୍ମଚାରୀ ଖୋଜାଖୋଜି ଆରମ୍ଭ କରି ମୃତଦେହ ଉଦ୍ଧାର କରିଛନ୍ତି।

## ଆକ୍ସନ ପ୍ଲାନ୍ ତିଆରି କରୁଛି ସିଏମସି

# 'ସହରର ସବୁ ଡ୍ରେନ୍‌ରେ ସ୍ଲାବ ପକାଇବାକୁ ଲାଗିବ ୨ରୁ ୩ ବର୍ଷ'




**କଟକ(ବ୍ୟୁରୋ):** ମୁକୁଳା ଡ୍ରେନରେ ପଡି ଯୁବକଙ୍କ ମୃତ୍ୟୁ ଘଟଣାରେ ସିଏମସି କମିଶନର ବିଜୟ କୁମାର ଦାଶ ପ୍ରତିକ୍ରିୟା ରଖିଛନ୍ତି। ମୁକୁଳା ଡ୍ରେନ ସମସ୍ୟାକୁ ନେଇ କମିଶନର କହିଛନ୍ତି ଯେ, ଆକ୍ସନ ପ୍ଲାନ ତିଆରି ହୋଇଛି। ସବୁ ଡ୍ରେନରେ ସଙ୍ଗେ ସଙ୍ଗେ ସ୍ଲାବ ପକାଇବା ସମ୍ଭବପର ନୁହେଁ। ଏହାର ସ୍ଥାୟୀ ସମାଧାନ ପାଇଁ ୨ ରୁ ୩ ବର୍ଷ ସମୟ ଲାଗିବ। କାରଣ କଟକ ସହରର ୫୯ଟି ୱାର୍ଡରେ ଅନେକ ବଡ଼ ଓ ଛୋଟ ଡ୍ରେନ ରହିଛି। କିଛି ସ୍ଥାନରେ ସ୍ଲାବ ପଡିଥିବା ବେଳେ ଆଉ କିଛି ସ୍ଥାନରେ ଖୋଲା ଅଛି। ସବୁଠି ସ୍ଲାବ ପଡିବା ପାଇଁ ନିର୍ଦ୍ଦେଶ ରହିଛି। ବଡ ବଡ ଡ୍ରେନରେ ବ୍ୟାରିକେଡ୍ କରି ବନ୍ଦ କରାଯିବ। ଏହି କାର୍ଯ୍ୟ ତ୍ୱରିତ ଢଙ୍ଗରେ ଜାରି ରହିଛି। ଉଲ୍ଲେଖଯୋଗ୍ୟ, ଗୁରୁବାର କଟକର ନୂଆବଜାର ମହିମାନଗର ସ୍ଥିତ ମଙ୍ଗଳା ମନ୍ଦିର ନିକଟରେ ଥିବା ଡ୍ରେନରେ ପଡି ଜଣେ ଯୁବକଙ୍କର ମୃତ୍ୟୁ ହୋଇଥିଲା। ମୃତ ଯୁବକଙ୍କ ଘର ପଶ୍ଚିମବଙ୍ଗ ମୁର୍ସିଦାବାଦ ଅଞ୍ଚଳରେ। ସେ କଟକରେ ରହି ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର ରାତିରେ ଯୁବକ ଜଣକ ସେହି ଡ୍ରେନ ପାଖରେ ଥିବା ଏକ ଦୋକାନ ବାରଣ୍ଡାରେ ବସିଥିବାବେଳେ ଗତକାଲି ସକାଳେ ଡ୍ରେନ ଭିତରେ ତାଙ୍କର ମୃତଦେହ ଭାସୁଥିବାର ଦେଖିବାକୁ ମିଳିଥିଲା। ଏ ନେଇ ଲୋକେ ପୋଲିସ ଓ ଆମ୍ବୁଲାନ୍ସକୁ ଖବର ଦେବା ପରେ ଆମ୍ବୁଲାନ୍ସରେ ମୃତଦେହକୁ ହସ୍ପିଟାଲ ପଠାଯାଇଥିଲା। ତେବେ ମାସେ ହେଲା ଠିକାଦାର ଡ୍ରେନର ସ୍ଲାବ୍ ଖୋଲି ମୁକୁଳା ଛାଡି ଦେଇ ଛୁ ହୋଇଯାଇଛି। ଯେଉଁ କାରଣରୁ ଯୁବକ ଜଣକ ଏହି ମୁକୁଳା ଡ୍ରେନରେ ପଡି ପ୍ରାଣ ହରାଇଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଡ୍ରେନ ଉପରେ ସ୍ଲାବ ପକାଇବାକୁ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଛି। ଗତକାଲି ଯୁବକଙ୍କ ମୃତ୍ୟୁ ଖବର ଜଣାପଡିବା ପରେ ସିଏମସି କର୍ତ୍ତୃପକ୍ଷ ତୁରନ୍ତ ସେହି ଡ୍ରେନରେ ସ୍ଲାବ ପକାଇଛନ୍ତି। ତେବେ ସହରର ସବୁ ମୁକୁଳା ଡ୍ରେନରେ ସ୍ଲାବ ପକାଇବାକୁ ଆହୁରି ୨ରୁ ୩ ବର୍ଷ ଲାଗିବ ବୋଲି ସିଏମସି କମିଶନର କହିଥିବା ବେଳେ ଏହାରି ଭିତରେ ଆଉ କେତେ ଯେ, ଧନ ଜୀବନ ହାନି ହେବ ତାହା ସମୟ କହିବ।

## ଡ୍ରେନ୍‌ରେ ପଡି ମରିବା ଅସମ୍ଭବ: ମେୟର ସୁବାସ ସିଂ

**କଟକ(ବ୍ୟୁରୋ):** କଟକର ନୂଆବଜାର ମହିମା ନଗର ଅଞ୍ଚଳରେ ନାଳରେ ପଡି ଯୁବକଙ୍କ ମୃତ୍ୟୁ ଘଟଣାକୁ ନେଇ ସିଏମସି ମେୟର ସୁବାସ ସିଂ ନିଜର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ଯେଉଁଠି କୁକୁର ବୁଲେଇ ମରିବେନି ସେଠି ଜଣେ ଯୁବକ ପଡିଲେ କେମିତି। ଏହା ମୁକୁଳା ନାଳର ଦୋଷ ନୁହଁ ବରଂ ଏହା ଅନ୍ୟ କାରଣ ବୋଲି କହିଛନ୍ତି ମେୟର ସୁବାସ ସିଂ। ଦେଢ଼ ଫୁଟ ଓସାରର ଡ୍ରେନରେ ଜଣେ ମଣିଷ ପଡିବା ଅସମ୍ଭବ ଓ ସେଥିରେ କମ ପାଣି ରହିଛି। ତେଣୁ ଡ୍ରେନରେ ପଡି ମରିବା ଅସମ୍ଭବ। କେବଳ ସିଏମସିକୁ ବଦନାମ କରିବା ପାଇଁ ଏହା ଉଦ୍ଦେଶ୍ୟମୂଳକ ବୋଲି କହିଛନ୍ତି ମେୟର। ବର୍ତ୍ତମାନ ପଙ୍କ ଉଠୁଳା କାର୍ଯ୍ୟ ଜାରି ରହିଛି, ସେଥିପାଇଁ ଅଧିକାଂଶ ଡ୍ରେନରୁ ସ୍ଲାବ କଢ଼ା ଯାଇଛି। ତେଣୁ ପଙ୍କ କଢା ସରିବା ପରେ ପୁଣି ସ୍ଲାବ୍‌କୁ ରଖାଯାଉଛି। ତେଣୁ ଏହି ଡ୍ରେନରେ ମରିବା ଅସମ୍ଭବ। ମଦ ପିଇ କିମ୍ବା ଅନ୍ୟ କେଉଁ କାରଣରୁ ଯୁବକଙ୍କ ମୃତ୍ୟୁ ହୋଇଛି। ଏହାପରେ ସେ ଡ୍ରେନରେ ପଡିଛନ୍ତି। ତେଣୁ ଏହା ପାଇଁ ସିଏମସିକୁ ବଦନାମ କରିବା ଅନୁଚିତ ବୋଲି କହିଛନ୍ତି ମେୟର।

# ନୂତନ ଜିଲ୍ଲାପାଳ ଭାବେ ନିଖିଲ ପଓ୍ୱନ କଲ୍ୟାଣଙ୍କ ଯୋଗଦାନ



**ଯାଜପୁର(ଅମୃତ ମିଡିଆ):** ଯାଜପୁର ନୂତନ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଭାବେ ୨୦୧୨ କାଡର ଆଇଏଏସ୍ ଅଧିକାରୀ ନିଖିଲ ପଓ୍ୱନ କଲ୍ୟାଣ ଯୋଗଦାନ କରି ଡା. ଶୁଭଙ୍କର ମହାପାତ୍ର ଆଇଏଏସ୍‌ଙ୍କ ଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶ୍ରୀ କଲ୍ୟାଣ ପୂର୍ବରୁ ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗରେ ନିର୍ଦ୍ଦେଶକ ପଦବୀରେ କାର୍ଯ୍ୟ ନିର୍ବାହ କରୁଥିଲେ। ଏହା ପୂର୍ବରୁ ସେ କଟକ ମହାନଗର ନିଗମ ଆୟୁକ୍ତ ଭାବେ ଦାୟିତ୍ୱ ନିର୍ବାହ କରି ଜନସାଧାରଣଙ୍କ ପ୍ରିୟଭାଜନ ହେବା ସହ ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବେ ବେଶ ସୁନାମ ଅର୍ଜନ କରିଛନ୍ତି। ଆଜି ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଦର୍ଶନ ସାରି ଜିଲ୍ଲା କାର୍ଯ୍ୟାଳୟରେ ପହଞ୍ଚିବା ପରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶୁଭେନ୍ଦ୍ର କୁମାର ସାମଲ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗ ନଗର ଲଙ୍କେଶ୍ୱର ଅମାତ, ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ଅଧିକାରୀ କୁଳମଣି ନାୟକଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ମାନେ ନୂତନ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ସ୍ୱାଗତ ଜଣାଇଥିଲେ।

# ବୃଦ୍ଧାଙ୍କ ଗଳିତ ମୃତଦେହ ଉଦ୍ଧାର

**କୋକସରା (ଅମୃତ ମିଡ଼ିଆ):**କୋକସରା ଥାନା ଝରିଆଗୁଡା, ଛିଲିପାମାଲ ରାସ୍ତାରେ ଥିବା କାଜୁ ବଗିଚାରୁ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ଗଳିତ ଶବ ଝୁଲନ୍ତା ଅବସ୍ଥାରେ ପୁଲିସ ଉଦ୍ଧାର କରିଛି। ମୃତ ବ୍ୟକ୍ତି ଜଣକ ଡହାଗାଁ ପଞ୍ଚାୟତର ନୂଆଗୁଡା ନାଗପଡା ବୈକୁଣ୍ଠ ବାଗ(୬୫) ବୋଲି ଜଣାପଡ଼ିଛି। ଶୁକ୍ରବାର କାଜୁ ବଗିଚାରେ କାମ କରୁଥିବା କିଛି ମହିଳା କାଜୁ ଗୋଟାଇବା ସମୟରେ ପ୍ରବଳ ଦୁର୍ଗନ୍ଧ ହେଉଥିବାବେଳେ ଏକ କାଜୁ ଗଛରେ ଜଣେ ବ୍ୟକ୍ତିଙ୍କର ଗଳିତ ଶବ ଝୁଲନ୍ତା ଅବସ୍ଥାରେ ଥିବା ଦେଖିବାକୁ ପାଇଥିଲେ। ଏହାପରେ କୋକସରା ପୁଲିସକୁ ଖବର ଦେଇଥିଲେ। କୋକସରା ଥାନା ଅଧିକାରିଣୀ ରନିତା ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ପରେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲେ। ତେବେ ଉକ୍ତ ଶବଟି ଗଛରେ ସଡି ଯାଇଥିବା ବେଳେ ମୃତଙ୍କ ପରିଚୟ ସ୍ପଷ୍ଟ ହୋଇ ନଥିଲା। ଏହା ପରେ ସନ୍ଦେହ କରି ପୁଲିସ ଗତ ୩୦ ତାରିଖରେ ନିଖୋଜ ଥିବା ବୈକୁଣ୍ଠ ବାଗଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଡାକ୍ତରଖାନାରେ ସେମାନେ ପହଞ୍ଚି ଉକ୍ତ ଶବଟି ବୈକୁଣ୍ଠର ବୋଲି ଚିହ୍ନଟ କରିଥିଲେ। ଏ ନେଇ କୋକସରା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ପକ୍ଷରୁ ସୂଚନା ମିଳିଛି।

**ସମ୍ପାଦକୀୟ...**

# ଅଙ୍କ ବିଗିଡ଼ିଗଲା

ଦେଶର ଏକ ସର୍ବପୁରାତନ ଦଳର ବର୍ତ୍ତମାନର ସ୍ଥିତି ଏବେ ଭଲ ସ୍ଥିତିରେ ନାହିଁ। ଯାହା ବି ହେଉ ଉତ୍ତମ ମ୍ୟାନେଜମେଣ୍ଟ ବା ପରିଚାଳନାଗତ ତ୍ରୁଟି କାରଣରୁ ଏବେ କଂଗ୍ରେସର ଏପରି ଦଶା ହୋଇଛି। କ୍ଷେତ୍ରରେ ଏବଂ ସବୁ ସ୍ତରରେ ଦରକାର । ଯଦି କୌଣସି ବ୍ୟକ୍ତି ଅବା ସଙ୍ଗଠନର କାର୍ଯ୍ୟକଳାପ କ୍ଷେତ୍ରରେ ଉତ୍ତମ ପରିଚାଳନା ବ୍ୟବସ୍ଥାର ଅଭାବ ରହିଛି, ତେବେ ସେଭଳି କ୍ଷେତ୍ରରେ ଅବା ସ୍ତରରେ କିଛି ନା କିଛି ତ୍ରୁଟି ରହିବାର ସମ୍ଭାବନା ରହିଛି। ଏତେ ସବୁ କହିବାର ଅର୍ଥ ହେଉଛି, ସେ ବ୍ୟକ୍ତିଗତ କଥା ହେଉ ଅବା ସାଙ୍ଗଠନିକ ସ୍ତରର କଥା, ସବୁ କ୍ଷେତ୍ରରେ ସଂପୃକ୍ତ ଦଳର କର୍ମକର୍ତ୍ତା ଅବା କାର୍ଯ୍ୟକର୍ତ୍ତାଙ୍କ କେବଳ ପ୍ରତ୍ୟକ୍ଷ ଅବା ପରୋକ୍ଷ ସଂପୃକ୍ତି ନୁହେଁ,ସେମାନଙ୍କ ଉତ୍ତମ ପରିଚାଳନା ବ୍ୟବସ୍ଥାର ରହିଛି ଆବଶ୍ୟକତା ଯାହା ମାଧମରେ ଜଣେ ବ୍ୟକ୍ତି ଅବା ସଂସ୍ଥାର ପରିଚାଳାଗତ ସ୍ଥିତିରେ କିଛି ସୁଧାର ଆସିପାରିବ । ଯଦି ପରିଚାଳନାରେ ସୁବ୍ୟବସ୍ଥା ନାହିଁ , ତେବେ ତା'ର ଶେଷ ପରିଣାମ ସର୍ବଦା ତ୍ରୁଟି ଯୁକ୍ତ ରହିବ। ଯାହା ସମାଜର ପ୍ରଗତିରେ, ସମାଜର ଉନ୍ନତିରେ ବାଧକ ସାଜିବ। ଭାରତର ସର୍ବ ପୁରାତନ ଦଳକୁ କିଏ ନ ଜାଣେ ? କଂଗ୍ରେସ ହେଉଛି ସେହି ଦଳ, ଯାହା କି ଭାରତର ସର୍ବପୁରାତନ ରାଜନୈତିକ ଦଳର ମାନ୍ୟତା ପାଇଛି । ସେଭଳି ଦଳର ଅସ୍ତିତ୍ୱ ଏବେ ସଙ୍କଟରେ ଏଭଳି କଥାରେ କେହି ବି କେବେ ବିଶ୍ୱାସ କରିବେ ନାହିଁ। କାରଣ କଂଗ୍ରେସ ହେଉଛି ସେହି ଦଳ ଯାହାଠାରୁ ଜାତୀୟ ରାଜନୀତିର ଅୟମାରମ୍ଭ ହୋଇଛି ବୋଲି କୁହାଯାଇପାରେ। ଆଜି ଭାରତରେ ପ୍ରାୟ ଏକଶହରୁ ଉର୍ଦ୍ଧ୍ୱ ରାଜନୈତିକ ଦଳ କାମ କରୁଛନ୍ତି, ଯେଉଁମାନଙ୍କ ମଧ୍ୟରେ ଜାତୀୟ ସ୍ତରୀୟ ଏବଂ ଆଞ୍ଚଳିକ ସ୍ତରୀୟ ଦଳ ରହିଛନ୍ତି। ସମସ୍ତେ ନିଜ ନିଜ ନୀତିରେ ଗତି କରୁଛନ୍ତି। ସମସ୍ତେ ନିଜ ନିଜ ରୀତିରେ କାମ କରୁଛନ୍ତି। ହେଲେ ପ୍ରକୃତ ରାଜନୈତିକ ରୀତିନୀତିକୁ ଭୁଲିଯାଉଛନ୍ତି। କଂଗ୍ରେସ ହେଉଛି ସେହି ଦଳ ଯାହାଠାରୁ ଜାତୀୟ ରାଜନୀତିର ସୁରୁବାତ୍ ହୋଇଛି ବୋଲି ଧରି ନିଆଯାଇପାରେ। ଦେଶରେ ଆଜି ପ୍ରାୟ ଶତାଧିକ ରାଜନୈତିକ ଦଳ ସକ୍ରିୟ ରହିଛନ୍ତି ଯେଉଁମାନଙ୍କ ମଧ୍ୟରେ ଉଭୟ ଜାତୀୟ ସ୍ତରୀୟ ଏବଂ ଆଞ୍ଚଳିକ ସ୍ତରୀୟ ଦଳ ରହିଛନ୍ତି। ଭାରତରେ ଏବେ ଚାଲିଛି ନିର୍ବାଚନୀ ମାହୋଲ୍ । ଯାହା କୌଣସି ବି ଦେଶ ପାଇଁ କିଛି ନୂଆ ଘଟଣା ନୁହେଁ। ବିଶ୍ୱର ପ୍ରତ୍ୟକ ଦେଶରେ ନିର୍ବାଚନୀ ମାହୋଲ୍ ଏକ ନିର୍ଦ୍ଦିଷ୍ଟ ସମୟରେ ଆରମ୍ଭ ହୋଇ ପୁଣି ଏକ ନିର୍ଦ୍ଦିଷ୍ଟ ସମୟରେ ଶେଷ ହୋଇ ଯାଇଥାଏ। ଯାହା ଏକ ବୈଶ୍ୱିକ ନିୟମ ହେଲେ ଯେଉଁ ସବୁ ଦେଶରେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥାଏ, ସେହି ସବୁ ଦେଶମାନଙ୍କରେ ନିର୍ବାଚନୀ ମାହୋଲ୍ ସୃଷ୍ଟି ହୋଇଥାଏ । ତେବେ ଯେଉଁସବୁ ଦେଶମାନଙ୍କରେ ଗଣତାନ୍ତ୍ରିକ ପ୍ରକ୍ରିୟା ଚାଲିନଥାଏ, ସେ ସବୁ ଦେଶମାନଙ୍କରେ ନିର୍ବାଚନ ପ୍ରକ୍ରିୟାର ସେଭଳି ବିଶେଷ କୌଣସି ଆବଶ୍ୟକତା ନ ଥାଏ। ତେବେ ଭାରତ ଭଳି ବିଶାଳ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ପ୍ରକ୍ରିୟା ଏକ ଅତି ଜରୁରୀ ପ୍ରକ୍ରିୟା ଯାହା କେବଳ ଭାରତ କାହିଁକି ସାରା ବିଶ୍ୱରେ ପରିଣତ ହୋଇଯାଇଛି ଏକ ପାରମ୍ପରିକ ପ୍ରକ୍ରିୟାରେ। ଏବେ ଭାରତରେ ବି ଚାଲିଛି ନିର୍ବାଚନୀ ମାହୋଲ୍ ଯାହା ଭାରତର ରାଜନୈତିକ ପରିବେଶକୁ ଏକପ୍ରକାର ସରଗରମ କରିଦେଇଛି। ଯାହାର ସାମାଜିକ୍ ପ୍ରଭାବ ବେଶ୍ ଅନୁଭୂତ ହେଉଛି । ତେବେ କେଉଁ ଦୃଷ୍ଟିକୋଣରୁ ସେପରି ପ୍ରଭାବ ଅନୁଭୂତ ହେଉଛି, ସେ ବିଷୟରେ ମଧ୍ୟ ଅବଗତ ହେବା ଦରକାର। ଦେଶର ସମସ୍ତ ଦଳ ମଧ୍ୟ ସେ ବିଷୟରେ ଅବଗତ ହେବା ଦରକାର। ବିରୋଧୀଙ୍କ ସମେତ ଦେଶର ସମସ୍ତ ଶାସକ ଦଳ ଏବଂ ବିରୋଧୀ ଦଳ ସେ ଦିଗରେ ସମ୍ପୂର୍ଣ୍ଣ ସଚେତନ ହେବା ସହ ସେମାନେ ମଧ୍ୟ ସେ ଦିଗରେ ସମ୍ପୂର୍ଣ୍ଣ ସଶକ୍ତ ହେବା ଦରକାର। ଯଦି କେହି ବି କେବେ କୌଣସି କାରଣରୁ କିଛିଟା ଢ଼ିଲା ହୋଇଯାଏ , ତେବେ ପୂରା ବ୍ୟବସ୍ଥା ମଧ୍ୟ ଢ଼ିଲା ହୋଇପାରେ । ଏବେ ଭାରତୀୟ ରାଜନୈତିକ ପାଣିପାଗ ପୂରା ବିଗିଡ଼ି ଯାଇଛି। ଭାରତରେ ରାଜନୈତିକ୍ ଦଳମାନଙ୍କ ମଧ୍ୟରେ ବିଶେଷ କିଛି ତାଳମେଳ ନାହିଁ। ସେଥିପାଇଁ ଭାରତରେ ଏବେ ଭୀଷଣ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। କଂଗ୍ରେସ ଏବେ ଭାରତର ସର୍ବବୃହତ୍ ବିରୋଧୀ ଭାବେ ଉଭା ହୋଇଛି। ଦେଶର ପୁଳାଏ ଦଳମାନଙ୍କୁ ନେଇ କଂଗ୍ରେସ ଗଢ଼ିଛି ଇଣ୍ଡିଆ ମେଣ୍ଟ ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଜେପିକୁ ବିରୋଧ କରିବା ହେଲେ ବିଜେପି ମଧ୍ୟ କିଛି ପଛରେ ନାହିଁ। ବିଜେପି ଏବେ ରହିଛି ବେଶ୍ ଆଗରେ । ଏଣୁ ବିଜେପିର ମୁକାବିଲା କରିବା କଂଗ୍ରେସ ପାଇଁ କେବଳ ଅସମ୍ଭବ ନୁହେଁ , କଷ୍ଟସାଧ ମଧ୍। ତଥାପି କଂଗ୍ରେସ କିନ୍ତୁ ଭାରତ ଯୋଡ଼ୋ ଯାତ୍ରା ଜରିଆରେ ପୂରା ଦେଶରେ ନିଜର ବାହାଦୂରୀର ପ୍ରଦର୍ଶନ କରିଚାଲିଛି। ହେଲେ କାହାର କାହା ସହିତ ସେମିତି କିଛି ତାଳମେଳ ରହୁନି। ସେ ଜାତୀୟ ସ୍ତରରେ ହେଉ ଅବା ଆଞ୍ଚଳିକ ସ୍ତରରେ ହେଉ ସବୁଆଡ଼େ ଏବେ ରାଜନୈତିକ୍ ବିଭ୍ରାଟ ଦେଖାଦେଇଛି । ସବୁକିଛି କେବଳ ରାଜନୈତିକ କ୍ଷମତା ପାଇଁ । ତେବେ ଅଧିକ ବିଭ୍ରାଟ ଦେଖାଦେଇଛି ଓଡ଼ିଶାରେ । ନିର୍ବାଚନର ଅବ୍ୟବହିତ ପୂର୍ବରୁ ଉଭୟ ବିଜେପି ଏବଂ ବିଜେଡ଼ି ମଧ୍ୟରେ ରାଜନୈତିକ ତାଳମେଳ ହେବାର ସମ୍ଭାବନା ଥାଇ ବି ଶେଷ ମୁହୂର୍ତ୍ତରେ କିନ୍ତୁ ସବୁ କିଛି ଫେଲ୍ ମାରିଯାଇଥିଲା। ଏବେ ଉଭୟ ସ୍ୱାଧୀନ ଭାବେ ଲଢ଼େଇ କରିବେ ।

**ଜ୍ଞାନାମୃତ**

## ଦାନବ ରାଜା

ଦାନବ ରାଜା ବହୁ ବର୍ଷ ଧରି ତପସ୍ୟା କରି ବ୍ରହ୍ମାଦେବଙ୍କୁ ସନ୍ତୁଷ୍ଟ କରି ଶେଷରେ ବ୍ରହ୍ମାଙ୍କ ବରରେ ବଳୀୟାନ ହୋଇ ବଡ଼ ବରଟିଏ ଲାଭ କରିପାରିଥିଲା। ସେହି ବର ବଳରେ ଏତେ ବଳୀୟାନ ହୋଇଗଲା ଯେ, ଯେପରି କଥାରେ ଅଛି ସେ ଆଉ ଇନ୍ଦ୍ର ଚନ୍ଦ୍ର କାହାକୁ ମାନିଲା ନାହିଁ । ଦେବଲୋକରୁ ମର୍ତ୍ତ୍ୟଲୋକ ଯାଏଁ, ସବୁଆଡ଼େ ତା'ର କୁପ୍ରଭାବ ବିସ୍ତାର କରିବାରେ ଲାଗିଲା। ମର୍ତ୍ତ୍ୟଲୋକରେ ତାରକାସୁର ତା'ର ପ୍ରଭାବ ବିସ୍ତାର କରିବାରେ ଯଦିଓ ସକ୍ଷମ ହୋଇଗଲା ତେବେ ମର୍ତ୍ତ୍ୟଲୋକ ପ୍ରତି ସେତେଟା ରୁଚି ତା'ର ମନ ମଧ୍ୟରେ ନଥିଲା। ପାତାଳପୁରୀ ତ ତା'ର ନିଜ ଇଲାକା ଥିଲା। ତେବେ ଦେବଲୋକ ପ୍ରତି ବିଶେଷ ଆଗ୍ରହ ଥିଲା ତା'ର ମନ ମଧ୍ୟରେ ଯେହେତୁ ଦେବଲୋକରେ ଭରି ରହିଥାଏ ଧନ ସମ୍ପଦ ଐଶ୍ୱର୍ଯ୍ୟ। ସେ ପାଇଁ ରାକ୍ଷସ ତାରକାସୁର ତା'ର କୁ କାର୍ଯ୍ୟକଳାପର ପ୍ରଭାବ ମର୍ତ୍ତ୍ୟଲୋକ ଏବଂ ପାତାଳଲୋକ ବ୍ୟତୀତ ଦେବଲୋକ ପ୍ରତି ଅଧିକ ପରିମାଣରେ ଦେଖାଇବାରେ ବିଶେଷ ରୁଚି ରଖୁଥିଲା। ପାତାଳପୁରୀରେ ତ ରାକ୍ଷସ ରାଜ୍, ମର୍ତ୍ତ୍ୟଲୋକରେ ବିଶେଷ କିଛି ଫାଇଦା ନାହିଁ। ତେଣୁ ନଜର କେବଳ ଯିବ ଦେବଲୋକ ପ୍ରତି । ରାକ୍ଷସ ତାରକାସୁର ଦେବଲୋକରେ ପ୍ରବେଶ କରି ମଝିରେ ମଝିରେ ବିଶୃଙ୍ଖଳା ସୃଷ୍ଟି କରୁଥିଲା। କେବେ କେବେ ତା'ର ଔଦ୍ଧତାମୀ ଏତେ ବଢ଼ିଯାଉଥିଲା ସମ୍ପୂର୍ଣ୍ଣ ଦେବଲୋକ ପୂରା ବିଚଳିତ ହୋଇପଡୁଥିଲା। ସେମାନେ ଏତେ ପରିମାଣରେ ବ୍ୟତିବ୍ୟସ୍ତ ହୋଇପଡୁଥିଲେ ଯେ ତାଙ୍କର ବୁଦ୍ଧିବାଟ ପୂରା ହଜିଯାଉଥିଲା। ସେମାନେ ଜାଣି ପାରୁନଥିଲେ ଯେ ସେମାନେ କ'ଣ କରିବେ ଅବା କ'ଣ ନ କରିବେ। ରାକ୍ଷସ ତାରକାସୁର ଧୀରେ ଧୀରେ ଦେବଲୋକରେ ରାଜ୍ କରିବାର ସ୍ୱପ୍ନ ଦେଖିବାରେ ଲାଗିଲା। ତା'ର ଅଯଥା ପରାକ୍ରମ ପ୍ରଦର୍ଶନରେ ଅତିଷ୍ଠ ହୋଇପଡ଼ିଲେ ଦେବଲୋକବାସୀ ଶେଷରେ ନିରୂପାୟ ହୋଇ ସେହି ବ୍ରହ୍ମାଦେବଙ୍କ ନିକଟକୁ ଗଲେ ସମସ୍ୟା ସମାଧାନ ପାଇଁ। ଶେଷରେ ମହାଦେବଙ୍କ ପୁତ୍ର କାର୍ତ୍ତିକ ଯେ ତାରକାସୁରକୁ ବଧ କରିବେ, ସେ କଥା ଅନ୍ତତଃ ସ୍ଥିର ହୋଇଗଲା। ଶେଷରେ ତାହା ହିଁ ହେଲା। ମହାଦେବଙ୍କ ପୁତ୍ର କାର୍ତ୍ତିକଙ୍କୁ ଶେଷରେ ତାରକାସୁର ବଧ କାର୍ଯ୍ୟରେ ନିଯୁକ୍ତି କରାଯାଇଥିଲା। ଶେଷରେ ତାରକାସୁରକୁ ବଧ କରାଯାଇ ସମାଜରେ ଶାନ୍ତି ପ୍ରତିଷ୍ଠାର ବାଟ ପରିଷ୍କାର କରାଗଲା। ଅତି ଗର୍ବରୁ ଲୋପ ପାଇଗଲା ସେ ଅସୁର ଏବଂ ତା'ର ଦାନବୀୟ ପ୍ରକୃତି।

# ଭୋଟଦାନ - ଆମ ଅଧିକାର

**ସରିତା ପଣ୍ଡା**

ଆମ ଦେଶ ଭାରତ, ଏକ ବୃହତ୍ ଗଣତନ୍ତ୍ର ରାଷ୍ଟ୍ର । ଏହି ଦେଶକୁ ଚଳେଇବା ପାଇଁ ଲୋକତନ୍ତ୍ର ପରି ଉନ୍ନତ ମସ୍ତିଷ୍କର ଆବଶ୍ୟକତା ରହିଛି, ତେଣୁ ଏହାର ମହତ୍ତ୍ୱ ଅଧିକ । ଲୋକତନ୍ତ୍ର କହିଲେ ଲୋକଙ୍କ ତନ୍ତ୍ର, ମାନେ ମୁ , ଆପଣ ଓ ଆମେ । ସମସ୍ତେ ମିଶି ଭୋଟ ଦେଇ ଆମେ ସରକାର ଗଢିବା, ଯାହାକି ଆମର ସାମ୍ବିଧାନିକ ଅଧିକାର । ଆମେ ସମସ୍ତେ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ୧୮ ବର୍ଷ ପରେ ଭୋଟ ଦେଇ ରାଜନୀତିରେ ଭାଗନେବା ଏବଂ ସମାଜରେ ପରିବର୍ତ୍ତନ ଆଣିବା, ଏହା ଆମର ଆଦର୍ଶ ଓ କର୍ତ୍ତବ୍ୟ । ଯେପରି ପ୍ରତେକ ସମୟରେ କର୍ତ୍ତବ୍ୟ କରିବାରେ ଆମର କିଛି ଦାୟିତ୍ୱ ଥାଏ, ସେହିପରି ଭୋଟ ଦେବା ସମୟରେ ଦେବା ଆମର ଦାୟିତ୍ୱ ହେଉଛି ଭାବିଚିନ୍ତି ଭୋଟ ଦେବା, ଯେଉଁ ମତକୁ ଭିତ୍ତି କରି କରି ଆଗାମୀ । ବର୍ଷ ପର୍ଯ୍ୟନ୍ତ ଆମ ସରକାର ଚାଲିବ ଏବଂ ଆମ ଦେଶ ଓ ରାଜ୍ୟ ଆଗକୁ ବଢିବ, କିନ୍ତୁ ବର୍ତ୍ତମାନର ସମୟରେ ଦେଖାଯାଉଛି ଯେ ସମସ୍ତେ ଭୋଟ ଦେଉ ନାହାନ୍ତି । ନିର୍ବାଚନ ଦିନ ଛୁଟି ଥାଏ ତେଣୁ କିଏ କିଏ ଭାବନ୍ତି ଆଜି ମନୋରଞ୍ଜନ କରିବା କଥା, ବାହାରକୁ ବୁଲିଯିବା କଥା, କିନ୍ତୁ ପ୍ରକୃତରେ ସମସ୍ତଙ୍କୁ ଏ ଛୁଟିଟି ଦିଆଯାଇଛି ନିଜର କର୍ତ୍ତବ୍ୟ ନିର୍ବାହ କରବାକୁ, ଯାହାକି ଆଗାମୀ ଭବିଷ୍ୟତ ନିର୍ଦ୍ଧାରଣ କରିବ । କିଛି ଲୋକ ଭାବନ୍ତି ମୁ କାହିଁକି ଭୋଟ ଦେବି, ମୋର ଗୋଟେ ଭୋଟ କଣ କରିଦେବ, ଏପରି ଭାବିବା ଅନୁଚିତ , ଭାବିବା କଥା ମୋର ଗୋଟେ ଭୋଟ ମୋ ଭବିଷ୍ୟତ ନିର୍ମାଣ କରିବ, ତେଣୁ ମୁଁ ଏପରି କାମ କରିବି ଯେପରି ମୋର ଓ ସମସ୍ତଙ୍କର ଆଗକୁ ଭଲ ହେବ । ଯିଏ ଲୋକତନ୍ତ୍ର ବନେଇଛି, ସେ ଏପରି ଭାବି ବନେଇଛି, ଆମ ଦେଶରେ , ସମସ୍ତେ ମିଶିକି ରହିବା, ମିଶିକି କାମ କରିବା ଏବଂ ଏକ ସୁଖ, ଶାନ୍ତି ଓ ଆନନ୍ଦମୟ ଜୀବନ ଅତିବାହିତ କରିବା । ଦେଶର ପ୍ରଗତିରେ ସମସ୍ତଙ୍କର ସହଯୋଗ ରହିଛି, ତେଣୁ ସମସ୍ତେ ଏହାକୁ ଜାଣିବା ଓ ବୁଝିବା ଦରକାର । ଦେଶ ମୋର ଏବଂ , ମୁଁ ଏହାକୁ ବନେଇବି । ମୁଁ ସ୍ୱର ଉଠେଇବି, ନିଶ୍ଚିତ ସାରାଯାହାଁ ହେଇଯିବ । ଯେଉଁଠି ମତଦାନ ନାହିଁ ସେଇଠି ଗଣତନ୍ତ୍ର ନାହିଁ ଏବଂ ଏପରି ନେତା ଯିଏକି ଦେଶକୁ ଗଢିବାକୁ ଚାହାନ୍ତିନି , ତାଙ୍କର କିଛି ମୂଲ୍ୟ ନାହିଁ । ଆମେ ସଦାବେଳେ ବର୍ଷ ବର୍ଷ ଧରି ସୁବିଧା ଅସୁବିଧା କଥା ଚିନ୍ତା କରୁଛେ କିନ୍ତୁ ଭୋଟ ଆସିବା ସମୟରେ ନିଜର ମତଦେଇ ନେତା ନିର୍ବାଚନ କରିବା କଥା ଭୁଲିଯାଉଛେ । ବର୍ତମାନ ଦେଖାଯାଉଛି ଗାଁ ଗଣ୍ଡାରେ ଓ ସହରର ନିମ୍ନ ବର୍ଗର ଲୋକ ଭୋଟ ଦେଉଛନ୍ତି, କିନ୍ତୁ ଶିକ୍ଷିତ ଓ ପାଠ ପଢା ଲୋକମାନେ ଭୋଟ ଦେଉନାହାନ୍ତି । ବୁଝିବାକୁ ହେବ ପ୍ରତେକ ଭୋଟର ତାକତ ଓ ଆମର ପ୍ରଗତି । ଆମର ସ୍ୱର ଧୀର ହେଲେ କିଏ ଶୁଣିବେନି , ଉଚ୍ଚ ହେବା ଦରକାର, ଯେପରି ବୁନ୍ଦେ ବୁନ୍ଦେ ପାଣିରେ ମାଠିଆଟିଏ ପୂର୍ଣ୍ଣ ହୋଇଥାଏ । ଆମ ଭିତରୁ କିଏ ହିନ୍ଦୁ , କିଏ ମରାଠୀ , କିଏ ମୁସଲିମ , ମାରୱାଡି , ପଂଜାବୀ, ତେଲୁଗୁ , ଖ୍ରୀଷ୍ଟିଆନ ଆଦି କିଏ କଣ, କିନ୍ତୁ ଆମେ ସମସ୍ତେ ଏ ମାଟି ମା'ର ସନ୍ତାନ ।ଏ ଦେଶ ଆମର, ଏ ମାଟି ଆମର, ଆମର ସ୍ୱାଧୀନତା ସଂଗ୍ରାମୀ ମାନେ ଆମ ଦେଶକୁ ନେଇ କେତେ ସ୍ୱପ୍ନ ଦେଖିଛନ୍ତି, ତାକୁ ପୂରଣ କରିବା ଦାୟିତ୍ୱ ଆମର । ଆସନ୍ତୁ ଆମେ ସମସ୍ତେ ମିଶି ନିଶ୍ଚିତ ଭୋଟ ଦେବା ଏବଂ ସଠିକ ଓ ସକ୍ଷମ ନେତାଙ୍କୁ ଭୋଟ ଦେବା, ଯିଏକି ଆମର ରୋଜିରୁଟି , ଯୁବପିଢ଼ିଙ୍କ ଭବିଷ୍ୟତ, ଆମର ସ୍ୱାସ୍ଥ୍ୟ, ଅନ୍ନଦାତାଙ୍କ ଚିନ୍ତା, ଯୁବପିଢ଼ିଙ୍କୁ ନିଯୁକ୍ତି, ଆମକୁ ନ୍ୟାୟ ଆଦି ଦେବ ଏବଂ ଯେପରି ଆମକୁ ଭବିଷ୍ୟତରେ ଦ କୌଣସି ଅସୁବିଧାର ସାମ୍ନା କରବାକୁ ପଡିବନି ଓ ଜଣଙ୍କ ଅଧିକାରକୁ ଜଣେ ଛଡାଇ ନେବନାହିଁ । ଆମେ ଆମର ସ୍ୱାଭିମାନକୁ ରଖି, କୌଣସି ପ୍ରକାରର ଲାଳସା ବା ପ୍ରଲୋଭନ ନ ରଖି ନିଜର ମତ ସାବ୍ୟସ୍ତ କରିବା । ଆମେ କାହା କଥାରେ ପରିଚାଳିତ ହେବାନି , କିଏ ଆମକୁ କହିପାରେ ମତେ ଭୋଟ ଦିଅ ବୋଲି , କିନ୍ତୁ ଇଭିଏମ୍ ମେସିନ ଉପରେ ଆମ ହାତ ଚଲେଇ ଭୋଟତ ନେଇପାରିବେନି ନା , ଆମେ ଆମ ଦେଶ ଓ ରାଜ୍ୟ ଚଳେଇଲା ଭଳି ନେତାକୁ ଭାବିଚିନ୍ତି ବାଛିବା । ଏହା ମଧ୍ୟ ଦେଖିବା ଓ ତର୍ଜମା କରିବା, ଆଗରୁ ଆମକୁ ପ୍ରତିଶୃତି ଦେଇଥିବା ନେତା କେତେ ତାଙ୍କ କଥା ପୂରଣ କରିଛନ୍ତି । ଯେପରି ଚଢେଇ ଗୋଟେ ଗୋଟେ କାଠିକୁଟା ଆଣି ବସା ତିଆରି କରେ , ସେହିପରି ଆମର ଗୋଟେ ଗୋଟେ ଭୋଟ ଆମ ଦେଶକୁ ତିଆରି କରିବ । ମତଦାନର ଅର୍ଥ ନିଜର ମତ ଅର୍ଥାତ ହିତର ଦାନ କରିବା । ଆମେ କୌଣସି ଧନୀ ନେତାଙ୍କୁ ଭୋଟ ଦେଇ ନିଜର ଭୋଟ ବିକ୍ରି କରିବା , କୌଣସି ଅଶିକ୍ଷିତ ନେତାଙ୍କୁ ନବାଛି ଶିକ୍ଷିତ ନେତାଙ୍କୁ ବାଛିବା କାରଣ ସେମାନଙ୍କ ଭିତରେ ନୈତିକ ଗୁଣ ସମାବିତ ଥାଏ । ଆମ ଦେଶ ଓ ରାଜ୍ୟର ପରିଚାଳନା ଯଦି ଠିକ ସରକାର ହାତରେ ନପଡ଼େ ତାହା ହେଲେ ସମସ୍ତଙ୍କର ଅସୁବିଧା ହେବ । ସଦାବେଳେ ନିସ୍ୱାର୍ଥପର ନେତା ହିଁ ଦେଶର ବିକାଶ ଠିକ ଢଙ୍ଗରେ କରି ଦେଶକୁ ପ୍ରଗତି ପଥରେ ନେଇ ଯାଇଥାନ୍ତି ।ତେଣୁ ସମସ୍ତଙ୍କୁ ଜାଗି ଉଠିବାକୁ ପଡିବ ଏବଂ ନିଜର ଅଧିକାର ସାବ୍ୟସ୍ତ କରି ଦେଶକୁ ଠିକ ଦିଶାଦେଇ ଶିଖରକୁ ନେବାକୁ ପଡିବ । ଆମେ ଆମର ଭୋଟର ଶାସନ ବ୍ୟବସ୍ଥାକୁ ସୁଚାରୁରୂପେ ଚଳେଇ ପାରିବା, ରାଜନୀତିର ରୂପରେଖ ବଦଳାଇ ,ରାଷ୍ଟ୍ର ନିର୍ମାଣ କରିପାରିବା । ଆମ ଭୋଟଏଇ ଏତିକି ଶକ୍ତି ଅଛି ଯେ ଆମେ ଗୋଟେ ଭଲ ସରକାର ବନେଇପାରିବା । ନିର୍ବାଚନରେ ଗୋଟେ ଯୁବ ଭୋଟରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେ ଭୋଟ ଦେଇ ତା'ର ଓ ଦେଶର ଭବିଷ୍ୟତ ବଦଳେଇପାରିବ । ଆମେ ଗୋଟିଏ ସଶକ୍ତ ସରକାର ବାଛିବା ଯେପରି ମହିଳାଟିଏ ନିର୍ଭୟରେ ରାତିରେ ରାସ୍ତାରେ ଯାଇପାରିବ, ଯୁବପିଢ଼ି ଙ୍କ ବ୍ୟବସାୟର ମାର୍ଗ ପ୍ରଶସ୍ତ ହେବ ଇତ୍ୟାଦି ଅନେକ କିଛି । ଦେଶର ପ୍ରତିଚ୍ଛବି ବଦଳିବ । ଆମକୁ ଭଲ ସରକାର ଦରକାର, ଭଲ ଶାସନ ଦରକାର । ଆମେ ଆମ ଦେଶର ଭାଗ୍ୟ ବିଧାତା । ଭୋଟଦାନ ଅନିବାର୍ଯ୍ୟ । ଆମର କଥାରେ ଅଛି ନଜରୀୟା ବଦଳିଲେ ନଜାର ବଦଳି ଯାଏ । ଆମର ଗୋଟିଏ ଗୋଟିଏ ଭୋଟ ଆମ ଦେଶ ଓ ମାଟିର ଭାଗ୍ୟ ବେଦଳେଇ ଦେବ । ବିବେକବାଦୀ ଭୋଟଦାତା ଗଣତନ୍ତ୍ରର ଗୌରବ । ଭୋଟ ଦେଇ ଆମେ ଆମର ଯୋଗ୍ୟ ନେତା ବାଛି ଭାରତୀୟ ସମ୍ବିଧାନ ଓ ଗଣତନ୍ତ୍ରକୁ ଅଧିକ ପରିପୁଷ୍ଟ କରିବା । ଏହାହିଁ ଆମର ଦେଶଭକ୍ତି । ଆମେ ସଂକଳ୍ପ ନେବା ଆମର ଭବିଷ୍ୟତ ଓ ରାଷ୍ଟ୍ର ଆମେ ନିର୍ମାଣ କରିବା, ଦେଶରୁ ଅନ୍ଧାର କରିବା ଓ ଆମେ ଯେମିତି ଚାହିଁବା ସେମିତି ରାସ୍ତା ନିର୍ମାଣ କରିବା । ତେଣୁ ଆମେ ଭୋଟ ଦେଇ ଆମର ମନପସନ୍ଦ ପ୍ରତିନିଧି ବାଛିବା । ଭୋଟ ଦେବା ଆଗରୁ ଆମ ପ୍ରତେକ ନେତାଙ୍କ ବିଷୟରେ ଭଲଭାବେ ଅନୁଧ୍ୟାନ କରିବା । ଆମ ନିର୍ବାଚନ କମିଶନ ଚାହାଁନ୍ତି ପ୍ରତେକ ନାଗରିକ ସଚେତନ ହୋଇ ଭୋଟ ଦିଅନ୍ତୁ । ଆଗରୁ ଆମର ଭୋଟ ଦେବାର ସର୍ବନିମ୍ନ ବୟସ ୨୧ ବର୍ଷ ଥିଲା କିନ୍ତୁ ଏବେ ଆମକୁ ଅନେକାଂଶରେ ସୁଯୋଗ ଦେଇ ବୟସ ୧୮ କୁ ହ୍ରାସ କରାଯାଇଅଛି । ଗୋଟିଏ ବିଶେଷ କଥା ପ୍ରତି ଦୃଷ୍ଟି ଦେବା, ଯଦି ନିର୍ବାଚନ ଲଢୁଥିବା ପ୍ରାର୍ଥୀ ଆମର ଭରସାଯୋଗ୍ୟ କିମ୍ବା ବିଶ୍ୱସର ପାତ୍ର ନୁହନ୍ତି ତାହା ହେଲେ ଆମେ "ନୋଟା" ବଟମକୁ କାର୍ଯ୍ୟକାରୀ କରିବା, ମାନେ କାହାକୁବି ଭୋଟ ଦେବାନାହିଁ । ତେଣୁ ଆସନ୍ତୁ ଆମେ ସଂକଳ୍ପ ନେଇ ସଶକ୍ତ ମତଦାତା ବନିବା ଏବଂ ଭୋଟ ଦେବା ଯାହାକି ଆମର ମୌଳିକ ଅଧିକାର ।

**ସମାଜସେବୀ ( ବ୍ରହ୍ମପୁର )**

# କିଏ ବୁଝେ ପିଲାମନ ?

**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**

ପାଠପଢ଼ାର ତାଗିଦା ଓ ମୋବାଇଲ ଫୋନର ବ୍ୟବହାରକୁ ନେଇ ଘରେ ବିରକ୍ତି ହେବାରୁ କଟକର ଜଣେ ବିଦ୍ୟାଳୟ ଛାତ୍ର ନିଜ ଜୀବନ ହାରିଛନ୍ତି। ଓଡ଼ିଶାରେ ଆମ ଦେଖିବା ଭିତରେ ଏହିପରି ଘଟଣା ନିୟମିତ ଭାବେ ପ୍ରାୟତଃ ଘଟୁଛି। ଅନେକ ସମୟରେ କିଛିଦିନ ପାଇଁ ଏ ଚର୍ଚ୍ଚା ଲାଗିରହିଥାଏ ପରେ ସବୁ ଠିକଠାକ ଯେପରି ହୋଇଯାଏ। କଅଁଳ ମନରେ ପିଲାଟି ଭିତରେ ଜୀବନକୁ ଚିହ୍ନିବା ପୂର୍ବରୁ ସେମାନେ ଜୀବନକୁ ହାରି ଦେବା ପାଇଁ କାହିଁକି ନିଷ୍ପତ୍ତି ନେଉଛନ୍ତି ? ଦୋଷ କାହାର ? ଏବଂ ଦାୟିତ୍ୱ କାହାର ? ପିଲାମାନଙ୍କ ପାଇଁ ସବୁଠାରୁ ମୂଲ୍ୟବାନ ଓ ଉତ୍ତମ ତଥା ଶ୍ରେଷ୍ଠ ବନ୍ଧୁ ହେଉଛନ୍ତି ତାଙ୍କ ବାପା-ମାଆ। ଯେତେବେଳେ ଘରୁ ଏବଂ ତା ଆଖପାଖ ଦୁନିଆରୁ ପିଲାଟି ନିଜ ଲୋକଙ୍କ ଠାରୁ ଭଲ ବ୍ୟବହାର ପାଇନଥାଏ ସେ ଜୀବନ ହାରିବା ପାଇଁ ନିଷ୍ପତ୍ତି ନେଇଥାଏ। ବର୍ତ୍ତମାନର ମୋବାଇଲଧରା ବ୍ୟସ୍ତ ସମୟ ଭିତରେ ଆପଣଙ୍କ ପିଲା ଏକା ଏକା ରହିବାକୁ ଚେଷ୍ଟା କରୁଛି କି ? ବେଳେ ବେଳେ ଚୁପଚାପ, ଉଦାସ ଏହିପରି ମନୋଭାବ ତାର ଦେଖୁଛନ୍ତି କି ? ସ୍କୁଲ ଛୁଟି ହେଲେ ଘର ଏହାରି ଭିତରେ ସେ ନିଜକୁ ବାନ୍ଧି ରଖିବା ପାଇଁ ଚେଷ୍ଟା କରୁଛି କି ? ଯଦି ହିଁ ତେବେ ଏହା ଅବୁଝା ନୁହେଁ ଯେ ସେ ନିଜର ବନ୍ଧୁଟିଏ ପାଇପାରୁନାହିଁ ଖୁସି, ସୁଖ, ଆନନ୍ଦକୁ ବାଣ୍ଟିବା ପାଇଁ। ତେବେପ ଏହାକୁ ଛୋଟିଆ କଥା ଭାବନ୍ତୁ ନାହିଁ। ଏହା ନିଶ୍ଚିନ୍ତ ଭାବେ ବଡ଼ କଥା। କାରଣ ଏହା ପିଲାର ଶାରୀରିକ, ବୌଦ୍ଧିକ ଓ ସାମାଜିକ ଅଭିବୃଦ୍ଧିର ବାଧକ ନିଶ୍ଚୟ। ଏହିପରି ଉଦାସ ରହୁଥିବା ପିଲାଙ୍କ ହାବଭାବ ପରବର୍ତ୍ତୀ ସମୟ ପାଇଁ ଭଲ ହୋଇନଥାଏ। କାରଣ ପିଲାଟି ତାର ଜଣେ ବନ୍ଧୁ ପାଇଲେ ପ୍ରଥମତଃ ଏକଲାପଣକୁ ଦୂରେଇ ପାରିବ ଦ୍ୱିତୀୟତଃ ତା ମନକଥା ବାଣ୍ଟିପାରିବ ଆଉ ନିଜ ଜୀବନକୁ ନେଇ ସେ ଖୁବ ଖୁସିରେ ଆଗେଇ ପାରିବ ମଧ୍ୟ। ବର୍ତ୍ତମାନର ସମୟରେ ଅନେକ ପିଲା ବାହାରକୁ ନଯାଇପାରି ପ୍ରାୟତଃ ଅନେକ ସମୟ ଘର ଭିତରେ ଏକ ପ୍ରକାର ଆବଦ୍ଧ ହୋଇ ରହୁଥିବାରୁ, ପିଲାଟିର ମାନସିକ, ଶାରୀରିକ ଓ ବୌଦ୍ଧିକ ସ୍ଥିତି ସମ୍ପର୍କରେ ଅନେକ ବାପାମାଆ ଅଜଣା ଥାଆନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି କୋମଳମତି ପିଲାଟିର ମନକୁ ବୁଝି ତା'ପାଇଁ କିଛି ସମୟ କାଢ଼ିଲେ ତାର କଅଁଳ ମନ ଆସନ୍ତା କାଲିର ଏକ ଉଜ୍ଜ୍ୱଳ ସମାଜ ପାଇଁ କ୍ଷେତ୍ର ଯେ ସୃଷ୍ଟି ନକରିପାରିବ ତାହା କିଏ ବା ନ କହିବ ? ଅନେକ ସମୟରେ ପାରିବାରିକ ଝଡ଼ଝଞ୍ଜା, ବାପା-ମାଆ ବା ଆତ୍ମୀୟ ସ୍ୱଜନଙ୍କ ଭିତରେ ମନାନ୍ତର, ମତାନ୍ତର ଏପରି ଅଘଟଣ ପିଲାମାନଙ୍କୁ ଯଥେଷ୍ଟ ଆଘାତ ଦେଇଥାଏ। ଶିଶୁ ନିଷ୍ପାପ ଚକ୍ଷୁଯୁଗଳରେ ଲୁଚି ରହିଥାଏ ଆଗାମୀ ଭବିଷ୍ୟତର ଗୁଚ୍ଛଗୁଚ୍ଛ ସ୍ୱପ୍ନ । ମନରେ ଅନାବନା ଅନେକ ପ୍ରଶ୍ନ, କିଏ କ'ଣ କାହିଁକି, କିପରି - କିଏ ବା ସମର୍ଥ ହେବ ସେ ପ୍ରଶ୍ନମାନଙ୍କର ଉତ୍ତର ଦେବାକୁ । ସାଂପ୍ରଦାୟିକତା, ଜାତିଗତ ବିଦ୍ୱେଷ, ଅନ୍ଧ ପରମ୍ପରା ଓ ପ୍ରଦୂଷିତ ପରିବେଶ ଭିତରେ ଅହରହ ଜୀବନ ପାଇଁ ସଂଗ୍ରାମ କରୁଥିବା ସାଧାରଣ ମଣିଷ କ'ଣ ଜିତିପାରିବ ଶିଶୁମାନଙ୍କର ଚଳଚଞ୍ଚଳ ମନ ଓ ଚିନ୍ତାଧାରାକୁ । ଜୀବନର ପ୍ରାରମ୍ଭରୁ ଶିଶୁ, ପ୍ରକୃତି, ସମାଜ ଓ ପରିବେଶ ସହିତ ଓତଃପ୍ରୋତଃ ଭାବରେ ଜଡ଼ିତ ଥାଏ । ତାର, ଭାଷା, ବ୍ୟବହାର, ଚାଲିଚଳଣୀ ଓ ସଦାଚାର ଶିକ୍ଷା କରିଥାଏ ପରିବାରରୁ ବିଶେଷତଃ ସମାଜ ତଥା ପରିବେଷ୍ଟିନୀ ମାନଙ୍କ ଠାରୁ । ଗ୍ରାମାଞ୍ଚଳର ଶିଶୁଟିଏ ଶିକ୍ଷିତ ପରିବାର ଶିଶୁଠାରୁ ନିଶ୍ଚୟ ପୃଥକ ଓ ଭିନ୍ନ ଗୁଣର କେବଳ ପରିବେଶ ପାଇଁ । ଉପଯୁକ୍ତ ପରିବେଶ ଶିଶୁଟିକୁ ଉପଯୁକ୍ତ ମଣିଷ କରି ଗଢ଼ିତୋଳେ - ଏହା ନିରାଟ ସତ୍ୟ । ତେବେ ଶିଶୁ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବାକୁ ହେଲେ ଆବଶ୍ୟକ ଉପଯୁକ୍ତ ଶିକ୍ଷାର ପ୍ରସାର । ସହରାଞ୍ଚଳ ଶିଶୁମାନଙ୍କ ଠାରୁ ପ୍ରାରମ୍ଭ କରି ଗ୍ରାମାଞ୍ଚଳର ଶିଶୁମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ କିପରି ଉପଯୁକ୍ତ ଭାଷା, ଶିକ୍ଷା ଓ ଜ୍ଞାନ ପହଞ୍ଚିପାରିବ ସେଥିପାଇଁ ସମାଜ ଓ ସରକାର ସଚେତନ ହେବା ଉଚିତ । ପ୍ରତ୍ୟେକ ପରିବାର ନିଜ ନିଜ ଶିଶୁଙ୍କର ଜ୍ଞାନ ବୃଦ୍ଧି, ଚାଲିଚଳଣୀ ଓ ସୁବ୍ୟବହାର ପ୍ରତି ନଜର ଦେବା ସହ ସେମାନଙ୍କର ଜ୍ଞାନର ବିକାଶ କିପରି ସମ୍ଭବ ହେବ, ସେଥିପାଇଁ ତତ୍ପରତା ପ୍ରକାଶ କରିବା ଆବଶ୍ୟକ । ପିଲାମାନଙ୍କର ସାମାଜିକ ବ୍ୟବହାର ଉପରେ ଧ୍ୟାନ ଦେଇ ତାର ମନ ଭିତରର ଲାଜକୁଳା ଗୁଣକୁ ପ୍ରଥମତଃ ଦୂରେଇବା ପାଇଁ ଚେଷ୍ଟା କରନ୍ତୁ। ସେହିପରି ପିଲାମାନଙ୍କୁ ଅନ୍ୟମାନଙ୍କ ସହ କଥାବାର୍ତ୍ତା ହେବା ମିଳାମିଶା କରିବା ସର୍ବୋପରି ନିଜର ସମସ୍ୟା ଜଣାଇବା ଏହିପରି ଗୁଣକୁ ଶିଖାନ୍ତୁ। ମନେରଖନ୍ତୁ ପିଲାମାନଙ୍କୁ କେବେ ସେମାନଙ୍କର ଭାଇଭଉଣୀ ହୁଅନ୍ତୁ ବା ପଡ଼ୋଶୀ କିମ୍ବାର ସେମାନଙ୍କର କ୍ଲାସମେଟ କସ୍ମିନ କାଳେ ତୁଳନା କରନ୍ତୁ ନାହିଁ। ଏପରିକି ନିଜ ପିଲାଦିନର କୌଣସି ଘଟଣା କହି ପିଲାମାନଙ୍କ ଭିତରେ ତୁଳନାର ଚିତ୍ର ଦିଅନ୍ତୁ ନାହିଁ। ଏହା ଅପେକ୍ଷା ତାକୁ ବେଶ ସ୍ୱାଭାବିକ ଓ ଖୋଲା ହୃଦୟର ଶିଖାନ୍ତୁ। ବନ୍ଧୁ ତିଆରି କରିବା, ନିଜ ସୁଖଦୁଃଖ ବାଣ୍ଟିବା, ସମସ୍ତଙ୍କ ସହିତ ମିଳିମିଶି ସଦଭାବର ସହ ବଞ୍ଚିବା ଏହି କଳା ହିଁ ପିଲାଟିକୁ ଶିକ୍ଷା ଦିଅନ୍ତୁ। ପିଲାଟିର ବାପା-ମାଆ ସେମାନଙ୍କର ରୋଲ ମଡ଼େଲ ହୁଅନ୍ତୁ। ସବୁବେଳେ ପିଲାମାନଙ୍କ ସାମ୍ନାରେ ନିଜେ ବେଶ ଖୋଲା ଭାବେ ସମୟ ବିତାନ୍ତୁ। ପିଲାଟି ସାମାଜିକ ଭାବେ କାହା ସହିତ ନ ମିଶି ପାରୁଥିଲେ ତାକୁ ମନସ୍ତାତ୍ତ୍ୱିକ ଭାବେ ପ୍ରେରଣା ଦେଇ ତାର ସହପାଠୀ ବା ବନ୍ଧୁ ମାନଙ୍କ ସହ ମିଶିବାର ସୁଯୋଗ ସୃଷ୍ଟି କରନ୍ତୁ। ଅନେକ ବାପା-ମାଆ ନିଜେ ଚୁପ ଚାପ ସ୍ୱଭାବର ହୋଇଥିବାରୁ ପିଲାମାନେ ଜନ୍ମରୁ ପ୍ରାୟତଃ ସେହି ଗୁଣକୁ ଆଦରି ଥାଆନ୍ତି। ତେଣୁ ପିଲାମାନଙ୍କୁ ସମୟ ଦିଅନ୍ତୁ କେବଳ ମୋବାଇଲ, ପଇସା ବା ତାଙ୍କ ଆବଶ୍ୟକତା ଯୋଗାଇ ଦେଲେ ଆପଣ ପିଲାର କେବେ ହେଲେ ବନ୍ଧୁ ହୋଇପାରିବେ ନାହିଁ କାରଣ ଛୋଟ ପିଲାଟି ଭିତରେ ଅନେକ ପ୍ରଶ୍ନ, ଅନେକ ଘଟଣାର ଉତ୍ତର ସେ ଖୋଜିଥାଏ। ଏପରି କ୍ଷେତ୍ରରେ ସେ ଜଣେ ନିଶ୍ଚିନ୍ତ ଓ ସତ ପରାମର୍ଶ ପାଉଥିବା ବନ୍ଧୁଟି ଆବଶ୍ୟକ କରିଥାଏ ଯେଉଁ କାର୍ଯ୍ୟଟି ବା ତାର ପ୍ରଥମ ବନ୍ଧୁ ଭାବେ ତା ମାଆ ବାପା ରହିବେ। ଆଉ ଗୋଟିଏ ବଡ଼ କଥା ମନେରଖନ୍ତୁ, ଅନେକ ସମୟରେ ଶିଶୁ ଅବାଧ ହେଲେ ଆମେ ତାକୁ ବିଭିନ୍ନ ଭୟ ଦେଖାଇଥାଉ, ଏହାଫଳରେ ତା'ଉପରେ ମାନସିକ ଚାପ ପଡ଼ିଥାଏ । ଫଳରେ ଅନେକ ସମୟରେ ଶିଶୁ କୌଣସି କାର୍ଯ୍ୟ କରିବା ପୂର୍ବରୁ ନିଜର ସାହାସ ହରାଇ ବସେ । ସେହିପରି ପିଲା ଭୁଲ୍ କରି ବସିଲେ ଆମେ ତାକୁ ମାଡ଼ ଦେଉ ଓ ଆଉ ଭୁଲ୍ ନକରିବା ପାଇଁ ନିର୍ଦ୍ଦେଶ ଦେଉ । ତାଦ୍ୱାରା ପିଲା ଭୁଲ୍ କରେନି ସତ କିନ୍ତୁ ସେ ଆଉ ଠିକ୍ କରିବା ପାଇଁ ମଧ୍ୟ ଅଗ୍ରସର ହୁଏନାହିଁ ମନରେ ରହିଯାଏ ଭୟ ଆଶଙ୍କା । ଏପରି ନକରି ପିଲାକୁ ନିର୍ଦ୍ଦିଷ୍ଟ ବିଷୟ ଉପରେ ତନ୍ନ ତନ୍ନ କରି ବାରମ୍ବାର ବୁଝାଇବା ଦରକାର । ଶିଶୁର ମନ ଚଳଚଞ୍ଚଳ ସେ ଯାହା କରି ବସେ ତାହା ଭୁଲ କି ଠିକ୍ ସେ ଚିନ୍ତା କରିନଥାଏ । ଅନୁକରଣ ପ୍ରିୟ ହୋଇଥିବାରୁ ଯାହା ସମାଜରୁ ଗ୍ରହଣ କରେ ତାହା ନିଜପାରୁ ପର୍ଯ୍ୟନ୍ତ ସେ କରିବାକୁ ସକ୍ଷମ ହୋଇଥାଏ । ସମୟ ବଦଳୁଥିବାରୁ ପିଲାଙ୍କ ହାତରେ ମୋବାଇଲ ଫୋନ ରହୁଛି। ପିଲା ଦୁନିଆ ବିଷୟରେ ଅଧିକ ଅବଗତ ହେବାକୁ ଭଲ ପାଉଛନ୍ତି। ଭଲ ବିଷୟ ହେଉ ବା ମନ୍ଦ ବିଷୟ, ପିଲା ମୋବାଇଲରେ ଦେଖୁଛନ୍ତି। ଏହା ତାଙ୍କ ପାଠପଢ଼ା ଉପରେ ପ୍ରଭାବ ପକାଉଛି। ତେବେ ପିଲାର ଏଭଳି ବ୍ୟବହାରକୁ ନେଇ ଅଭିଭାବକ ହଠାତ୍ ବିରକ୍ତ ହୁଅନ୍ତୁନି। ପିଲା କାହିଁକି ଅଧିକ ଫୋନ ଦେଖୁଛି ଓ ଫୋନ ଦେଖିବା ଦ୍ୱାରା ତା ମଧ୍ୟରେ କ'ଣ ପରିବର୍ତ୍ତନ ଆସୁଛି ତାହାକୁ ଭଲଭାବେ ନଜର କରନ୍ତୁ। କିଛି ନା କିଛି କାରଣ ଜଣାପଡ଼ିବ। ଏହାପରେ ସେହି କାରଣ ବିଷୟରେ ପିଲା ସହିତ କଥା ହୁଅନ୍ତୁ। ତାକୁ ତାର ଭବିଷ୍ୟତ ବିଷୟରେ ବୁଝାନ୍ତୁ। ପିଲା ନିଶ୍ଚିନ୍ତ ବୁଝିବ। ବାପା-ମାଆ କରୁଥିବା ଚିନ୍ତାର ଅନ୍ତ ହେବ। ମାତ୍ର ହଠାତ୍ ରାଗିକି ଗାଳିମନ୍ଦ କଲେ ପିଲା ବାପା-ମାଆଙ୍କ ଠାରୁ ଦୂରେଇଯିବ। ତା କଥା କେହି ବୁଝୁନାହାନ୍ତି ବୋଲି ଭାବି କିଛି ଗୋଟେ ଭୁଲ କରିଦେବ। ପରିବେଶର ପ୍ରଭାବ ତା ଉପରେ ଚାପ ସ୍ୱରୂପ ଲଦି ହୋଇପଡ଼େ । ଆପଣ କେବେ ଭୁଲିଯାଆନ୍ତୁ ନାହିଁ ପିଲାଟି ହେଉଛି ଆପଣଙ୍କର ପ୍ରତୀକ। ଆପଣଙ୍କର ଶାରୀରିକ ଓ ମାନସିକ ପ୍ରତିଫଳନର ସେ ଚିତ୍ର। ତେଣୁ ପିଲାଟି ଦିନରୁ ହିଁ ତାକୁ ସତ୍ ଶିକ୍ଷା ଓ ସତ୍ ପରାମର୍ଶ ଦେବା ସହ ଉତ୍ତମ ଜୀବନ ଗଢ଼ିବା ନିଜ ପଡ଼ୋଶୀ, ସମାଜ ଓ ରାଷ୍ଟ୍ର ପାଇଁ ନିଜ ଉତ୍ତମ ସେବା ମନୋଭାବ ସୃଷ୍ଟି କରାଇବାର ପ୍ରାଥମିକ ଦାୟିତ୍ୱ ବାପା ମାଆଙ୍କର। ବାପାମାଆ ମାନେ ନିଜେ ଆଗେ ସଦଗୁଣର ଅନୁଶୀଳ କରି ପିଲାମାନଙ୍କୁ ସେହି ରାସ୍ତାରେ ଆଗେଇ ନେଲେ ପିଲାମାନେ ଉତ୍ତମ ବନ୍ଧୁ ପାଇପାରିବେ ଆଉ ଉତ୍ତମ ଜୀବନ ସେମାନଙ୍କ ଜୀବନ ଅଭିବୃଦ୍ଧି ବିକାଶର ଆଲୋକବର୍ତ୍ତିକା ସାଜିବ।

**ପ୍ରଫେସର ଓ ବିଭାଗୀୟ ମୁଖ୍ୟ,**
**ଶିଶୁରୋଗ ବିଭାଗ, ଫକୀରମୋହନ**
**ମେଡ଼ିକାଲ କଲେଜ, ବାଲେଶ୍ୱର,**
**୯୪୩୭୧୨୪୦୭୪,**

# ବିଶ୍ୱତ୍ରାଣ ସତ୍ୟସାଇ

**ଇଂ.ସଚ୍ଚିଦାନନ୍ଦ ନନ୍ଦ**

ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଚରଣ କମଳରେ ଯେତେ କୋଟି ପ୍ରଣାମ ଜ୍ଞାପନ କଲେ ବି ତାହା ଯଥେଷ୍ଟ ମନେ ହୁଏନାହିଁ, କାରଣ ତାଙ୍କ କୃପାକଟାକ୍ଷ ଲାଭ କରି କୋଟି କୋଟି ନିଃସନ୍ତାନ ସନ୍ତାନ ଲାଭ କରିଛନ୍ତି, କୋଟି କୋଟି ଅପୁତ୍ରିକ ପୁତ୍ର ଲାଭ କରିଛନ୍ତି, କୋଟି କୋଟି ବାସହୀନ ବାସସ୍ଥାନ ପାଇଛନ୍ତି, କୋଟି କୋଟି ସମସ୍ୟା ବହୁଳ ଜୀବନର ସହଜ ସମାଧାନ ହୋଇପାରିଛି, କୋଟି କୋଟି ଅଶ୍ରୁଆର୍ଦ୍ର ନୟନରୁ ଦୁଃଖ ଦୂର ହୋଇ ଆନନ୍ଦର ବନ୍ୟା ଦେଖାଦେଇଛି। ସବୁଠାରୁ ବଡ଼ କଥା ତାଙ୍କ ନିର୍ଦ୍ଧାରିତ ପଥ ଅବଲମ୍ବନ କରି କଷ୍ଟକର ଜୀବନ ଇଷ୍ଟନିଷ୍ଠ ଜୀବନରେ ପରିଣତ ହୋଇଛି। ନୈତିକତା ହୀନ ପରିବାର ଉଚ୍ଛନ୍ନ ହୋଇଯିବାକୁ ବସିଥିଲାବେଳେ ସାଇ ଶିକ୍ଷାର ଚମତ୍କାରିତା ସେ ପରିବାର ଗୁଡ଼ିକୁ ପୁର୍ନବାର ନୀତି ଓ ପ୍ରୀତି ପରିପୂର୍ଣ୍ଣ କରିଦେଇଛି। ସାଧାରଣ ଘର ଗୁଡ଼ିକ ମର୍ତ୍ତ୍ୟ ବୈକୁଣ୍ଠରେ ପରିଣତ ହୋଇପାରିଛି। ଏଭଳି ବ୍ୟକ୍ତିଗତ ଉପକାର ସଙ୍ଗେ ସଙ୍ଗେ ସାମାଜିକ, ପ୍ରାଦେଶିକ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଏପରିକି ଜାତିସଂଘ ମାଧ୍ୟମରେ ବି ସାଇ ତାଙ୍କ ଶିକ୍ଷାର ଚମତ୍କାରିତା ପ୍ରଦର୍ଶନ କରି ସମଗ୍ର ବିଶ୍ୱରେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା ପୂର୍ବକ ପୃଥିବୀର ଅଶେଷ ଉପକାର କରିପାରିଛନ୍ତି। ପ୍ରତି ପାଞ୍ଚ ବର୍ଷରେ ଥରେ ଲେଖାଏଁ ସାଇ ସେବା ସଂଗଠନର ବିଶ୍ୱ ସମ୍ମିଳନୀ ଆୟୋଜନ କରି ବିଶ୍ୱର ପାଖାପାଖି ୧୪୦ ଦେଶର ଭକ୍ତମାନଙ୍କୁ ନିଜ ଚିନ୍ତାଧାରା, ନିଜ ଆଧ୍ୟାତ୍ମିକ ପ୍ରଭାବ ତଥା ପ୍ରଭାବଶାଳୀ ବ୍ୟକ୍ତିତ୍ୱ ମାଧ୍ୟମରେ ରୂପାନ୍ତରିତ କରି ସେମାନଙ୍କ ବ୍ୟକ୍ତିଗତ ସାମୂହିକ ତଥା ପାରିବାରିକ ଉନ୍ନତି, ଆନ୍ତରିକ ଶାନ୍ତି ଓ ସଂହତି ବୃଦ୍ଧି କରିବା ସହିତ ଆଧ୍ୟାତ୍ମିକତାର ଅଭିବୃଦ୍ଧି ଘଟାଇ କୋଟି କୋଟି ଆତ୍ମାର ଉନ୍ମେଷ ବିଧାନ କରି ଯେଉଁ ପରମ ମଙ୍ଗଳ ସାଧି ପାରିଛନ୍ତି ସେଥିପାଇଁ ସେ ସମଗ୍ର ବିଶ୍ୱର ଚିର ସ୍ମରଣୀୟ, ଚିର ବନ୍ଦନୀୟ ତଥା ଚିର ପୂଜନୀୟ ହୋଇ ରହିଥିବେ। ଶିକ୍ଷାକ୍ଷେତ୍ରରେ ସଂସ୍କାର, ସେବା କ୍ଷେତ୍ରରେ ସଂସ୍କାର, ସାମାଜିକ ଉନ୍ନତି ଦିଗରେ ସଂସ୍କାର, ସାଧାରଣ ଲୋକଙ୍କର ସାଧାରଣ ଆବଶ୍ୟକତା ପୂରଣ କରିବା ପାଇଁ ସେ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ସମସ୍ତଙ୍କର ଅନୁକରଣୀୟ। କେବଳ କଥାରେ ଉପଦେଶ ନଦେଇ କାମରେ ଦେଖାଇ ଯେଉଁ ଉଦାହରଣ ଉପସ୍ଥାପନ କରିଦେଇଛନ୍ତି ତାହା କାଳ କାଳକୁ କେବଳ ଲୋକମାନଙ୍କୁ ନୁହେଁ ସରକାର ମାନଙ୍କୁ ମଧ୍ୟ ମାର୍ଗ ପ୍ରଦର୍ଶନ କରୁଥିବ। ଅଷ୍ଟମ ଶ୍ରେଣୀ ଯାଏ ପାଠ ତାହା ପୁଣି ଆନ୍ଧ୍ରପ୍ରଦେଶର ଉପାନ୍ତ ଅଞ୍ଚଳର ଅନ୍ଧାରୀମୂଳକର ଏକ ଅନାମଧେୟ ବିଦ୍ୟାଳୟରେ। ସେଭଳି ବ୍ୟକ୍ତିର କଥାରେ, ଭାଷଣରେ ଓ ଉପଦେଶରେ କି ଶକ୍ତି ଥିଲା ଯେ ତାହା ଦେଖୁ ଦେଖୁ ବିଶ୍ୱ ସାରା ପ୍ରସରି ଗଲା। ପୃଥିବୀର ସମସ୍ତ ଭାଷାରେ ଅନୁଦିତ ହୋଇଗଲା, ସବୁଠାରୁ ଆଶ୍ଚର୍ଯ୍ୟର କଥା ଦୃଷ୍ଟିଶକ୍ତି ବାଧିତ ମାନଙ୍କ ପାଇଁ ବ୍ରେଲ୍‌ରେ ମଧ୍ୟ ବହି ଛପା ହୋଇଗଲା। ସେ ଶକ୍ତି କଳନାର ବାହାରେ, ମଣିଷ ମସ୍ତିଷ୍କ ତାହାକୁ ଧାରଣ କରିପାରିବନାହିଁ ଏବେ ଭାବିଲେ ମଧ୍ୟ ମନ ହୃଦୟର ତନ୍ତ୍ରୀ କମ୍ପିଉଠେ ଯେ ଏତେ ବଡ଼ ଶକ୍ତି ଗୋଟିଏ ସାଧାରଣ ମାନବ ଶରୀର ଧରି ଧରାପୃଷ୍ଠରେ ଅବତରଣ କରିଥିଲା ଯାହାକୁ ଅବଲୋକନ, ଅନୁଧ୍ୟାନ ଯାହାର ସ୍ପର୍ଶନ ଓ ସମ୍ଭାଷଣ ପାଇବା ପାଇଁ ବିଶ୍ୱବାସୀ ମଧ୍ୟ ସେହି ସମୟ ଅବଧିରେ ଜନ୍ମଲାଭ କରି ତାଙ୍କ ଚର୍ମଚକ୍ଷୁକୁ ପବିତ୍ର କରିବା ସହ ନିଜ ନିଜର ସୌଭାଗ୍ୟର ବିସ୍ତାର ଓ ପ୍ରସାରକୁ ମାପ କରିବାକୁ ଅସମର୍ଥ ହୋଇଗଲେ। ଇତିମଧ୍ୟରେ ସତ୍ୟସାଇଙ୍କ ନିର୍ଦ୍ଦେଶିତ ମାର୍ଗରେ ଚାଲି ନିଜ ଜୀବନ ସହ ସାମାଜିକ ଜୀବନକୁ ସଜାଡ଼ିବାରେ ଲାଗିପଡ଼ିଛନ୍ତି ବିଶ୍ୱର କୋଟି କୋଟି ଆଶ୍ରିତ। ଏବଂ ଏହି କର୍ମ ମାଧ୍ୟମରେ ସାଇ ଶକ୍ତି ଭଳି ଏକ ଦିବ୍ୟ ଶକ୍ତିର ବଚନକୁ କର୍ମ ରୂପ ଦେଇ ଆତ୍ମ ଶାନ୍ତି ଲାଭ କରି ଜୀବନର ପରମ ଲକ୍ଷ୍ୟରେ ଉପନୀତ ହେବାପାଇଁ ସେମାନେ ଶତତ ଚେଷ୍ଟିତ। ଅଭାବୀ ଲୋକଙ୍କର ଅଭାବ ଦୂର କରିବା (ମାନସିକ ସ୍ତର, ଆର୍ଥିକ ସ୍ତର, ସାମାଜିକ ସ୍ତର)ର ଶିକ୍ଷାର ଆଲୋକ ପାଉନଥିବା ଅଞ୍ଚଳରେ ତାହା ଉପଲବ୍ଧ କରାଇବା, ସ୍ୱାସ୍ଥ୍ୟ ବ୍ୟବସ୍ଥା କରିବା, ଅସୁସ୍ଥତାରେ ଔଷଧ ଯୋଗାଇବା, ଶୁଶ୍ରୁଷା କରିବା, ଅନୁକମ୍ପା ଓ ଆଶ୍ୱାସନା ମାଧ୍ୟମରେ ମଣିଷର ଯେ ଉଧାର ସମ୍ଭବ ଏହା ମଧ୍ୟ କୋଟି କୋଟି ଲୋକ ଉପଲବ୍ଧି କଲେଣି। ସତ୍ୟସାଇଙ୍କ ପ୍ରଦତ୍ତ ବାଣୀ 'ମାନବ ସେବା ହିଁ ମାଧବ ସେବା'କୁ ଆଧାର କରି ସେବା କରୁ କରୁ ଦିନେ ମଣିଷ ଉପଲବ୍ଧି କରିବ ଯେ ମାନବ ହିଁ ମାଧବ, ମଣିଷ ହିଁ ଭଗବାନ। ସେ କେବଳ ଏତିକିରେ ଅଟକି ଯିବନାହିଁ ମଣିଷ ସହ ସୃଷ୍ଟିର ପ୍ରତ୍ୟେକ ଜୀବ ଠାରେ ଈଶ୍ୱର ସତ୍ତା ବିଦ୍ୟମାନ, ସେ କ୍ଷେତ୍ରରେ ଆମ କର୍ତ୍ତବ୍ୟ କ'ଣ ତାହା ମଧ୍ୟ ଅନୁଭୂତିରେ ଆସିଯିବ। ଏହି ଆଧ୍ୟାତ୍ମିକ ଜ୍ଞାନ ମଣିଷକୁ ମଣିଷ ଜନ୍ମର ଗୁରୁତ୍ୱ ଓ ଏ ଜନ୍ମର ସାର୍ଥକତା ବାବଦରେ ସଚେତନ କରିଦେବ। ଛୋଟିଆ ଛୋଟିଆ ସେବା କରୁ କରୁ ସ୍ୱର୍ଗ ଆସି ହାତପାହାନ୍ତାରେ ମିଳିଯିବ ଏହା ହିଁ ସତ୍ୟସାଇଙ୍କ ବାଣୀ ଓ ଉପଦେଶରେ ଅନ୍ତର୍ନିହିତ ତାତ୍ପର୍ଯ୍ୟ। ମଣିଷ ଜନ୍ମ ହୋଇପଡ଼ିଲା ମାତ୍ରେ ପରିବାର ପ୍ରତି ଋଣୀ ହୋଇପଡ଼େ। ବହୁ ଲୋକଙ୍କ ବହୁ ପ୍ରକାର ସେବା ଓ ସାହାଯ୍ୟ ଲାଭ କରି ବଢ଼େ, ନିଜ ପରିଚୟ ସୃଷ୍ଟି କରେ, ନିଜ ଗୋଡରେ ନିଜ ଦଣ୍ଡାୟମାନ ହୁଏ, ଜୀବନର ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ ସେ ସମସ୍ତଙ୍କ ଠାରୁ କିଛି ନା କିଛି ପ୍ରକାର ସାହାଯ୍ୟ ଓ ସେବା ପାଇଥାଏ। ସାଧାରଣ ନିୟମ ଅନୁସାରେ ସେ ଋଣମୁକ୍ତ ହେବା ପାଇଁ ସମାଜର ଓ ପରିବାରର ସେବା କରିବା ଉଚିତ। ଯଦି ଜଣେ ଆଧ୍ୟାତ୍ମିକ ପାରଦର୍ଶିତା ଆଶା କରୁଥାଏ ତାହାକୁ ଅଧିକରୁ ଅଧିକ, ଅଧିକ ପ୍ରେମର ସହିତ, ଅଧିକ ଆନନ୍ଦଦାୟକ, ଅଧିକ କାଳ ପାଇଁ ସ୍ଥାୟୀ ସେବା ପ୍ରଦାନ କରିବାକୁ ହୁଏ। ଅଳ୍ପରୁ ଆରମ୍ଭ କରି ଅଧିକରେ ପହଞ୍ଚିବା ସମ୍ଭବ। ଧୈର୍ଯ୍ୟ ଓ ପ୍ରାର୍ଥନା ଏଥିପାଇଁ ଆମକୁ ଶକ୍ତି ଓ ସାମର୍ଥ୍ୟ ଯୋଗାଇବ। ଭଗବାନ ବାବାଙ୍କର ଏହି ବାଣୀ ଉପରେ ଆସ୍ଥା ଓ ବିଶ୍ୱାସ ରଖି ଚରୈବେତି ଚରୈବେତି ନୀତିରେ ଅଗ୍ରସର ହେବା ବିଜ୍ଞତାର ପରିଚୟ ହେବ। ସର୍ବୋପରି ପ୍ରଭୁ କୃପା ଆମର ସହାୟ ହେଉ, ବାଟ କଢ଼ାଇ ନେଉ।

ଅଲିଶା ବଜାର, କଟକ, ଦୂରଭାଷ :
୯୩୩୭୨୪୨୯୫୫

# ଆଦିବାସୀ ମହିଳାଙ୍କ ଭୋଟ୍ ଉପରେ ବିଜେଡିର ନଜର



ନୂଆପଡା(ଅମୃତ ମିଡିଆ) : ପ୍ରଥମ ପର୍ଯ୍ୟାୟରେ ରହିଛି ନୂଆପଡା ବିଧାନସଭା ଆସନ। ମେ ୧୩ ରେ ହେବ ମତଦାନ। ଏଥର ମହାଲଢେଇରେ ଅଛନ୍ତି ୩ ଜଣ ପ୍ରାର୍ଥୀ। ପ୍ରଚାର ମଇଦାନରେ ସମସ୍ତେ କଷୁଛନ୍ତି ନିଜ ନିଜ ବଳ। କାହା ଭାଗ୍ୟରେ ଅଛି ନୂଆପଡା ସିଂହାସନ ! ଏଠାରେ ବିଜେଡି ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କୁ ପ୍ରାର୍ଥୀ କରିଥିବାବେଳେ ବିଜେପି ରେ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା ଙ୍କ ପୁଅ ଅଭିନନ୍ଦନ ପଣ୍ଡା ଙ୍କୁ ଟିକଟ ଦେଇଛନ୍ତି କଂଗ୍ରେସ-ରୁ ଖୋଦ ରାଜ୍ୟ ସଭାପତି ଶରତ ପଟନାୟକ ପ୍ରାର୍ଥୀ ହୋଇଛନ୍ତି । ଏମାନଙ୍କ ବ୍ୟତୀତ ଦୁଇ ରୁ ଜଣେ ରୁ ଦୁଇ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚ ଲଢୁଥିବାବେଳେ ବିଏସ୍‌ପି ମଧ୍ୟ ପ୍ରାର୍ଥୀ ଦେବ । ତେବେ ଏଠାରେ ଜୋରଦାର ଲଢ଼େଇ ହେବ ବିଜେଡି-କଂଗ୍ରେସ ବିଜେପି ଭିତରେ। ଗତ ଦୁଇବର୍ଷର ନିର୍ବାଚନ ଫଳାଫଳ କହୁଛି, ନୂଆପଡା ନିର୍ବାଚନ ମଣ୍ଡଳୀ ରେ ବିଜେଡି ଦବ୍‌ଦବା ରହିଛି। ହେଲେ ନୂଆପଡା ସମସ୍ତଙ୍କୁ ଶାସନ କ୍ଷମତା ଦେଇଛନ୍ତି। ୧୯୫୧ରେ ଏହି ଆସନରେ ପ୍ରଥମ ନିର୍ବାଚନ ମଣ୍ଡଳୀ ହୋଇଥିଲା। ପ୍ରଥମ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ କଂଗ୍ରେସ ଅନୁପ ସିଂ ଦେଓ । ଏହି ଆସନରେ ସର୍ବାଧିକ ସମୟ ରାଜ କରି ଆସିଛି ସ୍ୱର୍ଗତ ଭାସିରାମ ମାଝୀ ୬ଥର ନୂଆପଡା ବିଧାନସଭା ଆସନ ଦଖଲ କରିଆସିଥିଲେ । ପରେ ବିଜେଡି କଂଗ୍ରେସ ଓ ଭାରତୀୟ ଦଳ ମଧ କ୍ଷମତାରେ ରହିଛି। ୨୦୦୪ରେ ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ ଏହି ଆସନରୁ ଜିତିଥିଲେ। ଜିଲ୍ଲାରେ ଶେଷ ନିର୍ବାଚନ ଥିଲା ଜିଲ୍ଲା ପରିଷଦ ନିର୍ବାଚନ। ଏଥିରେ ବିଜେଡି ଭଲ ପ୍ରଦର୍ଶନ କରିଥିଲା।୧୪ ଜିଲ୍ଲା ପରିଷଦ ଆସନରୁ ୧୨ ଦଖଲ କରି ନେଇଥିଲା ଦୁଇ ସିଟରେ ବିଜେପି ଓ କଂଗ୍ରେସ ହାତ ରେ ଯାଇଥିଲା ୨୦୧୪ ସାଧାରଣ ନିର୍ବାଚନରେ ବସନ୍ତ କୁମାର ପଣ୍ଡା ଏହି ଆସନ ରୁ ଜିତିଥିଲେ ଦ୍ବିତୀୟ ରେ ବିଜେଡି ତୃତୀୟ ରେ କଂଗ୍ରେସ ପଛରେ ପଡିଥିଲା ବିଜେପି। ବିଜେଡିର ଗୋଟିଏ ପଟେ ବଢୁଥିବା ଜନସମର୍ଥନ ଏବଂ ବିଜେପି ମୋଦି ହାୱା ଦଳକୁ ଆଶାତୀତ ସଫଳତା ଦେବ ବୋଲି ସେ ବିଶ୍ୱାସ ରଖିଛନ୍ତି ନେତା ଅନ୍ୟପଟେ କଂଗ୍ରେସ ରୁ ଖୋଦ ପିସିସି ସଭାପତି ଶରତ ପଟନାୟକ ନିର୍ବାଚନ କୁ ମଜବୁତି ସହ ଲଢ଼ିବ ବୋଲି ଶରତ ପଟନାୟକ କହିଛନ୍ତି ଜିଲ୍ଲାରେ ଚର୍ଚ୍ଚାର ବସିୟ ଯେ ଏଥର ବିଜେଡି ଓ କଂଗ୍ରେସ ମଧ୍ୟରେ ଜୋରଦାର ଲେଢେଇ ହେବ ବୋଲି ରାଜନୀତି ମହଲରେ ଚର୍ଚ୍ଚା ହେଉଛି ଅନ୍ୟପଟେ ବିଜେପି ରେ ଗୋଷ୍ଠୀ କନ୍ଦଳ ବଢ଼ିବାରେ ଲାଗିଛି ଗୁରୁବାର ଦିନ ସାନ୍ଧ୍ୟ ରେ ବିଜେପି ର ଅସନ୍ତୋସ ଆଶାୟୀ ପ୍ରାର୍ଥୀ ପ୍ରସନ୍ନ କୁମାର ପାଢ଼ୀ ଓ ଯଦୁମଣି ପାଣିଗ୍ରାହୀ ନେତୃତ୍ୱ ରେ ବସ ଯୋଗେ କର୍ମୀଙ୍କୁ ମାନଙ୍କୁ ନେଇ ଶୁକ୍ରବାର ଦିନ ଭୁବନେଶ୍ୱର ସ୍ଥିତ ବିଜେପି କାର୍ଯ୍ୟାଳୟ ଠାରେ ଶକ୍ତି ପ୍ରଦର୍ଶନ କରିବେ ବୋଲି ଜଣାପଡ଼ିଛି ବିଜେପି କାର୍ଯ୍ୟାଳୟ ଠାରେ ଦଳୀୟ ନେତାଙ୍କୁ ଭେଟି ବିଧାୟକ ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା ବିରୋଧ କରାଯିବ। ତେବେ ଏଥର ନୂଆପଡା ଆସନରେ ଲଢୁଥିବା ତିନି ଦଳର ପ୍ରାର୍ଥୀ କେହି କାହାଠାରୁ କମ୍ ନାହାନ୍ତି। ଗତ ଗୋଟିଏ ନିର୍ବାଚନରେ ଯେହେତୁ ବିଜେଡି ଏହି ଆସନରୁ ଜିତି ଆସିଛି, ତେଣୁ ଏଥର ମଧ ବିଜୟ ତିଳକ ଭୋଟର ବିଜେଡି ମୁଣ୍ଡରେ ଲଗାଇବେ ବୋଲି ଆଶା ବାନ୍ଧିଛନ୍ତି ରାଜେନ୍ଦ୍ର ଢୋଲକିଆ । ତା ଛଡା ଜିଲ୍ଲା ପରିଷଦ ଆସନରେ ଜିତିବା ପୁଣିଥରେ ଏହି ଆସନକୁ ଆଖତିଆର କରିବା ପାଇଁ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମାରାଥନ ଭାବେ କର୍ମୀ ସମ୍ମିଳନୀ କରିବା ସହ ଜନ ସମ୍ପର୍କ ଆରମ୍ଭ କରିଛନ୍ତି, ବିଜେଡି ଦଳ ଏଥର ଧାରା





ବଜାୟ ରହିବ ବୋଲି ଦଳ ଆଶା ରଖିଛି ।ଅନ୍ୟପଟେ ପଛରେ ପଡି ନାହାନ୍ତି ବିଜେପି ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା । ବିଜେପି ନେତା କଳାହାଣ୍ଡି ସାଂସଦ ବସନ୍ତ କୁମାରପଣ୍ଡାଙ୍କ ପ୍ରଭାବ ରହିଛି। ଗତ ନିର୍ବାଚନ ରେ ଏହି ଆସନରୁ ଦୁଇ ଆଦିବାସୀ ନେତା ଘାସିରାମ ମାଝୀ ଓ ହୋମ ସିଂ ମାଝୀ ପ୍ରାର୍ଥୀ ହୋଇଥିଲେ। ଆଦିବାସୀ ମାନଙ୍କ ପ୍ରଭାବ ରହିଥିବା ବେଳେ ଚଳିତ ସାଧାରଣ ନିର୍ବାଚନ ରେ ଆଦିବାସିଙ୍କୁ କୌଣସି ଦଳ ତରଫରୁ ଟିକେଟ ମିଳିନଥିବା ବେଳେ ସାଧାରଣ ନିର୍ବାଚନ ରେ ଆଦିବାସୀ ଭୋଟ କାହା ସପକ୍ଷରେ ଯିବ ତାହା ଚର୍ଚ୍ଚା ହେଉଛି । ଶ୍ରୀ ଢୋଲକିଆ। କଂଗ୍ରେସଓ ବିଜେପି ଭୋଟ ଏବଂ ମହିଳା ଭୋଟ ଉପରେ ଆସ୍ଥା ରଖି ନିର୍ବାଚନ ଲଢ଼ିବ ବୋଲି ମଧ ଚର୍ଚ୍ଚା ହେଉଛି ।ଅନ୍ୟପଟେ ଜିଲ୍ଲା ଆଦିବାସି ସଙ୍ଘ ତିନି ପ୍ରମୁଖ ଦଳ ଟିକେଟ ନେଦେଇଥିବା ରୁ ଆଦିବାସି ସଙ୍ଘ ତରଫରୁ ଜଣେ କୁ ସ୍ୱାଧୀନ ପ୍ରାର୍ଥୀ କରି ନିର୍ବାଚନ ଲଢ଼ିବ ବୋଲି ସଂଘ ପ୍ରକଶ କରିଛି, ଅନ୍ୟ ଦୃଷ୍ଟିରୁ ଦେଖିଲେ, ବିଜେପି ପ୍ରାର୍ଥୀ ନୂଆ ହୋଇଥିବାବେଳେ କଂଗ୍ରେସ ର ପୂର୍ବତନ ଲୋକ ସଭା ସାଂସଦ ଶରତପଟନାୟକ ନୂଆପଡ଼ା ବଲାଙ୍ଗୀରରୁ ବିଜୟହାସଲ କରିଥିଲେ ହେଲେ ବିଜେଡି ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ର ପୂର୍ବ ଅଭିଜ୍ଞତା ରହିଛି। ସେ ପୂର୍ବରୁ ବିଧାୟକ ପ୍ରାର୍ଥୀ ଭାବେ ବିଧାନସଭା ନିର୍ବାଚନ ଲଢ଼ି ବିଜୟ ହାସଲ କରି ମନ୍ତ୍ରୀ ପଦ ଅଖତିଆର କରିଥିଲେ । ଶ୍ରୀ ଢୋଲକିଆ ସ୍ୱାଧୀନ ରୁ ଆସି ବିଜେଡିରେ ମିଶିବା ପରେ ଶ୍ରୀ ଢୋଲକିଆ ଆଦିବାସୀ ଭୋଟ ହାତେଇବାକୁ ଚେଷ୍ଟା କରୁଛନ୍ତି।

## ରୌଦ୍ରତାପ ପ୍ରତିରୋଧଜନିତ ପ୍ରଶାସନିକ ବୈଠକ

ଯାଜପୁର(ଅମୃତ ମିଡିଆ) : ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ରୌଦ୍ରତାପ ପ୍ରତିରୋଧ ଜନିତ ପ୍ରଶାସନିକ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକ ରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶୁଭେନ୍ଦ୍ର କୁମାର ସାମଲ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅଂଶୁମାନ ଶତପଥୀ, ଅତିରିକ୍ତ ଉପ ଜିଲ୍ଲାପାଳ ଶ୍ରୀମତୀ ମନୋରମ ଜାଲି ଯୋଗଦେଇ ରୌଦ୍ରତାପ କ୍ରମଶଃ ବଢୁ ଥିବାରୁ ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।ବି ଡି ଓ ମାନଙ୍କର ଗୁରୁଦାୟିତ୍ୱ ଥିବାରୁ ସେମାନେଙ୍କ ଅଧିନରେ ଥିବା ଅଞ୍ଚଳ ମାନଙ୍କରେ ଯେଭଳି କୌଣସି ସ୍ଥାନରେ ଜଳକ୍ଲିଷ୍ଟ ସମସ୍ୟା ଦେଖା ନ ଯିବ ସେଥି ପ୍ରତି ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ସାଧାରଣ ନିର୍ବାଚନ ଲୋକସଭା ଏବଂ ଓଡ଼ିଶା ବିଧାନ ସଭା ଏକ ସଙ୍ଗରେ ଅନୁଷ୍ଠିତ ହେଉ ଥିବାବେଳେ ଯାଜପୁର ଜିଲ୍ଲାରେ ଜୁନ ମାସ ୧ ତାରିଖରେ ସାଧାରଣ ନିର୍ବାଚନ ନିମନ୍ତେ ଭୋଟ




ଦାନ ଗ୍ରହଣ କରାଯିବ। ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ମତଦାନ କେନ୍ଦ୍ରରେ, ବୁଥରେ, ଅଙ୍ଗନୱାଡ଼ି କେନ୍ଦ୍ର ମାନଙ୍କରେ ପର୍ଯ୍ୟାପ୍ତ ପାନୀୟ ଜଳର ସୁବିଧା କରିବାକୁ ବି ଡି ଓ ମାନେ ପଦକ୍ଷେପ ନେବେ। ଯେଉଁଠି ପାଇପ ଲାଇନ ଜଳର ସୁବିଧା ଅଛି ସେଠାରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବ। ଯେଉଁଠି ପାଇପ ଲାଇନ୍ ବ୍ୟବସ୍ଥା ନାହିଁ ସେଠାରେ ବି ଡି ଓ ମାନେ ନଳକୂପ ଯୋଗେ ପାନୀୟ ଜଳ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।ସେହିପରି ପ୍ରତ୍ୟେକ ବୁଥରେ ରୌଦ୍ରତାପରୁ ସୁରକ୍ଷା ନିମନ୍ତେ ଚାନ୍ଦୁଆ ବାନ୍ଧିବା, ଅସ୍ଥାୟୀ ରହଣି ସ୍ଥଳି ନିର୍ମାଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଗାଈ ଗୋରୁ, ପଶୁ ପକ୍ଷୀ ମାନଙ୍କ ନିମନ୍ତେ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନେ ଜଳକୁଣ୍ଡ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୌଣସି ପରିସ୍ଥିତିରେ ଯେଭଳି କାଯୁଆଲ୍ଟୀ ନ ହୁଏ ସେଥି ପ୍ରତି ସଂପୃକ୍ତ ବିଭାଗୀୟ ଅଧିକାରୀ ମାନେ ତୀକ୍ଷ୍ଣ ଦୃଷ୍ଟି ରଖି ବାକୁ ଜିଲ୍ଲାପାଳ ତାଗିଦ କରିଥିଲେ। ପ୍ରତ୍ୟେକ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ,ବି ଡି ଓ, ତହସିଲ ଦାର ସମସ୍ତେ ନିଷ୍ଠାପର ଭାବେ ରୌଦ୍ରତାପ। ମୁକାବିଲା କରି ଜଳକ୍ଲିଷ୍ଟ ଦୂର କରିବା ଜନିତ ସେବା ପ୍ରଦାନ କରିବାକୁ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ।

## ଏଡ୍‌ସ ସଚେତନତା ଓ ସ୍ୱେଚ୍ଛାକୃତ ରକ୍ତଦାନ କାର୍ଯ୍ୟକ୍ରମ

କଳାହାଣ୍ଡି(ଅମୃତ ମିଡିଆ) : ଧର୍ମଗଡ଼ ବ୍ଲକ ବେହେରା ସ୍ଥିତ ଭାରତୀୟ ବିଦ୍ୟା ଶ୍ରୀନିକେତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ ତଥା ରେଡରିବନ୍ କ୍ଲବ୍ ଆନୁକୁଲ୍ୟରେ ଏଡସ୍ ସଚେତନତା ଓ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଏକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ଶ୍ରୀ ସୁରେନ୍ଦ୍ର ନାଏକ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ଲଖିରାମ ଅଗ୍ରୱାଲ ଉଚ୍ଚ ମାଧମିକ ବିଦ୍ୟାଳୟ ବେହେରା ର ଇଂରାଜି ଅଧାପକ ଶ୍ରୀଯୁକ୍ତ ଅକ୍ଷୟ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ସରକାରୀ ହୋମିଓପାଥି ଚିକିତ୍ସାଳୟର ଡାକ୍ତର ମଳୟ ତାଣ୍ଡି, ସମ୍ମାନିତ ଅତିଥି ଭାବରେ ମୂଷାପାଲି ଉଚ୍ଚ ଇଂରାଜି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୟାନିଧି ଘି,ବେହେରା ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟ ହିନ୍ଦୀ ଶିକ୍ଷକ ଚକ୍ରଧର ବାରିକ, ଯୁବ କବି ତଥା ଯୁବ ସଂଗଠକ ରଜତ ବଂଶଲ ପ୍ରମୁଖ ମଞ୍ଚାସୀନ ଥିଲେ । ଡାକ୍ତର ମଳୟ ତାଣ୍ଡି ସଞ୍ଜମ ପୂର୍ଣ୍ଣ ଜୀବନ ଶୈଳି ଦ୍ୱାରା ଏଡସ୍ କୁ



ରୋକାଯାଇପାରିବ ତଥା ରକ୍ତ ସଙ୍କଟକୁ ଦୂର କରିବା ପାଇଁ ରକ୍ତଦାନ କରିବା ପାଇଁ ଆଗେଇ ଆସିବା ସହ ଅନ୍ୟ ମାନଙ୍କୁ ମଧ ରକ୍ତଦାନ କରିବା ପାଇଁ ବୁଝାଇବା କୁ ଆଲୋକପାତ କରିଥିଲେ। ଯୁବ ରେଡକ୍ରସ୍ ପରାମର୍ଶ ଦାତା ଶାନ୍ତନୁ ବାଗ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧାପକ ରଞ୍ଜିତ ଆରେବେଡିଆ, ଭାଗ୍ୟବାନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜନୀତି ଅଧାପିକା ସରିତା ଭରତିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅଧାପିକା ସୁମନ ସିନ୍ଦୂର,ଲମ୍ବୋଦର ପାଲ, ଦେବେନ୍ଦ୍ର ରଣା, ରୀଙ୍କୁ ଖମାରୀ, ଦେବରାଜ ସନ୍ମାମି, ବସନ୍ତ ରଣା, ରିତେଶ ରଣା, ଭାସ୍କର ଗୋପାଳ ସମେତ ସମସ୍ତ ଯୁବ ରେଡକ୍ରସ ଓ ରେଡ୍ ରିବନ କ୍ଲବ୍‌ର ସ୍ୱେଚ୍ଛାସେବୀ ଛାତ୍ର ଛାତ୍ରୀ ପ୍ରମୁଖ ସହଯୋଗ କରିଥିଲେ।

## ଚଲନ୍ତା ଟ୍ରେନ୍‌ରୁ ଖସିପଡ଼ି ଶ୍ରମିକଙ୍କ କଟିଲା ଗୋଡ଼

ନୂଆପଡ଼ା(ଅମୃତ ମିଡିଆ) : ନୂଆପଡା ଜିଲ୍ଲା ଜୋଙ୍କ ଥାନା ଅନ୍ତର୍ଗତ ଖଲିଆ ପାଣି ଗାଁର ରଥୁ ବରିହା (୪୫)ନାମକ ଜଣେ ଶ୍ରମିକଙ୍କ ଚଲନ୍ତା ଟ୍ରେନରୁ ଖସି ପଡି ଗୋଡ଼ କଟି ଯାଇଥିବା ଜଣା ପଡିଛି । ଶ୍ରମିକ ଜଣକ ହରି ଶଙ୍କରରୁ ନୂଆପଡା ଅଭିମୁଖେ ଆସୁଥିବା ଟ୍ରେନରୁ ଖସି ପଡ଼ିଥିଲେ । ରଥୁ ନିଜ ସାଥୀଙ୍କ ସହ ମିଶି ହରିଶଙ୍କର ରୋଡ଼ରେ ରେଳ ବିଭାଗର ଜଣେ ଠିକାଦାରଙ୍କ ନିକଟରେ ନିୟୋଜିତ ହୋଇ କାମ କରୁଥିଲେ... ଗତ ରାତିରେ କିଛି ଟଙ୍କା ପାଇ ନିଜ ଘରକୁ ଫେରୁଥିଲେ । ଟ୍ରେନରେ ଚଢି ସେ କୁଆଡେ ଗେଟ ପାଖରେ ବସିଥିଲେ । ଟ୍ରେନ ଗଡିବାର କିଛି ଦୂର ଗଲା ପରେ ହଠାତ ଖସି ପଡ଼ିଥିଲେ । ଟ୍ରେନରେ ଗୋଡ଼ କଟି ଯାଇଥିଲା । ରାତି ପ୍ରାୟ ଦୁଇଟା ବେଳେ ରେଳ ବିଭାଗ ପୋଲିସ ଖବର ପାଇ ଉଦ୍ଧାର କରିଥିଲା । ପରିବାର ଲୋକଙ୍କୁ ଜଣାଇବା ସହ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସା ଳୟରେ ବର୍ତ୍ତୀ କରି ଚିକିତ୍ସା କରାଯାଉଛି । ଗରିବ ଶ୍ରମିକ ଶ୍ରେଣୀର ପରିବାର ହେତୁ ସରକାରଙ୍କୁ ତରଫରୁ ସହାୟତା ଯୋଗାଇବାକୁ ଦାବି ହୋଇଛି ।

## ବିଜେପି ପ୍ରାର୍ଥୀଙ୍କୁ ନେଇ ଦେଖାଦେଲା ଅସନ୍ତୋଷ ; କର୍ମୀଙ୍କ ବିରୋଧ

ନୂଆପଡ଼ା(ଅମୃତ ମିଡିଆ) : ନୂଆପଡ଼ା ବିଧାନାସଭାରେ ବିଜେପି ପକ୍ଷରୁ ଜଣେ ଯୁବ ଚେହେରା ଅଭିନନ୍ଦନ ପଣ୍ଡାକୁ ପ୍ରାର୍ଥୀ କରିଥିବା ବେଳେ ବିଜେପି ନେତା ଓ କର୍ମୀ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି ଗତକାଲି ନୂଆପଡ଼ା ଘାଟିପଡ଼ା ଶ୍ରୀସାଇ କଲେଜ ପରିସରରେ ଏକ ବୈଠକ କରି ବିଜେପି କାର୍ଯ୍ୟକାରେଣୀ ସଦସ୍ୟ ପ୍ରସନ୍ନ ପାଢ଼ୀ ଓ ଯଦୁମଣି ପାଣିଗ୍ରାହୀ ସହ ନୂଆପଡ଼ା ବିଧାନାସଭର ୭ଟି ମଣ୍ଡଳ ସଭାପତି ସହ ବହୁ ବିଜେପି କର୍ମୀ ମାନେ ଏକତ୍ର ହୋଇ ବିଜେପି ପ୍ରାର୍ଥୀ ଅଭିନନ୍ଦନ ପଣ୍ଡାକୁ ବିରୋଧ କରିଥିଲେ। ବିଜେପି ଦଳରେ ବରିଷ୍ଠ ନେତା ଦଳ ପାଇଁ ବର୍ଷବର୍ଷ ଧରି କାମ କରି ଦଳର ସଂଗଠନ କରୁ ମଜଭୂତ କରିଛନ୍ତି। ଚଳିତ ନିର୍ବାଚନରେ ବିଜେପି ପକ୍ଷରୁ ଅଶାୟୀ ଦୌଡ଼ରେ ବରିଷ୍ଠ ନେତା ଯଦୁମାଣୀ ପାଣିଗ୍ରାହୀ, ପ୍ରସନ୍ନ ପାଢ଼ୀ, ହୋମସିଂ ମାଝୀ ଆଗରେ ରହିଥିଲେ। ହେଲେ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡାକୁ ଲୋକସଭା ଟିକଟ ମିଳିନଥିବାରୁ ବିଜେପି ଦଳର ରାଜ୍ୟ ନେତା ମାନେ ବସନ୍ତ ପଣ୍ଡାକୁ ନୂଆପଡ଼ା ବିଧାନାସଭାରେ ସୁଯୋଗ ଦିଆଯିବ ବୋଲି କହିଥିଲେ। ଯଦି ବସନ୍ତ ପଣ୍ଡାକୁ ନୂଆପଡ଼ା ବିଧାନାସଭରେ ପ୍ରାର୍ଥୀ ହୋଇଥିଲେ ବିଜେପିର ସମସ୍ତ ନେତା ଓ କର୍ମୀ ସହଯୋଗ କରିଥାଆନ୍ତୁ। ହେଲେ ନିଜ ବଡ଼ପୁଆ ଦଳ ପ୍ରାର୍ଥୀ କରିବାରୁ ଆମକୁ ଚକିତି କରିଛି। ଦଳରେ ବରିଷ୍ଠ ନେତା ମାନେ ଦୌଡ଼ରେ ଥିବା ବେଲେ ଜଣେ ଯୁବ ଚେହେରାକୁ ଦେବା ବିଜେପି ନେତା ଓ କର୍ମୀ ମାନଙ୍କୁ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଗତାଳକି ବୈଠକରେ ନିଷ୍ପତି ଅନୁଯାଇ ଆଜି ବିଜେପିରୁ ବରିଷ୍ଠ ନେତା, ମଣ୍ଡଳ ସଭାପତି ଓ କର୍ମୀ ମାନେ ଭୁବନେଶ୍ୱର ଅଭିମୁଖୀ ଯାଇଛନ୍ତି ଆସନ୍ତା କାଲି ତଥା ୫ ତାରିଖ ଦିନ ଭୁବନେଶ୍ୱର ଠାରେ ବିଜେପି ରାଜ୍ୟ ସଭାପତି ସହ ବରିଷ୍ଠ ନେତା ମାନଙ୍କୁ ଭେଟି ନୂଆପଡ଼ା ବିଧାନସଭାରେ ଆରମ୍ଭ ହୋଇଥିବା ଅସନ୍ତାଷ ଉପରେ ଆଲୋଚନା କରାଯିବ ବୋଲି ଜଣାପଡିଛି।

### ଫୁଲବାଣୀ ବିଧାନସଭା ପ୍ରାର୍ଥୀ ଭାବରେ

## ବିଜେଡି ପକ୍ଷରୁ ଜୟଶ୍ରୀ କହଁରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା


ଫୁଲବାଣୀ(ଅମୃତ ମିଡିଆ) : କନ୍ଧମାଳ ଜିଲ୍ଲା ଫୁଲବାଣୀ ବିଧାନ ସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଧାୟକ ପ୍ରାର୍ଥୀ ଭାବରେ ବିଜେଡି ଦଳ ତରଫରୁ ଜୟଶ୍ରୀ କହଁର ଙ୍କୁ ବିଜୁ ଜନତା ଦଳ ଦଳୀୟ ଟିକେଟ ମିଳିଥିବାରୁ କନ୍ଧମାଳ ବିଜୁ ଜନତା ଦଳ ତରଫରୁ କର୍ମକର୍ତ୍ତା ଓ କର୍ମୀ ମାନଙ୍କ ମନରେ ଉତ୍ସାହ ଦେଖା ଦେଇଥିବା ବେଳେ ଫୁଲବାଣୀ ସହର ସ୍ଥିତ ବିଜୁ ପଟ୍ଟନାୟକ ଛକରେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ବିଜୁ ଜନତା ଦଳ ଫୁଲବାଣୀ ବିଧାୟକ ପ୍ରାର୍ଥୀନୀ ଶ୍ରୀମତୀ କହଁର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଫୁଲବାଣୀ ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ବିଜେଡି ମହିଳା ପ୍ରାର୍ଥୀ ଭାବରେ ଜଣେ ଅଞ୍ଚଳର ଟାଣୁଆ ନେତ୍ରୀ ତଥା ସଙ୍ଗଠିକା ଭାବରେ ଜଣା ଶୁଣା ନେତ୍ରୀ ଜୟଶ୍ରୀ କହଁର ଙ୍କୁ ଦଳ ଟିକେଟ ଦେଇଥିବା ରୁ ବିଶେଷ ଭାବେ ମହିଳା ମାନେ ଏବଂ ଦଳୀୟ କର୍ମୀ କର୍ମକର୍ତ୍ତା ମାନଙ୍କ ମନରେ ଏକ ପ୍ରକାର ଭିନ୍ନ ଉତ୍ସାହ ଦେଖିବା କୁ ମିଳିଛି କ୍ଷ ବିଧାୟକ ପ୍ରାର୍ଥୀନୀ ଶ୍ରୀମତୀ ଜୟଶ୍ରୀ କହଁର ନବୀନ ପଟ୍ଟନାୟକ ଓ ଫାଇଭ ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ତାଙ୍କ ଉପରେ ଆଶା ପ୍ରକଟ କରି ଟିକେଟ



ଦେଇଥିବା ରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।ଏବଂ ବିଜୁ ଜନତା ଦଳ ନବୀନ ସରକାର ଙ୍କର ୨୫ ବର୍ଷରେ ଲୋକ ମାନଙ୍କ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଲୋକ ମାନଙ୍କ ପାଇଁ ଯେଉଁ ବିକାଶ ର ଧାରା ଜାରି ରଖିଛନ୍ତି ସେଥିପାଇଁ ତାଙ୍କର ବିଜୟ ସୁନିଶ୍ଚିତ। ଲୋକ ମାନଙ୍କ ର ଏବଂ ଦଳର କର୍ମକର୍ତ୍ତା କର୍ମୀ ଭାଇ ଭଉଣୀ ମାନଙ୍କର ତାଙ୍କ ଉପରେ ଅଗାଢ଼ ଆନ୍ତରିକ ସ୍ନେହ ରହିଛି, ଭଲ ପାଇବା ଦେଇ ଆସୁଛନ୍ତି ତେଣୁ ବିଜୟ କରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରି ଗଣମାଧ୍ୟମ କୁ ସୂଚନା ଦେଇଥିଲେ। ପୂର୍ବରୁ ବିଧାୟକ ପ୍ରାର୍ଥୀନୀ ଶ୍ରୀମତୀ କହଁର ୨୦୦୭ ମସିହାରୁ ୨୦୧୨ ମସିହା ପର୍ଯ୍ୟନ୍ତ ଫିରିଙ୍ଗିଆ ପଞ୍ଚାୟତ ସମିତିର ସମିତି ଅଧକ୍ଷା ଭାବରେ ଦାଇତ୍ୱ ତୁଲାଇଥିବା ବେଳେ ବର୍ତ୍ତମାନ ସେ ଫୁଲବାଣୀ ନିର୍ବାଚନ ମଣ୍ଡଳୀ ଜୋନ ନଂ ୧୩ର ଜିଲ୍ଲା ପରିଷଦ ସଭ୍ୟା ଭାବରେ ଦାଇତ୍ୱ ତୁଲାଉଛନ୍ତି କ୍ଷ ତେବେ ଦଳ ଦୀର୍ଘ ଦିନ ପରେ ଜଣେ ମହିଳା ଙ୍କୁ ପ୍ରାର୍ଥୀ କରିବା ନେଇ ବିଶେଷ କରି ନିର୍ବାଚନ ମଣ୍ଡଳୀ ର ସମସ୍ତ କର୍ମୀ ଓ ନେତା ମାନଙ୍କ ମଧ୍ୟରେ ଉତ୍ସାହ ଦେଖା ଦେଇଛି କ୍ଷ ବିଧାୟକ ପାର୍ଥିନୀ ଜୟଶ୍ରୀ କହଁର ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କାର୍ଯ୍ୟକ୍ରମ ବେଳେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଶିବ ପ୍ରସାଦ ତ୍ରିପାଠୀ, ରାଜ୍ୟ ମହିଳା ମୋର୍ଚ୍ଚା ବିଜେଡି ସମ୍ପାଦିକା ପୁନମ କହଁର, ରାଜ୍ୟ ସମ୍ପାଦକ ସୋରଜ କର୍ଣ୍ଣ,ଛାତ୍ର ବିଜେଡ଼ି କନ୍ଧମାଳ ଜିଲ୍ଲା ସଭାପତି ସୁନିଲ ସେଠୀ,ଫୁଲବାଣୀ ପୌର ପରିଷଦ ଉପାଧ୍ୟକ୍ଷା ପାୟଲ ବେହେରା, ଯୁବ ବିଜେଡି ଉପ ସଭାପତି ପାର୍ଥ ସାରଥୀ ବିଶ୍ୱାଳ ସମ୍ପାଦକ ଦାରୁଣ ବେହେରା, ନଗର ବିଜେଡି ସଭାପତି ବିମଳ ପାଢ଼ୀ, ଫିରିଙ୍ଗିଆ ବ୍ଲକ ସଭାପତି ରଜନୀ କାନ୍ତ ମଲ୍ଲିକ, ଜିଲ୍ଲା ସମ୍ପାଦକ କମଳ ବେହେରା, ବିକ୍ରମ ବେହେରା, ନଗର ଉପ ସଭାପତି ରବିନ୍ଦ୍ର ଷଡଙ୍ଗୀ, ଜିଲ୍ଲା ବିଜେଡି ଛାତ୍ର ଉପ ସଭାପତି ବିଷ୍ଣୁ ଚରଣ ବେହେରା, ନଗର ସଭାନେତ୍ରୀ ଲଳିତା ମୁନି, ଖଜୁରୀ ପଡା ବ୍ଲକ ଯୁବ ବିଜେଡ଼ି ସମ୍ପାଦକ କାର୍ତ୍ତିକ ସାହାଣୀ,ଜିଲ୍ଲା ଯୁବ ବିଜେଡ଼ି ଉପ ସଭାପତି ଜୟ ବେହେରା, ଫୁଲବାଣୀ ପୋ ?ର ପରିଷଦ କାଉନସିଲର ସ୍ନେହଲତା ପ୍ରଧାନ, ଟୁନି ସେଠୀ, ମାଧବୀ ମିଶ୍ର, ଶ୍ରୀବଛ ବେହେରା, ଯୁବ ନେତୃତ୍ୱ କେଦାର ପାତ୍ର, ଅନ୍ତର୍ଯ୍ୟାମୀ ବେହେରା,ସହ ଶତାଧିକ ପୁରୁଷ ମହିଳା କର୍ମୀ ଉପସ୍ଥିତ ଥିଲେ।

## ଜଳୁଛି ନୂଆପଡ଼ା: ଜିଲ୍ଲା ଜୀବନ ଅସ୍ତବ୍ୟସ୍ତ

ନୂଆପଡ଼ା(ଅମୃତ ମିଡିଆ) : ନୂଆପଡ଼ା ଜିଲ୍ଲାରେ ଗତ କିଛି ଦିନ ହେଲେ ଜିଲ୍ଲାରେ ତାପମାତ୍ରାରେ ଲଗାତାର ବୃଦ୍ଧି ହୋଇଥିବା ହେଉଥିବା ଦେଖିବାକୁ ମିଳିଛି। ନୂଆପଡ଼ା ଜିଲ୍ଲାରେ ଆଜି ୪୦.୪ ଡିଗ୍ରି ତାପମାତ୍ର ରହିଛି। ଯାହାଫଳରେ ଲୋକଙ୍କ ଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ବୁଧବାର ଦିନ ୩୭ ଡିଗ୍ରି ଥିବା ବେଳେ ଗୁରୁବାର ଦିନ ହଠାତ ୪୦.୪ ଡିଗ୍ରି ତାପମାତ୍ରା ବଢ଼ିବାଛି। ପ୍ରବଳ ଖରା ଯୋଗୁ ଦିନବେଲ ରାସ୍ତାଘାଟ ଶୁନଶାନା ହେବା ?ସହ ଜିଲ୍ଲାବାସୀ ପ୍ରବଳ ଖବା ହେତୁ ସକାଳ ୧୦ ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଲୋକେ ବାହାରକୁ ବାହାରିବା ପାଇଁ ଲୋକେ ଅଶୁଘାତ ପାଇଁ ଭୟରେ କରୁଛନ୍ତି। ନୂଆପଡ଼ା ଜିଲ୍ଲା ପ୍ରଶାସନ ପକ୍ଷାରୁ ଗ୍ରୀଷ୍ମକୁ ଦୃଷ୍ଟିରେ ରଖି କୌଣସି ଆଖିଦୃଶ୍ୟ ପଦକ୍ଷେପ ନିଆଯାଇ ନଥିବା ଦେଖିବାକୁ ମିଳିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପର୍ତ୍ତମାନ ସୁଦ୍ଧା ୫ଟି ବ୍ଲକରେ ଜଳଛତ୍ର ଲୋକ ଦେଖାଣି ଖୋଲା ଯାଇଛି। ହେଲେ ନୂଆପଡ଼ା ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ପାନୀୟ ଜଳ ପାଇଁ ଡ଼ହକବିକଳ ହେଉଥିବା ଦେଖିବାକ ମିଳିଛି। ପ୍ରକାଶ ରେ ଆସନ୍ତା କାଳି ନୂଆପଡ଼ା ଜିଲ୍ଲାକୁ ତାପମାତ୍ର ବୃଦ୍ଧିକୁ ଦେଖି ୫ ତାରିଖ ଦିନ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣି ଜାରି କରାଯାଇଛି ବୋଲି ଭୁବନେଶ୍ୱର ପାଣିପାଗ ବିଭାଗ ରୁ ସୂଚନା ମିଳିଛି। ତାପପାତ୍ର ବୃଦ୍ଧିକୁ ନେଇ ଜିଲ୍ଲାପାଳ ଜିଲ୍ଲାର ୫ଟି ବ୍ଲକର ବିଡିଓ ଓ ତହସିଲଦାର ମାନଙ୍କୁ ସଜାଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।



# ଧ୍ରୁବ, ଅଂଶୁମାନଙ୍କ ବାଇକ୍ ଶୋଭାଯାତ୍ରା



**ରାଜନଗର (ଅମୃତ ମିଡିଆ):** ରାଜନଗର ବ୍ଲକରେ ବିଜୁ ଜନତା ଦଳ ପକ୍ଷରୁ ପ୍ରଥମ ଥର ପାଇଁ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ମିଳିତ ଭାବେ ବିଶାଳ ବାଇକ୍ ଶୋଭାଯାତ୍ରା କରିବା ସହ ବିଭିନ୍ନ ମନ୍ଦିରରେ ଠାକୁରଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି । ଅପରାହ୍ନ ପ୍ରାୟ ୪ଟା ୩୦ ମିନିଟ୍ ପରେ ପଟ୍ଟାମୁଣ୍ଡାଇରୁ ବାଇକ୍ ଶୋଭାଯାତ୍ରାରେ ଆସି ମଦନପୁର ଯୁକେ ମହାବୀର ମହାବିଦ୍ୟାଳୟ ନିକଟରେ ପହଂଚିଥିଲେ । ସେଠାରେ କର୍ମୀମାନେ ସ୍ୱାଗତ କରିବା ପରେ ପ୍ରସିଦ୍ଧ ଶୈବପୀଠ ଗୋସିଗାଁର ଗର୍ତ୍ତେଶ୍ୱରଙ୍କ ପୀଠକୁ ଆସିଥିଲେ । ସେଠାରୁ ଉଭୟେ ପ୍ରଭୁ ଗର୍ତ୍ତେଶ୍ୱରଙ୍କ ଆଶୀର୍ବାଦ ନେବା ପରେ ଗର୍ଜନପୁର ଦେଇ ତ୍ରିନାଥ ବଜାର ନିକଟରେ ଥିବା ବିଜୁ ପଟ୍ଟନାୟକ ପ୍ରମୋଦ ଉଦ୍ୟାନରେ ପହଂଚିଥିଲେ । ସେଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ନିକଟରେ ଥିବା ବିଜେଡି କାର୍ଯ୍ୟାଳୟ ପରିସରରେ ଥିବା ସ୍ୱର୍ଗତ ନଳିନୀକାନ୍ତ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ସେଠାରୁ ଶୋଭାଯାତ୍ରା କେରଡାଗଡ ଅଭିମୁଖେ ଯାଇଥିଲା । କେରଡାଗଡର ପ୍ରସିଦ୍ଧ ପ୍ରଭୁ ଜଗନ୍ନାଥଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ କିଛି ଦୂରରେ ଥିବା ଶ୍ରୀମଦ ବାୟାବାବାଙ୍କ ଜନ୍ମପୀଠ ଆଶ୍ରମରେ ପହଞ୍ଚି ବାୟାବାବାଙ୍କ ଦର୍ଶନ କରି ଆଶୀର୍ବାଦ କାମନା କରିଥିଲେ । ସେଠାରୁ ଶୋଭାଯାତ୍ରା ହଂସୁଆ ସେତୁ ଦେଇ ରାଜନଗର ବଜାର ପରିକ୍ରମା କରି ଦଧିବାମନ ମନ୍ଦିର ନିକଟକୁ ଯାଇଥିଲା । ସେଠାରେ ସନ୍ଧ୍ୟା ଆଳତୀ କରିବା ପରେ ମା ଜୟଦୂର୍ଗାଙ୍କ ମନ୍ଦିରକୁ ଆସିଥିଲେ । ମାଙ୍କ ଆଶୀର୍ବାଦ କାମନା ପରେ ଉଭୟେ ମଞ୍ଚ ଉପରକୁ ଯାଇ ହାତ ମିଳାଇ ନବୀନ ପଟ୍ଟନାୟକ ରାଜନଗରର ବିକାଶ ପାଇଁ ଆମ ଉଭୟଙ୍କୁ ଯେଉଁ ଦାୟିତ୍ୱ ଦେଇଛନ୍ତି, ତାକୁ ଆମେ ନିଷ୍ଠାର ସହିତ ପାଳନ କରିବୁ ବୋଲି ଅଂଶୁମାନ କହିଥିଲେ । ମୋର ସ୍ୱର୍ଗତ ପିତା ନଳିନୀକାନ୍ତ ମହାନ୍ତିଙ୍କର ରାଜନଗର ଜନ୍ମଭୂମି ଓ କର୍ମଭୂମି ଥିଲା । ପ୍ରଥମ ଥର ପାଇଁ ରାଜନଗର-ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣେ ପୁଅ ସାଂସଦ ପ୍ରାର୍ଥୀ ହୋଇଛି । ଆପଣଙ୍କର ଗେହ୍ଲାପୁଅ ଅଂଶୁମାନ ସାଂସଦ ପ୍ରାର୍ଥୀ ଭାବରେ ଏ ଅଞ୍ଚଳର ବିକାଶ ପାଇଁ ଦୃଢ ପ୍ରତିଶ୍ରୁତିବଦ୍ଧ । ଆପଣମାନଙ୍କ ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ କାମନା କରୁଛି ବୋଲି କହିଥିଲେ ।

ପ୍ରଥମେ ଧୃବ ନିଜ ବକ୍ତବ୍ୟରେ ରାଜନଗର ବିଜୁବାବୁଙ୍କ କର୍ମଭୂମି ଭାବେ ପରିଚିତ । ବିଜୁବାବୁଙ୍କ ସ୍ୱପ୍ନର ରାଜନଗରର ବିକାଶ ପାଇଁ ଆମ ଉଭୟଙ୍କୁ ନବୀନ ପଟ୍ଟନାୟକ ଦାୟିତ୍ୱ ଦେଇଛନ୍ତି । ଆମେ ଦୁଇଭାଇ ମିଳିତ ଭାବେ ରାଜନଗରର ବିକାଶ ପାଇଁ ଆମ ନେତା ଯେଉଁ ଦାୟିତ୍ୱ ଦେଇଛନ୍ତି ଆପଣମାନଙ୍କ ସହଯୋଗରେ ତାକୁ ପୂରା କରିବାକୁ ଚେଷ୍ଟା କରିବୁ । ମୋର ସାନଭାଇ ଅଂଶୁମାନ ସ୍ୱର୍ଗତ ନଳିନୀକାନ୍ତ ମହାନ୍ତିଙ୍କ ପୁଅ । ସେ ଆଜି ନିଜ ପରିବାର (ବିଜୁ ପରିବାର)କୁ ଫେରି ଆସିଛନ୍ତି । ସ୍ୱର୍ଗତ ମହାନ୍ତିଙ୍କ ସହିତ ମୁଁ ରାଜନୀତି ଆରମ୍ଭ କରିଥିଲି । ଆଜି ତାଙ୍କ ପୁଅ ସହିତ ମିଳିତ ଭାବେ ବିକାଶ କରିବା ପାଇଁ ପ୍ରତିଜ୍ଞା କରୁଛି ବୋଲି କହିଥିଲେ । ଅଂଶୁମାନ ରାଜନଗରରୁ ଲକ୍ଷେରୁ ଅଧିକ ଭୋଟ ପାଇବେ ଓ ଲୋକସଭା କ୍ଷେତ୍ରରୁ ୩ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟରେ ଜିତିବେ ବୋଲି କହିଥିଲେ । ଏହି କାର୍ଯ୍ୟାକ୍ରମରେ ପଟ୍ଟାମୁଣ୍ଡାଇ ଓ ରାଜନଗରର ସମସ୍ତ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ସାମିଲ ହୋଇଥିଲେ ।



# ଯୁବ ଗବେଷକ ମନୀଷ ମହାନ୍ତ; କରଞ୍ଜିଆରୁ ଭର୍ଜିନିଆ ଯାତ୍ରା



**କରଞ୍ଜିଆ (ଅମୃତ ମିଡିଆ):** କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଭୋଲପଡ଼ା ଗାଁର ମନୀଷ କୁମାର ମହାନ୍ତ । ମନୀଷ ଏବେ ରାଜ୍ୟ ପାଇଁ ଅନ୍ତର୍ଜାତୀୟ ସ୍ତରରେ ଗୌରବ ଆଣିଛନ୍ତି । ଜଣେ ଯୁବ ଗବେଷକ ଭାବେ କରଞ୍ଜିଆରୁ ତାଙ୍କ ଭର୍ଜିନିଆ ଯାତ୍ରା ଅନ୍ୟମାନଙ୍କୁ କାହାଣୀ ଭଳି ଲାଗୁଥିଲେ ହେଁ ମନୀଷଙ୍କ ପ୍ରଚେଷ୍ଟା ଓ ଅଧ୍ୟବସାୟ ତାଙ୍କୁ ଏଭଳି ସଫଳତା ଦେଇଛି । କେନ୍ଦୁଝରର ସାହାରାପଡା ତାଙ୍କ ମୂଳ ଘର । ପିତା କମଳାକାନ୍ତ ମହାନ୍ତ ଓ ମା' ଦୁର୍ମିଳାମଣି ମହାନ୍ତଙ୍କ ଏକମାତ୍ର ପୁଅ ମନୀଷ । ଉଭୟ ବାପା-ମା' ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀ । ଏବେ ପିତା-ମାତା ମୟୂରଭଞ୍ଜ ଜିଲା ପାଞ୍ଚପୀଢ ଉପଖଣ୍ଡର ସଦର ମହକୁମା କରଞ୍ଜିଆରେ ରହୁଛନ୍ତି । କରଞ୍ଜିଆ ଖଜୁରୀସାଗର ହାଇସ୍କୁଲରୁ ମାଟ୍ରିକ, ଭୁବନେଶ୍ୱର ରୟାଲ କଲେଜରୁ ଯୁକ୍ତ ଦୁଇ ବିଜ୍ଞାନ ଓ ବିଜେବି କଲେଜରୁ ଯୁକ୍ତ ୩ ବିଜ୍ଞାନ ଡିଗ୍ରୀ ଆଦି ସବୁଥିରେ ସେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ପରେ ଧାନବାଦରେ ସ୍ନାତକୋତ୍ତର ଏବଂ ସିଏସ୍‌ଆଇଆର ଓ ଜେଆରଏଫ୍ ପାଇ ୨୦୨୨ ମସିହାରେ ପଞ୍ଜାବର ମୋହାଲିସ୍ଥିତ 'ଆଇଜର'ରୁ ପିଏଚ୍‌ଡି ଲାଭ କରିଥିଲେ । ଚାକିରୀ ପ୍ରତି ଆଗ୍ରହ ନରଖି ଉଚ୍ଚତର ଗବେଷଣା ପାଇଁ ସେ ମୋହାଲିରେ 'ନାନୋ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି' ଅଧ୍ୟୟନ କାଳରେ କର୍ଣ୍ଣାଟକ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଏବଂ ଇଲେକ୍ଟ୍ରୋନିକ୍ସ, ଆଇଟି, ବିଟି ଏବଂ ଏସ୍‌ଆଣ୍ଡଟି ମନ୍ତ୍ରଣାଳୟ ପକ୍ଷରୁ ତାଙ୍କୁ ବେଙ୍ଗାଲୁରୁ ଇଣ୍ଡିଆ ନାନୋ ଛାତ୍ରବୃତ୍ତି ମିଳିଥିଲା । ପରେ ଆମେରିକାନ୍ ଫିଜିକାଲ ସୋସାଇଟିର ମ୍ୟାଟେରିଆଲ ଫିଜିକ୍ସ ବିଭାଗରୁ ପ୍ରକାଶିତ ବିଶ୍ୱର ଶ୍ରେଷ୍ଠ ୧୦ ଗବେଷକଙ୍କ ମଧ୍ୟରୁ ଭାରତର ଡ଼. ମନୀଷ କୁମାର ମହାନ୍ତ ୭ମ ସ୍ଥାନ ଅଧିକାର କରିଛନ୍ତି । ପୋଷ୍ଟ-ଡକ୍ଟରାଲ ଟ୍ରାଭେଲ ଆୱାର୍ଡ-୨୦୨୪ ପାଇ ଓଡିଶାର ସମ୍ମାନକୁ ଅନ୍ତର୍ରାଷ୍ଟ୍ରୀୟ ସ୍ତରରେ ଉପରକୁ ନେଇଛନ୍ତି । ଏହି ଆୱାର୍ଡ ପରେ ସେ ଭର୍ଜିନିଆ ବିଶ୍ୱବିଦ୍ୟାଳୟର ଫିଜିକ୍ସ ବିଭାଗରେ ନିଯୁକ୍ତି ପାଇଛନ୍ତି । ମନୀଷ ଓଡ଼ିଶାର କଳା, ସଂସ୍କୃତି ଓ ଶିକ୍ଷାକୁ ରାଷ୍ଟ୍ରୀୟ ଓ ଅନ୍ତର୍ରାଷ୍ଟ୍ରୀୟ ସ୍ତରରେ ପହଞ୍ଚାଇଥିବା ଯୋଗୁଁ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ସମ୍ମାନିତ କରିଛନ୍ତି ।

# ଜିଲ୍ଲାସ୍ତରୀୟ କ୍ରୀଡ଼ା ସାମଗ୍ରୀ ବିତରଣ ଉତ୍ସବ

**ଫୁଲବାଣୀ (ଅମୃତ ମିଡିଆ):** ସ୍ୱତନ୍ତ୍ର ଉନ୍ନୟନ ପରିଷଦ ତରଫରୁ ସ୍ଥାନୀୟ କରୋନେସନ ପଡ଼ିଆରେ ଜିଲ୍ଲା ସ୍ତରୀୟ କ୍ରୀଡ଼ା ସାମଗ୍ରୀ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ସମୁଦାୟ ୧୭୧ଟି ପଞ୍ଚାୟତରୁ ୧୩୬୮ଗୋଟି ଜନଜାତି କ୍ରୀଡ଼ା ଅନୁଷ୍ଠାନକୁ ଏହି କ୍ରୀଡ଼ା ସାମଗ୍ରୀ ବିତରଣ କରାଯାଇଛି । ବିଶେଷ କରି କ୍ରିକେଟ୍, ଭଲିବଲ୍, ଫୁଟ୍‌ବଲ୍, ବ୍ୟାଡ୍‌ମିଟନ୍, ଚେସ୍ ଓ କ୍ୟାରମ୍ ଆଦି ୬ଗୋଟି ଖେଳକୁ ପ୍ରାଧାନ୍ୟ ଦିଆଯାଇଥିବା ଜଣାପଡ଼ିଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ କନ୍ଧମାଳ ସାଂସଦ ଡଃ.ଅଚ୍ୟୁତ ସାମନ୍ତ ଖେଳକୁ କିପରି ପ୍ରାଧାନ୍ୟ ଦିଆଯାଉଛି ଏବଂ କାହିଁକି ପ୍ରାଧାନ୍ୟ ଦିଆଯିବା ଉଚିତ୍ ଉପରେ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ କ୍ରୀଡ଼ାର ଭିତ୍ତିଭୂମୀକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ନେଇଛନ୍ତି । କ୍ରୀଡ଼ାକୁ ଗ୍ରାମାଞ୍ଚଳରେ ବ୍ୟାପକ କରିବା ପାଇଁ ପିଲାମାନଙ୍କ ପାଇଁ ସୁଯୋଗ ମଧ୍ୟ ସୃଷ୍ଟି କରିଛନ୍ତି । ଏହି ସବୁ ଖେଳ ସାମଗ୍ରୀ ନେଇ ପିଲାମାନେ ନିଜେ ଖେଳିବା ସହିତ ଅନ୍ୟ ପିଲାମାନଙ୍କୁ ସୁଯୋଗ ଦେବାପାଇଁ ପରାମର୍ଶ ଦେଇଥିଲେ କନ୍ଧମାଳ ସାଂସଦ ଡଃ. ସାମନ୍ତ ।

କାର୍ଯ୍ୟକ୍ରମରେ କନ୍ଧମାଳ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରଦନ ମଲ୍ଲିକ , ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ପ୍ରମୁଖ ଉପସ୍ଥିତ ରହିଥିଲେ । ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ତରଫରୁ ଜନଜାତି ଲୋକମାନଙ୍କର ଐତିହ୍ୟ, ପରମ୍ପରା ତଥା ଦେବାଦେବୀ ପୀଠ ଗୁଡ଼ିକର ବିକାଶ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପରି ଖେଳର ବିକାଶ ପାଇଁ ଏହି ପଦକ୍ଷେପ ବୋଲି ପ୍ରକାଶ କରିଥିଲେ ।

# ବିଜେପିର ସମ୍ବର୍ଦ୍ଧନା, ରାଲି ଓ ମିଶ୍ରଣ ପର୍ବ

**ପୋଲସରା (ଅମୃତ ମିଡିଆ):** ଚଳିତ ୨୦୨୪ ସାଧାରଣ ନିର୍ବାଚନକୁ ନେଇ ରାଜ୍ୟସ୍ଥିତ ଚର୍ଚ୍ଚିତ ଆସ୍କା ଲୋକସଭା ନିର୍ବାଚନ କ୍ଷେତ୍ର ଅନ୍ତର୍ଗତ ୧୨୪ ନମ୍ବର ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରମୁଖ ତିନି ରାଜନୈତିକ ଦଳ ବିଜେପି, ବିଜେଡି ଓ କଂଗ୍ରେସର ବିଧିବଦ୍ଧ ଭାବେ ପ୍ରାର୍ଥୀ ଘୋଷଣା ହୋଇଯାଇଛି । ବିଜେଡି ତରଫରୁ ତୃତୀୟଥର ପାଇଁ ବର୍ତ୍ତମାନ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଏବଂ ତାଙ୍କୁ ମୁକାବିଲା କରିବା ପାଇଁ ଚିର ପ୍ରତିଦ୍ୱନ୍ଦି ଭାବେ ବିଜେପି ତରଫରୁ ତୃତୀୟଥର ପାଇଁ ବର୍ତ୍ତମାନ ଘୁମୁସର ଜିଲ୍ଲା ସଭାପତି ଭାବେ ଦାୟିତ୍ୱ ତୁଲାଇ ଆସୁଥିବା ଗୋକୁଳାନନ୍ଦ ମଲ୍ଲୀକଙ୍କୁ ପ୍ରର୍ଥୀ ରୂପେ କରିଥିବା ବେଳେ କଂଗ୍ରେସ୍ ଦଳ ତରଫରୁ ବରିଷ୍ଠ ଆଇନଜୀବୀ ଅଗଷ୍ଟି ବରାଡଙ୍କୁ ପ୍ରଥମଥର ପାଇଁ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି । ନାମ ଘୋଷଣା ହେବାପରଠାରୁ କଂଗ୍ରେସ୍ ଦଳ ତରଫରୁ ଏ ଯାବତ କୌଣସି ପ୍ରକାର କାର୍ଯ୍ୟକ୍ରମ କରାଯାଇନଥିବା ବେଳେ ବିଜେଡି ଓ ବିଜେପି ଏହି ଦୁଇଦଳ ତରଫରୁ ନିର୍ବାଚନ ରଣାଙ୍ଗନ ପାଇଁ କସରତ ଆରମ୍ଭ ହୋଇଯାଇଥିବା ଦେଖିବାକୁ ମିଳିଛି । କିନ୍ତୁ ବିଜେଡି ତୁଳନାରେ ବିଶେଷ କରି ବିଜେପି ତରଫରୁ ଆଗୁଆ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ଜଣାପଡିଛି । ଏହି ପରିପ୍ରେକ୍ଷୀରେ ନିଜ ଦଳର ବିଧାୟନ ପାର୍ଥୀ ଭାବେ ଗୋକୁଳାନନ୍ଦଙ୍କ ନାମ ଘୋଷଣା ହେବାଦିନଠାରୁ ଆଜି ପର୍ଯ୍ୟନ୍ତ ଦଳର କର୍ମକର୍ତ୍ତା ଓ କର୍ମୀମାନେ ଉତ୍ସାହିତ ହୋଇ ବିଭିନ୍ନ ସ୍ଥାନରେ ବାଣ ଫୁଟାଇ ବିଭିନ୍ନ ଶ୍ଳୋଗାନ ଏବଂ ଦଳୀୟ ପତାକା ତଳେ ନିଜର ପ୍ରିୟ ନେତାଙ୍କୁ ସ୍ୱାଗତ ଏବଂ ସମ୍ବର୍ଦ୍ଧନା ଜଣାଇ ଆସୁଥିବାବେଳେ ଶୁକ୍ରବାର ଦିନ ଦଳର ଘୁମୁସର ଜିଲ୍ଲା ଉପସଭାପତି ପ୍ରଭାକର ପଣ୍ଡାଙ୍କ ନେତୃତ୍ୱରେ ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ବ୍ଲକର ରୁମାଗଡ଼ ଗ୍ରାମରୁ ଏକ ବିରାଟ ବାଇକ୍ ରାଲି ଜରିଆରେ ହାତୀଓଟ ଗ୍ରାମ ଦେଇ ପୋଲସରା ଦାଶରଥିନଗର ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ପହଞ୍ଚିଥିଲା । ପରେ ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ଆସନ୍ତା ୨୦ ତାରିଖ ଦିନ ଦ୍ୱିତୀୟ ପର୍ଯ୍ୟାୟରେ ପୋଲସରା ନିର୍ବାଚନ ମଣ୍ଡଳୀରେ ହେବାକୁ ଥିବା ନିର୍ବାଚନରେ ଦଳର ପ୍ରାର୍ଥୀ ଗୋକୁଳାନନ୍ଦଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଧାୟକ ଭାବେ ବିଜୟ କରିବାକୁ ସମସ୍ତେ ମିଳିମିଶି କାମ କରିବାକୁ ପ୍ରଭାକର ପଣ୍ଡା ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ ।

ଏହି ଅବସରରେ ଏକ ମିଶ୍ରଣ ପର୍ବ ହୋଇଥିଲା । ଏଥିରେ ଯୁବ ସଂଗଠକ ଶିବରାମ ପାଢୀ ଏବଂ ବିଜେଡି ଜିଲ୍ଲା ଯୁବ ସମ୍ପାଦକ ପୃଥ୍ୱୀରାଜ ଭଦେଓ ଦଳ ପରିତ୍ୟାଗ କରି ବିଜେପି ଦଳରେ ଏବଂ ପୋଲସରା ଅଳର ବିଶିଷ୍ଟ ସୁନାମଧନ୍ୟ ଶିକ୍ଷାବିତ୍ କାମ୍ପ ବାଢେଇ ନିଜର ସ୍ୱଇଚ୍ଛାରେ ବିଜେପି ଦଳରେ ସାମିଲ୍ ହୋଇଥିଲେ । ଏହି ତିନି ଜଣଙ୍କୁ ଜିଲ୍ଲା ସଭାପତି ଓ ଉପସଭାପତି ଦଳ ତରଫରୁ ସ୍ୱାଗତ କରିବା ସହ ସେମାନଙ୍କୁ ପୁଷ୍ପଗୁଚ୍ଛ, ଦଳୀୟ ଚିହ୍ନ ଉପଢୌକନ ଏବଂ ଟୋପି ପିନ୍ଧାଇଥିଲେ । ପରେ ଦଳରେ ମିଶିବା ପରେ ବାଢେଇ ଓ ଭଦେଓ ନିଜର ମନ୍ତବ୍ୟରେ ଦଳ ତରଫରୁ ସେମାନଙ୍କୁ ସାଦର ଏବଂ ସମ୍ମାନ ସହକାରେ ଗ୍ରହଣ କରାଯାଇଥିବାକୁ ନେଇ ଖୁସୀ ବ୍ୟକ୍ତ କରିବା ସହ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର



ମୋଦୀଙ୍କ ଗ୍ୟାରେଣ୍ଟି ପୂର୍ଣ୍ଣ ବିଭିନ୍ନ ବିକାଶମୂଳକ କାର୍ଯ୍ୟଗୁଡିକରେ ପ୍ରଭାବିତ ହୋଇ ବିଜେପି ଦଳରେ ସାମିଲ୍ ହୋଇଛନ୍ତି ବୋଲି କହିଥିଲେ । ସଂଯୋଜକ ରାଜେନ୍ଦ୍ର ପାତ୍ର କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିବାବେଳେ ଘୁମୁସର ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସଭାପତି ଦୀପକ କୁମାର ପ୍ରଧାନଙ୍କ ସମେତ ରଘୁନାଥ ପଣ୍ଡା, ଦୀପକ ପୋଲେଇ, ମହେଶ୍ୱର ପରିଡ଼ା, ପ୍ରଶ୍ନ ଡାକୁଆ ପ୍ରମୁଖ ମଣ୍ଡଳ ସଭାପତି ଏବଂ ଅନ୍ୟ ସଂଗଠକ ଭାବେ କୃଷ୍ଣ ଚନ୍ଦ୍ର ଭୂୟାଁ, ରାଜୀବ କୁମାର ଜେନା, ରାମପ୍ରସାଦ ପାଢ଼ୀ, ନୀଳମାଧବ ସାହୁ, ପୂର୍ଣ୍ଣଚନ୍ଦ୍ର ନାୟକ ଏବଂ ବହୁ ସଂଖ୍ୟାରେ ସମର୍ଥକମାନେ ଉପସ୍ଥିତ ଥିଲେ ।

# ବ୍ରହ୍ମପୁର ବିଧାନସଭା ନିର୍ବାଚନ: ବିଜେଡି ଓ ବିଜେପି ପକ୍ଷରୁ ପ୍ରାର୍ଥୀତାଲିକା ପ୍ରକାଶ

## ବିଜେଡିର ପୂର୍ବତନ ବିଧାୟକ ଡ଼. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କୁ ସାମ୍ନା କରିବେ ବିଜେପି ପ୍ରାର୍ଥୀ କେ. ଅନିଲ କୁମାର



**ବ୍ରହ୍ମପୁର (ଅମୃତ ମିଡିଆ):** ଆଗାମୀ ନିର୍ବାଚନଙ୍କୁ ନେଇ ଚଳଚଞ୍ଚଳ ବ୍ରହ୍ମପୁର । ଟିକେଟ ନମିଳିବା ପର ଠାରୁ ଗୋଟିଏ ଦଳରୁ ଅନ୍ୟ ଦଳକୁ ଡିଆଁ ମାରୁଛନ୍ତି କର୍ମୀ । ବ୍ରହ୍ମପୁର ବିଧାନସଭା ଓ ଲୋକସଭା ଆସନଙ୍କୁ ନେଇ ବର୍ତମାନ ସମୟରେ ବିଜେଡି ଓ ବିଜେପିର ଦଳ ମଧ୍ୟରେ ବହୁ ବାଦବିବାଦ ଉପୁଜୁଥିବା ଦେଖିବାକୁ ମିଳିଛି । ବିଜେଡି ଓ ବିଜେପି ଉଭୟ ପକ୍ଷରୁ ବ୍ରହ୍ମପୁର ବିଧାନସଭା ଓ ଲୋକସଭା ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥିବା ବେଳେ ଦଳ ମଧ୍ୟରେ କ୍ରମାଗତ ଭାବେ ଅସନ୍ତୋଷ ପ୍ରକାଶ ପାଉଥିବା ଖବର ସାମ୍ନାଙ୍କୁ ଆସୁଛି । ପ୍ରଥମେ ବିଜେପି ପକ୍ଷରୁ ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଭାବେ ଡ଼ଃ ପ୍ରଦୀପ ପାଣିଗ୍ରାହୀଙ୍କୁ ଚୟନ କରାଯାଇଥିବା ବେଳେ ବିରୋଧୀ ଦଳର କର୍ମୀଙ୍କ ମନରେ ଛନକା ପଶିଥିଲା । ପ୍ରଦୀପ ପାଣିଗ୍ରାହୀଙ୍କ ବିପକ୍ଷରେ ବ୍ରହ୍ମପୁର ଲୋକସଭା ନିର୍ବାଚନରେ କିଏ ବିଜେଡି ପ୍ରାର୍ଥୀ ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ତୃତୀୟ ପର୍ଯ୍ୟାୟରେ ବିଜେଡି ତାର ପ୍ରାର୍ଥୀ ତାଲିକା ପ୍ରକାଶ କରିଛି । ଦୀର୍ଘ ବର୍ଷ ଧରି ବିଜେପି ଦଳର ନେତୃତ୍ୱ ସମ୍ଭାଳି ଆସୁଥିବା ବିଜେପିର ରାଜ୍ୟ ଉପସଭାପତି ଶ୍ରୀ ଭୃଗୁ ବକ୍ସିପାତ୍ର ବିଜେଡିରେ ଯୋଗଦେଇଥିବା ବେଳେ ସେ ପ୍ରଦୀପ ପାଣିଗ୍ରାହୀଙ୍କ ବିପକ୍ଷରେ ଲଢ଼ିବେ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ଅପର ପକ୍ଷରେ ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ବିଜେଡି ଓ ବିଜେପି ଉଭୟ ନିଜ ନିଜ ପ୍ରାର୍ଥୀ ତାଲିକା ପ୍ରକାଶ କରିଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ କଂଗ୍ରେସ କୌଣସି ପ୍ରାର୍ଥୀ ତାଲିକା ପ୍ରକାଶ କରିନାହିଁ କ୍ଷ ବିଜେଡି ପକ୍ଷରୁ ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ୫ଥର ବିଧାୟକ ହୋଇସାରିଥିବା ଅଭିଜ୍ଞ ରାଜନେତା ଡ଼ଃ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ଚଳିତ ଥର ବିଧାୟକ ପ୍ରାର୍ଥୀ ନିମନ୍ତେ ଚୟନ କରାଯାଇଥିବା ବେଳେ ବିଜେପି ପକ୍ଷରୁ ପୂର୍ବତନ କର୍ପୋରେଟର କେ ଅନିଲ କୁମାରଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରାଯାଇ । କେ ଅନିଲ କୁମାରଙ୍କୁ ବିଜେପି ପକ୍ଷରୁ ଦଳୀୟ ଟିକଟ ମିଳିଥିବା ବେଳେ ଅନେକ ଆଶାୟୀ ବର୍ତ୍ତମାନ ନିରାଶ ହୋଇଛନ୍ତି, ଯାହା ଫଳରେ ଦଳ ମଧ୍ୟରେ କ୍ରମାଗତ ଭାବେ ଅସନ୍ତୋଷ ବୃଦ୍ଧି ପାଉଛି । ଅପରପକ୍ଷରେ ରାଜନୀତିରେ ଅଭିଜ୍ଞ ଯଥା ୧୯୮୪ ମସିହାରୁ ରାଜନୀତିରେ ପାଦ ଦେଇ ୫ଥର ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ବିଧାୟକ ଭାବେ ବିଜୟ ହାସଲ



କରି ବ୍ରହ୍ମପୁର ଅଂଚଳର ପ୍ରତ୍ୟେକ ଘରେ ଘରେ ପରିଚିତ ଅଛନ୍ତି ଡ଼ଃ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ । ତେବେ ଚଳିତ ନିର୍ବାଚନରେ ବିଜେଡି ଏବଂ ବିଜେପି ମଧ୍ୟରେ ଦ୍ୱିମୁଖୀ ନିର୍ବାଚନ ହେବାକୁ ଥିବା ବେଳେ ବିଜେପିର ନବାଗତ ପ୍ରାର୍ଥୀଙ୍କ ଉପରେ

# ରୋଟାରୀ କ୍ଲବ ପକ୍ଷରୁ ତମାଖୁ ବିରୋଧୀ ସଚେତନତା କର୍ମଶାଳା

**ଛତ୍ରପୁର (ଅମୃତ ମିଡିଆ):** ଆଜିକା ଯୁଗରେ ଅତ୍ୟଧିକ ତମାଖୁ ସେବନ ଯୋଗୁଁ ବହୁ ଲୋକ କ୍ୟାନସର ଭଳି ବିଭିନ୍ନ ମାରାତ୍ମକ ରୋଗର ଶିକାର ହୁଅନ୍ତି । ବିଶେଷ କରି ଯୁବ ପିଢୀ ମାନେ ଏହାର ଅଧିକ ଶିକାର ହେଉଥିବାରୁ ଶୁକ୍ରବାର ଛତ୍ରପୁର ପ୍ରତିଭା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବ୍ରହ୍ମପୁର ସେଣ୍ଟ୍ରାଲ ରୋଟାରୀ କ୍ଲବ ଓ ଛତ୍ରପୁର ରୋଟାରୀ କ୍ଲବର ମିଳିତ ଆନୁକୂଲ୍ୟରେ ତମାଖୁ ବିରୋଧି ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଛତ୍ରପୁର ରୋଟାରି କ୍ଲବର ସଭାପତି ନିରଞ୍ଜନ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମକେସିଜିର ଅବସରପ୍ରାପ୍ତ ପ୍ରଫେସର ତଥା ବରିଷ୍ଠ ଛାତି ବିଶେଷଜ୍ଞ ଡାକ୍ତର ନାରାୟଣ ମିଶ୍ର ଯୋଗ ଦେଇ ତମାଖୁ ସେବନ ଆମ ଶରୀର ଉପରେ କିପରିକୁ ପ୍ରଭାବ ପକାଉଛି ସେ ନେଇ ଉପସ୍ଥିତ



ଛାତ୍ରଛାତ୍ରୀ ଓ ଜନ ସାଧାରଣଙ୍କୁ ଅବଗତ କରାଇବା ସହିତ ତମାଖୁ ବର୍ଜନ ନେଇ ସଚେତନତା କରିଥିଲେ । ସେହିପରି ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ଗୌଡ ଓ ଦନ୍ତ ବିଶେଷଜ୍ଞ ଡାକ୍ତର ଅସିତ କୁମାର ପଟ୍ଟନାୟକ ଯୋଗ ଦେଇ ତମାଖୁ ସେବନ ଦ୍ୱାରା ହେଉଥିବା ରୋଗ ବିଷୟରେ ଅବଗତ କରାଇବା ସହ ତମାଖୁ ସେବନ ନ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଛତ୍ରପୁର ରୋଟାରୀ କ୍ଲବର ସମ୍ପାଦକ ସୁଜିତ କୁମାର ପଟ୍ଟନାୟକ, ଚାର୍ଟର ସଭାପତି ପ୍ରଫୁଲ୍ଲ ପଟ୍ଟନାୟକ, ସୁରଜିତ ସାମନ୍ତରାୟ, ଦ୍ୱାରିକା ସାମନ୍ତରାୟ, ବିମଳ ପ୍ରସାଦ ସାହୁ, ପଦ୍ମ ଚରଣ ସାହୁ ଓ ଏସ୍ ?. ରେଖା ମହାନ୍ତି ପ୍ରମୁଖ ଯୋଗ ଦେଇ ପରିଚାଳନାରେ ସହଯୋଗ କରିଥିଲେ ।




**ଭଞ୍ଜନଗର (ଅମୃତ ମିଡିଆ):** ଜବାହର ନୋଡାଲ ଉଚ୍ଚ ବିଦ୍ୟାଳୟ, ବଡକୋଦଣ୍ଡା ଠାରେ ନବାଗତ ଷଷ୍ଠ, ଅଷ୍ଟମ ଓ ନବମ ଶ୍ରେଣୀ ଛାତ୍ର, ଛାତ୍ରୀ ମାନଙ୍କୁ ପ୍ରଧାନଶିକ୍ଷକ ସନ୍ତୋଷ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିକ୍ଷକ ମନୋରଞ୍ଜନ ପଣ୍ଡା, ଗଣେଶ ଚନ୍ଦ୍ର ପଣ୍ଡା, ସକ୍ଷଜନ ସ୍ୱାଇଁ, ରଶ୍ମିତା ସାହୁ, ଅନିମା ମିଶ୍ର, ପୁଷ୍ପାଞ୍ଜଳି ସ୍ୱାଇଁ, ରାଜଶ୍ରୀ ପଟ୍ଟନାୟକ, ଗୀତା କୁମାରୀ ମଲିକ, ରାଜଲକ୍ଷ୍ମୀ ସାହୁ, ନୀଳାଞ୍ଚଳ ପ୍ରଧାନ, ମୋହନ ସାହୁ, ଶରତ ଚନ୍ଦ୍ର ବେହେରା ଯୋଗ ଦେଇ ନବାଗତ ଛାତ୍ର, ଛାତ୍ରୀ ମାନଙ୍କୁ ବିଦ୍ୟାଳୟର ନୀତି, ନୀୟମ ଓ ଆଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ । ପୁରାତନ ଛାତ୍ର, ଛାତ୍ରୀ ମାନଙ୍କ ତରଫରୁ ନବାଗତ ଛାତ୍ର, ଛାତ୍ରୀ ମାନଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରିଥିଲେ । ବରିଷ୍ଠ ଶିକ୍ଷକ ସାଜନ ସ୍ୱାଇଁ ବେଦପାଠ ସହମନ୍ତ୍ର ଉଚ୍ଚାରଣ କରି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରାଯାଇଥିଲା । ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିତା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ବାଳକୃଷ୍ଣ ପାତ୍ର, ପୁଷ୍ପାଞ୍ଜଳି ନାୟକ ପ୍ରମୁଖ ପରିଚାଳନା ସହ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ଅଭିଭାବକ ଯୋଗଦେଇଥିଲେ ।

# ବିପଦରେ ଭାତହାଣ୍ଡି, ଦାଦନମୁହାଁ ମତ୍ସ୍ୟଜୀବୀ



**ଟାଙ୍ଗୀ(ଅମୃତ ମିଡିଆ):** ଚିଲିକାକୁ ଚାରିଆଡୁ ବିପଦ। ଜଳ ପ୍ରଦୂଷଣ ହେଉ ଅବା ପଟୁ ମାଟିରେ ଚିଲିକା ପୋତି ହେବା ଘଟଣା, ଅଥବା ଚିଲିକା ଜଳରାଶିରେ ନଳଘାସ ଚରିଯିବା ଘଟଣା, ପ୍ରତ୍ୟେକଟି କାରଣ ଚିଲିକା ମତ୍ସ୍ୟଜୀବୀଙ୍କ ପ୍ରତି ବିପଦ ଠିଆ କଲାଣି। ଚିଲିକାର ମତ୍ସ୍ୟ ସମ୍ପଦ ଧୀରେଧୀରେ ହ୍ରାସ ଘଟିଲାଣି। ଚିଲିକା କୂଳିଆ ହଜାର ହଜାର ମତ୍ସ୍ୟଜୀବୀ ପରିବାରର ଭାତହାଣ୍ଡି କୁହାଯାଉଥିବା ଚିଲିକା ଜଳରାଶିରେ ମତ୍ସ୍ୟ ସମ୍ପଦର ହ୍ରାସ ଘଟଣା ମତ୍ସ୍ୟଜୀବୀଙ୍କ ପେଟ ପାଟଣାକୁ ଏମିତି ପ୍ରଭାବିତ କରିଛି ଯେ, ମାଛ ଧରିବାର କୌଳିକ ବୃତ୍ତିକୁ ଛାଡ଼ି ମତ୍ସ୍ୟଜୀବୀ ଏବେ ଦାଦନ ମୁହାଁ ହେଲେଣି। ସୂଚନା ମୁତାବକ, ଓଡ଼ିଶାର ତିନି ଉପକୂଳ ଜିଲ୍ଲା ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଜିଲ୍ଲାର ଭୌଗୋଳିକ ପରିବେଶକୁ ନେଇ ଚିଲିକା। ୧୯୫୦ ମସିହାର ସର୍ଭେ ଅନୁସାରେ ଏହି ତିନୋଟି ଜିଲ୍ଲାର ପ୍ରାୟ ୧୧୫୦ ବର୍ଗ କିଲୋମିଟର ଯାଏ ଚିଲିକା ବ୍ୟାପ୍ତ ଥିଲା। ୨୦୧୯ ମସିହାରେ କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ଚିଲିକାର ଆୟତନ ମପା ଯାଇଥିଲା। ଚେନ୍ନାଇ ସ୍ଥିତ ନ୍ୟାସ୍‌ନାଲ ସେଣ୍ଟର ଫର ସଷ୍ଟେନେବୁଲ୍ କୋଷ୍ଟାଲ୍ ମ୍ୟାନେଜ୍?ମେଣ୍ଟ ସଂସ୍ଥା ଏହାର ମ୍ୟାପ୍ ତିଆରି କରି ଏକ ହଜାର ୯୪ବର୍ଗ କିଲୋମିଟରର ଆୟତନ ଘୋଷଣା କରିଛି। ଅର୍ଥାତ୍ ଚିଲିକାର ଆୟତନ ଖସିଛି। ସବୁଠାରୁ ସାଂଘାତିକ କଥା ଥିଲା, ଚିଲିକାର ଆୟତନ କମିବା ସହିତ ଶହେ ତିନି ବର୍ଗ କିଲୋମିଟର ଜାଗାରେ ନଳଘାସ ମାଡ଼ିଗଲାଣି। ଚିଲିକା ପୋତି ହେବା, ନଳଘାସ ମାଡ଼ିବା ଆଦି କାରଣରୁ ଚିଲିକାର ଆୟତନ ଯେମିତି ହ୍ରାସ ପାଉଛି, ସେହି ପରିମାଣରେ ମତ୍ସ୍ୟ ଉତ୍ପାଦନ ବି ତଳମୁହାଁ ହେଲାଣି। ଅତୀତରେ ଥରୁଟିଏ ଚିଲିକା ଭିତରକୁ ଡଙ୍ଗାଟିଏ ନେଇ ଗଲେ, ଯେଉଁ ପରିମାଣର ମାଛ ଧରା ହେଉଥିଲା, ଆଜି ତାହା ନାହିଁ। ମାଛ ଧରାରୁ ପେଟ ପୋଷିବା ଚିଲିକା କୂଳିଆ ମତ୍ସ୍ୟଜୀବୀଙ୍କ ପାଇଁ କାଠିକର ପାଠ ହୋଇଗଲାଣି। ନଳଘାସ ଯୋଗୁ ଚିଲିକା ଭିତରକୁ ଯିବା ବି କଷ୍ଟକର ବ୍ୟାପାର। ଜାଲ ପକାଇ ମାଛ ମାରିବା ଦୂରର କଥା, ଡଙ୍ଗା ଭିତରକୁ ଯାଇ ପାରୁନି। ଏମିତି ସ୍ଥିତିରେ ଗଲା କିଛିବର୍ଷ ହେଲା ନିଜର କୂଳ ବେଉସା ଛାଡ଼ି ଚିଲିକା କୂଳିଆ ପାରମ୍ପରିକ ମତ୍ସ୍ୟଜୀବୀ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଗଲେଣି। କାଳୁପଡ଼ା, ହାଟବରଡ଼ି, ସୋରଣ, ପାଣିଦୁଆର, ବାଲିପାଟପୁର, ମଙ୍ଗଳାଯୋଡି, ଭୂଷଣ୍ଡପୁର, ଜଗନ୍ନାଥପୁର ଉତ୍ତର ଚିଲିକା, ବୋରଗକୁଦ ପେଣ୍ଠ ଅଞ୍ଚଳରେ ଏ ସମସ୍ୟା ଅତି ତୀବ୍ର ହେଲାଣି।

# ବିଜେଡିରୁ ଇସ୍ତଫା ଦେଲେ ବରିଷ୍ଠ ନେତା ସନ୍ତୋଷ ଅମାତ



**ସୁନ୍ଦରଗଡ଼(ଅମୃତ ମିଡିଆ):** ବିଜେଡି ଛାଡ଼ିଛନ୍ତି ସୁନ୍ଦରଗଡ଼ର ବରିଷ୍ଠ ନେତା ସନ୍ତୋଷ ଅମାତ। ସେ ତାଙ୍କ ଟ୍ୱିଟର୍ ହ୍ୟାଣ୍ଡେଲର ଦଳ ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ଜଣାଇଛନ୍ତି। ଇସ୍ତଫାର କାରଣ ସମ୍ପର୍କରେ କିଛି ଉଲ୍ଲେଖ କରି ନଥିଲେ ମଧ୍ୟ ନିଜ ପ୍ରତିକ୍ରିୟାରେ ଚଳିତ ନିର୍ବାଚନରେ ସୁନ୍ଦରଗଡ଼ ଲୋକସଭା ହେଉ କି ବିଧାନସଭାରେ ତାଙ୍କୁ ପ୍ରାର୍ଥୀ ନ କରିବା ବା ଅନ୍ୟ କୌଣସି ସମ୍ମାନଜନକ ପଦରେ ଥଇଥାନ ନକରି କୋଣଠେସା କରିଦେବାରୁ ସେ ଦଳ ଛାଡ଼ିଥିବା କହିଛନ୍ତି। ସୁନ୍ଦରଗଡ଼ ବିଧାନସଭା କ୍ଷେତ୍ରରେ ଦଳ ପୂର୍ବତନ ବିଧାୟକ ଯୋଗେଶ ସିଂଙ୍କୁ ଓ ଲୋକସଭାରେ ପଦ୍ମଶ୍ରୀ ଦିଲୀପ ତିର୍କୀଙ୍କୁ ପ୍ରାର୍ଥୀ କରିବା ପରେ ସନ୍ତୋଷ ନିରାଶ ହୋଇଥିଲେ। ଶ୍ରୀ ଅମାତ ଓଡ଼ିଶା ପ୍ରାଶାସନିକ ସେବାରୁ ରାଜନୀତିକୁ ଆସିଥିଲେ। ୨୦୧୪ରେ ସେ ବିଜେପିରୁ ତଳସରା ବିଧାନସଭା କ୍ଷେତ୍ରରେ ଲଢ଼ି କଂଗ୍ରେସର ଡ.ପ୍ରଫୁଲ୍ଲ ମାଝିଙ୍କଠାରୁ ପରାଜିତ ହୋଇଥିଲେ। ପରବର୍ତ୍ତୀ ସମୟରେ ୨୦୧୭ ମାର୍ଚ୍ଚରେ ବିଜେପି ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ରାଜ୍ୟ ସରକାର ତାଙ୍କୁ ଦଳର ପ୍ରବକ୍ତା ଭାବେ ନିଯୁକ୍ତି ଦେଇଥିଲେ। ପରେ ସେହି ବର୍ଷ ପ୍ରତିଷ୍ଠିତ ହୋଇଥିବା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପ୍ରଥମ ଅଧ୍ୟକ୍ଷ ଭାବେ ତାଙ୍କୁ ନିଯୁକ୍ତ କରାଯାଇଥିଲା। ୨୦୧୮ ରେ ତାଙ୍କୁ ହଠାତ ଅଧ୍ୟକ୍ଷ ପଦ ଛାଡ଼ିବାକୁ ଦଳ ତରଫରୁ ନିର୍ଦ୍ଦେଶ ହୋଇଥିଲା। ସେ ଅଧ୍ୟକ୍ଷ ପଦରୁ ତୁରନ୍ତ ଇସ୍ତଫା ଦେଇଥିଲେ। ଦଳ ତାଙ୍କୁ ସେହି ନିର୍ବାଚନରେ ଲୋକସଭା ପ୍ରାର୍ଥୀ କରିବ ବୋଲି ଚର୍ଚ୍ଚା ହୋଇଥିଲା। ଏପରିକି ଶ୍ରୀ ଅମାତ ସୁନ୍ଦରଗଡ଼ ଲୋକସଭା କ୍ଷେତ୍ରରେ ନିଜର ଲୋକ ସମ୍ପର୍କ ଅଭିଯାନ ଆରମ୍ଭ କରି ଦେଇଥିଲେ। କିନ୍ତୁ ଦଳ ତାଙ୍କୁ ନିରାଶ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ବଡ଼ ଝିଅ ସୁନିତା ବିଶ୍ୱାଳଙ୍କୁ ପ୍ରାର୍ଥୀ କରିଥିଲା। ସେତେବେଳେ ତାହା ସନ୍ତୋଷଙ୍କୁ ବଡ଼ ଝଟକା ଦେଇଥିଲା। ଦଳର ଦୁର୍ବଳ ରଣନୀତି ଓ ପ୍ରାର୍ଥୀ ଚୟନରେ ତ୍ରୁଟି ଯୋଗୁ ଦଳ ସେତେବେଳେ ଅଢ଼େଇ ଲକ୍ଷ ଭୋଟରେ ପରାଜିତ ହୋଇଥିଲା। ସୁନିତା ପରାଜିତ ହେବା ପରେ ଦଳୀୟ କାର୍ଯ୍ୟକ୍ରମରୁ ଏକ ପ୍ରକାର ଦୂରେଇ ରହିଲେ। କିନ୍ତୁ ସନ୍ତୋଷ ଉପେକ୍ଷା ସତ୍ତ୍ୱେ ଦଳରେ ୫ ବର୍ଷ ସକ୍ରିୟ ରହିଥିଲେ। ଏଥର ସୁନ୍ଦରଗଡ଼ ବିଧାନସଭା ହେଉ କି ଲୋକସଭାରେ ସେ ଲଢ଼ିବାକୁ ଚାହିଥିଲେ। କିନ୍ତୁ ତାଙ୍କୁ ପ୍ରାର୍ଥୀ ନକରି ଦଳ ଦ୍ୱିତୀୟ ଥର ଝଟକା ଦେଇଥିବାରୁ ସେ କ୍ଷୁବ୍ଧ ହୋଇ ଦଳ ଛାଡ଼ିଥିବା ପ୍ରକାଶ।

# ବେପାରୀଙ୍କ କବ୍‌ଜାରେ ମହୁଲଫୁଲ

**ବଣାଇଗଡ଼(ଅମୃତ ମିଡିଆ):** ବଣାଇ ଉପଖଣ୍ଡ ଏକ ଜଙ୍ଗଲ ପରିବେଷ୍ଟିତ ଆଦିବାସୀ ଉପାନ୍ତ ଅଞ୍ଚଳ ହୋଇଥିବାବେଳେ ଜୀବନଜୀବିକା ପାଇଁ ସେମାନେ ଜଙ୍ଗଲ ଉପରେ ନିର୍ଭରଶୀଳ। ବିଶେଷ ଭାବେ ବଣାଇ, ଲହୁଣିପଡ଼ା ଓ ଗୁରୁଣ୍ଡିଆ ବ୍ଲକ୍‌ର ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଅଧିବାସୀ ମହୁଲଫୁଲ, ଫଳ ଏବଂ ମଞ୍ଜି ସଂଗ୍ରହ କରି ପରିବାର ପ୍ରତିପୋଷଣ କରିଥାନ୍ତି। ହେଲେ ପ୍ରତିବର୍ଷ ସେମାନଙ୍କର ସେହି ଆଶା ନିରାଶାରେ ପରିଣତ ହୋଇଥାଏ। ସରକାର ମହୁଲଫୁଲ ସହ ସମୁଦାୟ ୧୬୯ ପ୍ରକାର ବନଜାତ ଦ୍ରବ୍ୟକୁ ପଞ୍ଚାୟତ ହାତରେ ନ୍ୟସ୍ତକରି ତା'ର ଦର ନିର୍ଦ୍ଧାରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ପଞ୍ଚାୟତମାନଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସଂଗ୍ରହକାରୀ ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି। ପରିଶ୍ରମ ଅନୁସାରେ ସେମାନେ ମହୁଲଫୁଲର ଉଚିତ୍ ମୂଲ୍ୟ ପାଉନାହାନ୍ତି।ସରକାରୀ ନିୟମ ହିସାବରେ ପଞ୍ଚାୟତସମିତି ବୈଠକରେ ଆଲୋଚନା ହେଲାପରେ ପ୍ରତି ପଞ୍ଚାୟତରେ ବୈଠକ ମାଧ୍ୟମରେ ମହୁଲଫୁଲର ଦର ନିର୍ଦ୍ଧାରଣ କରି ଉପଜିଲ୍ଲାପାଳଙ୍କୁ ଦେବା କଥା। ଆଉ ସେହି ଦର ହିସାବରେ ବ୍ୟବସାୟୀମାନେ ସଂଗ୍ରହକାରୀଙ୍କଠାରୁ ଉଚିତମୂଲ୍ୟ ଦେଇ ଫୁଲ କିଣିବା କଥା। ହେଲେ ଏଠାରେ ଓଲଟା ନୀତି ଯୋଗୁ ବ୍ୟବସାୟୀମାନେ ଗାଁଗାଁରେ ପହଞ୍ଚି ସଂଗ୍ରହକାରୀଙ୍କଠାରୁ ୨୦ରୁ ୨୫ ଟଙ୍କା ଦରରେ ମହୁଲଫୁଲ କିଣୁଛନ୍ତି। ସଂଗ୍ରହକାରୀମାନେ ଦୀର୍ଘ ୩ରୁ ୪ ମାସ ହାଡ଼ଭଙ୍ଗା ପରିଶ୍ରମ କରି ସପରିବାର ଫୁଲ ସଂଗ୍ରହ କରୁଥିଲେ ମଧ୍ୟ ସବୁ ପରିଶ୍ରମର ଫଳ ବେପାରୀ ମାଡ଼ିବସି ଲାଭବାନ ହେଉଛନ୍ତି। ଅପରପକ୍ଷରେ ଅବକାରୀ ବିଭାଗ ଜରିଆରେ ଲାଇସେନ୍ସ ପାଇଥିବା ବ୍ୟବସାୟୀ ହିଁ ମହୁଲଫୁଲ କିଣିପାରିବେ। ହେଲେ ଅଞ୍ଚଳରେ ମାଳମାଳ ବ୍ୟବସାୟୀ ଗାଁଗାଁରେ ପହଞ୍ଚି ଫୁଲ କିଣୁଥିଲେ ମଧ୍ୟ ସେ ଦିଗରେ ପ୍ରଶାସନ ଅଙ୍କୁଶ ଲଗାଇବାରେ ବିଫଳ ହେଉଥିବା ଦେଖାଯାଉଛି। ପ୍ରତିବର୍ଷ ଫୁଲ କାରବାର ବଢ଼ି ଚାଲିଥିବାବେଳେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ବଡ଼ ବ୍ୟବସାୟୀମାନେ ମାଲାମାଲ ହେଉଥିବାବେଳେ ସଂଗ୍ରହକାରୀମାନେ ଶୋଷଣର ଶିକାର ହେଉଛନ୍ତି। ଏଥିପାଇଁ ସରକାର ମଧ୍ୟ ରାଜସ୍ୱ ହରାଉଛନ୍ତି। ଫୁଲ ସଂଗ୍ରହର ପ୍ରଥମମାସରୁ ପ୍ରଶାସନ ଏଥି ପ୍ରତି ଦୃଷ୍ଟିଦେଇ ପଦକ୍ଷେପ ଗ୍ରହଣକଲେ ସଂଗ୍ରହକାରୀ ଶୋଷଣରୁ ମୁକ୍ତି ପାଇପାରିବେ ବୋଲି କୁହାଯାଉଛି।



# ବିଧାୟକ ପ୍ରାର୍ଥୀ ଘୋଷଣା ପରେ କଂଗ୍ରେସ କର୍ମୀଙ୍କ ତୀବ୍ର ବିରୋଧ



**ଘୁ. ଉଦୟଗିରି(ଅମୃତ ମିଡିଆ):** ଚଳିତ ସାଧାରଣ ନିର୍ବାଚନ କଂଗ୍ରେସ ଦଳ ନିଜ ଗଡ଼କୁ ପୁଣି ଫେରିବା ସ୍ୱପ୍ନ ଦେଖୁଥିବା ବେଳେ ପ୍ରାର୍ଥୀ ଚୟନ ପରେ ସବୁ ଗଡ଼ବଡ଼ ହୋଇଯାଇଛି। ପ୍ରାର୍ଥୀ ଚୟନ କୁ ନେଇ ପ୍ରବଳ ଅସନ୍ତୋଷ ଦେଖାଦେଇଛି।ପିସିସି ପକ୍ଷରୁ ଘୁ. ଉଦୟଗିରି ନିର୍ବାଚନ ମଣ୍ଡଳୀ ନିମନ୍ତେ ରାଜ୍ୟ କଂଗ୍ରେସ ସଭାପତି ପ୍ରଫୁଲ୍ଲ ପ୍ରଧାନଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ଘୋଷଣା କରିବା ପରଠାରୁ ସ୍ଥାନୀୟ ନିର୍ବାଚନ ମଣ୍ଡଳୀ କର୍ମକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି। ଗୁରୁବାର ସ୍ଥାନୀୟ ସିର୍କି ଡ୍ୟାମ୍? ନିକଟରେ ଘୁ.ଉଦୟଗିରି ବିଧାନସଭା କ୍ଷେତ୍ର ଅନ୍ତର୍ଗତ ୪ଗୋଟି ବ୍ଲକ ଏବଂ ଗୋଟିଏ ଏନଏସି ର ସମସ୍ତ ବ୍ଲକ ଏବଂ ଏନଏସି ସଭାପତିଙ୍କ ସମେତ ବହୁ ବରିଷ୍ଠ କର୍ମୀ ଏବଂ ବିଧାୟକ ଆଶାୟୀ ପ୍ରାର୍ଥିନୀ ଅଜୟନ୍ତୀ ପ୍ରଧାନ, କ୍ରିଷ୍ଣା ପ୍ରିୟା ପ୍ରଧାନ, ସଞ୍ଜିତ୍ ପ୍ରଧାନ, କଇଁଝର ସରପଞ୍ଚ ପ୍ରକାଶ କହଁର, ବୀରେନ୍ଦ୍ର ମହାକୁଡ଼, ଧର୍ମେନ୍ଦ୍ର ପ୍ରଧାନ, ଉପସ୍ଥିତ ରହିଥିବା ବେଳେ ବ୍ଲକ କଂଗ୍ରେସ ସଭାପତି ସଦାନନ୍ଦ ନାୟକ, ନଗର କଂଗ୍ରେସ ସଭାପତି ଦୀପକ କୁମାର ପ୍ରଧାନ,ପିସିସି ଜିଲ୍ଲା ସାଧାରଣ ସମ୍ପାଦକ ଯାକେସ ପ୍ରଧାନ, ଟାରଜନ୍ ସାହୁ,ଗଗନ ପ୍ରଧାନ,ଅଚ୍ୟୁତ ନାୟକ, ମାନଭଞ୍ଜ ପ୍ରଧାନ, ଥମାସ ପ୍ରଧାନ,ଏସ ସି ସେଲ ଜିଲ୍ଲା ସଭାପତି ପ୍ରଫୁଲ୍ଲ ଦିଗାଲ ଓ ଅନ୍ୟ କର୍ମକର୍ତ୍ତା ଙ୍କ ଉପସ୍ଥିତିରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ସୂଚନା ଅନୁଯାୟୀ ଦଳ ପ୍ରାର୍ଥୀ ଚୟନ ପୂର୍ବରୁ ସ୍ଥାନୀୟ ନିର୍ବାଚନ ମଣ୍ଡଳୀ କର୍ମକର୍ତ୍ତାଙ୍କ ସହ କୌଣସି ଆଲୋଚନା କରାଯାଇନଥିବା ସହ ପ୍ରାର୍ଥୀ ପ୍ରଫୁଲ୍ଲ ପ୍ରଧାନ ପୂର୍ବରୁ କୌଣସି ଦଳୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିନଥିବା ଓ ତାଙ୍କୁ କର୍ମକର୍ତ୍ତାମାନେ ମଧ୍ୟ ଭଲାଭାବେ ପରିଚିତ ନଥିବା କହିଛନ୍ତି ଉପସ୍ଥିତ କର୍ମକର୍ତ୍ତା। ବୈଠକରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୪ ଟି ବ୍ଲକ ଓ ୭ ଟି ଜୋନ୍ ର ସଭାପତି, ଉପସଭାପତି ଓ ଦଳୀୟ କର୍ମକର୍ତ୍ତା ଙ୍କ ଉପସ୍ଥିତ ଥିବା ବେଳେ ଅନଲାଇନ ରେ ନିବେଦନ କରିଥିବା ସମସ୍ତ ଆଶାୟୀ ପ୍ରାର୍ଥୀ/ ପ୍ରାର୍ଥିନୀ ଦଳ ଘୋଷଣା କରିଥିବା ବିଧାୟକ ପ୍ରାର୍ଥୀ ଙ୍କୁ ବିରୋଧ କରିବା ସହ ପୁନଃ ବିଚାର କରି ପ୍ରାର୍ଥୀ ଘୋଷଣା କରିବା ପାଇଁ ଦାବି କରିଛନ୍ତି। କଂଗ୍ରେସ ରାଜ୍ୟ ନେତୃ ମଣ୍ଡଳୀ ଏଭଳି ଏକ ପାଖିଆ ନିଷ୍ପତ୍ତି ଯୋଗୁଁ କର୍ମୀ ଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ଓ ନିର୍ବାଚନ ପାଇଁ ଉତ୍ସାହ ରହିବ ନାହିଁ ବୋଲି ମତବ୍ୟକ୍ତ କରିଛନ୍ତି।ଉପସ୍ଥିତ କଂଗ୍ରେସ କର୍ମୀମାନେ ଅସନ୍ତୋଷ ବ୍ୟକ୍ତ କରି କହିଛନ୍ତି ବିଜେଡି ଦଳର ପ୍ରାର୍ଥୀ ସାଲୁଗା ପ୍ରଧାନ ହେଉଛନ୍ତି ବାଘ ଏବଂ ବିଜେପି ପ୍ରାର୍ଥୀ ହେଉଛନ୍ତି କୁମ୍ଭୀର ଏହି ଦୁଇ ଜଣଙ୍କ ଭିତରେ ମରିବାକୁ ଆମ ପିସିସି ଛାଡିଦେଇଛନ୍ତି କଂଗ୍ରେସର ବୁଢ଼ା ବଳଦ କୁ ବୋଲି କଟାକ୍ଷ କରି କହିଛନ୍ତି ଅସନ୍ତୋଷ କଂଗ୍ରେସ କର୍ମୀ।ଆହୁରି ଖୋଭ ପ୍ରକାଶ କରି କହିଛନ୍ତି ଆମେ କଂଗ୍ରେସ ରେ ଅଛୁ ରହିବୁ କିନ୍ତୁ ପ୍ରାର୍ଥୀ ନ ବଦଳେଇଲେ ଆମେ ବଦଳିବୁନି କି କଂଗ୍ରେସ ପାଇଁ ବି କାମ କରିବୁନି ଏକ ଦମ ଚୁପ ହୋଇ ବସିବୁ।ଅସନ୍ତୋଷ ର ନିଆଁରେ ଆଗାମୀ ଦିନରେ କଂଗ୍ରେସ ର ଅବସ୍ଥା କଣ ହେବ ବୋଲି ଆଲୋଚନା ହେଉଛି ଯେଉଁ ଦଳ ର ଗଡ଼ ଭାବେ ଏହି ନିର୍ବାଚନ ମଣ୍ଡଳୀ ଖ୍ୟାତି ରହିଥିଲା ସେଇ ଦଳକୁ ବିଲୀନ କରିବାପାଇଁ ଅନ୍ୟ ଦଳ ସହ ସାଲିସ କରାଯାଇ ଏଭଳି ଦୁର୍ବଳ ପ୍ରାର୍ଥୀ ପିସିସି ଦେଇଥିବା କଂଗ୍ରେସ କର୍ମୀ ଅଭିଯୋଗ କରିଛନ୍ତି।

## ଝାଡ଼ାବାନ୍ତି ପରେ ଏବେ ଜଣ୍ଡିସ ରୋଗୀ ଚିହ୍ନଟ

**ସମ୍ବଲପୁର(ଅମୃତ ମିଡିଆ):** ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଝାଡ଼ାବାନ୍ତି ରୋଗର ପ୍ରକୋପ ଥମି ନଥିବା ବେଳେ ଏବେ ଜଣେ ଯୁବକ ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ରହିଥିବା ଜଣାଯାଇଛି। ଦୂଷିତ ଜଳ ଜନିତ ଏହି ରୋଗ ମହାନଗରବାସୀଙ୍କୁ ଚିନ୍ତାରେ ପକାଇଥିବା ବେଳେ ଏବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ସଂକ୍ରମଣ ରୋଗ ବିଶେଷଜ୍ଞ ଓ ଅନ୍ୟ ଅଧିକାରୀମାନେ ଗଣମାଧ୍ୟମ ସମ୍ମୁଖକୁ ଆସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ବିଷୟରେ ସୂଚନା ଦେଇଛନ୍ତି। ତେବେ ସ୍ୱଚ୍ଛ ପାନୀୟ ଜଳ ଏବେ ମହାନଗରବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି। କୁଢ଼କୁଢ଼ ଆବର୍ଜନା ଓ ଗଳିକନ୍ଦିରେ ଥିବା ନାଳି ମହାନଗରରେ ଅସ୍ୱାସ୍ଥ୍ୟକର ପରିବେଷଣ ସୃଷ୍ଟି କରୁଛି। ସେହିପରି ମହାନଗର ନିଗମ ଅଧୀନସ୍ଥ ଖାଦ୍ୟ ସୁରକ୍ଷା ବିଭାଗର ନିଷ୍କ୍ରିୟତା ଓ ସ୍ଥାଣୁତା ଯୋଗୁଁ ପଚାଶଢ଼ା ଫଳମୂଳ ଓ ଅନ୍ୟାନ୍ୟ ଖାଦ୍ୟ ଖୋଲାଖୋଲି ଭାବରେ ବିକ୍ରି ହେଉଛି। ଏଭଳି ପରିସ୍ଥିତିରେ ମାମଲା ନିୟନ୍ତ୍ରଣ ବାହାରକୁ ଯିବା ପୂର୍ବରୁ ବିଶୁଦ୍ଧ ଜଳ ଯୋଗାଣ ପାଇଁ ବ୍ୟାପକ ପଦକ୍ଷେପ ନେବା ସହ ଆବର୍ଜନାମୟ ହୋଇ ରହିଥିବା ସହରକୁ ସବୁଜ, ସୁନ୍ଦର ଓ ସ୍ୱାସ୍ଥ୍ୟକର କରିବା ପାଇଁ ଜରୁରୀକାଳୀନ ପଦକ୍ଷେପ ନେବାକୁ ସମ୍ବଲପୁର ବିଚାର ମଞ୍ଚର ଆବାହକ ବେଣୁଧର ଦାଶ ଦାବି କରିଛନ୍ତି।




# ବିପୁଳ ପରିମାଣ ବିଦେଶୀ ମଦ ଜବତ, ଜଣେ ଗିରଫ

**ପଟ୍ଟାଙ୍ଗି(ଅମୃତ ମିଡିଆ):**ବିଧାନସଭା ଏବଂ ଲୋକ ସଭା ନିର୍ବାଚନ ଯେତିକି ପାଖେଇ ଆସୁଛି ସେତିକି ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ଧରପଗଡ କ୍ଷେତ୍ରରେ ତତ୍ପରତା ପ୍ରକାଶ ପାଇଛି। ଏହିପରି କିଛି ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ କୁନ୍ଦୁଲି ଅଞ୍ଚଳରେ। ସୂଚନା ମୁତାବକ, ସୁନାବେଡା ଏସଡିପିଓ ମନୋବ୍ରତା ଶତପଥୀ ଏବଂ ଆଇପିଏସ୍(ପ୍ରୋଭିସନାଲ୍) ପାର୍ଥ କଶ୍ୟପ ମିଳିତ ଚଢାଉ ସମୟରେ ଉକ୍ତ ଅଞ୍ଚଳରୁ ୯୦ ଲିଟର ଫରେନ ଲିକର ସିଜ କରି ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛନ୍ତି। ସୂଚନାଯୋଗ୍ୟ, ଜିଲାର ପଟ୍ଟାଙ୍ଗି ବ୍ଲକ ଏକ ଆନ୍ଧ୍ର ରାଜ୍ୟ ସୀମାନ୍ତ ହୋଇଥିବା ବେଳେ ନିର୍ବାଚନ ବିଗୁଲ ବାଜିଥିବା ବେଳେ ଆଶାୟୀ ପ୍ରାର୍ଥୀମାନେ ମଧ୍ୟ ନିଜ ନିଜ ଦଳ ପକ୍ଷରୁ ଟିକେଟ ପାଇ ସାରିଲେଣି, ଯାହାକୁ ନେଇ ଏହିପରି ସ୍ଥିତିରେ ପୋଲିସ ପାଇଁ ସୁରକ୍ଷା ବ୍ୟବସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ହୋଇ ଥିବା ସହ ନିର୍ବାଚନ ପୁର୍ବରୁ ହେଉ ବା ନିର୍ବାଚନ ସମୟରେ କୈଣସି ଅଘଟଣ ନ ଘଟୁ ଏହାକୁ ଦୃଷ୍ଟିରେ ରଖି ସୁନାବେଡା ଏସଡିପିଓ ଶତପଥୀଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଅନ୍ୟପକ୍ଷରେ ଉକ୍ତ ଅଧିକାରୀଙ୍କ ଅଧିନରେ ଯାଉଥିବା ସୁନାବେଡା, ଶିମିଳିଗୁଡା, ଦାମନଯୋଡି, ପଟ୍ଟାଙ୍ଗି, କୋଟିଆ ଏବଂ ସୁଙ୍କି ପ୍ରମୁଖ ଥାନା ମାନଙ୍କ ଅଞ୍ଚଳରେ ଯେପରି କୈଣସି ଅଘଟଣ ନ ଘଟେ ସେଥିପ୍ରତି ଦୃଷ୍ଟି ରଖିବାକୁ ସମ୍ପୃକ୍ତ ଥାନାଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି।

## ୪ ଲୋକ ସଭା ଓ ୨୮ ବିଧାନସଭା କ୍ଷେତ୍ରର ପ୍ରସ୍ତୁତି ସମୀକ୍ଷା

**ସମ୍ବଲପୁର(ଅମୃତ ମିଡିଆ):** ସମ୍ବଲପୁର ଜିଲା ଗସ୍ତରେ ଆସି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ କୁମାର ଧଳ ଗୁରୁବାର ସମ୍ବଲପୁର ସହିତ ସୁନ୍ଦରଗଡ଼, ବରଗଡ଼ ଓ ଢେଙ୍କାନାଳ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୨୮ ବିଧାସନସଭା କ୍ଷେତ୍ରରେ ନିର୍ବାଚନୀ ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ସ୍ଥାନୀୟ ମହାନଗର ନିଗମ ନୂତନ କୋଠା ସମ୍ମିଳନୀ କକ୍ଷ (ଓସ୍ୱାନ ହଲ)ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରକ୍ଷା ବ୍ୟବସ୍ଥା, ନିର୍ବାଚନ ଆଚରଣ ବିଧି ତଥା ଭୋଟରଙ୍କ ସୁବିଧା ପାଇଁ ଗ୍ରହଣ କରାଯାଇଥିବା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଏଥିସହ ଆଭାସୀ ଜରିଆରେ ସେ ଅତିରିକ୍ତ ଡିଜି ତଥା ପୋଲିସ ନୋଡାଲ ଅଧିକାରୀ ସଞ୍ଜୟ ସିଂ, ତାଳଚେର ଡିଆଇଜି ସତ୍ୟବ୍ରତ ଭୋଇ, ରାଉରକେଲା ଡିଆଇଜି ନିତି ଶେଖର ତଥା ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସହ ଆଲୋଚନା କରିଥିଲେ। ସେ କହିଥିଲେ, ପେଡ୍ ଭୋଟ୍? ଓ ଟଙ୍କା ଚାଲାଣ ଉପରେ ମଧ୍ୟ ତୀକ୍ଷ୍ଣ ନଜର ରଖାଯିବ। ମୋଟ୍ ବୁଥ ମଧ୍ୟରୁ ୧୦ ପ୍ରତିଶତ ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରାଯାଇଛି। ଏହା ଉପରେ ମଧ୍ୟ ତୀକ୍ଷ୍ଣ ନଜର ରଖାଯାଇଛି। ସୁରକ୍ଷା ପାଇଁ ବର୍ତ୍ତମାନଠାରୁ ପୋଲିସ ସୁରକ୍ଷା କର୍ମୀ ଓ ଏକ କମ୍ପାନୀ ସିଆରପିଏଫ୍ ଯବାନଙ୍କୁ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି। ପୋଲିଂ ବୁଥ୍?ରେ ଭୋଟରଙ୍କ ପାଇଁ ବିଶ୍ରାମ, ଶୁଦ୍ଧ ପାନୀୟ ଜଳ, ପ୍ରାଥମିକ ଚିକିତ୍ସାକୁ ଗୁରୁତ୍ୱ ଦିଆଯାଇଛି। ସେହିପରି ବୟସ୍କ ଭୋଟର ଓ ଦିବ୍ୟାଙ୍ଗଙ୍କ ମତଦାନ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ପ୍ରାର୍ଥୀଙ୍କ ପାଇଁ ସୁବିଧା ପୋର୍ଟାଲର ବ୍ୟବସ୍ଥା ହୋଇଛି। ଏଥିରେ ସେମାନେ ଅନ୍‌ଲାଇନ ମାଧ୍ୟମରେ ନାମାଙ୍କନ ଦାଖଲ କରିପାରିବେ। ଏହାବ୍ୟତୀତ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ସାଧାରଣ ଜନତାଙ୍କ ଲାଗି ସି-ଭିଜିଲ୍ ଆପ୍ ବ୍ୟବହାର ସହିତ ଜିଲାସ୍ତରୀୟ କଣ୍ଟ୍ରୋଲ ରୁମ ଟୋଲ ଫ୍ରି ନମ୍ବର ୧୯୫୦ରେ ଯୋଗାଯୋଗ କରି ଅଭିଯୋଗ ଦାଖଲ ବ୍ୟବସ୍ଥା ହୋଇଛି। ଅଭିଯୋଗ ମିଳିଲେ ୧୦୦ ମିନିଟରେ ନିରାକରଣ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ନିର୍ବାଚନ ମାର୍ଗଦର୍ଶିକା ପତ୍ର ପ୍ରତ୍ୟେକ ଭୋଟରଙ୍କ ପରିବାରଙ୍କ ନିକଟରେ ପହଞ୍ଚାଇବାକୁ ସେ ନିୟୋଜିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖବରଦାତା ସମ୍ମିଳନୀରେ ଉତ୍ତରାଞ୍ଚଳ ଆରଡିସି ଶ୍ରୀକାନ୍ତ ପ୍ରୁଷ୍ଟି, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଓ ଅତିରିକ୍ତ ନିର୍ବାଚନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅଲିଭ୍ ରିଡ୍‌ଲେଙ୍କ ସମୂହ ଅଣ୍ଡାଦାନ ଆରମ୍ଭ



**କେନ୍ଦ୍ରାପଡ଼ା (ଅମୃତ ମିଡିଆ):**ଚଳିତବର୍ଷ ଭିତରକନିକା ଜାତୀୟଉଦ୍ୟାନ ଅନ୍ତର୍ଗତ ଗହୀରମଥା ସମୁଦ୍ର ତଟାଞ୍ଚଳରେ ବିରଳ ପ୍ରଜାତିର ସାମୁଦ୍ରିକ କଇଁଛ ଅଲିଭ ରିଡ୍‌ଲେ ସମୂହ ଅଣ୍ଡାଦାନ ଆରମ୍ଭ କରିଛନ୍ତି। ବହୁ ବିଳମ୍ବରେ ଗହୀରମଥାର ବିଭିନ୍ନ ସ୍ଥାନରେ ପ୍ରାୟ ୮ ହଜାର ଅଲିଭ ରିଡ୍‌ଲେ ମଙ୍ଗଳବାର ରାତିରେ ସମୂହ ଅଣ୍ଡାଦାନ କରିଛନ୍ତି। ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ଥିବା ବାବୁବାଲି, ବରୁଣେଇ, ପେଣ୍ଠ, ସାତଭାୟାର ବିସ୍ତୀର୍ଣ୍ଣ ବେଳାଭୂମିରେ ଏହି କଇଁଛମାନେ ଅଣ୍ଡାଦାନ ପରେ ସମୁଦ୍ରକୁ ଫେରି ଯାଇଥାନ୍ତି। ଗୋଟିଏ ଅଲିଭ ରିଡ୍‌ଲେ ୮୦ରୁ ୧୨୦ ପର୍ଯ୍ୟନ୍ତ ଅଣ୍ଡାଦାନ ବାଲିରେ କରିଥାନ୍ତି। ତେବେ ହଜାରେ ଅଣ୍ଡାରୁ ମାତ୍ର ଗୋଟିଏ ଅଲିଭ ରିଡ୍‌ଲେ ୫୦ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ବଞ୍ଚିଥାନ୍ତି ବୋଲି ଗହୀରମଥା ରେଞ୍ଜ ଅଧିକାରୀ ପ୍ରଦୋଷ ମହାରଣା କହିଛନ୍ତି। ଅଣ୍ଡା ନଷ୍ଟ ହେବା, ପାଣିପାଗ ପରିବର୍ତ୍ତନ, ସାମୁଦ୍ରିକ ଓ ବନ୍ୟ ଜୀବଜନ୍ତୁଙ୍କ ଶିକାର, ସମୁଦ୍ର ତଟବର୍ତ୍ତୀ ଅଞ୍ଚଳର ଉନ୍ନତୀକରଣ, ମନୁଷ୍ୟକୃତ ଅନ୍ୟ ବାଧା ପାଇଁ ଏହି ବିରଳ କଇଁଛ ହ୍ରାସ ପାଉଥିବା ସେ ଦର୍ଶାଇଛନ୍ତି। ତାଙ୍କ ସୂଚନା ମୁତାବକ, ଫ୍ଲାଟବ୍ୟାକ୍, ଲଗରହେଡସ, ଗ୍ରୀନ ଟର୍ଟଲ, ଲେଦରବ୍ୟାକ୍, ହକ୍ସବିଲସ, କେମ୍ପସ ରିଡ୍‌ଲେ ଓ ଅଲିଭ ରିଡ୍‌ଲେ ଆଦି ସାମୂହିକ ଅଣ୍ଡାଦାନ ପାଇଁ ଉପଯୁକ୍ତ ସ୍ଥାନ ଚୟନ କରିଥାନ୍ତି। ଏମାନଙ୍କ ମଧ୍ୟରୁ ଏକମାତ୍ର ଅଲିଭ ରିଡ୍‌ଲେ ପ୍ରଜାତି କଇଁଛ ବଙ୍ଗୋପସାଗରର ଓଡ଼ିଶା ତଟବର୍ତ୍ତୀ ଅଞ୍ଚଳକୁ ଆସିଥାନ୍ତି। କେତେକ କ୍ଷେତ୍ରରେ ଏମାନଙ୍କ ଆସିବା ସମୟରେ ମୃତ୍ୟୁ ଘଟୁଥିବା ବେଳେ ଅଣ୍ଡାରୁ ଶାବକ ହେବା ପୂର୍ବରୁ ବିପର୍ଯ୍ୟୟର ଶିକାର ହେବାକୁ ପଡ଼େ। ଅଣ୍ଡା ଓ ଶାବକକୁ କଙ୍କଡା, ପକ୍ଷୀ, ସରୀସୃପ ଓ ବନ୍ୟଜନ୍ତୁଙ୍କ ବିପଦ ଅଛି। ସେହିପରି କୁକୁରଙ୍କ ଦୃଷ୍ଟି ଏମାନଙ୍କ ଉପରେ ନିବଦ୍ଧ ଥିବାରୁ ଅଣ୍ଡା ଓ ଶାବକ ନଷ୍ଟ ହୋଇଥାନ୍ତି। ଶାବକମାନେ ସାଧାରଣରେ ଅଣ୍ଡାରୁ ବାହାରିବା ପରେ ରାତିର ସାମାନ୍ୟ ଆଲୁଅରେ ସମୁଦ୍ରକୁ ଯାଇଥାନ୍ତି। ମାତ୍ର କେତେକ ଅଞ୍ଚଳରେ ଗାଡିର ଉଜ୍ଜ୍ୱଳ ଆଲୋକ ପରି ଅନ୍ୟ ଆଲୋକ ଉତ୍ସକୁ ଅନୁସରଣ କରି ଶାବକ ସମୁଦ୍ରର ବିପରୀତ ମୁଖୀ ହେବା ବହୁ ନଜିର ଅଛି। ସେହିପରି ସମୁଦ୍ର କୂଳରେ ପଡ଼ିଥିବା ପ୍ଲାଷ୍ଟିକ ବୋତଲ, ଛତା, ବେଞ୍ଚ, ଜାଲ ଆଦି ସମୁଦ୍ରକୁ ଫେରିବାରେ ବାଧା ଦେଇଥାଏ। ନିଷିଦ୍ଧାଞ୍ଚଳରେ ପଶି କଇଁଛ ଅଣ୍ଡା ଓ ଶାବକକୁ କେତେଜଣ ବ୍ୟକ୍ତି ଚୋରାଇ ନେଇ ବ୍ୟବସାୟ କରିଥାନ୍ତି। ସମୁଦ୍ରରେ ପହଞ୍ଚିବା ପରେ ମଧ୍ୟ ବହୁ ବିପଦର ସମ୍ମୁଖୀନ ହୋଇଥାନ୍ତି। ମତ୍ସ୍ୟ ବ୍ୟବସାୟୀଙ୍କ ଗିଲନେଟର, ଟ୍ରଲର ମାଡରେ କଇଁଛଙ୍କ ଶରୀର କ୍ଷତାକ୍ତ ହୋଇଥାଏ। ସମୁଦ୍ରରେ ଭାସୁଥିବା ପ୍ଲାଷ୍ଟିକ ଓ ଅନ୍ୟ ବର୍ଜବସ୍ତୁର ଆହାର ଏମାନଙ୍କ ବିପଦ ସାଜିଥିବା ବେଳେ ଭାସମାନ ତୈଳ ନିଃଶ୍ୱାସ ପ୍ରଶ୍ୱାସରେ ଅସୁବିଧା ସୃଷ୍ଟି କରେ। ସମୁଦ୍ର କୂଳରେ ବର୍ଜ୍ୟବସ୍ତୁ ନ ଫିଙ୍ଗିବା, ଜାଲରେ ଟିଇଡି (ଟର୍ଟଲ ଏକ୍ସକ୍ଲ୍ୟୁଡର ଡିଭାଇସ) ଲଗାଇବା, ଅଣ୍ଡାଦାନ ସମୟରେ କୃତ୍ରିମ ଆଲୋକ ବ୍ୟବହାର ନ କରିଲେ ଏମାନଙ୍କ ବଂଶବୃଦ୍ଧି ହୋଇପାରିବ ବୋଲି ରେଞ୍ଜ ଅଧିକାରୀ ମହାରଣା ସୂଚନା ଦେଇଛନ୍ତି। ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି, ସ୍ଥାନୀୟ ବନ ବିଭାଗର କର୍ମଚାରୀ ଅଭାବ ସହ ବେଆଇନ ମାଛ ଧରା କଇଁଛ ସୁରକ୍ଷା ପାଇଁ ବାଧକ ସାଜିଛି। ଏଥିସହି ତଟବର୍ତ୍ତୀ ଅଞ୍ଚଳରେ ବଢୁଥିବା ଚିଙ୍ଗୁଡି ଘେରିରୁ ବାହାରୁ ଥିବା ବିଷାକ୍ତ ରାସାୟନିକ ଦ୍ରବ୍ୟ କଇଁଛଙ୍କ ମୃତ୍ୟୁର କାରଣ ହୋଇଛି। ପରିବେଶବିତ ସେକ୍ ଚାନ୍ଦ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଆଗାମୀଦିନରେ ଏହି ବିରଳ କଇଁଛଙ୍କ ସମୂହ ବଂଶ ଲୋପର କାରଣ ହେବ। ଜୀବଜନ୍ତୁଙ୍କୁ ଭଲ ପାଇବା ସହ ଗଛ ଲଗାଇବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୨୩ ମାର୍ଚ୍ଚ ୮ରୁ ୧୩ ତାରିଖ ମଧ୍ୟରେ ଏହି ଅଞ୍ଚଳରେ ମୋଟ ୫,୧୨,୧୭୫ ଅଲିଭ ରିଡଲେ କଇଁଛ ଅଣ୍ଡାଦାନ କରିଥିଲେ।

# ସରକାରୀ ନିୟମକୁ ବେଖାତିର

## ଆସୁନାହାନ୍ତି ସ୍ୱାସ୍ଥ୍ୟକର୍ମୀ : ରୋଗୀ ପାଉନାହାନ୍ତି ସ୍ୱାସ୍ଥ୍ୟସେବା



**ହାଟଡିହି (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଦଧିବାମନପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ନିୟଜିତ ସ୍ୱାସ୍ଥ୍ୟ କର୍ମୀ ନିର୍ଦ୍ଧାରିତ ସମୟରେ ନ ଆସୁଥିବା ନେଇ ରୋଗୀ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହେଇପଡିଥିବା ପରିଲକ୍ଷିତ ହେଇଛି । ସୂଚନା ଅନୁଯାୟୀ ସରକାର କେନ୍ଦୁଝର ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାକୁ ଜାତିୟ ସ୍ତରର ସ୍ୱୀକୃତି ଯୋଗାଇ ଦେବା ସହ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ମାନ୍ୟତା ପ୍ରମାଣପତ୍ରରେ ଦଧିବାମନପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରଟି ପ୍ରଥମ ସ୍ଥାନ ଅଧିକାର କରିଥିବା ଜାଣିବାକୁ ମିଳିଛି । ଖବର ଅନୁଯାଇ ସାରା ରାଜ୍ୟ ଓ ଜିଲ୍ଲାରେ ମଧ ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ରଟି ଜାତିୟ ଗୁଣବତ୍ତା ପ୍ରମାଣପତ୍ରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଏହି କେନ୍ଦ୍ରରେ ନିୟଜିତ ଥିବା କର୍ମଚାରୀ ତଥା ସ୍ୱାସ୍ଥ୍ୟ କର୍ମୀ ମିନତୀ ଜେନା ଉପଯୁକ୍ତ ସମୟରେ ପ୍ରତିଦିନ ସ୍ୱାସ୍ଥ୍ୟ କେନ୍ଦ୍ର ଆସୁ ନ ଥିବାର ଖବର ରହିଛି । ଏହିପରି ବ୍ୟତିକ୍ରମ ପୂର୍ବରୁ ଅନେକ ଥର ଅଭିଯୋଗ ହେଇଆସୁଥିଲେ ହେଁ ଉକ୍ତ ସ୍ୱାସ୍ଥ୍ୟ କର୍ମୀ ଅଭିଯୋଗକୁ କର୍ଣ୍ଣପାତ ନ କରିବା ସହ ସରକାରୀ ନିୟମକୁ ବେଖାତିର କରି ମନ ଇଛା ସ୍ୱାସ୍ଥ୍ୟ କେନ୍ଦ୍ର ଆସୁଥିବା ନେଇ ସ୍ଥାନୀୟ ବାସିନ୍ଦା କହିଛନ୍ତି କ୍ଷ ପ୍ରକାଶ ଥାଉ କି ସରକାରୀ ନିୟମ ଅନୁସାରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ଗୁଡିକ ସକାଳ ୮ ଘଟିକା ଠାରୁ ୧ ଘଟିକା ପର୍ଯ୍ୟନ୍ତ ଖୋଲା ରହିବା ସହ ଚିକିତ୍ସା ପାଇଁ ଆସୁଥିବା ସମସ୍ତ ରୋଗୀ ଏହି ନିର୍ଦ୍ଧାରିତ ସମୟ ମଧରେ ସ୍ୱାସ୍ଥ୍ୟ ସେବା ପାଇ ପାରିବେ । କିନ୍ତୁ ଏଠି ଦୁଃଖ ଆଉ ପରୀତାପର ବିଷୟ ଯେ ଉକ୍ତ ସ୍ୱାସ୍ଥ୍ୟ କର୍ମୀ ଜଣଙ୍କ ମନ ମୁଖି ଶାସନ ଚଳାଇବା ପରି ଠିକ ସମୟରେ ଅଫିସ ଆସି କାର୍ଯ୍ୟରେ ଯୋଗଦେଇ ପାରୁନଥିବା ବେଳେ ବିଭିନ୍ନ ସମୟରେ ବୟସ ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ଦୁର୍ବ୍ୟବହାର କରିଥିବା ମଧ ଶୁଣାଯାଉଛି । ପ୍ରକାଶ ଥାଉ କି ଗୁରୁବାର ସକାଳ ୮ : ୩୦ ମିନିଟ ସମୟରେ ଦଧିବାମନପୁର ଗ୍ରାମର ସୁନା ଯେନା (୬୨ ) ନାମକ ଜଣେ ବୃଦ୍ଧ ମହିଳା ଗତ ୫ ଦିନ ପୂର୍ବରୁ ଜ୍ୱର ଓ ଥଣ୍ଡାରେ ଆକ୍ରାନ୍ତ ହେବା ସହ ଗ୍ୟାଷ୍ଟିକ ବାହାରି ଥିବାରୁ ଚିକିତ୍ସା ହେବା ପାଇଁ ନିୟମିତ ୫ ଦିନ ମେଡିକାଲକୁ ଦୌଡୁ ଥିଲେ ସୁଦ୍ଧା ମେଡିକାଲରେ ସ୍ୱାସ୍ଥ୍ୟ କର୍ମୀ ନ ଥିବାରୁ ନିରାଶ ହେଇ ଫେରିଯାଇ ଥିବା ଦୃଶ୍ୟ ଦେଖିବାକୁ ମିଳିଛି । ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟ କର୍ମୀ ମିନତୀ ଜେନାଙ୍କୁ ପଚାରିବାରୁ ମୁଁ ସକାଳେ ଅଫିସ ଆସି ସରପଞ୍ଚଙ୍କ ପାଖକୁ ଯାଇଥିବା ସେ କହିଛନ୍ତି । କିନ୍ତୁ ସମୟ ୯ : ୧୫ ମିନିଟ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ଗୃହ ସହ ମୁଖ୍ୟ ଫାଟକରେ ମଧ ତାଲା ଝୁଲୁଥିବା ପରିଲକ୍ଷିତ ହେଇଥିଲା । ପ୍ରକାଶ ଥାଉ କି ଗୋଟିଏ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରରେ ଜଣେ ମହିଳା ସ୍ୱାସ୍ଥ୍ୟ କର୍ମୀ ଓ ଜଣେ ପୁରୁଷ ସ୍ୱାସ୍ଥ୍ୟ କର୍ମୀଙ୍କ ସହ ଗୋଷ୍ଠୀ ସ୍ୱାସ୍ଥ୍ୟ କର୍ମୀ ଜଣେ ନିୟଜିତ ହେଇଥିବା ବେଳେ ମଧ କାହିଁକି ସ୍ୱାସ୍ଥ୍ୟ ସେବାରେ ବ୍ୟତିକ୍ରମ ହେଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି କ୍ଷ ଏପରି କି ସରକାରଙ୍କ ନିରାମୟ ଯୋଜନା ପକ୍ଷରୁ ରାଜ୍ୟର ସମସ୍ତ ମେଡିକାଲକୁ ବିନା ମୂଲ୍ୟରେ ଯୋଗାଇ ଦେଉଥିବା ମେଡ଼ିସିନକୁ କାର୍ଯ୍ୟରତ ଗୋଷ୍ଠି ସ୍ୱାସ୍ଥ୍ୟ କର୍ମୀ ମିନତୀ ଜେନା ରୋଗୀଙ୍କୁ ମେଡ଼ିସିନ ପ୍ରଦାନ କରିବା ପରିବର୍ତ୍ତେ କୁଢ଼କୁଢ଼ ଅଦରକାରୀ ମେଡ଼ିସିନ ବାହାରେ ଫୋପାଡ଼ିବାକୁ ନେଇ ବିଭିନ୍ନ ବୁଦ୍ଧିଜୀବୀ ମହଲରେ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି କ୍ଷ ଏ ସମ୍ପର୍କରେ ଅଧିକ ସୂଚନା ପାଇଁ ଶାଳନିଆଁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ପ୍ରଭାତ ନାୟକଙ୍କୁ ପଚାରିବାରୁ , ଏହା ଏକ ନିନ୍ଦନୀୟ ଘଟଣା ହେଇଥିବା ବେଳେ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯାନୁଷ୍ଠାନ ଗ୍ରହଣ କରିବାକୁ ମତ ଦେଇଛନ୍ତି । ଏପଟେ କେବଳ ସୁନା ଯେନା ନୁହନ୍ତି ତାଙ୍କ ପରି ହେମଲତା ଯେନା, ଅନାମ ଯେନା, କାଳନ୍ଦୀ ଯେନା, ହେମ ଯେନା ପରି ଅନେକ ରୋଗୀ ପ୍ରାଥମିକ ଚିକିତ୍ସା ନିମନ୍ତେ ପ୍ରତିଦିନ ସ୍ୱାସ୍ଥ୍ୟ କେନ୍ଦ୍ର ଆସୁଥିଲେ ସୁଦ୍ଧା ସ୍ୱାସ୍ଥ୍ୟ କର୍ମୀଙ୍କ ଦ୍ୱାରା ଅପମାନିତ ହେବା ସହ ବିଭିନ୍ନ ଦୁର୍ବ୍ୟବହାରର ମଧ ଶିକାର ହେଇଥିବା କହିଛନ୍ତି । ତେଣୁ ଉଚ୍ଚ କତୃପକ୍ଷ ଏହାର ତଦନ୍ତ କରି କାର୍ଯାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳ ଦାବି କରିଛନ୍ତି ।

## ଶ୍ରୀରାମନବମୀ, ଦାଣ୍ଡଯାତ୍ରାର ପ୍ରଶାସନିକ ପ୍ରସ୍ତୁତି ବୈଠକ



**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ):** ନିଶ୍ଚିନ୍ତକୋଇଲି ବ୍ଲକ କୋଳ ପଞ୍ଚାୟତ ମଲ୍ଲିପୁର ଗ୍ରାମରେ ଥିବା ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କ ଅସୁରେଶ୍ୱର ଶ୍ରୀରାମ ନବମୀ ଯାତ୍ରା ଆସନ୍ତା ୧୭ତାରିଖ ଓ ପ୍ରସିଦ୍ଧ ଦାଣ୍ଡଯାତ୍ରା ଆସନ୍ତା ୨୩ତାରିଖରେ ଅନୁଷ୍ଠିତ ହେବ । ଏହି ଦୁଇ ଯାତ୍ରାରେ ରାଜ୍ୟର କୋଣ ଅନୁକୋଣରୁ ଲକ୍ଷାଧିକ ଭକ୍ତ ସମାଗମ ହେବାର କାର୍ଯ୍ୟକ୍ରମ ରହିଛି । ଏହି ଦୁଇ ଯାତ୍ରାକୁ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ ଓ ସଫଳ ରୂପାୟନ ପାଇଁ ପ୍ରଶାସନିକ ସ୍ତରରେ ଏକ ପ୍ରସ୍ତୁତି ବୈଠକ ଶ୍ରୀ ଜୀଉଙ୍କ ମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ତହସିଲଦାର ଅନିତା ନାୟକଙ୍କ ପୌରହିତ୍ୟରେ ଏଥିରେ ସାଲେପୁର ଉପଖଣ୍ଡ ଥାନା ଅଧିକାରୀ ନିହାର ରଂଜନ ପ୍ରଧାନ,କଟକ ଦେବୋ ର ବିଭାଗ ନିରୀକ୍ଷକ ପ୍ରଦିପ୍ତ କୁମାର ସାହୁ,ବିଡ଼ିଓ ବିରଞ୍ଚିନାରାୟଣ ବେହେରା,ଆଇଆଇସି ଯୁଗଳ କିଶୋର ଦାସ,ପାନୀୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ଚିନ୍ମୟ ବେହେରା, ସ୍ମୃତିରଂଜନ ସାମନ୍ତରାୟ,ଡ଼ଃ ସସ୍ମିତା ବେହେରା, ଡ଼ା. ରାଜଶ୍ରୀ ପ୍ରଧାନ, ଅଗ୍ନିଶମ ବିଭାଗର ଅଧିକାରୀ ମନୋଜ ମହାପାତ୍ର,ମନୋରଂଜନ ପଣ୍ଡା,ଗୁମାସ୍ତା ଅକ୍ଷୟ କୁମାର ଭୂୟାଁ ପ୍ରମୁଖ ଯୋଗ ଦେଇ ଏହି ଯାତ୍ରାରେ ସୁପରିଚାଳନା କାର୍ଯ୍ୟକ୍ରମ ସଂକ୍ରାନ୍ତରେ ବିଷଦ ଆଲୋଚନା କରିଥିଲେ । ମ୍ୟାନେଜିଂ ଟ୍ରଷ୍ଟି ପ୍ରକାଶ ଚନ୍ଦ୍ର ସାହୁ ପ୍ରଥମେ ଏହି ଯାତ୍ରାର ଆଭିମୁଖ୍ୟ ସଂକ୍ରାନ୍ତରେ ବିଷଦ ଆଲୋଚନା କରିଥିଲେ । ଯାତ୍ରା କମିଟିର ସମ୍ପାଦକ ପ୍ରଭାତ କୁମାର ରଥ ଯାତ୍ରାର ସମ୍ପୂର୍ଣ୍ଣ ବିବରଣୀ ପାଠ କରିଥିଲେ । ବିଶେଷ କରି ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ପର୍ଯ୍ୟାପ୍ତ ପୋଲିସ ଫୋର୍ସ ମୁତୟନ କରିବା,ପାନୀୟ ଜଳ ପାଇଁ ଆବଶ୍ୟକୀୟ ସ୍ଥଳେ ଟ୍ୟାପ୍ ଓ ପାଣି ଟ୍ୟାଙ୍କର ବ୍ୟବସ୍ଥା କରିବା, ଅତ୍ୟଧିକ ଗରମ ଦୃଷ୍ଟିରୁ ବିଦ୍ୟୁତ୍ ସରବରାହ ଯେଉଁଭଳି ବନ୍ଦ ନହୁଏ ସେଥିପ୍ରତି ଦୃଷ୍ଟି ଦେବା ସହିତ ଦାଣ୍ଡଯାତ୍ରାରେ ଉଜ୍ଜ୍ୱଳ ଆଲୋକକରଣ ବ୍ୟବସ୍ଥା କରାଇବା, ଭକ୍ତମାନଙ୍କୁ ଗ୍ରୀଷ୍ମ ଦାଉରୁ ରକ୍ଷା ଦେବା ପାଇଁ ପାଣି ସିଞ୍ଚନର ବ୍ୟବସ୍ଥା କରାଇବା,ଜରୁରୀକାଳୀନ ପରିସ୍ଥିତିରେ ଅସୁସ୍ଥ ଭକ୍ତମାନଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ଖୋଲିବା ଆଦି ବ୍ୟବସ୍ଥା ପାଇଁ ବୈଠକର ଆଲୋଚନା ହୋଇଛି । ବିଶେଷ କରି ଚଳିତ ବର୍ଷ ଏହି ଦୁଇ ଯାତ୍ରାରେ ଭକ୍ତମାନେ ସମ୍ପୂର୍ଣ୍ଣ ନିରାପଦ ପ୍ରଭୁ ଶ୍ରୀ ଜୀଉଙ୍କୁ ଦର୍ଶନ କରିବା ସହିତ ଶୃଙ୍ଖଳିତ ଭାବେ ମାନସିକ ନୈବେଦ୍ୟ ଅର୍ପଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି । ଶ୍ରୀ ରଘୁନାଥ ଜୀଉଙ୍କର ମୁଖ୍ୟ ନୈବେଦ୍ୟ ମାନସିକ ବାଣକୁ ଭକ୍ତମାନେ କିଭଳି ବାଣୁଆ ମାନଙ୍କ ଦ୍ୱାରା ଫୁଟାଇପାରିବେ ସେଥିପାଇଁ କଡ଼ା ସୁରକ୍ଷା ବଳୟ ବାରିକେଟର ବ୍ୟବସ୍ଥା କରାଯାଇଛି । ଏହି ବୈଠକରେ ଟ୍ରଷ୍ଟ ବୋର୍ଡ଼ ଓ ଯାତ୍ରା କମିଟିର ସଭ୍ୟ ଗୟାଧର ସ୍ୱାଇଁ,ମନୋରଂଜନ ଭୂୟାଁ,ସୁନିଲ କୁମାର ସିଂ, ଚିନ୍ମୟରଂଜନ ରାଉତରାୟ, ପୁରୁଷୋ ମ ଦାସ, ପ୍ରଭାତ ସ୍ୱାଇଁ,କିଶୋର ରାଉତରାୟ,ଶିବପ୍ରସାଦ ଦାସ,ସୁରେନ୍ଦ୍ରନାଥ ସାହୁ, ବିଜୟ କୁମାର ସାହୁଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ସରପଞ୍ଚଙ୍କ ପ୍ରତିନିଧି ଅନ୍ନଦାପ୍ରସାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅସହାୟକୁ ସହାୟତାର ହାତ ବଢ଼ାଇଲେ ବିଧାୟକ



**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ):** ନିଶ୍ଚିନ୍ତକୋଇଲି ବ୍ଲକ ଜୟରାମପୁର ପଞ୍ଚାୟତ ରସୁଲପୁର ଗ୍ରାମର ସେକ୍ ଅବଦୁଲ ଖାଲିଦ୍(୪୧)ଙ୍କ ହୃଦଘାତଜନିତ ମୃତ୍ୟୁ ହୋଇଥିବା ବେଳେ ଗତ ୮ମାସ ତଳେ ତାଙ୍କର ୩୩ବୟସ୍କା ପତ୍ନୀ ଆଫ୍ରିନ୍ ସୁଲତାନା ମଧ ରୋଗରେ ପଡ଼ି ଅକାଳ ବିୟୋଗ ଘଟିଥିଲା । ଏହି ଦମ୍ପତିଙ୍କର ୬ଟି କନ୍ୟା ଓ ଗୋଟିଏ ପୁତ୍ର ସନ୍ତାନ ଅଛନ୍ତି । ବାପ ମାଆ ମରିଯିବା ପରେ ଏବେ ଏହି ୭ଟି ସନ୍ତାନ ବେସାହାରା ହୋଇ ପଡ଼ିଛନ୍ତି । ବଡ଼ ଝିଅକୁ ମାତ୍ର ୧୪ବର୍ଷ ହୋଇଥିବା ବେଳେ ଅନ୍ୟ ଗୋଟିଏ ୬ବର୍ଷର ଝିଅକୁ ତାଙ୍କର ଜଣେ ସମ୍ପର୍କୀୟଙ୍କ ନିକଟରେ ରହିଥିବା ଜଣାଯାଇଛି । ମୃତ ଖାଲିଦ୍ ଜଣେ ମୂଲିଆ ଶ୍ରେଣୀର ହୋଇଥିବାରୁ ପ୍ରତିଦିନ ମୂଲପାତି ଲାଗି ତା'ର ପରିବାରକୁ ଭରଣପୋଷଣ କରେ । ବର୍ତମାନ ଏହି ୬ଜଣ ଅସହାୟ କୁ ପଡ଼ୋଶୀ ମାନେ ଖାଇବା ପିଇବାକୁ ଦେଉଛନ୍ତି । ଏଭଳି ସମ୍ବେଦନଶୀଳ ଘଟଣା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଶୁଣିବା ପରେ ତାଙ୍କ ପକ୍ଷରୁ ଏହି ଅସହାୟ କୁ ସହାୟତା ଯୋଗାଇ ଦେଇଛନ୍ତି । ବିଧାୟକଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ଉପାଧକ୍ଷ ଅଶୋକ କୁମାର ଓଝା ମୃତକଙ୍କ ଘରେ ପହଂଚି ବେସାହାରା ପିଲାମାନଙ୍କୁ ସାନ୍ତ୍ୱନା ଦେବା ସହିତ ଆର୍ଥିକ ସହାୟତା ଓ ଖାଦ୍ୟ ପଦାର୍ଥ ଯୋଗାଇ ଦେଇଛନ୍ତି । ଉପାଧକ୍ଷଙ୍କ ସହିତ ସ୍ଥାନୀୟ ଗ୍ରାମବାସୀମାନେ ଉପସ୍ଥିତ ହୋଇଥିଲେ ।

## ପଣିକିଆରେ ଭୋଟର ସଚେତନତା

### ଉନ୍ମୋଚନ କଲେ ଜିଲ୍ଲା ନିର୍ବାଚନ ଅଧିକାରୀ

**ମାଲକାନଗିରି (ଅମୃତ ମିଡିଆ):** ପଣିକିଆରେ ଭୋଟର ସଚେତନତା ଗୀତରେ କଣ୍ଠ ଦେଲେ ନାବାଳିକା ଦୁଇ ଭଉଣୀ । ପଣିକିଆ ଗାଇ ସମସ୍ତଙ୍କ ମନ ଜିଣିଥିବା ପ୍ରୀତି ସୁଲଗ୍ନା ଓ ଶ୍ରୁତି ସୁଲଗ୍ନାଙ୍କ '୧୧କ ପଣିକିଆରେ ଭୋଟର ସଚେତନତା' ଗୀତ ମାଲକାନଗିରି ଜିଲା ପରିଷଦ ସମ୍ମୀଳନୀ କକ୍ଷରେ ଜିଲାପାଳ ସଚିନ୍ ପାୱାର ଏବଂ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ସମେତ ନିର୍ବାଚନ ଅଧିକାରୀ ମାଲକାନଗିରି ଦ୍ୱାରା ଉନ୍ମୋଚନ କରାଯାଇଛି । ଓସେପାର ଯୁଗ୍ମ ନିର୍ଦ୍ଦେଶକ ଡ. ସନାତନ ପଣ୍ଡା ଏହି ସଚେତନ ଧର୍ମି ଗୀତର ଛନ୍ଦ ରଚନା କରିଥିବା ବେଳେ, ନିର୍ଦ୍ଦେଶନା ଦେଇଛନ୍ତି ସଙ୍ଗୀତ ଶିକ୍ଷକ କୁରେଶ ଚନ୍ଦ୍ର ସାହୁ ।

ସୂଚନା ଅନୁଯାୟୀ ଏହି ଗୀତର କଣ୍ଠଶିଳ୍ପୀ ଶ୍ରୁତି ସୁଲଗ୍ନା ଓଡ଼ିଶା ଆଦର୍ଶ ବିଦ୍ୟାଳୟ କାଙ୍ଗୁରୁକୋଣ୍ଡା, କାଲିମେଳାରେ ଅଷ୍ଟମ ଶ୍ରେଣୀ ପଢୁଥିବା ବେଳେ ପ୍ରୀତ ସୁଲଗ୍ନା, ରାଧା



ମୋହନ ଜୀଉ ନୋଡାଲ ଉଚ୍ଚ ବିଦ୍ୟାଳୟ, ଦଶପଲ୍ଲା, ନୟାଗଡ଼ରେ ଚତୁର୍ଥ ଶ୍ରେଣୀରେ ପଢୁଛନ୍ତି । ପିତା କୁରେଶ ଚନ୍ଦ୍ର ସାହୁ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ କାଙ୍ଗୁରୁକୋଣ୍ଡା, କାଲିମେଳା ମାଲକାନଗିରିରେ ସଙ୍ଗୀତ ଶିକ୍ଷକ ଥିବାବେଳେ ମାତା ଶୁଭଶ୍ରୀ ସନମ୍ ଦାଶ ରାଧା ମୋହନ ଜୀଉ ନୋଡାଲ ଉଚ୍ଚ ବିଦ୍ୟାଳୟ, ଦଶପଲ୍ଲା, ନୟାଗଡ଼ରେ ସଙ୍ଗୀତ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟରତ । ପଣିକିଆ ଭାଇରାଲ ଗାର୍ଲ୍ ଭାବେ ପରିଚିତ ଏହି ଦୁଇ ଭଉଣୀ ନିଜର ପ୍ରତିଟି ପଣିକିଆ ଗୀତରେ ସବୁବେଳେ ସମାଜକୁ ଦେଇଥାନ୍ତି ଅନେକ ସଚେତନ ବାର୍ତ୍ତା । ବାପା ମାଆଙ୍କ କହିବା କଥା, ଦୁଇ ଶିଶୁ ଙ୍କୁ ୧୮ ବର୍ଷ ନହୋଇ ମଧ, ଭାରତୀୟ ନିର୍ବାଚନ, ଆମ ଗଣତନ୍ତ୍ରର ଏକ ମହାନ୍ ପର୍ବ ବୋଲି ସେମାନେ ଏବେଠୁ ବୁଝି ଯାଇଛନ୍ତି । ୨୦୨୪ ନିର୍ବାଚନରେ ମତଦାତାଙ୍କ ସଂଖ୍ୟା ବୃଦ୍ଧି କରାଇବା ପାଇଁ, ଉଚିତ୍ ପ୍ରାର୍ଥୀ ଚୟନ, ଭୋଟର ମୂଲ୍ୟ ଅମୂଲ, ଇତ୍ୟାଦି ସମସ୍ତ କଥାକୁ ୧୧କ ପଣିକିଆ ମାଧ୍ୟମରେ ବଣ୍ଡା ଆଦିବାସୀ ଅଞ୍ଚଳର ବରିଷ୍ଠ ନାଗରିକ, ମହିଳା ଓ ଯୁବ ଭୋଟର ମାନଙ୍କୁ ପ୍ରୀତି ଓଶ୍ରୁତି ବୁଝାଉ ଛନ୍ତି । ଗଣତାନ୍ତ୍ରିକ ରାଷ୍ଟ୍ରରେ ଭୋଟର ମୂଲ୍ୟ ଭୋଟରମାନଙ୍କୁ ବୁଝାଇବା କେବଳ ସରକାରୀ କଳ କିମ୍ବା ପ୍ରଶାସନର ଦାୟିତ୍ୱ ନୁହେଁ, ସମସ୍ତ ନାଗରିକଙ୍କ କର୍ତ୍ତବ୍ୟ ମଧ ବୋଲି ଶ୍ରୁତି କୁହନ୍ତି । ତେବେ କେବଳ ରାଜ୍ୟ ନୁହେଁ, ଆମ ଦେଶର ମଙ୍ଗଳ ପାଇଁ ପ୍ରୀତି ଏଂ ଶ୍ରୁତି ମାଲକାନଗିରି ର ପାରମ୍ପରିକ ବେଶ ପୋଷାକରେ ସଜେଇ ହେଇ, ପଣିକିଆ ମାଧ୍ୟମରେ ଭୋଟର ମାନଙ୍କୁ ସଚେତନ କରି ଆଦର୍ଶ ଛାତ୍ରୀର ପରିଚୟ ସୃଷ୍ଟି କରିପାରିଛନ୍ତି ।

## ୫ ଅସହାୟ ଶିଶୁଙ୍କୁ ଥଇଥାନ କଲା ସିଡବ୍ଲ୍ୟୁସି

**ଫୁଲବାଣୀ (ଅମୃତ ମିଡିଆ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ସରାମୁଳି ଅଞ୍ଚଳର ଅସହାୟ ୫ ଜଣ ଶିଶୁ ଙ୍କର ପ୍ରଥମେ ମାଆ ର ମୃତ୍ୟୁ ହୋଇଥିବା ବେଳେ ଗତ ମାସରେ ବାପା ମଧ ଆରପାରିକୁ ଚାଲିଯିବା ପରେ ଜିଲ୍ଲା ଚାଇଲ୍ଡ ଲାଇନ ଓ ପ୍ରେମ୍ ସଂସ୍ଥାର କର୍ମକର୍ତ୍ତା ପହଞ୍ଚି ତଦନ୍ତ କରିଥିଲେ । ଆଜି ଚାଇଲ୍ଡ ଲାଇନ ଓ ପ୍ରେମ ସଂସ୍ଥା ସହିତ ଅଙ୍ଗନୱାଡ଼ି କର୍ମୀ ପାଞ୍ଚ ଭାଇ ଭଉଣୀଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ କମିଟିରେ ହାଜିର୍ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରନ ଙ୍କ ତତ୍ତ୍ୱାବଧାନରେ ସେମାନଙ୍କୁ କାଉନସେଲିଂ କରାଯାଇଥିଲା । ପରେ ଦୁଇ ଭାଇଙ୍କୁ କଳିଙ୍ଗା ଶିଶୁ ଯତ୍ନ ଅନୁଷ୍ଠାନ ଓ ଦୁଇ ଭଉଣୀଙ୍କୁ ଘୁ ଉଦୟଗିରି ଶିଶୁ ଯତ୍ନ ଅନୁଷ୍ଠାନ ହଷ୍ଟେଲରେ ଥଇଥାନ ପାଇଁ ସିଡ଼ବ୍ଲୁସି ନିର୍ଦ୍ଦେଶ ଦେଇଥିଲେ । ଏଂ ବଡ଼ ଭଉଣୀକୁ ମଧ ଫୁଲବାଣୀ ସରକାରୀ ପଲିଟେକନିକ୍ ରେ ପାଠ ପଢ଼ିବା ବନ୍ଦୋବସ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ନିର୍ବାହୀଯନ୍ତ୍ରୀଙ୍କ ଦ୍ୱାରା କେନାଲ ଗାର୍ଡ଼ୱାଲ ନିର୍ମାଣ କାର୍ଯ୍ୟ ତଦନ୍ତ

**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ):** କେନ୍ଦୁପାଟଣା ଜଳସେଚନ ବିଭାଗ ଅଧିନରେ ଥିବା ୮ଇ-୧ କେନାଲ ବନ୍ଧ ପାର୍ଶ୍ୱରେ ଚାଲିଥିବା ଗାର୍ଡ଼ୱାଲ ନିର୍ମାଣ କାର୍ଯ୍ୟକୁ ବନ୍ଦ କରାଯାଇଛି । ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଜଳସେଚନ ବିଭଗରୁ ଅନୁମତି ନନେଇ କେନାଲର ଶଯ୍ୟା ମଝିରେ ଏହି ଗାର୍ଡ଼ ୱାଲ ନିର୍ମାଣ କରୁଥିଲା । ଯାହାଦ୍ୱାରା ଚାଷ ଜମି ଜଳସେଚିତ ହେବା ପାଇଁ ସମସ୍ୟା ଉପୁଜିବାକୁ ଆଶଙ୍କା ନେଇ ଚାଷୀମାନେ ଜଳସେଚନ ବିଭାଗ ନିକଟରେ ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗକୁ ଭିତିକରି ଜଳସେଚନ ନର୍ଥ ଡ଼ିଭିଜନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ସନ୍ଦୀପ କୁମାର , କେନ୍ଦୁପାଟଣା ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ମଲିକ ଓ ଅଚ୍ୟୁତପୁର ସେକସନର କନିଷ୍ଠ ଯନ୍ତ୍ରୀ ଘଟଣା ସ୍ଥଳରେ ପହଞ୍ଚି ଏହାର ବିଧିବଦ୍ଧ ତଦନ୍ତ କରିଥିଲେ । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୌଣସି ଅନୁମତି ନିଆନଯାଇ କେନାଲ ଶଯ୍ୟା ମଝିରେ ବେଆଇନ ଗାର୍ଡ଼ୱାଲ ନିର୍ମାଣ କାର୍ଯ୍ୟ କରାଯାଉଥିବାରୁ ଜଳସେଚନରେ ସମସ୍ୟା ହେବ ବୋଲି ଉପଲବ୍ଧି କରି ଏଭଳି ପଦକ୍ଷେପ ନେଇଛନ୍ତି । ଯେତିକି ଗାର୍ଡ଼ୱାଲ ନିର୍ମାଣ ହୋଇଛି ତା'ପରେ ଆଉ ନିର୍ମାଣ କାର୍ଯ୍ୟ ନକରାଯିବାକୁ କେନ୍ଦୁପାଟଣା ଜଳସେଚନ ବିଭାଗ ନିର୍ବାହୀ ସହକାରୀ ଯନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଜଳସେଚନ ବିଭାଗର ମୁଖ୍ୟ ଯନ୍ତ୍ରୀ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ଯନ୍ତ୍ରୀ ନିକଟକୁ ପତ୍ର ଲେଖାଯାଇଛି । ତଦନ୍ତ ସମୟରେ ଜଳସେଚନ ବିଭାଗ ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଘଟଣା ସ୍ଥଳକୁ ଆସିବା ପାଇଁ କୁହାଯାଇଥିଲେ ମଧ ସେ ନିଜେ ନଆସି କନିଷ୍ଠ ଯନ୍ତ୍ରୀ ଉର୍ମି ପ୍ରିୟଦର୍ଶିନୀଙ୍କୁ ପଠାଇଥିଲେ । କେବଳ ଏହି କେନାଲ ନୁହେଁ , ବିଗତ ଦିନରେ ଜଳସେଚନ ବିନା ଅନୁମତିରେ ଅନେକ ଗୁଡ଼ିଏ କେନାଲରେ ବନ୍ଧକୁ ସୁରକ୍ଷା କରି ରାସ୍ତା ଓସାରିଆ କରିବା ନିମନ୍ତେ କେନାଲ ମଝି ଶଯ୍ୟାରେ ଗାର୍ଡ଼ ୱାଲ ନିର୍ମାଣ କରିଥିବାରୁ ଜଳସେଚନରେ ସମସ୍ୟା ଉପୁଜି ବହୁ ଚାଷ ଜମି ପଡ଼ିଆ ରହିଥିବା ମଧ ଦେଖାଯାଇଛି ।

## ହ୍ୟାଟ୍ରିକ୍ ପରାଜୟ ଭୟରେ ସାଂସଦ ପ୍ରାର୍ଥୀରୁ ଓହରିଲେ ଭକ୍ତ

**କଳାହାଣ୍ଡି (ଅମୃତ ମିଡିଆ):** ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଘୋଷଣା ପରେପରେ ରାଜନୈତିକ ବାତାବରଣ ଧିରେଧିରେ ସରଗରମ ହେବାରେ ବସିଛି ।ଜିଲ୍ଲାରେ ଏବେ ଶାଶକ ଦଳ ବିରୋଧରେ ମୁକାବିଲା ପାଇଁ ବିଜେପି ଅପେକ୍ଷା କଂଗ୍ରେସ ଅଧିକ ଚର୍ଚ୍ଚାରେ ରହିଛି ।କାରଣ ଏଥର ଜିଲ୍ଲାର ଟାଣୁଆ ନେତା ତଥା ଅଖିଳ ଭାରତୀୟ ଜାତୀୟ କଂଗ୍ରେସ ସ୍ଥାୟୀ କମିଟି ସଦସ୍ୟ ,ପୂର୍ବତନ କେନ୍ଦ୍ରମନ୍ତ୍ରୀ ,୮ଟି ରାଜ୍ୟର ସ୍କ୍ରିନିଂ କମିଟି ଚେୟାରମେନ୍ ଏବଂ ରାଜ୍ୟ କଂଗ୍ରେସ ପ୍ରଚାର କମିଟି ଅଧକ୍ଷ ଭକ୍ତଚରଣ ଦାସ କଳାହାଣ୍ଡି ଲୋକସଭା ଆସନରୁ ପ୍ରାର୍ଥୀ ନହୋଇ ବିଧାୟକ ପ୍ରାର୍ଥୀ ହୋଇଛନ୍ତି ।ସମଗ୍ର ସଂସଦୀୟ କ୍ଷେତ୍ରରେ ଦବଦବା ଥିବା ଜଣେ ପ୍ରଭାବଶାଳୀ ନେତା ଓ ପ୍ରଚଣ୍ଡ ସାଂଗଠନିକ ଦକ୍ଷତାର ଅଧିକାରୀ ଓ ବଳିଷ୍ଠ ନେତୃତ୍ୱର ନାୟକ କୁହାଯାଉଥିବା ଭକ୍ତଚରଣ ଦାସ ଏଭଳି ନିଷ୍ପତ୍ତି କାହିଁକି ନେଇଛନ୍ତି ତାହାକୁ ନେଇ ଏବେ ଚର୍ଚ୍ଚା ଚାଲିଛି ।ଗତ ଦୁଇଟି ନିର୍ବାଚନରେ ପରାଜୟକୁ ସାମ୍ନାକରି ତୃତୀୟ ସ୍ଥାନରେ ରହିବା ପରେ ବୋଧେ ସେଆଉ ଚାହିଁଲେ ନାହିଁ ହ୍ୟାଟ୍ରିକ୍ ପରାଜୟକୁ ଜାଣିଶୁଣି ସ୍ୱାଗତ କରିବେ ।କାରଣ ସାଂସଦ ପ୍ରାର୍ଥୀ ହୋଇ ହାରଜିତରେ ଖେଳରେ ନିଜ ରାଜନୈତିକ ଭବିଷ୍ୟତକୁ ବାଜି ଲଗାଇବା ଉଚିତ୍ ମଣି



ନାହାଁନ୍ତି କି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି ।୨୦୧୪ କଳାହାଣ୍ଡି ସଂସଦୀୟ କ୍ଷେତ୍ର ନିର୍ବାଚନରେ ବିଜେଡି ପ୍ରାର୍ଥୀ ଅର୍କକେଶରୀ ଦେଓ ୩,୭୦,୮୭୧ ଖଣ୍ଡ ଭୋଟ୍ ପାଇଥିବାବେଳେ ବିଜେପି ପ୍ରାର୍ଥୀ ପ୍ରଦୀପ କୁମାର ନାଏକ ୩,୧୪,୫୨୪ ଖଣ୍ଡ ଭଞ୍ଜଟ୍ ପାଇଥିଲେ ଏବଂ କଂଗ୍ରେସ ପ୍ରାର୍ଥୀ ଭକ୍ତଚରଣ ଦାସ ୩,୦୭,୯୬୭ ଖଣ୍ଡ ଭୋଟ୍ ହାତେଇଥିଲେ ।୨୦୧୯ ସାଧାରଣ ନିର୍ବାଚନକୁ ଅବଲୋକନ କଲେ ନୂଆଁମୁହଁ ଭାବେ ବିଜେପି ପ୍ରାର୍ଥୀ ବସନ୍ତ ପଣ୍ଡା ଆବିର୍ଭାବ ହୋଇ ନିର୍ବାଚନ ଲଢି ଭକ୍ତଚରଣ ଦାସଙ୍କୁ ତୃତୀୟ ସ୍ଥାନକୁ ଠେଲିଦେଇଥିଲେ ।ବସନ୍ତ ୪,୩୩,୦୭୪ଖଣ୍ଡ ଭୋଟ ପାଇଥିବାବେଳେ ନିକଟତମ ବିଜେଡି ପ୍ରାର୍ଥୀ ପୁଷ୍ପେନ୍ଦ୍ର କୁମାର ସିଂଦେଓ ୪,୦୬,୨୬୦ଖଣ୍ଡ ଭୋଟ୍ ପାଇ ଦ୍ୱିତୀୟ ସ୍ଥାନ ଅକ୍ତିଆର କରିଥିବାବେଳେ କଂଗ୍ରେସ ପ୍ରାର୍ଥୀ ଭକ୍ତଚରଣ ଦାସ ମାତ୍ର ୩,୧୯,୨୦୨ ଖଣ୍ଡ ଭୋଟ୍ ପାଇଁ ତୃତୀୟ ସ୍ଥାନରେ ରହିଥିଲେ ।କଂଗ୍ରେସର ଜାତୀୟସ୍ତରର ନେତା ରୂପେ ଭକ୍ତ ନିଜକୁ ସୁନ୍ଦର ଭାବେ ନିର୍ମାଣ କରିପାରିଛନ୍ତି ।ତେବେ ନିଜ ରାଜନୈତିକ କ୍ଷେତ୍ର କଳାହାଣ୍ଡିର ଭୋଟର୍ ମାନେ କେଉଁ ମାନସିକତାରୁ ଭକ୍ତଙ୍କ ନିକଟରୁ ମୁହଁ ଫେରାଇ ଆଣୁଛନ୍ତି ତାହା ସବୁଠୁ ବଡ ପ୍ରଶ୍ନବାଚୀ ।ଲଗାତାର ଦୁଇଦୁଇଟି ନିର୍ବାଚନରେ ସ୍ଥିତି ସାଂଘାତିକ ପରିସ୍ଥିତି ସୃଷ୍ଟି କରିଥିଲା ।ତେଣୁ ଆସନ୍ତା ନିର୍ବାଚନ ପାଇଁ ମନରେ ଗାଣିତିକ ଦୃଷ୍ଟିରୁ ଭୟ ରହିବା ସ୍ୱାଭାବିକ ।ଏତେ ବଡ ପ୍ରଭାବୀ ନେତା ଜୁନାଗଡ କି ଧର୍ମଗଡ ବିଧାନସଭା ଆସନକୁ ବାଦ୍ ଦେଇ ନର୍ଲା ଆସନରୁ ସେ କାହିଁକି ନିର୍ବାଚନ ଲଢିବାକୁ ମନସ୍ଥିର କରିଛନ୍ତି ତାହାବି ଅନେକଙ୍କୁ ନାନା ପ୍ରଶ୍ନରେ ଛନ୍ଦି ଦେଇଛି ।ଅତୀତରେ ସେ ଦୁର୍ନୀତି ,ଅନିତୀ ,ବ୍ୟଭିଚାର ଓ ଭ୍ରଷ୍ଟାଚାର ବିରୋଧରେ ରଣହୁଙ୍କାର ଦେଉଥିଲେ ।ଏବେ ସେସବୁକୁ ଭୁଲି ନର୍ଲା ଆସନ ଉପରେ ଦୃଷ୍ଟି ନିକ୍ଷେପ କରିଛନ୍ତି କେମିତି ବୋଲି ଅନେକ ଆଲୋଚନା କରୁଛନ୍ତି ।୪୦ ବର୍ଷ ପରେ ଭକ୍ତ ରାଜ୍ୟ ରାଜନୀତିକୁ ଫେରୁଛନ୍ତି ।ଜେନେରେସନ୍ ଗ୍ୟାପ୍ ଭିତରେ ଅନେକ ପରିବର୍ତ୍ତନ ଘଟିଛି ।ଭକ୍ତଙ୍କ ଠାରୁ ଏକାଧିକ ପୂର୍ବତନ ବିଧାୟକ ଦୁରେଇ ଯାଇ ସେମାନେ ବିଜେଡି ଓ ବିଜେପି ଦଳରେ ନିଜ ସ୍ଥିତି ସୁଦୃଢ଼ କରିଛନ୍ତି ।କେବଳ ପୂର୍ବତନ ବିଧାୟକ ନୁହନ୍ତି ବହୁ ଆଗଧାଡିର ଦକ୍ଷ ସଚ୍ଚା କର୍ମୀ ଭକ୍ତଙ୍କୁ ବହୁଆଗରୁ ଛାଡିଦେଇଛନ୍ତି ।ଯଦିଓ ସେସମୟ ଭିନ୍ନଥିଲା ନୂଆଁ ଭୋଟର୍ ମାନେ ନିଜ ଭବିଷ୍ୟତ ଗଠନରେ ଯେଉଁ ଦଳ ସାହାଯ୍ୟ ଓ ସହଯୋଗ ଦେଇଆସୁଛି ସେଦଳ ପ୍ରତି ଦୁର୍ବଳତା ରହିବା ସୁନିଶ୍ଚିତ ।ଏଠାରେ ଅନୁମାନ କରାଯାଉଛି ଯେ ୪୦ବର୍ଷ ବୟଷର ଭୋଟର ମାନେ ବିକାଶକୁ ପ୍ରାଥମିକତା ଦେଇ ପ୍ରକୃତ ପ୍ରାର୍ଥୀ ଚୟନ କରିବେ ଏଥିରେ ସନ୍ଦେହ ନାହିଁ ।ତେଣୁ ନର୍ଲାର ବର୍ତ୍ତମାନ ଚିତ୍ର ବଦଳିଥିଲେ ମଧ ନର୍ଲା ବିଧାନସଭା ଆସନରେ ଭକ୍ତଚରଣ ଦାସଙ୍କ ଭଳି ଜଣେ କ୍ରାନ୍ତୀକାରୀ ବିପ୍ଳବୀ ନେତା ନିର୍ବାଚନରେ କିପ୍ରକାର ଗୋଟି ଚାଳନା କରିବେ ଏବଂ ଭୋଟର ଭକ୍ତଚରଣ ଦାସଙ୍କୁ କି ପ୍ରକାର ମାପକାଠିରେ ଆକଳନ କରୁଛନ୍ତି ତାହା ନିର୍ବାଚନ ଫଳାଫଳ କହିବ ।

# ହୋମ୍‌ଗାର୍ଡଙ୍କ ଉପସ୍ଥିତିରେ ବୋମାମାଡ଼



## ଏକ ଅଫୁଟା ବୋମା ଜବତ

**ପୁରୀ (ବ୍ୟୁରୋ):** ପୁରୀରେ ପୁଣି ଫୁଟିଲା ବୋମା। ହୋମଗାର୍ଡଙ୍କ ଉପସ୍ଥିତିରେ ବୋମାମାଡ଼ ହୋଇଛି। ବାସେଳୀ ସାହି ଥାନା ଅନ୍ତର୍ଗତ ବାରବାଟି ଜାଗା କଲ୍ୟାଣ ମଣ୍ଡପ ନିକଟରେ ବୋମା ଫୁଟିଥିବା ବେଳେ ପାର୍କିଂରେ ଗାଡ଼ି ରଖୁଥିବା ଯାତ୍ରୀମାନେ ଭୟଭୀତ ହୋଇ ପଡ଼ିଛନ୍ତି। ଗୋଟିଏ ବୋମା ଫୁଟିଥିବା ବେଳେ ଆଉ ଏକ ଅଫୁଟା ବୋମା ପୋଲିସ ଜବତ କରିଛି। ପୋଲିସର ସୂଚନା ଅନୁଯାୟୀ, ଶୁକ୍ରବାର ଦିନ ପ୍ରାୟ ସାଢେ ବାରଟା ବେଳେ ଚିତ ପୁରୋହିତ ନାମକ ଜଣେ ବ୍ୟକ୍ତି ଦୁଇଟି ବୋମା ସାଙ୍ଗରେ ନେଇ ଯାଉଥିଲେ। ସେ ଚାଲି ଚାଲି ଯାଉଥିବା ସମୟରେ ଗୋଟିଏ ବୋମା ରାସ୍ତାରେ ଫୁଟିଥିବା ବେଳେ ଆଉ ଗୋଟିଏ ବୋମା ତଳେ ପଡ଼ିଥିଲେ ମଧ୍ୟ ଫୁଟି ନଥିଲା। କୌଣସି ଅପରାଧ ଘଟାଇବା ପାଇଁ ଚିତ ସାଙ୍ଗରେ ବୋମା ନେଇ ଯାଉଥିଲେ ବୋଲି ପୋଲିସ ସନ୍ଦେହ କରୁଛି। ତେବେ ସମ୍ପୃକ୍ତ ବ୍ୟକ୍ତି ଜଣକ ଫେରାର ହୋଇଯାଇଥିବା ବେଳେ ତାକୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖୁଛି। ସେପଟେ ଗତ ମଙ୍ଗଳବାର ପୁରୀରେ ଜଣେ ହୋଟେଲ କର୍ମଚାରୀଙ୍କୁ ଅତି ବିଭତ୍ସ ଭାବେ ହତ୍ୟା ସାଙ୍ଗକୁ ବୁଧବାର ଜଣେ ଆଇନଜୀବୀଙ୍କ ଉପରକୁ ବୋମାମାଡ ହୋଇଥିଲା। ଏହି ଘଟଣା ଲୋକଙ୍କ ମନରୁ ନଲିଭୁଣୁ ଆଜି ବାରବାଟି ଜାଗା କଲ୍ୟାଣ ମଣ୍ଡପ ନିକଟରେ ବୋମା ଫୁଟିବା ଘଟଣାକୁ ନେଇ ସହରରେ ଭୟର ବାତାବରଣ ଖେଳି ଯାଇଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ପୋଲିସ ତୁରନ୍ତ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ପୁରୀ ସହରବାସୀ ଦାବି କରିଛନ୍ତି ।

# ବୃଦ୍ଧିପାଉଛି ପିଲା ନିଖୋଜ ଘଟଣା

**ପୁରୀ (ବ୍ୟୁରୋ):** ପୁରୀ ଜିଲାରେ ପିଲା ନିଖୋଜ ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଗତ ୬ବର୍ଷ ମଧ୍ୟରେ ୧୫୦ରୁ ଊର୍ଦ୍ଧ୍ୱ ପିଲା ନିଖୋଜ ହୋଇଥିବା ଜଣାପଡ଼ିଛି। ଗତ ୨୦୧୮ରୁ ୨୦୨୪ ମାର୍ଚ୍ଚ ମାସ ମଧ୍ୟରେ ପୁରୀ ସହର ସମେତ ଜିଲାରେ ୧୮ ବର୍ଷରୁ କମ୍ ନାବାଳିକା ଓ ନାବାଳକ ନିଖୋଜ ନେଇ ବିଭିନ୍ନ ଥାନାରେ ଅଭିଯୋଗ ରହିଛି। ଏପରିକି ଗତବର୍ଷ ପୁରୀ ସହରରୁ ଜଣେ ଶିଶୁକନ୍ୟା ନିଖୋଜ ହୋଇଥିବା ନେଇ ପୋଲିସକୁ ଅଭିଯୋଗ ମିଳିଥିଲା। ଏହି ଘଟଣା ନେଇ ସେତେବେଳେ ପିଲାଚୋର ଆତଙ୍କ ସୃଷ୍ଟି ହୋଇ ଥିବାବେଳେ ପୁରୀ ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା। ସୂଚନା ଅନୁଯାୟୀ, କଟକ ନିଆଳି ଅଞ୍ଚଳର ସସ୍ମିତା ମଲ୍ଲିକ ଓ ସଞ୍ଜୟ ମଲ୍ଲିକ ପୁରୀ ଚାଲିଆସି ବଳିଆପଣ୍ଡା ଥାନା ଅନ୍ତର୍ଗତ ଲାଇଟହାଉସ୍ ବେଳାଭୂମି ନିକଟରେ ରହି ପଇଡ଼ ବେପାର କରୁଥିଲେ। ଗତବର୍ଷ ଜୁଲାଇ ୨୬ ତାରିଖ ସନ୍ଧ୍ୟାରେ ଏହି ବେଳାଭୂମି ନିକଟରେ କେତେଜଣ ଦୁର୍ବୃତ୍ତ ଏକ କାର ରଖି ପଇଡ଼ ପିଇବା ସହ ସଞ୍ଜୟ ଓ ସସ୍ମିତାଙ୍କ ଅଲକ୍ଷରେ ତାଙ୍କ ଅଢେଇ ବର୍ଷର ଝିଅ ରାଧାଙ୍କୁ ଅପହରଣ କରିନେଇଥିଲେ। ଏନେଇ ପରିବାର ପକ୍ଷରୁ ବଳିଆପଣ୍ଡା ଥାନାରେ ଅଭିଯୋଗ କରାଯାଇଥିଲା। ପୁରୀରେ ଅଙ୍ଗତସ୍କରୀ ଓ ପିଲାଚୋରି ର୍‍ୟାକେଟ୍ ସକ୍ରିୟ ଥିବା ନେଇ ସଞ୍ଜୟ ଆଶଙ୍କା ପ୍ରକଟ କରି ତତ୍କାଳୀନ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଘଟଣାର ଛାନଭିନ୍ କରିବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ। ତେବେ ଘଟଣାର ପ୍ରାୟ ୯ ମାସ ପରେ ମଧ୍ୟ ପୋଲିସ ରାଧାଙ୍କୁ ଠାବ କିମ୍ବା ଦୁର୍ବୃତ୍ତଙ୍କୁ ଗିରଫ କରିପାରିନଥିଲା। ଅନ୍ୟପକ୍ଷରେ ଜିଲାରେ ଏଭଳି ଘଟଣା ନେଇ ୩୬୩ ଆଇପିସିରେ ଅନେକ ମାମଲା ରୁଜୁ ହୋଇଥିଲା, ଯାହା ପୋଲିସ ପାଇଁ ଚିନ୍ତାର କାରଣ ସାଜିଥିଲା। ତେଣୁ ପିନାକ ମିଶ୍ର ନୂତନ ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏ ସମ୍ପର୍କିତ ମାମଲା ଉପରେ ଗୁରୁତ୍ୱ ଦେଇଥିଲେ। ଫଳରେ ଗତ ଏକ ମାସ ହେବ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରାଯାଇଥିଲା। ନିଖୋଜ ଥିବା ନାବାଳିକା, ନାବାଳକ ମାନଙ୍କୁ ଟ୍ରେସ୍ କରିବା ପାଇଁ ପୋଲିସ ପ୍ରୟାସ ଚଳାଇଥିଲା। ଫଳରେ ୧୪୫ ଜଣ ନାବାଳିକା ଓ ନାବାଳକଙ୍କୁ ବିଭିନ୍ନ ସ୍ଥାନରୁ ଉଦ୍ଧାର କରି ସେମାନଙ୍କ ମାତାପିତା ତଥା ଲିଗାଲ ଗାର୍ଡିଆନ ମାନଙ୍କୁ ହସ୍ତାନ୍ତର କରାଯାଇଛି। ଉକ୍ତ ପିଲାମାନଙ୍କ ମଧ୍ୟରେ ପିପିଲି ସବ୍‌ଡିଭିଜନ୍‌ର ବିଭିନ୍ନ ଥାନା ଅଞ୍ଚଳରୁ ୩୫, ନିମାପଡ଼ା ଡିଭିଜନରୁ ୫୫, ପୁରୀ ସଦର ଡିଭିଜନରୁ ୨୮ ଏବଂ ପୁରୀ ସହର ଡିଭିଜନରୁ ୨୭ଜଣ ରହିଛନ୍ତି। ଏସ୍‌ପି ମିଶ୍ର କହିଛନ୍ତି, ଏଭଳି ଡ୍ରାଇଭ ଆଗକୁ ମଧ୍ୟ ଜାରି ରହିବ। ଯେତେ ମାଇନର ରିଲେଟେଡ୍ କେସ ରହିଛି ତାହାକୁ ପୋଲିସ ଗୁରୁତ୍ୱର ସହ ନେଉଛି। ସେହିପରି ବଳିଆପଣ୍ଡା ଥାନା ଅନ୍ତର୍ଗତ ସମୁଦ୍ରକୂଳ ଅଞ୍ଚଳରୁ ଛୋଟ ଝିଅ ନିଖୋଜ ଘଟଣାର ତଦନ୍ତ ବର୍ତ୍ତମାନ ଜାରି ରହିଛି। ଏ କ୍ଷେତ୍ରରେ କ୍ରାଇମବ୍ରାଞ୍ଚର



ସହାୟତା ନିଆଯାଉଛି। ନିଖୋଜ ଛୁଆଙ୍କ ମା' ବାପା ଯେଉଁମାନଙ୍କ ନାମରେ ଅଭିଯୋଗ ଆଣିଛନ୍ତି, ସେମାନଙ୍କର ଲାଇଭ ଡିଟେକସନ୍ କରିବାକୁ ଅନୁମତି ମଗାଯାଇଛି। ସେହିପରି ତାଙ୍କ ମା' ଅଭିଯୁକ୍ତଙ୍କୁ ଦେଖିଛନ୍ତି ବୋଲି କହିଛନ୍ତି। ତେଣୁ କୋର୍ଟଙ୍କ ଅନୁମତି ଅଣାଯାଇ ପୋର୍ଟରାଇଟ କରାଯାଇ ସମସ୍ତ ଥାନାକୁ ପଠାଯିବ। ପୋଲିସ ଖୁବଶୀଘ୍ର ନିଖୋଜ ରାଧାଙ୍କୁ ଉଦ୍ଧାର କରିବ ବୋଲି ଏସ୍‌ପି କହିଛନ୍ତି।

## ଶ୍ରୀଜଗନ୍ନାଥ ଚେତନା ଘରେଘରେ ଜାଗରଣ ହେଉ

**ପୁରୀ (ବ୍ୟୁରୋ):** ଓଡ଼ିଶା ରେ ଆଧ୍ୟାତ୍ମିକ ପରିବେଶ ଓ ଶୃଙ୍ଖଳିତ ସମାଜ ଗଠନ ପାଇଁ ଶ୍ରୀଜଗନ୍ନାଥ ଚେତନା ଘରେଘରେ ପ୍ରଚାରିତ ହୋଇ ଏକ ଧର୍ମୀୟ ଜନଜାଗରଣ ସୃଷ୍ଟି କରୁ ବୋଲି ପଦ୍ମଶ୍ରୀ ପଣ୍ଡିତ ସଦାଶିବ ରଥଶର୍ମା ସ୍ମୃତି ରେ ଅନୁଷ୍ଠିତ ପାପମୋଚନ ଏକାଦଶୀ ମହୋତ୍ସବ ରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।ଶ୍ରୀନୀଳାଦ୍ରି ସତସଂଘ, ବିଶ୍ୱ ଜଗନ୍ନାଥ ଚେତନା ସଂସଦ,ଚାରଣ ଗୋଷ୍ଠୀ ଓ ରଥଶର୍ମା ସ୍ମୃତି ସଂସଦ ପକ୍ଷରୁ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଅତିଥି ଭାବେ ଗବେଷକ ଡକ୍ଟର ଭାସ୍କର ମିଶ୍ର, କଥାକାର ଓ ଗୀତିକାର ବଦ୍ରି ମିଶ୍ର, ଶ୍ରୀମନ୍ଦିର ର ବରିଷ୍ଠ ସେବାୟତ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ଉତ୍ତରପାର୍ଶ୍ୱ ମଠାଧୀଶ ନାରାୟଣ ରାମାନୁଜ ଦାସ, ବିଶିଷ୍ଟ ଦଇତାପତି ରାମଚନ୍ଦ୍ର ଦାସ ମହାପାତ୍ର ଓ ଗୋବିନ୍ଦ ଚନ୍ଦ୍ର ବେହେରା ଯୋଗଦେଇ ପଣ୍ଡିତ ରଥଶର୍ମାଙ୍କ ସମୟରେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ସାହିତ୍ୟ ର ବିକାଶ ସହ ଜଗନ୍ନାଥଙ୍କ ମହିମାକୁ ବିଶ୍ୱମୟ କରିବାରେ ତାଙ୍କର ଆମେରିକା ଗ୍ରସ୍ତ ସଂପର୍କ ରେ ଆଲୋକପାତ କରିଥିଲେ। ସକାଳୁ ଏ ନେଇ ଶ୍ରୀମନ୍ଦିର ରେ ଗୀତା ପାଠ ସହ ମନ୍ଦିର ଓ ନଗର ପରିକ୍ରମା ହୋଇଥିଲା।ଏହି ପରିପ୍ରେକ୍ଷୀରେ ରଥଶର୍ମାଙ୍କ ପ୍ରତିମୂର୍ତ୍ତି ରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କରାଯିବା ସହ ଗବେଷକ ଡକ୍ଟର ଭାସ୍କର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଶ୍ୟାମପ୍ରକାଶ ସେନାପତି।

# ଲିଭିଗଲାଣି ପଞ୍ଚଦଶ ଶତାବ୍ଦୀର ଛାମୁ ଆଜ୍ଞା

**ପୁରୀ (ବ୍ୟୁରୋ):** ଶ୍ରୀମନ୍ଦିର ପରିସରସ୍ଥ ଜୟବିଜୟ ଦ୍ୱାରରେ ଥିବା 'ଓଡ଼ିଆ ଶିଳାଲେଖ' ଅସୁରକ୍ଷିତ । ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତିର ଅନ୍ୟତମ ପ୍ରାମାଣିକ ଶିଳାଲେଖ ହୋଇଥିଲେ ହେଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏଆଇ) ଏହାକୁ ସୁରକ୍ଷା ଦେଉନାହିଁ । ଭକ୍ତମାନେ ଦର୍ଶନ ପାଇଁ ଯିବା ବେଳେ ଏହି ଶିଳାଲେଖରେ ଘସି ହୋଇଯାଉଥିବାରୁ ଏହା ଧୀରେଧୀରେ ଅସ୍ପଷ୍ଟ ହେବାରେ ଲାଗିଛି। ଗଜପତି କପିଳେନ୍ଦ୍ର ଦେବଙ୍କଠାରୁ ନେଇ ପୁରୁଷୋତ୍ତମ ଦେବ ଓ ପ୍ରତାପରୁଦ୍ର ଦେବଙ୍କ ସମୟରେ ଜୟବିଜୟ ଦ୍ୱାରରେ ଶିଳାଲେଖ ମାଧ୍ୟମରେ ନିର୍ଦ୍ଦେଶନାମା ବା ଛାମୁଆଜ୍ଞା ରହିଛି । ମହାପ୍ରଭୁଙ୍କ ବଡ଼ସିଂହାର ସମୟରେ ଗୀତଗୋବିନ୍ଦ ଗାନ କରାଯିବା ନେଇ ସ୍ପଷ୍ଟ ନିର୍ଦ୍ଦେଶନାମା ଶୁଦ୍ଧ ଓଡ଼ିଆରେ ଲେଖାଯାଇଛି। ଗତବର୍ଷ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପରିପ୍ରେକ୍ଷୀରେ ମହୀଶୂରର ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ୍ ଲାଙ୍ଗୁଏଜେସ୍ ପକ୍ଷରୁ ପ୍ରକାଶ ପାଇଥିବା 'ରକ୍ ଏଡିକ୍ଟସ୍ ଅଫ୍ ଓଡ଼ିଶା ଟେକ୍ସଟ୍ ଆଣ୍ଡ୍ ଆନାଲିସିସ'ରେ ଏହି ଶିଳାଲେଖ ସମ୍ବନ୍ଧୀୟ ବିବରଣୀ ସ୍ଥାନିତ ହୋଇଛି। ଖୋଦିତ ପଥରେ ରହିଥିବା ଛାମୁଆଜ୍ଞାକୁ ବର୍ଷାନୁକ୍ରମେ ଅନୁକରଣ କରାଯାଉଛି, କିନ୍ତୁ ଏହା ସୁରକ୍ଷିତ ରଖିବା ଲାଗି ଉଦ୍ୟମ ହେଉନାହିଁ । ଏହି ଶିଳାଲେଖ ଉପରେ ଗବେଷଣା କରିଥିବା ଭାଷା ଗବେଷକ ଦେବାଶିଷ ମହାପାତ୍ର କହିଛନ୍ତି, ଗଜପତି କପିଳେନ୍ଦ୍ର । ଦେବଙ୍କ ବେଳକୁ ଓଡ଼ିଆ ରାଜଭାଷା ମାନ୍ୟତା ପାଇସାରିଥିଲା । ତାଙ୍କ ପରବର୍ତ୍ତୀ ଗଜପତି ପୁରୁଷୋତ୍ତମ ଦେବ ଓ ପ୍ରତାପରୁଦ୍ର ଦେବ ମଧ୍ୟ ଏହାକୁ ଅନୁସରଣ କରିଥିଲେ । ସମସ୍ତ ରାଜକାର୍ଯ୍ୟ ଓଡ଼ିଆ ଭାଷାରେ କରାଯାଉଥିଲା । ମହତ୍ତ୍ୱପୂର୍ଣ୍ଣ କଥା ହେଉଛି, ବହୁ ଶିଳାଲିପି ଦେବନାଗରୀ, ବ୍ରାହ୍ମୀ କିମ୍ବା ଦ୍ୱିଭାଷୀରେ ଲେଖାଯାଇଥିବା ବେଳେ ଜୟବିଜୟ ଦ୍ୱାର ଶିଳାଲେଖ ସ୍ପଷ୍ଟ ଓଡ଼ିଆରେ ଲେଖାଯାଇଛି। ଏହି ଶିଳାଲେଖ କେବଳ ପ୍ରାଚୀନ ନୁହେଁ ବରଂ ସ୍ପଷ୍ଟ ଭାବେ ଓଡ଼ିଆରେ ଲେଖାଯାଇଥିବାରୁ ଏହା ଆମ ପାଇଁ ଏକ ପ୍ରତ୍ନତାତ୍ତ୍ୱିକ ସମ୍ପତ୍ତି। ଏଏସ୍ଆଇ ମନ୍ଦିରର ରକ୍ଷଣାବେକ୍ଷଣ ନେଇ ଦାୟିତ୍ୱରେ ଥିବାରୁ ଏହି ଦୁଇ ଶିଳାଲେଖକୁ ସୁରକ୍ଷିତ ରଖିବା ଆବଶ୍ୟକ। ଭକ୍ତମାନେ ଦର୍ଶନ ପାଇଁ ଯିବା ବେଳେ ଏହି ଶିଳାଲେଖରେ ଘସି ହୋଇଯାଉଥିବାରୁ ଏହା ଅସ୍ପଷ୍ଟ ହୋଇଯିବା ଆଶଙ୍କା ସୃଷ୍ଟି, ହୋଇଛି। ସୁତରାଂ ଆଗାମୀ ପିଢ଼ି ପର୍ଯ୍ୟନ୍ତ ମଧ୍ୟ ଆମେ ଏହି ପ୍ରତ୍ନତାତ୍ତ୍ୱିକ ଭାଷା ସମ୍ପତ୍ତିକୁ ସୁରକ୍ଷା ଦେଇପାରିବା ନାହିଁ। ତେଣୁ ଏନେଇ ଏଏସ୍ଆଇ ଅଧିକାରୀମାନେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି ।

## ସର୍କିଟ ହାଉସର ଦିବଙ୍ଗତ ମ୍ୟାନେଜରଙ୍କୁ ଶ୍ରଦ୍ଧାଞ୍ଜଳି

**ପୁରୀ (ବ୍ୟୁରୋ):** ସର୍କିଟ ହାଉସ ର ମ୍ୟାନେଜର ଦାୟିତ୍ୱ ରେ ଥିବା ଅଶୋକ କୁମାର ଦାସ ଙ୍କ ର ଗତକାଲି ଦେହାନ୍ତ ହୋଇଥିଲା। ସ୍ୱର୍ଗତ ଦାସ ଙ୍କ ଅମର ଆତ୍ମାର ସଦଗତି କାମନା କରି ଆଜି ସର୍କିଟ ହାଉସ ଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସ୍ୱର୍ଗତ ଦାସ ଙ୍କ ସ୍ମୃତି ଉଦ୍ଦେଶ୍ୟ ରେ ଶ୍ରଦ୍ଧା ସୁମନ ଅର୍ପଣ କରି ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ



ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ଅତିରିକ୍ତ ଉପଜିଲ୍ଲାପାଳ ନିଳମାଧବ ମାଝୀ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ରାକେଶ କୁମାର ପଣ୍ଡା, ବିବେକାନନ୍ଦ ସାହୁ, ସହଦେବ ସାହୁ, ମନୀଷା ଷଡ଼ଙ୍ଗୀ,ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ସମସ୍ତ ବିଡ଼ିଓ, ତହସିଲଦାର,ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ସର୍କିଟ ହାଉସ କର୍ମଚାରୀ ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନୀରବ ପ୍ରାର୍ଥନା କରିଥିଲେ।

# ଭାରତୀୟ କମ୍ବାକ୍ଟ ଚାମ୍ପିଅନ୍‌ସିପ୍ କୁସ୍ତି ପ୍ରତିଯୋଗିତା ଉଦ୍‌ଘାଟିତ


**ପୁରୀ (ବ୍ୟୁରୋ):** ତିନି ଦିନ ଧରି ଚାଲି ବାକୁ ଥିବା କମ୍ବ୍ୟାଟ ଚାମ୍ପିଅନ୍ ସିପ୍ ର୍ ଶୁଭ ଉଦ୍ଘାଟନ ପୁର ସରଧା ବାଲି ରେ ହୋଇଛି. ଏହାର ଉଦଘାଟନ ପର୍ବ ରେ ସିସିଓ ର୍ ଚେୟାର ମେନ ଜୟନ୍ତ ଷଡଙ୍ଗୀ, ସିଏଫ୍ଆଇ ର୍ ସଭାପତି ପ୍ରବିଣ ସିଂ, ସମ୍ପାଦକ ସଞ୍ଜୟ ରାଏ, ଅତିତି ଭାବେ ମଧୁସୂଦନ ସିଂହାରୀ, ସିସିଓ ର୍ ସଭାପତି ରାମଚନ୍ଦ୍ର ଦାସ ମହାପାତ୍ର, ଜନ୍ମେଶ୍ୱର ସୁବୁଦ୍ଧି, ମଦନ ମହାସୁଆର, ଉପସ୍ଥିତ ରହିବା ସହ ମକ୍ଟଙ୍କଭବଣ୍ଡ ଚାମ୍ପିଅନ୍ ସିପି କୁସ୍ତି ପ୍ରଚର ପ୍ରସାର ହେବା ସହିତ ପିଲାଙ୍କ ଭିତରେ କିପରି କୁସ୍ତି ଉତ୍ସହ ଆଣିପାରିବା ଓ ଖେଳ ଇଣ୍ଡିଆ ସାମିଲ କରାଯିବ ଉପରେ ଗୁରୁତ୍ୱ ଆରୋପ କରିଥିଲେ ।ଏହି ତିନି ଦିନିଆ ପ୍ରତିଯୋଗୀତା ରେ ଓଡିଶା ଓ ଓଡିଶା ବାହାରୁ ୪୦୦ ରୁ ଉର୍ଦ୍ଧ ପହିଲି ମାନ ଯୋଗଦେଇଛନ୍ତି. ଆଜିର ପ୍ରଥମ ଦିନରେ ୩ ବିଭାଗର ପୁରୁଷଃ ଓ ମହିଳା ବିଭାଗର ପହିଲି ମାନେ କୁସ୍ତି ଲଢିବା ସହିତ ମେଡାଲ ଜିତି ଅଛନ୍ତି. ଏହି ପ୍ରତିଯୋଗୀତା ମାନଙ୍କୁ ଓଡିଶା କ୍ରୀଡା ବିତି ଦୁତୀ ଚାନ୍ଦ ପୁରସ୍କାର ଦେଇ ସମ୍ମାନିତ କରିଅଛନ୍ତି. ଏହି କୁସ୍ତି ରେ ଜିତିଥିବା ଖେଳାଳୀ କରି ନିଜ୍ ନିଜ୍ ରାଜ୍ୟ ନାମ ରଖିବା ସହିତ ଅନ୍ତର୍ଜାତୀୟ ସ୍ତରରେ ଖେଳିବା ପାଇଁ ମନୋନୟନ ହୋଇଅଛନ୍ତି. ତତ୍ ସହିତ ଏହୀ ଖେଳାଳି ମାନେ ଆଗାମୀ ଦିନରେ ସାଉଥ୍‌ଏସିଆ ଚାମ୍ପିଅନ୍ ସିପ୍, ଏସିଆନ୍ ଚାମ୍ପିଅନ୍ ସିପ୍ ,, ୱାଇଲ୍ଡ ଚାମ୍ପିଅନ୍ ସିପ୍, ପାଇଁ ମନୋନୟନ କରାଯିବ ବୋଲି ଆୟୋଜକଙ୍କ ଠାରୁ ପ୍ରକାଶ କରାଇଅଛି ।୫ ତାରିଖ ରୁ ୭ ତାରିଖ



ପର୍ଯ୍ୟନ୍ତ ହେବାକୁ ଥିବା ଏହି କୁସ୍ତି ତିନି ଦିନ ଧରି ପୁରୀ ସରଧା ବାଲି ରେ ସକାଳ ୯ ଘଟିକା ରୁ ରାତ୍ରି ୯ ପର୍ଯ୍ୟନ୍ତ ଚଳୁଅଛି. ଏହି କୁସ୍ତି ପ୍ରତିଯୋଗୀ ରେ ଛାତ୍ରଛାତ୍ରୀ ଓ ମହିଳା ପୁରୁଷ ବର୍ଗ ର୍ ପହିଲି ମାନ ମାନେ ନିଜ୍ ନିଜ୍ ବର୍ଗରେ କୁସ୍ତି ଲଢିଥିଲେ ।ସହଯୋଗୀ ଭାବେ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ନରେନ୍ଦ୍ର ମହାନ୍ତି, ଭଗବାନ ସୁଆର, ବଳଭଦ୍ର ମହାପାତ୍ର, କାନୁ ପଣ୍ଡା, ଶ୍ୟାମ ସୁନ୍ଦର ମହାପାତ୍ର, ହରିହର କର, ରାମକୃଷ୍ଣ ପ୍ରତିହାରୀ, ଶ୍ୟାମ ସୁନ୍ଦର ପାତ୍ର, ଲକ୍ଷ୍ମୀନାରାୟଣ ଦୀକ୍ଷିତ,କୃଷ୍ଣଚନ୍ଦ୍ର ଦାସ, ଦୁର୍ଗା ଦାଶ ମହାପାତ୍ର, ମଣ୍ଟୁ ସିଙ୍ଗାର, ମାଧବ ଚନ୍ଦ୍ର ପୂଜା ପଣ୍ଡା, ମାଧବ ଚନ୍ଦ୍ର ମହାପାତ୍ର, ପ୍ରଶାନ୍ତ ମହାନ୍ତି, ଦୀନବନ୍ଧୁ ପୂଜାପଣ୍ଡା, ନରସିଂହ ତିଆଡ଼ି. ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହ କରିଥିଲେ.

## ଜାତୀୟସ୍ତରୀୟ ସିନିୟର୍ ଟି-୧୦ ଟେନିସ କ୍ରିକେଟ ମ୍ୟାଚ୍

**ପୁରୀ (ବ୍ୟୁରୋ):** ପ୍ରଥମ ଜାତୀୟ ସ୍ତରୀୟ ସିନିୟର୍ ଟି-୧୦ ଟେନିସ ବଲ କ୍ରିକେଟ ମ୍ୟାଚ୍ ଆସନ୍ତା ୬ ତାରିଖ ଠାରୁ ୮ ତାରିଖ ପର୍ଯ୍ୟନ୍ତ ଲକ୍ଷ୍ନୌ ସ୍ଥିତ କେ ଡି ସିଂ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହେବାକୁ ଯାଉଛି । ଏଥିରେ ଭାଗ ନେବା ନିମନ୍ତେ ଓଡ଼ିଶା ଦଳ ଚୟନ ହୋଇଚି । ଏହି ଓଡ଼ିଶା ଦଳରେ ଖେଳିବା ନିମନ୍ତେ ପୁରୀରୁ ୧୨ ଜଣିଆ କ୍ରିକେଟ ଟିମ୍ ଲକ୍ଷ୍ନୌ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ସେମାନଙ୍କ ମଧ୍ୟରେ ଦେବ ପ୍ରସାଦ ଧଳ, ସ୍ୱୟମ ନାୟକ, ହୃଷୀକେଶ



ସାହୁ, ଆକାଶ ବଳିଆରସିଂହ,ତୁଳସୀ ଦାସ, ଶୁଭମ୍ ରଥ, ଶୁଭମ୍ କୁମାର,ସିମନ୍ କୁମାର,ପ୍ରିନ୍ସ ପ୍ରିତମ ସାମନ୍ତରାୟ, ଶିଶିର କୁମାର ଦଣ୍ଡସେନା,ରାଜନ୍ ଦାସ ଏବଂ ପ୍ରଭାତ କୁମାର ପଣ୍ଡା । ସେମାନଙ୍କ ସହ ଅଫିସିଆଲ୍ ଭାବେ ସବିତା ସିଂ,ଭୁବନା ନନ୍ଦ ଛାଟୋଇ ଏବଂ ବ୍ରଜ କିଶୋର ଦାସ ମଧ୍ୟ ଲକ୍ଷ୍ନୌ ଅଭିମୁଖେ ଯାତ୍ରା କରିଛନ୍ତି ବୋଲି ସୂଚନା ଦେଇଛନ୍ତି ଅନୁଷ୍ଠାନର ସମ୍ପାଦକ ବ୍ରଜ କିଶୋର ଦାଶ ।

## ହିତାଧିକାରୀଙ୍କୁ ନୂଆ ରାସନ୍ କାର୍ଡ ବଣ୍ଟନ

**ପୁରୀ (ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ଅନୁଯାୟୀ, ପୂର୍ବରୁ ହିତାଧିକାରୀଙ୍କୁ ଦିଆଯାଇଥିବା ରାସନ୍ କାର୍ଡର ବୈଧ ଅବଧି ୨୦୨୩ ଡିସେମ୍ବରରେ ଶେଷ ହୋଇଯିବାରୁ ଏବେ ନୂଆ କାର୍ଡ ପ୍ରଦାନ କରାଯାଉଛି। ଚଳିତବର୍ଷ ଫେବୃଆରିରୁ ରାସନ୍ ଯୋଗାଉଥିବା ଡିଲରମାନେ ହିତାଧିକାରୀଙ୍କୁ ଏହି ନୂଆ ରାସନ୍ କାର୍ଡ ପ୍ରଦାନ କରୁଛନ୍ତି। ପୁରୀ ଜିଲ୍ଲାରେ ବି ଡିଲରମାନେ ଏହି ନୂଆ କାର୍ଡ ବଣ୍ଟନ ଆରମ୍ଭ କରିଛନ୍ତି। କିନ୍ତୁ ସରକାରଙ୍କ ପକ୍ଷରୁ ମାଗଣାରେ ମିଳୁଥିବା ଏହି କାର୍ଡ ବାବଦରେ ଖାଉଟିଙ୍କଠାରୁ ୨୫ ଟଙ୍କା ଲେଖାଏଁ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି । ଏସମ୍ପର୍କରେ ଖାଉଟିମାନେ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ପୁରୀ ଉପରନୂଆସାହିର ବ୍ରଜକିଶୋର ମହାନ୍ତି ଅଭିଯୋଗ କରିଛନ୍ତି, ଏହି ହରିଲୁଟ୍ କେବଳ ପୁରୀରେ ଚାଲିନି, ସାରା ରାଜ୍ୟରେ ଚାଲିଛି। ୨୫ ଟଙ୍କା ଲେଖାଏଁ କାର୍ଡ ପିଛା ଡିଲରମାନେ ନେଉଥିଲେ ବି ଏହାର କୌଣସି ରସିଦ୍ ଦେଉନାହାନ୍ତି । ବିଭାଗୀୟ ଅଧିକାରୀଙ୍କ ସଲାସୁତରାରେ ଏଭଳି ଚାଲିଥିବା ସେ ଅଭିଯୋଗ କରିଛନ୍ତି। ପୁରୀ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବା ସହ ବିହିତ ପଦକ୍ଷେପ ନେବାକୁ ସେ ନିବେଦନ କରିଛନ୍ତି।

## ସର୍ଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ,ପୂର୍ବତନ ମନ୍ତ୍ରୀଙ୍କ ଆଶ୍ୱାସନା

**ପୁରୀ (ବ୍ୟୁରୋ):** ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ ସତ୍ୟବାଦୀ ବ୍ଲକ ସାରଙ୍ଗଜୋଡ଼ି ପଞ୍ଚାୟତ ଧୋଜାମୁଣ୍ଡେଇ ଗ୍ରାମର ସର୍ଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟି ମୋହନ ଦାସ ଓ ବାଇଧର ଦାସ ଏବଂ ଦେବରାଜ ଦାସଙ୍କ ଘର ସଂପୂର୍ଣ୍ଣ ନଷ୍ଟ ହୋଇଯାଇଅଛି। ଆଜି ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ସଞ୍ଜୟ କୁମାର ଦାସବର୍ମା ଅଗ୍ନି ବିପନ୍ନ ପରିବାର ମୋହନ ଦାସ ଓ ବାଇଧର ଦାସ ଏବଂ ଦେବରାଜ ଦାସଙ୍କ ଭେଟି ଆଶ୍ୱାସନା ଦେବା ସହିତ ସମବେଦନା ଜଣାଇଛନ୍ତି। ଏହା ସହିତ ନିତ୍ୟବ୍ୟବହାର୍ଯ୍ୟ ଜିନିଷ, ଚୁଡ଼ା, ବିସ୍କୁଟ,




ଚାଉଳ, ଡାଲି, ପାଳ ଶୁଖିଲା ଖାଦ୍ୟ ଓ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଏହି ସମୟରେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା, ଉପାଧ୍ୟକ୍ଷଙ୍କ ପ୍ରତିନିଧି ପ୍ରକାଶ ପ୍ରଧାନ, ପୁରୀ ଜିଲ୍ଲା ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ଦେବାଶିଷ ରାୟ, ସାରଙ୍ଗଜୋଡ଼ି ପଞ୍ଚାୟତର ସମିତି ସଭ୍ୟ ଧତ୍ତୁ ଜେନା, ଆମ୍ବା ପୂର୍ବତନ ପୂର୍ବତନ ଅଧ୍ୟକ୍ଷ ବେବି ଲାଲ୍ ମିଶ୍ର ଓ ପଞ୍ଚାୟତ ସଭାପତି ଲିଙ୍ଗ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ତାଳବଣିଆ ଜଙ୍ଗଲରେ ବ୍ରାଉନ୍‌ସଗାର ହାଟ

## ପୁରୀ ସହରକୁ ମାଡ଼ିଛି ଧଳାଜହର ଲିଙ୍କ୍, ବଢୁଛି ଅପରାଧ

**ପୁରୀ (ବ୍ୟୁରୋ):** ତାଳବଣିଆ ଜଙ୍ଗଲରେ ବସୁଛି ବ୍ରାଉନ୍ ସୁଗର୍ ହାଟ । ଜଙ୍ଗଲରୁ ପୁରୀ ସହରକୁ ମାଡ଼ିଛି ବ୍ରାଉନ୍‌ସୁଗର ଲିଙ୍କର ଚେର । ଏହି କାରବାରକୁ ଚଳାଉଛି ପୁରୀର ଜଣେ କିଙ୍ଗପିନ୍ । କିଙ୍ଗପିନ୍ ଲିଙ୍କ୍ ପାଇଛି ପୁଲିସ । ପାଟ୍ରୋଲିଂ ଅଞ୍ଚଳରେ ଏଭଳି ନିଶା କାରବାର ଚାଲିଥିଲେ ବି ପୁଲିସର ନଜର ପଡୁନି । କିଛି ଅସାଧୁ ପୁଲିସ କର୍ମଚାରୀଙ୍କ ବାହୁ ଛାୟା ତଳେ ଏହି ମାରାତ୍ମକ ନିଶା କାରବାରର ସାମ୍ରାଜ୍ୟ ବିସ୍ତାର କରୁଛି କିଙ୍ଗପିନ୍ । ସମୁଦ୍ର କୂଳ ଥାନା ଅଞ୍ଚଳର ଏହି କିଙ୍ଗପିନ୍ ଏବେ ସାରା ସହରକୁ ବ୍ରାଉନସୁଗରୁ ଯୋଗାଉଥିବା ଅଭିଯୋଗ ହୋଇଛି । ଦୀର୍ଘଦିନ ଧରି ବେପାରୀ ଜଣକ କାରବାର ଚଳାଉଥିବା ବେଳେ ପୁଲିସର ନିରବତା ଏହାକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହୋଇଛି । କିଛି ତଳିଆ ପୁଲିସ ବାବୁମାନେ ବରିଷ୍ଠ ଅଧିକାରୀଙ୍କୁ ଦୋଷ ଦେଇ ନିଜ ମୁଣ୍ଡରୁ ବୋଝ ଖସାଉଛନ୍ତି । ପୂର୍ବାହ୍ନ ୮ଟାରୁ ଅପରାହ୍ନ ୨ଟା ଓ ସନ୍ଧ୍ୟା ୫ରୁ ରାତି ୮ଟା ଯାଏଁ ବେପାରୀ ଜଣକ ତାଳବଣିଆ ଜଙ୍ଗଲରେ ବ୍ରାଉନ୍‌ସୁଗର କାରବାର କରୁଥିବା ସୂଚନା ମିଳିଛି । ହେଲେ ଛୋଟ ବେପାରୀଙ୍କୁ କାବୁ କରି ପୁଲିସ ଏଯାଏଁ କିଙ୍ଗପିନ୍‌କୁ ଧରିବାକୁ ସାହସ କରିନଥିବା କିଛି ଝୁଟୁରା ବେପାରୀ କହିଛନ୍ତି । ଜଙ୍ଗଲରେ ଛୋଟ ବେପାରୀ ପହଞ୍ଚି କିଙ୍ଗପିନ୍‌ଠାରୁ ମାଲ୍ ଆଣି ସିଟି ରୋଡ୍ ସମେତ ସହରର ଗଳିକନ୍ଦିରେ ବେପାର କରୁଛନ୍ତି । ସେପଟେ ପର୍ଯ୍ୟଟକ ବହୁଳ ସିଟି ରୋଡ଼କୁ ବେପାରୀ ଜଣକ ନିଜ କବ୍‌ଜାରେ ରଖିଛି । ସିଟି ରୋଡ଼ରେ ଛତୁ ଫୁଟିଲା ଭଳି ବେଆଇନ୍ ଭାବେ ଏଜେଣ୍ଟମାନେ ଟୁର୍ ଆଣ୍ଡ୍ ଟ୍ରଭେଲ୍ ଖୋଲି ବସୁଛନ୍ତି । କିଛି ଟୁର୍ ଆଣ୍ଡ୍ ଟ୍ରାଭେଲ୍‌ରେ ମାଳ ମାଳ ନିଶାଖୋର ଏକାଠି ହୋଇ କାରବାର ଚଳାଉଥିବା ଅଭିଯୋଗ ହୋଇଛି । ପର୍ଯ୍ୟଟକମାନେ ଏଠାରୁ, ସହଜରେ ବ୍ରାଉନସୁଗର କିଣି ସେବନ କରୁଥିବା ବେଳେ ସିଟି ରୋଡ ଅଞ୍ଚଳର ଅନେକ ନିଶାଖୋରଙ୍କୁ ସୁବିଧା ହେଉଥିବା ସେହି ଅଞ୍ଚଳର ବୁଦ୍ଧିଜୀବୀମାନେ କହିଛନ୍ତି । ଏଦିଗରେ ପୁଲିସ କଡ଼ା ନଜର ଦେବାକୁ ଦାବି ହୋଇଛି । ସେହିପରି ସହରର ଗଳିକନ୍ଦିରେ କାରବାର



କରୁଥିବା ବେପାରୀମାନେ ଏହି ନିଶା ବିକ୍ରି କରି ଯାହା ଲାଭ ପାଉଛନ୍ତି ସେଥିରେ ନିଜେ ଏହାକୁ ସେବନ କରି ବର୍ବାଦ୍ ହେଉଥିବା ଅଭିଯୋଗ ହୋଇଛି । ପୁଲିସ ଉପରେ ଚାପ ପଡ଼ିଲେ ବାବୁମାନେ ଛୋଟ ବେପାରୀଙ୍କୁ ଧରି ଖସି ଯାଉଛନ୍ତି । ବେପାରୀ ଅଳ୍ପ ପରିମାଣର ମାଲ୍ ରଖିଥିବା କହି ମଦ ଓ କରପ୍ ଜବତ ମାମଲାରେ ଛନ୍ଦୁଥିବା ସୂଚନା ମିଳିଛି । ତେଣୁ ସହଜରେ ଜାମିନ୍ ପାଇ ପୁଣି ଏହି ରକେଟ୍‌ରେ ସେମାନେ ସକ୍ରିୟ ରହିବା ସହ ଅସାଧୁ ବାବୁମାନଙ୍କ ପକେଟ୍ ଗରମ କରିବାରେ ବ୍ୟସ୍ତ ରହୁଛନ୍ତି । ଏସ୍‌ପି ଏଦିଗରେ ଦୃଷ୍ଟି ଦେଲେ ଏଭଳି ରକେଟ୍‌ର ପର୍ଦ୍ଦାଫାସ୍ ହେବ ବୋଲି ଅନେକ ମତ ଦେଇଛନ୍ତି । ଏନେଇ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ କହିଛନ୍ତି ଯେ, ମୁଁ ଏହି ଗ୍ୟାକେଟ୍ ସମ୍ପର୍କରେ ଛାନ୍‌ଭିନ୍ କରିବି । ଅତିରିକ୍ତ ଏସପି ସୁଶୀଲ ମିଶ୍ର କହିଛନ୍ତି ଯେ, କିଙ୍ଗପିକୁ ଧରିବାକୁ ଯୋଜନା କରାଯିବ । କୌଣସି ପରିସ୍ଥିତିରେ ସହରରେ ଏଭଳି କାରବାର ଚଳାଇ ଦିଆଯିବ ନାହିଁ । ସମୟ ସୁବିଧା ଦେଖୁ କୌଶଳ କ୍ରମେ ଏହି ବେପାରୀକୁ ଧରିବା ପାଇଁ ନିଶ୍ଚିତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ଗୋପନ ଅଭିସାର



**ନିରଞ୍ଜନ ସାହୁ**

ସେଦିନ ସପନେ ଆସିକି ଗୋପନେ
ଅଭିସାର ଯିଏ କଲା
ଥରଟିଏ ମୋତେ ପଚାରେନା କେବେ
ଜୀବିତ କି ମୁହିଁ ମଲା ।
କିଏ କହିଥିଲା ସପନରେ ଆସି
କରିବାକୁ ଏତେ ଲୀଳା
ସତରେ ଆସିକି ଲୀଳା କରନ୍ତା ଯେ
ଡରାଉଛି ତାକୁ କୀଳା ।
ସବୁଦିନ ସିଏ ସପନେ ଆସେନା
ବେଳେବେଳେ ଆସିଯାଏ
କେତେ ଲୀଳା ରଚି ଯାଏ ସେହି ଖସି
ମୁଁ ସେମିତି ଶୋଇଥାଏ ।
ସପନରେ ଯଦି ଆସୁଅଛି ଏତେ
ସତରେ ଆସନ୍ତା ଥରେ
ପ୍ରୀତି ଅଭିସାର ରଚନ୍ତା ମୋ ସାଥେ
ନିରୋଳାରେ ଏହି ଘରେ ।
ନିଦ ଭାଙ୍ଗିଗଲେ ଭଲ ଲାଗେନାହିଁ
ଇଏ କେଉଁ କଥା ଭଲା ?
ବିଦଗ୍ଧ ପ୍ରାଣଟା ତୃପ୍ତ ହୋଇଯାନ୍ତା
କାହାର କଅଣ ଗଲା ।
ନିହଲ ପ୍ରସାଦ

ଢେଙ୍କାନାଳ-
ମୋ : ୯୯୩୮୭୪୧୫୮୩

## ଇଚ୍ଛାଶକ୍ତି



**ସୁଧାକର ରାଉତ**

ଭାରି ଇଚ୍ଛାହୁଏ ତୁମ ପ୍ରେମ କାହାଣୀର
ଅନୁରାଗ ଭରା ଶବ୍ଦସବୁ ସାଜି
ହୃଦୟସ୍ପର୍ଶୀ କରନ୍ତି
ଜୀବନର ପ୍ରତିଟି ପୃଷ୍ଠାକୁ
ତୁମ ଆଖିର ଗଭୀରତାକୁ
ମାପୁଥାନ୍ତି ମୋ ଅଭିଳାଷ ସବୁକୁ
ତା' ଭିତରେ ବୁଡାଇ ।
ଇଚ୍ଛାହୁଏ ମୋ ବର୍ତ୍ତମାନଟାକୁ
ତୁମକୁ ସମର୍ପି ଦେଇ
ଭବିଷ୍ୟତକୁ ଖୋଜନ୍ତେ
ଅତୀତର ଭିତ୍ତିଭୂମି ପରେ
ନିର୍ବିକାର ଚିତ୍ତେ ଦଣ୍ଡାୟମାନ ହୋଇ ।
ତୁମ ହସରୁ ବାହାରୁଥିବା ପ୍ରଜାପତିଙ୍କୁ
ଭାରି ଇଚ୍ଛା ହୁଏ ଆପଣେଇବାକୁ
ତା' ରଙ୍ଗରେ ପୁଣି ଥରେ ରଙ୍ଗେଇ ହେବାକୁ
ତାକୁ ଛୁଉଁ ଛୁଉଁ ଉଡିଯାଇଥିବାର
ପ୍ରଗଲଭତା କୁ ପୁଣି ମନରେ ନେସିବାକୁ
ତା' ରଙ୍ଗରେ ନିଜର ଦୂଷିତ ପ୍ରାଣକୁ
ରଙ୍ଗୀନ କରିବାକୁ ।
ତୁମ ମନର ବେଳାଭୂମିରେ
ପ୍ରେମ ବାଲିଘରଟିଏ ତୋଳି
ସମୟର ଲହଡ଼ିରୁ ରକ୍ଷା କରିବାକୁ
ଇଚ୍ଛା ହୁଏ ତାକୁ ବସନ୍ତି ଆବୋରି
ତୁମ ଓଠର ସୀମା ସରହଦ ଡେଇଁ
ସବୁ ସ୍ୱପ୍ନକୁ ଏକାଠି କରି
ତୁମକୁ ଭେଟି ଦିଅନ୍ତି ଚୁମ୍ବନକୁ ସାଥୀ କରି ।
ଇଚ୍ଛାହୁଏ ଶୀତଳ ସମୀର ହୋଇ
ନିଦାଘର ନିଷ୍ଠୁରତାରେ
କାନ୍ଦୁଥିବା ତୁମ କୋମଳ ଘର୍ମାକ୍ତ
ତନୁକୁ ଯାଆନ୍ତି ମୁଁ ଛୁଇଁ ।

ପ୍ରତାପ ନଗରୀ ,କଟକ
ମୋ-୮୨୪୯୯୩୨୭୯୨

## ନାରୀ



**ଅଲେଖ ପ୍ରସାଦ ମହାନ୍ତି**

କେତେ ଯତନରେ ଗଢିଛି ଇଶ୍ୱର
ହୃଦୟେ ଭରିଛି ମମତାର ଝର
ଲାଜ ଆଭୂଷଣ ଭାସଇ ନୟନ
ରୂପ ଲାବଣ୍ୟରେ ମୋହି ନିଏ ମନ
ଧର୍ଯ୍ୟରେ ଧରିତ୍ରୀ କରୁଣାର ଦୃଷ୍ଟି
ନାରୀ ଜଗତର ଶ୍ରେଷ୍ଠତମ ସୃଷ୍ଟି
ମାଆ ଭଗ୍ନି ଜାୟା ଅଲିଅଳୀ କନ୍ୟା
ପ୍ରିୟତମା ରୂପେ ଆଣେ ପ୍ରୀତି ବନ୍ୟା
ନବ ବଧୂ ବେଶେ ଯାଏ ଶାଶୂଘର
ଛାଡି ପିତା ମାତା ସାଥୀ ସହୋଦର
ହୀରାଲୀଳା ଠାରୁ ଅମୂଲ୍ୟ ସେ ରତ୍ନ
ଘର ହୁଏ ସ୍ୱର୍ଗ ଦିଏ ସେବା ଯତ୍ନ
ବୁକୁ ତଳେ ସବୁ ବେଦନା ଲୁଚାଇ
ହସୁଥାଏ ନିତି ପରିବାର ପାଇଁ
ଶ୍ରଦ୍ଧା ଭକ୍ତି ଶକ୍ତି ଭରସାର ମୂର୍ତ୍ତି
ଯୁଗେ ଯୁଗେ ଅଛି ବିମଳ ତା କୀର୍ତ୍ତି
ଦ୍ରୌପଦୀ ଗାନ୍ଧାରୀ ଅନସୂୟା ସୀତା
ମୈତ୍ରେୟ ଆପାଲା ଗାର୍ଗି ସଂଘମିତ୍ରା
ବିରାଂଗନା ନାରୀ ରାଣୀ ଲକ୍ଷ୍ମୀବାଇ
ପ୍ରାଣବଳୀ ଦିଏ ସମର ସଜାଇ
ବେଦ ଶାସ୍ତ୍ର ଜ୍ଞାନ କଳାରେ ନିପୂଣ
ସେ ପୁଣି ଚଳାଏ ସିମାନ୍ତେ କମାଣ
ତା' ହାତ ପରଶ ମମତା ଆଶିଷ
ଅମୃତ ବାଣ୍ଟଇ ପିଇଲେ ବି ବିଷ
ଅବଳା ଦୁର୍ବଳା କୁହନ୍ତି ପୁରୁଷ
ସିଏ କିନ୍ତୁ ଅଟେ ଆଶା ଓ ବିଶ୍ୱାସ
ଯେଉଁ ଘରେ ନାରୀ ପାଇଛି ସମ୍ମାନ
ନିଶ୍ଚିତ ସେ ଘର ଦେବତାଙ୍କ ସ୍ଥାନ
ସୁଖ ଶାନ୍ତି ଦୟା କ୍ଷମାର ଭଣ୍ଡାର
ନାରୀ ପାଇଁ ସିନା ପ୍ରକୃତି ସୁନ୍ଦର

ମୋ-୯୯୩୭୦୩୩୨୩୨






## ମୋ ଓଡ଼ିଶା



**କୈଳାଶ ବେହେରା**

ମୋ ଓଡିଶା ପରି ନାହିଁ ଆଉ କାହିଁ
ଏଇ ଭାରତର ଭୂମେ
ଚରଣେ ଯାହାର ସାଗର ଲହରୀ
ମଥା ନତ କରି ନମେ ।
ଶଶ୍ୟ ସ୍ୟାମଳା ହରିତ କେଦାରେ
ସୁନାର ଫସଲ ହସେ
ନିଘଞ୍ଚ ବନାନୀ ପ୍ରକୃତିର କିବା
ନବ ଶୋଭା ପରକାଶେ ।
ବନଗିରି ଭେଦି ସ୍ୱଛ ନିର୍ଝରିଣୀ
କଳରବେ ଆସେ ଝରି
ଶୀତଳ ସଲିଳ ଯାଚୁଥାଏ ନିତି
ଜୀବନରେ ନିଉଛାଳି ।
ନଦୀ ଉପନଦୀ ଭରା ମୋ ଜନନୀ
ଜନପଦ ପଥପ୍ରାନ୍ତେ
ଯାଚଇ ଜୀବନ ଶୀତଳ ତରଳା
ଅନାବିଳ ପ୍ରେମେ ସତେ ।
ଭାସ୍କର୍ଯ୍ୟ କଳାର ଶୀର୍ଷ କି ଚୁମ୍ବୁଛି
ସଗର୍ବରେ ନଭଦେଶ
କଳା ସାହିତ୍ୟର ଆଦିଭୂମି ଏହି
ଦେବତାର ଅଭିଳାଷ ।
ଗର୍ବ କରିବାକୁ ରହିଛି ଆମର
କେତକେତେ କୀର୍ତ୍ତିରାଜି
ଛାତିପରେ ହାତ ରଖିକି କହିବା
ଆମେ ହିଁ ଓଡିଆ ଜାତି ।

ଖୋର୍ଦ୍ଧା-ମୋ- ୯୩୩୭୯୬୦୯୧୮



## ଅମୂଲ୍ୟ ସ୍ମୃତି





**ଧ୍ରୁବ ବେହେରା**

ଖୋର୍ଦ୍ଧା, ମୋ- ୮୩୨୮୯୩୦୫୫୪

ଆଗକୁ ମାଘ ମାସ ଆସୁଛି । ଶୀତର ହେବାର ଭୟ ଦେଖି ଲୋକମାନେ ନିଜ ନିଜ ଘରେ ସାଇତି ରଖିଥିବା ସୁଇଟର କନ୍ଥା ମଶିଣା ସବୁ ବାହାର କରି ବ୍ୟବହାର କଲେଣି । ପିଲାମାନେ ମଧ୍ୟ ନିଜ ଦେହରେ ପଶମ ପୋଷାକ ସବୁ ପିନ୍ଧିବା ଆରମ୍ଭ କରି ଦେଲେଣି । ଘରେ ଘରେ ଗରମ ପାଣି ଓ ଗରମ ଖାଦ୍ୟର ଆଦର ମଧ୍ୟ ଧୀରେ ଧୀରେ ବଢିବାରେ ଲାଗିଛି । ଋତୁ ପରିବର୍ତ୍ତନ କୁ ଦେଖି ଗରିବ ଲୋକମାନେ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଘର ବାଡିପଟେ କାଠ ଓ ଗୋବର ଘଷି ସବୁ ସାଇତି ରଖିଛନ୍ତି । ଆମ ଗାଆଁ ଶେଷ ମୁଣ୍ଡରେ ବ୍ରଜ ବାବୁଙ୍କ ଘର । ଚାକ୍‌ଚକ୍ୟ ରାଜପ୍ରସାଦକୁ ଫୁଲର ଗମଲା ଦ୍ୱାରଦେଶରେ ନର୍ତ୍ତକୀ ଦୁଇଟିର ମୂର୍ତି ଶୋଭା ବର୍ଦ୍ଧନ କରୁଥାଏ । ବଙ୍ଗଳାର ଗ୍ୟାଲେରୀ ଭିତରେ ଆରାମ ଦାୟକ ଝୁଲା । ବ୍ରଜ ବାବୁଙ୍କ ଅବସର ଦୁଇ ମାସ ପୂର୍ବରୁ ପତ୍ନୀ ଲୀଳାବତୀଙ୍କର ସ୍ୱର୍ଗବାସ ହୋଇ ଯାଇଛି । ବଙ୍ଗଳାର କାନ୍ଥ ଓ ଚାରିପଟ ଗ୍ୟାଲେରୀ ରେ ଥିବା ଗମଲା ଗୁଡିକ ଏମିତି ଶୋଭା ବର୍ଦ୍ଧନ କରୁଥାଏ ଯେ ସତେ ଯେମିତି ସ୍ୱର୍ଗର ରାଜଭବନ ପରି ମନେ ହେଉଥାଏ ଘର ବଙ୍ଗଳା ଆଗରେ ନୂଆ ଚିକ୍ ମିକ୍ ର ବିଏମ୍‌ଡବ୍ଲୁର ଗାଡିଟି ଘରର ଶୋଭାକୁ ଆହୁରି ଦ୍ୱିଗୁଣିତ କରୁଥାଏ । ପ୍ରଫେସର ପଦବୀରୁ ଅବସର ନେବା ପରେ ବ୍ରଜବାବୁ ସବୁ ଦିନେ ସକାଳୁ ସକାଳୁ ଖରା ପୁଆଁଇବା ପାଇଁ ଆମ ଗାଆଁ ଦାଣ୍ଡ କୋଠ ମଣ୍ଡପ ଉପରକୁ ଆସନ୍ତି ଅନେକ ଦିନ ହେଲା ଗାଆଁ ଠାରୁ ଦୂର ରେ ଥିଲେ । ବ୍ରଜବାବୁ ପିଲା ଦିନୁ ବାହାରେ ରହି ପଢାପଢି କରିଛନ୍ତି । ପଢାପଢି ଶେଷ ହେବାପରେ ଚାକିରି କଲେ । ଚାକିରି କଲାପରେ ଚାକିରି ଜୀବନ ବି ବାହାରେ କାଟି ଦେଲେ । ପୁଅ ନରସିଂହ ବୋହୂ ସୁମିତା ସେହି ଚାକିରି ଜୀବନ ଭିତରେ ପାଠ ପଢି ବଡ ହୋଇ ବାହାରେ ରହୁଛନ୍ତି । ନରସିଂହ ଓ ବୋହୂ ସୁମିତା ମଝିରେ ମଝିରେ ଗାଆଁ କୁ ବୁଲି ଆସନ୍ତି ହେଲେ ସେମାନେ ଗାଆଁ ଲୋକଙ୍କୁ ଚିହ୍ନିବା ତ ଦୂରର କଥା ସତେ ଯେମିତି ତାଙ୍କୁ ଲାଗେ ଆମ ବାପାଙ୍କର ଜନ୍ମସ୍ଥାନ ଗୋଟେ କାଲାହାରି ମରୁଭୂମି । କାରଣ ସେମାନେ ଦେଖିଛନ୍ତି କେବଳ ଚାକଚାକ୍ୟ ଜୀବନ ଜିଇବାର ମାନଦଣ୍ଡ । ଦେଖି ନାହାଁନ୍ତି ଗରିବ ଖଟିକିଆ ଜୀବନ ଜୀବିକାକୁ ଜାଣି ନାହାଁନ୍ତି ମାଟିର ମଣିଷର ବ୍ୟଥାକୁ ବା ଜାଣିବକୁ ଚାହିଁ ନାହାନ୍ତି । କୃଷକ ଜୀବନର ମାଟି ସର ସର ମମତାକୁ । କେତେ ଲହୁ ଲୁହ ଢାଳି ଦିନକୁ ରାତି କରି ସବୁଜ ଶ୍ୟାମଳ ଫସଲ ଉପୁଜାଇବାର ସ୍ନେହବୋଳା କଠିନ ପରିଶ୍ରମକୁ । ଶୀତତାପ ନିୟନ୍ତ୍ରିତ କୋଠରୀ ଭିତରେ ରହୁଥିବା ମଣିଷ ମାନେ କେମିତି ବା ଅନୁଭବ କରି ପାରିବେ ଶୀତଳ ପ୍ରକୃତିର ପୁବେଇ ପବନର ଧୀର ଶୀତଳତାର ସ୍ପର୍ଶକୁ । ଚାକିରି ଜୀବନର ଅବସର ପରେ ଏବେ ଟିକେ ଗାଆଁ ଲୋକଙ୍କ ସହିତ ମିଳାମିଶା କରିବାକୁ ନୂଆ କରି ବ୍ରଜବାବୁ ଗାଆଁ ମୁହାଁ ହେବାକୁ ନିଜକୁ ପ୍ରସ୍ତୁତ କରୁଛନ୍ତି । ନଚେତ୍ ସେ ବା କାହିଁକି ଅନୁଭବ କରିବେ ଗ୍ରାମ୍ୟ ଜୀବନର ସରସତା ଭିତରେ ଛପି ରହିଥିବା ସେ ନୀରସତାକୁ ଯାହା ଭିତରୁ ବାହାରି ଅନେକ ସରଳ ଜୀବନ ରାତି ପାହିଲେ ବାହାରି ଆସନ୍ତି ସହର ଅଭିମୁଖେ ଟିକେ ସୁଖଶାନ୍ତି ଅନୁଭବ କରିବା ପାଇଁ । ତେବେ ଏହା ଭିତର ଅନେକ ଦିନ, ମାସ, ଓ ବର୍ଷ ଗଡି ଯାଇଛି ବ୍ରଜ ବାବୁଙ୍କୁ ଯେମିତି ତାଙ୍କ ଗାଆଁ ଲାଗୁଛି ଏକ ନୂଆ ଜାଗା । ଅନେକ ଛୋଟ ପିଲା ସବୁ ବଡ ହୋଇ ଯାଇଛନ୍ତି ଓ ସେମାନେ ବାହା ହୋଇ ସେମାନଙ୍କର ନାତି ନାତୁଣୀ ମଧ୍ୟ ହୋଇ ଗଲେଣି । ବୟସର ଅପରାହ୍ନରେ ବ୍ରଜବାବୁଙ୍କୁ ଲାଗୁଛି ସତେ ଯେମିତି ତାଙ୍କର ସେହି ପୁରୁଣା ଗାଆଁ ତାଙ୍କ ପାଇଁ ସେ ଆଜି ନୂଆ ଅତିଥି । ଏମିତି ସବୁ ଦିନ ସେଠାକୁ ଯାଆନ୍ତି କିଛି ସମୟ ଖରା ପୁଆଁଇବା ପରେ ସେଠାରୁ ଫେରି ଆସନ୍ତି । ଦିନ କର ଘଟଣା ଦିନେ ଖରା ପୁଆଇଲା ବେଳେ ଗୋଟେ ଛୁଆ ଖେଳି ଖେଳି ଆସି ତାଙ୍କୁ କହିଲା ଜେଜେ ତମର କୋଉ ଗାଆଁ । ତମେ କ'ଣ ସବୁବେଳେ ଏମିତି ଆସି ଚୁପ୍ ହୋଇ ଏକା ବସି ଯାଉଛ । ତୁମ ସାଥିରେ କ'ଣ କେହି ସାଙ୍ଗ ହେଉ ନାହାଁନ୍ତି କି ? କହିଲେ ହଁ ହେଉଛନ୍ତି । ମୋର ଘର ଏହି ଗାଆଁର ଶେଷ ମୁଣ୍ଡରେ । ମୋର ପୁଅ ବୋହୂ ଆଉ ତୁମ ପରି କୁନି ନାତି ଟିଏ ଅଛି । ହେଲେ ସେ ଆଉ ଏଠି ରହୁ ନାହାଁନ୍ତି ସେମାନେ ଦିଲ୍ଲୀରେ ରହୁଛନ୍ତି । ସେ ଯେବେ ଘରକୁ ଆସେ ମୁଁ ତା' ସାଙ୍ଗରେ ସାଙ୍ଗ ହୁଏ । ଗାଆଁ ଦାଣ୍ଡରେ ମୋ ନାତି ଟୁକୁ ଗୋଟେ ଟିକି ଗାଡିରେ ବସେ ଆଉ ସେ ଗାଡି ଆଗରେ ଲାଗୁଥିବା ରଶିଟିକୁ ମୁଁ ଟାଣି ଟାଣି ନିଏ । ବ୍ରଜବାବୁଙ୍କ କଥା ଶୁଣି ସେହି ଟିକି ପିଲାଟି ଟିକେ ମନ ଶୁଖାଇ ଦେଲା । ତୁରନ୍ତ ତା' ହସ ହସ ନିଷ୍ପାପ ଚେହେରା ଟି ଶୁଖିଗଲା । ପିଲାଟିର ବିରକ୍ଷ ବଦନ ଦେଖି ବ୍ରଜବାବୁ ତା'କୁ ପାଖକୁ ଡାକି ପାଖରେ ବସାଇଲେ । କହିଲେ କ'ଣ ପାଇଁ ତମେ ମନ ଖରାପ କରୁଚ କଣ ମୁଁ ତମକୁ ଭୁଲ କହିଲି କି ? ପିଲାଟି ତୁରନ୍ତ ଉତ୍ତର ଦେଲା ନାହିଁ । ଜେଜେ କହିବି କି କଥା ଗୋଟେ । ମୋ ଜେଜେ କହୁଥିଲେ ତାଙ୍କର ଜଣେ କିଏ ଜଣେ ଆମ ଗାଆଁର ସେ ବାହାରେ ଚାକରି କରୁଥିଲେ । ସେ କେବେ କେବେ ଗାଆଁକୁ ଆସିଲେ ମୋ ଜେଜେଙ୍କୁ ଡାକନ୍ତି ଆଉ ଦୁହେଁ ବସି ଅନେକ ସୁଖ ଦୁଃଖ କଥା ବି ହୁଅନ୍ତି । ପିଲାଟିର ପାଟିରୁ ଏ ସବୁ କଥା ଶୁଣିଲା ପରେ ଭଦ୍ର ବ୍ୟକ୍ତି ଜଣକ ପଚାରିଲେ, କହିଲୁ ତୋ ଜେଜେଙ୍କ ନାମ କଣ ? ପିଲାଟି ତୁରନ୍ତ ଟିକି ପାଟିରୁ କହି ପକାଇଲା ମୋ ଜେଜେ ଙ୍କ ନାମ କିଶୋର ପ୍ରଧାନ । ସେ ଗାଆଁ ମୁଖିଆ ଥିଲେ । ଏଇ ମାସେ ହେବ ବାଘୁଆ ଶୀତ ମାଡରେ ମୋ ଜେଜେ ଆର ପାରିକୁ ଚାଲିଗଲେ । ମୋତେ ସେ ମଧ୍ୟ ସବୁ ଦିନେ ଗାଡିରେ ବସାଇ ସକାଳ ସନ୍ଧ୍ୟାରେ ଗାଆଁରେ ବୁଲାଉ ଥିଲେ । ସେ ଏତେ ଭଦ୍ର ଓ ନମ୍ର ଆପଣଙ୍କ ପରି ମଣିଷ ପରି ମଣିଷ ଟିଏ । ଆମେ ସବୁ



ଆତ୍ମୀୟତା ଓ ଭଲ ପାଇବାରେ ବନ୍ଧା । ଆଜିର ମଣିଷ କାଲିକୁ ନାହିଁ । ଏ ମାଘର ଶୀତ ଏତେ ନିଦାରୁଣ ଯେ ଯମ ପରି ମୋ ଜେଜେଙ୍କୁ ଆମ ପାଖରୁ ଛଡେଇ ନେଲା । ସେମାନେ ଦେଖିଛନ୍ତି କେବଳ ଚାକଚାକ୍ୟ ଜୀବନ ଜିଇଁବାର ମାନଦଣ୍ଡ । ଦେଖି ନାହାଁନ୍ତି ଗରିବ ଖଟିକିଆ ଜୀବନ ଜୀବିକାକୁ ଜାଣି ନାହାଁନ୍ତି ମାଟିର ମଣିଷର ବ୍ୟଥାକୁ ବା ଜାଣିବକୁ ଚାହିଁ ନାହାନ୍ତି । କୃଷକ ଜୀବନର ମାଟି ସର ସର ମମତାକୁ । କେତେ ଲହୁ ଲୁହ ଢାଳି ଦିନକୁ ରାତି କରି ସବୁଜ ଶ୍ୟାମଳ ଫସଲ ଉପୁଜାଇବାର ସ୍ନେହବୋଳା କଠିନ ପରିଶ୍ରମକୁ । ଶୀତତାପ ନିୟନ୍ତ୍ରିତ କୋଠରୀ ଭିତରେ ରହୁଥିବା ମଣିଷ ମାନେ କେମିତି ବା ଅନୁଭବ କରି ପାରିବେ ଶୀତଳ ପ୍ରକୃତିର ପୁବେଇ ପବନର ଧୀର ଶୀତଳତାର ସ୍ପର୍ଶକୁ । ଚାକିରି ଜୀବନର ଅବସର ପରେ ଏବେ ଟିକେ ଗାଆଁ ଲୋକଙ୍କ ସହିତ ମିଳାମିଶା କରିବାକୁ ନୂଆ କରି ବ୍ରଜବାବୁ ଗାଆଁ ମୁହାଁ ହେବାକୁ ନିଜକୁ ପ୍ରସ୍ତୁତ କରୁଛନ୍ତି । ନଚେତ୍ ଗ୍ରମ୍ୟ ଜୀବନ ବିଷୟରେ ସେମାନଙ୍କର ଆଗରୁ ସେଭଳି ଏହା ଭିତର ଅନେକ ଦିନ, ମାସ, ଓ ବର୍ଷ ଗଡି ଯାଇଛି ବ୍ରଜ ବାବୁଙ୍କୁ ଯେମିତି ତାଙ୍କ ଗାଆଁ ଲାଗୁଛି ଏକ ନୂଆ ଜାଗା । ଅନେକ ଛୋଟ ପିଲା ସବୁ ବଡ ହୋଇ ଯାଇଛନ୍ତି ଓ ସେମାନେ ବାହା ହୋଇ ସେମାନଙ୍କର ନାତି ନାତୁଣୀ ମଧ୍ୟ ହୋଇ ଗଲେଣି । ବୟସର ଅପରାହ୍ନରେ ବ୍ରଜବାବୁଙ୍କୁ ଲାଗୁଛି ସତେ ଯେମିତି ତାଙ୍କର ସେହି ପୁରୁଣା ଗାଆଁ ତାଙ୍କ ପାଇଁ ସେ ଆଜି ନୂଆ ଅତିଥି । ତେଣୁ ମୋର ଅନୁରୋଧ ଜେଜେ ଏ ମାସର ଶୀତକୁ ଟିକେ ଜଗି ରଖି ଚଳୁଥିବ । ଆପଣ ଶୀତ ଦିନେ ଉଷୁମ ପାଣି ପିଇବା ସହିତ ନିଜ ଦେହେକୁ ପଶମ ବସ୍ତ୍ରରେ ଢାଙ୍କି ରଖୁଥିବେ । କାରଣ ମାଘର ଶୀତ ବାଘ ପରି । କେତେବେଳେ ଯେ ବୟସ୍କ ଲୋକଙ୍କର ଜୀବନ ନେଇ ଚାଲିଯିବ ତାହା କହି ହେବ ନାହିଁ । ଟିକି ପୁଅଟିର ଏମିତି ହସ ହସ ବଦନରେ ଏକ ସୁରକ୍ଷାତ୍ମକ ଟିକି ଉପଦେଶ ଶୁଣି ବ୍ରଜବାବୁ ତାକୁ କୋଳକୁ ଉଠେଇ ନେଇ ନିଜ ହାତରେ ମୁଣ୍ଡକୁ ସ୍ନେହ ବୋଳା ପାପୁଲିରେ ଆଉଁଷି ଦେଲେ । ଗ୍ରାମର ମଣିଷ ମାନଙ୍କର ଭଲ ପାଇବା ସସ୍କାର ପାଖରେ ବ୍ରଜବାବୁ ନିଜକୁ ଧନ୍ୟ ମଣିଲେ । ଯାହା ସହରି ସଭ୍ୟତାରେ ଦେଖିବାକୁ ମିଳେ ନାହିଁ ଏହା ସେ ପରିଣତ ବୟସରେ ଉପଲବ୍ଧି କରିଥିଲେ । ମାନବିକତାର ଦେବାଳୟ ହିଁ ଗ୍ରାମ୍ୟ ସଭ୍ୟତା । ନୀରହ ଜୀବନରେ ଭରି ଦିଏ ସାଧୁତା ଭଲ ପାଇବା ଯାହା ଯାହା ବ୍ରଜବାବୁଙ୍କର ପିଲା ମାନଙ୍କ ପାଖରେ ଏସବୁ ଅଭାବ ଥିଲା । ପଲ୍ଲୀ ଜୀବନର ଶାନ୍ତ ସରଳତା ପଣ ପାଖରେ ବ୍ରଜବାବୁ ନିଜକୁ ଧନ୍ୟ ମଣିଲେ । ଗ୍ରାମର ସବୁଜ ବନାନୀ ଶୋରିଷ କ୍ଷେତେରେ କଅଁଳିଆ ଖରା ସୀତା ମାଉସୀର ବାହୁନି ମିଛ କାନ୍ଦଣା । ରଜ, ଦଶହରା, ଫଗୁ ଦଶମୀର ମେଳନ ଯାତ୍ରା ଭିତରେ କେତେ ଯେ ଭାଇଚାରା ବନ୍ଧା ତହା ଏକ ଅମୂଲ୍ୟ ସ୍ମୃତିର ଜୀବନ ଝଲକ କହିଲେ ଅତ୍ୟୁକ୍ତି ହେବ ନାହିଁ ।






# ଉଦ୍ଧାର ହେଲା ଚୋରି ହୋଇଥିବା ୭ ଦିନର ଶିଶୁପୁତ୍ର



**ବାଲେଶ୍ୱର, (ବ୍ୟୁରୋ) :** ଉଦ୍ଧାର ହେଲା ଚୋରି ହୋଇଥିବା ୭ ଦିନର ଶିଶୁପୁତ୍ର । ଗତକାଲି ବିଳମ୍ବିତ ରାତିରେ ରେମୁଣା ଥାନା ଅଧିନ ଦୁର୍ଗାଦେବୀ ଅଂଚଳରୁ ଶିଶୁପୁତ୍ରକୁ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି । ସୂଚନା ଅନୁସାରେ ଚୋରି ହୋଇଥିବା ଶିଶୁପୁତ୍ର ର ବାପା ମା ବାଲିଆପାଳ ଆଠବାଟିଆର ଅଧିବାସୀ ଅଟନ୍ତି । ତେବେ ସପ୍ତାହେ ତଳେ ମହିଳା ଜଣକ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଜନ୍ମ ଦେଇଥିଲେ । ଏବଂ ଚିକିତ୍ସା ଚାଲିଥିବା ସମୟରେ ତାଙ୍କ ପିଲାକୁ କେହି ଚୋରି କରିନେଇଥିବା ଦମ୍ପତି ଅଭିଯୋଗ କରିଥିଲେ । ଏବଂ ଛୁଆକୁ ଖୋଜି ଦେବା ପାଇଁ ସେମାନେ ସିଡିଏମଓ ଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ମେଡିକାଲ କର୍ତ୍ତୃପକ୍ଷଙ୍କ ଆଗରେ ଜିଦ କରିଥିଲେ । ଏହାପରେ ବାଲେଶ୍ୱର ପୁଲିସ ଓ ମେଡିକାଲ ଟିମ ଖୋଜାଖୋଜି କରି ଦୁର୍ଗାଦେବୀ ନିକଟରୁ ଜଣେ ମହିଳାଙ୍କ ଠାରୁ ଶିଶୁପୁତ୍ରକୁ ଉଦ୍ଧାର କରିଥିଲେ । ତେବେ ଏହି ଘଟଣାରେ ଶିଶୁପୁତ୍ରକୁ ଚୋରି କରିଥିବା ମହିଳାଙ୍କୁ ଅଟକ ରଖିଛି ପୋଲିସ ।

# ବୋମାମାଡ଼ କରି ୧୪ ଲକ୍ଷ ଟଙ୍କା ଲୁଟ



**ଢେଙ୍କାନାଳ, (ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅନ୍ତର୍ଗତ ଜିରାଳ ସାପ୍ତାହିକ ହାଟରେ ବୋମାମାଡ଼ କରି ଗୋରୁ ବେପାରୀଙ୍କଠାରୁ ଲୁଟିନେଲେ ୧୪ ଲକ୍ଷ ଟଙ୍କା ଓ ବୋଲେରୋ । ଆଜି ସକାଳେ ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଅଞ୍ଚଳରୁ କିଛି ଗୋରୁ ବେପାରୀ ଏକ ବୋଲେରୋ ଯୋଗେ ଜିରାଳ ସାପ୍ତାହିକ ହାଟକୁ ଆସିଥିଲେ । ସାପ୍ତାହିକ ହାଟରେ ଗାଡ଼ି ରଖି ଗୋରୁ ବେପାରୀମାନେ ହାଟକୁ ଯାଇଥିଲେ । ଗାଡ଼ିରେ ଜଣେ ବୃଦ୍ଧ ଓ ଡ୍ରାଇଭର ଥିଲେ । ଏହି ସମୟରେ ୫ଜଣ ଦୁର୍ବୃତ୍ତ ୩ଟି ବାଇକରେ ଆସି ବୋଲେରୋ ନିକଟରେ ପ୍ରଥମେ ୨ ରାଉଣ୍ଡ ଫାଙ୍କା ଗୁଳି ଚାଳନା କରିଥିଲେ । ପରେ ଦୁର୍ବୃତ୍ତମାନେ ବୋମାମାଡ଼ କରିଥିଲେ । ପରେ ଗାଡ଼ିରେ ଥିବା ୧୪ ଲକ୍ଷ ଟଙ୍କା ଓ ବୋଲେରୋ ନେଇ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି । ଏନେଇ ଗୋରୁ ବେପାରୀମାନେ କାମାକ୍ଷାନଗର ଥାନାରେ ଅଭିଯୋଗ କରିଛନ୍ତି ।

# ଯୁବକଙ୍କୁ ମାଡ ମାରି ଲୁଟି ନେବା ଅଭିଯୋଗରେ ୨ ନାବାଳକ ଗିରଫ

**ବାଲେଶ୍ୱର, (ବ୍ୟୁରୋ) :** ରାସ୍ତାରେ ଗଲା ବେଳେ ଲିଫ୍ଟ ମାଗିଲା । ଲିଫ୍ଟ ପାଇବା ପରେ ନିଜ ନାବାଳକ ସଙ୍ଗ ସହ ମିଶି ଯୁବକକୁ ମାଡ ମାରି ୨୭ ହଜାର ଟଙ୍କା, ସୁନା ମୁଦି ଏବଂ ଫୋନ ଲୁଟି ନେବା ଅଭିଯୋଗରେ ଦୁଇ ନାବାଳକଙ୍କୁ କାବୁ କରିଛି ବଡ଼ଗଡ ଥାନା ପୁଲିସ । ସୂଚନାଯୋଗ୍ୟଯେ, ଅଭିଯୋଗକାରୀ ରଶ୍ମୀ ରଞ୍ଜନ ନାୟକ ଗତ ୧ ତାରିଖ ସନ୍ଧ୍ୟାରେ ବିଜେବି ନଗର ଅଞ୍ଚଳରୁ ମୋଟରସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ମଇଁଷାଖାଲ ବସ୍ତି ନିକଟରେ ଜଣେ ନାବାଳକ ବଡ଼ଗଡ କେନାଲ ରୋଡ଼ ଯିବା ଲାଗି ତାଙ୍କୁ ଲିଫ୍ଟ ମାଗିଥିଲେ । ଅଭିଯୋଗକାରୀ ଜଣକ ତାଙ୍କୁ ଲିଫ୍ଟ ଦେବା ପରେ ନାବାଳକଙ୍କ କହିବା ମୁତାବକ ପତିତପାବନ ନଗର ଅଭିମୁଖେ ଯାଇଥିଲେ । ରାସ୍ତାରେ ଏକ ନିର୍ଜନ ସ୍ଥାନରେ ନାବାଳକଙ୍କ ଅନ୍ୟ ଜଣେ ନାବାଳକ ସହଯୋଗୀ ଆସି ପହଞ୍ଚିବା ପରେ, ଉଭୟ ମିଶି ରଶ୍ମୀଙ୍କୁ ଜୋରଜବରଦସ୍ତ ରାସ୍ତାରେ ଅଟକାଇବା ସହିତ ଏକ ଖଣ୍ଡା ଦେଖାଇ ତାଙ୍କୁ ଭୟଭୀତ କରି ପାଖରେ ରଖିଥିବା ଟଙ୍କା ଦେବାକୁ କହିଥିଲେ । ସେ ଦେବାକୁ ବାରଣ କରିବାରୁ ଉଭୟ ନାବାଳକ କାଠ ଫାଳିଆରେ ରଶ୍ମୀଙ୍କୁ ମାଡ଼ ମାରି ସେ ପିନ୍ଧିଥିବା ଏକ ସୁନା ମୁଦି ସହିତ ତାଙ୍କ ମୋବାଇଲରୁ ଫୋନ-ପେ ଏବଂ ଗୁଗୁଲ-ପେ ଜରିଆରେ ମୋଟ ୨୭,୧୦୦ ଟଙ୍କା ଟ୍ରାନ୍ସଫର କରିନେଇଥିଲେ । ପରେ ଅଭିଯୋଗକାରୀଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁକରି ତଦନ୍ତ କରି ଆଜି ଉଭୟ ନାବାଳକଙ୍କୁ କାବୁ କରି କରିଥିଲେ । ଯାଞ୍ଚ ସମୟରେ ଉଭୟଙ୍କ ନିକଟରୁ ମୋଟ ୧୯,୧୦୦ ଟଙ୍କା ଏବଂ ଏକ ସୁନା ମୁଦି ମିଳିଥିଲା । ପଚରାଉଚରା ବେଳେ ଉଭୟ ନାବାଳକ ଏହି ଅପରାଧରେ ସାମିଲ ଥିବା ଏବଂ ଲୁଟ କରିଥିବା ଟଙ୍କାରୁ ସେମାନେ ବାକି ଟଙ୍କାକୁ ଖର୍ଚ୍ଚ କରିଦେଇଥିବା କହିଥିଲେ । ତେଣୁ ସେମାନଙ୍କୁ ବାଳସୁଧାରଗାରକୁ ପଠେଇଛି ପୁଲିସ ।



# ମାର୍ଚ୍ଚରେ ସର୍ବାଧିକ ୫୩,୦୦୦ ୟୁନିଟ ପିକରଣ ରେକର୍ଡ କରିଛି ଓଲା ଇଲେକଟ୍ରିକ

**ବାଲେଶ୍ୱର, (ବ୍ୟୁରୋ) :** ଓଲା ଇଲେକ୍ଟ୍ରିକ ପକ୍ଷରୁ( ବାହାନ ପୋର୍ଟାଲ ଅନୁଯାୟୀ) ମାର୍ଚ୍ଚ ମାସରେ ଏହାର ସର୍ବାଧିକ ୫୩,୦୦୦ ୟୁନିଟର ପିକରଣ ରେକର୍ଡ କରିଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଯାହାକି କ୍ରମାଗତ ଭାବେ ପଂଚମ ମାସ ପାଇଁ ପୁଣିଥରେ ସର୍ବାଧିକ ମାସିକ ଭଲ୍ୟୁମର ରେକର୍ଡ ଅଟେ । ଆର୍ଥିକ ବର୍ଷ ୨୦୨୩ ତୁଳନାରେ ଆର୍ଥିକବର୍ଷ ୨୦୨୪ରେ କମ୍ପାନୀ ୧୧୫ % ଅଭିବୃଦ୍ଧି ହାସଲ କରିବା ସହ ଆର୍ଥିକ ବର୍ଷ ୨୩ରେ ୧,୫୨, ୭୪୧ ୟୁନିଟ ତୁଳନାରେ ବର୍ତ୍ତମାନ ୩୨୮,୭୮୫ ୟୁନିଟ ପିକରଣ କରିଛି । ମାର୍ଚ୍ଚରେ ଏହାର ଉଲ୍ଲେଖନୀୟ ପ୍ରଦର୍ଶନ ସହିତ କମ୍ପାନୀ ଚଳିତ ମାସରେ ଏହାର ଅଗ୍ରଣୀ ବଜାର ଅଂଶ ବଜାୟ ରଖିବା ଜାରି ରଖିଛି ଏବଂ ୨୦୨୪ ଆର୍ଥିକ ବର୍ଷର ଚତୁର୍ଥ ତ୍ରୟମାସରେ ୧, ୧୯, ୩୧୦ ୟୁନିଟ ପୀକୃତ ହୋଇଥିବା ବେଳେ ପୂର୍ବ ତ୍ରୟମାସର ୮୪, ୧୩୩ ୟୁନିଟ ତୁଳନାରେ ୪୨% ବୃଦ୍ଧି ପାଇଛି । ଓଲା ଇଲେଟ୍ରିକ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ଅନସୁଲ ଖଣ୍ଡେଲୱାଲ କହିଛନ୍ତି ଯେ, 'ମାର୍ଚ୍ଚରେ ଆମ ପିକରଣ ୫୩,୦୦୦ ୟୁନିଟ ଅତିକ୍ରମ କରିଥିବାରୁ ୨୦୨୪ ଆର୍ଥିକ ବର୍ଷ ଭଳି ଶ୍ରେଷ୍ଠ ବର୍ଷ ସମାପ୍ତି ଆଉ କିଛି ମଧ୍ୟ ହୋଇପାରିନଥା'। । ଗତ ବର୍ଷ ଆମ ପାଇଁ ତଥା ଏହି ଇଭି ଶିଳ୍ପ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ ଥିଲା ଏବଂ ଉଭୟ ଆୟତନ ଓ ବଜାର ଅଂଶରେ କ୍ରମାଗତ ଭାବେ ବୃଦ୍ଧି କରି ଆମେ ପୂର୍ଣ୍ଣ ଆର୍ଥିକ ବର୍ଷ ପାଇଁ ବଜାରରେ ଅଗ୍ରଣୀ ରହିଛୁ । ୨୦୨୪ ଆର୍ଥିକ ବର୍ଷର ୪ର୍ଥ ତ୍ରୟମାସରେ ଆମେ ପାଖାପାଖି ୧.୨୦ ଲକ୍ଷ ପିକରଣ କରିସାରିଛୁ, ଯାହା ଆମର ଦୃଢ ସ୍କୁଟର ପୋର୍ଟଫୋଲିଓର ପରିମାଣକୁ ଦର୍ଶାଏ ଏବଂ ଆମେ ଏହି ଅଭିବୃଦ୍ଧିର ଧାରାକୁ ବଜାୟ ରଖିବା ପାଇଁ ଲକ୍ଷ୍ୟ ରଖିଛୁ । ଏହା ସହ ଭାରତର ବୈଦ୍ୟୁତିକରଣ ଯାତ୍ରାରେ ଆହୁରୀ ଯୋଗଦାନ ପାଇଁ ଲକ୍ଷ୍ୟ ମଧ୍ୟ ରଖିଛୁ । 'ନିକଟରେ ଓଲା, ଇଭି ଗ୍ରହଣରେ ଥିବା ସମସ୍ତ ପ୍ରତିବନ୍ଧକକୁ ଭାଙ୍ଗିବା ପାଇଁ ଉତ୍ପାଦ, ସେବା, ଚାର୍ଜିଂ ନେଟୱାର୍କ ଏବଂ ବ୍ୟାଟେରୀ ୱାରେଂଟି ଭଳି ଅନେକ ପଦକ୍ଷେପର ଘୋଷଣା କରିଛି । ଏସ୧ ଏକ୍ସ (୪କେଡବ୍ଲୁଏଚ)ର ଶୁଭାରମ୍ଭ ସହିତ ଓଲା ଇଲେକଟ୍ରିକ ଏହାର ପୋର୍ଟଫୋଲିଓକୁ ୬ଟି ଉତ୍ପାଦ (ଏକ୍ସ୧ ପ୍ରୋ, ଏସ୧ ଏୟାର, ଏସ୍‌ୱାନ ଏକ୍ସ + , ଏସ୧ ଏକ୍ସ-୨ କେଡବ୍ଲୁଏଚ, ୩ କେଡବ୍ଲୁଏଚ, ୪ କେଡବ୍ଲୁଏଚ )କୁ ସଂପ୍ରସାରଣ କିରିଛି । ଓଲା ଇଲେଟକ୍ରିକ ବିନା କୌଣସି ଅତିରିକ୍ତ ମୂଲ୍ୟରେ ସମଗ୍ର ଉତ୍ପାଦ ପାଇଁ ୮ ବର୍ଷ/ ୮୦୦ କିମି ବିସ୍ତାରିତ ବ୍ୟାଟେରୀ ୱାରେଂଟି ମଧ୍ୟ ଶୁଭାରମ୍ଭ କରିଛି । ବର୍ତମାନ ଗ୍ରାହକମାନେ ଆଡ-ଅନ ୱାରେଂଟି ମଧ୍ୟ ବାଛିପାରିବେ ଏବଂ ୧୨୫,୦୦୦ କିମି ପର୍ଯ୍ୟ' ଯାତ୍ରା କରୁଥିବା କିମିର ଉପର ସୀମାକୁ ୪,୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ବୃଦ୍ଧି କରିପାରିବ । ଓଲା ଇଲେକ୍ଟ୍ରିକ ପୂର୍ବରୁ ଏହାର ୩କେଡବ୍ଲୁ ପୋର୍ଟେବୁଲ ଫାଷ୍ଟ ଚାର୍ଜର ଆସେସୋରୀ ଉନ୍ମୋଚନ କରିଛି, ଯାହାର ମୂଲ୍ୟ ରହିଛି ୨୯,୯୯୯ ଟଙ୍କା । ସାରା ଦେଶରେ ସର୍ଭିସିଙ୍ଗ ନେଟୱାର୍କର ସଂପ୍ରସାରଣ କରିବା ପାଇଁ ମାର୍ଚ୍ଚ ୧୯ରେ କମ୍ପାନୀ ପ୍ରୟାଗରାଜ ଠାରେ ଏହାର ୪୫୦ତମ ସର୍ଭିସ ସେଂଟରର ଶୁଭାରମ୍ଭ କରିଛି ।

# ଶିଳ୍ପ ସମୃଦ୍ଧ ପାଇଁ ମୋଦୀ ଓ ନବୀନଙ୍କ ଆନ୍ତରିକତା ନାହିଁ

**ବାଲେଶ୍ୱର, (ବ୍ୟୁରୋ) :** ଦେଶ ଏବଂ ଓଡ଼ିଶା ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବାକୁ ମୋଦୀ ଓ ନବୀନ ସରକାରଙ୍କର ଆନ୍ତରିକତା ନାହିଁ । କଂଗ୍ରେସ ସମୟରେ ଦେଶକୁ ଶିଳ୍ପ ସମୃଦ୍ଧ କରିବାକୁ ୨୦୧୧ ଅକ୍ଟୋବର ମାସରେ ତତ୍‌କାଳୀନ କଂଗ୍ରେସ ସରକାର ଜାତୀୟ ଉତ୍ପାଦ ନୀତି ପ୍ରଣୟନ କଲେ । ମୋଦୀ ସରକାର ଜାତୀୟ ଶିଳ୍ପନୀତିକୁ ନକଲ କରି ତା ଉପରେ ଲଗୋ ଲଗାଇ ମେକଇନ ଇଣ୍ଡିଆ ନାମ ଦେଇ ନିଜର ବାହା ବାହା ନେବାକୁ ଚେଷ୍ଟା କରିଛନ୍ତି ବୋଲି ଆଜି କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ଶ୍ରୀ ପଂଚାନନ ଦାସ କହିଛନ୍ତି । ଶ୍ରୀ ଦାସ ଆହରି ମଧ୍ୟ କହିଛନ୍ତି ଉଭୟ ସରକାରର ଶିଳ୍ପ ନୀତି ବିଫଳ ଯଦ୍ୱାରା ଦେଶ ଓ ରାଜ୍ୟର ଯୁବପିଢ଼ୀ ରୋଜଗାର ନପାଇ ଜୀବନ ଜୀବିକା ସହ ସଂଘର୍ଷ କରି ଅନ୍ୟତ୍ର ଯାଇ ନିର୍ଯ୍ୟାତିତ ହେଉଛନ୍ତି । ଶିଳ୍ପ (କାରଖାନା) ବିକାଶର ଗୋଟିଏ ପ୍ରମୁଖ ଅଙ୍ଗ । ଗୋଟିଏ କାରଖାନା ହେଲେ ଖାଲିଯେ କାରଖାନାରେ କର୍ମ ନିଯୁକ୍ତି ମିଳିବ ସେତିକି ନୁହେଁ ଯେଉଁଠାରେ ବଡ଼ ବଡ଼ ଶିଳ୍ପ ଗଢ଼ି ଉଠିବ ତାର ଆଖପାଖରେ ଟାଉନସିପ୍ ଗଢ଼ିଉଠିବ ଯାହା ବେପାର ବଣିଜର ସୁଯୋଗ ସୃଷ୍ଟି କରିବା ସଂଗେ ସଂଗେ ପରିବହନ ରପ୍ତାନୀ ପରି ପରୋକ୍ଷରେ ବହୁତ ପ୍ରକାର ଅର୍ଥନୈତିକ ଅଭିବୃଦ୍ଧି ସୃଷ୍ଟି କରିବ । ସେହି ବୃହତ ବଡ଼ ଶିଳ୍ପକୁ ବିଭିନ୍ନ କଂଚାମାଲ ଏବଂ ଆନସଙ୍ଗିକ ଯୋଗାଇବାକୁ ଛୋଟ ଛୋଟ ଶିଳ୍ପ ମଧ୍ୟ ପାଖ ଆଖରେ ଗଢ଼ି ଉଠେ । କଂଗ୍ରେସ ସମୟରେ ନାଲ୍କୋ ଏବଂ ରାଉରକେଲା ଇସ୍ପାତ କାରଖାନା ଜ୍ୱଳନ୍ତ ଉଦାହରଣ । ଏମିତିକି ଛୋଟ ଛୋଟ ଶିଳ୍ପ କାରଖାନା ପ୍ରତ୍ୟକ୍ଷରେ ନିଯୁକ୍ତି ସୃଷ୍ଟି କରିବା ସଂଗେ ସଂଗେ ପରୋକ୍ଷରେ ବହୁତ ରୋଜଗାରର ସୃଷ୍ଟି କରିଥାଏ । ସେଥିପାଇଁ ଶିଳ୍ପ କାରଖାନା ପ୍ରତିଷ୍ଠ କରିବା ଉପରେ କଂଗ୍ରେସ ସବୁବେଳେ ଗୁରୁତ୍ୱ ଦେଇ ଆସିଛି । ଦେଶର ଆର୍ଥିକ ଉନ୍ନତିର ଶିଳ୍ପକାରଖାନାର ମହତ୍ୱ ବୁଝି ଉପା ସରକାର ୨୦୧୧ ମସିହାରେ ଜାତୀୟ ଉତ୍ପାଦନ ନୀତି ଆଣିଲେ । (National Manufacturing Policy) ଜାତୀୟ ଉତ୍ପାଦନ ନୀତିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ୨୦୨୨ ସୁଦ୍ଧା ଜିଡିପିରେ ଉତ୍ପାଦନର ଅଂଶକୁ ଅତି କମରେ ୨୫% କୁ ବୃଦ୍ଧି କରିବା; ଚାକିରି ସୃଷ୍ଟିର ହାର ବୃଦ୍ଧି କରିବାକୁ ୨୦୨୨ ସୁଦ୍ଧା ୧୦୦ ନିୟୁତ ଅତିରିକ୍ତ ନିଯୁକ୍ତି ସୃଷ୍ଟି କରିବାକୁ ଏବଂ ବିଶ୍ୱରେ ପ୍ରତିଦ୍ୱନ୍ଦିତାକୁ ବୃଦ୍ଧି କରିବା, ଘରୋଇ ମୂଲ୍ୟ ଯୋଗ ବୃଦ୍ଧି କରିବା, ବୈଷୟିକ ଗଭୀରତା ବୃଦ୍ଧି କରିବା ଏବଂ




ଅଭିବୃଦ୍ଧି ସାଙ୍ଗରେ ପରିବେଶ ସ୍ଥିରତା ବୃଦ୍ଧି କରିବା । ମେକ ଇନ ଇଣ୍ଡିଆ, ଜିରୋ ଡିଫେକ୍ଟ, ଏସବୁ ଏହି ଜାତୀୟ ଉତ୍ପାଦ ପଲିସିର ଅଂଶମାତ୍ର । ଏଥିରେ କିଛି ନୂତନ୍ତ୍ୱ ନାହିଁ । ଶିଳ୍ପ କ୍ଷେତ୍ରରେ ବ୍ୟାପକ ତଥ୍ୟ ସଂଗ୍ରହ କରିବାକୁ ଭାରତ ସରକାର ବାର୍ଷିକ ଶିଳ୍ପ ସର୍ଭେ ପ୍ରତିବର୍ଷ କରନ୍ତି । ଏହା ଗୋଟିଏ ଆଇନଗତ ସର୍ଭେକ୍ଷଣ । ବାର୍ଷିକ (ଏସଆଇ) ୧୯୫୯ ରୁ କରା ଯାଉଅଛି । ଭାରତ ସରକାରଙ୍କର ୨୦୨୦-୨୧ ଏବଂ ୨୦୨୧-୨୨ ବର୍ଷର ବାର୍ଷିକ ଶିଳ୍ପ ସର୍ଭେ ରିପୋଟ ଗତ ଫେବୃଆରୀ ମାସରେ ପ୍ରକାଶ ପାଇଛି । ଏହି ରିପୋର୍ଟ ଅନୁଯାୟୀ ଭାରତ ମୋଟ କାରଖାନାର ୫୦%ରୁ ଅଧିକ କାରଖାନା ୫ଟି ରାଜ୍ୟରେ ଅବସ୍ଥାପିତ । ସେଗୁଡ଼ିକ ହେଲା ତାମିଲନାଡୁ, ଗୁଜୁରାଟ, ମହାରାଷ୍ଟ୍ର ଉତରପ୍ରଦେଶ ଏବଂ ଆନ୍ଧ୍ରପ୍ରଦେଶ । ୨୦୨୧-୨୨ ବର୍ଷରେ ଓଡ଼ିଶାରେ ୩୨୦୪ ପଞ୍ଜିକୃତ କାରଖାନା ମାନଙ୍କ ମଧ୍ୟରୁ ମାତ୍ର ୨୬୯୨ କାରଖାନା କାର୍ଯ୍ୟରତ ଥିବାବେଳେ (ଯାହା ପୂର୍ବ ବର୍ଷ ତୁଳନାରେ କମ ପୂର୍ବ ୩୨୪୬ କାରଖାନା ପଞ୍ଜିକୃତ ହୋଇଥିବା ବେଳେ କାର୍ଯ୍ୟରତ ୨୯୦୨ ଟି ଥିଲା) ସର୍ବ ଭାରତରେ ୨,୪୯,୯୮୭ ପଞ୍ଜିକୃତ କାରଖାନା ମାନଙ୍କ ମଧ୍ୟରୁ ୨,୦୦,୫୭୬ କାର୍ଯ୍ୟରତ ଥିଲା । ୧୬ ରାଜ୍ୟର କାର୍ଯ୍ୟରତ କାରଖାନା ସଂଖ୍ୟା ଓଡ଼ିଶା ଉପରେ ଥିଲା । ସେହି ବର୍ଷ ଓଡ଼ିଶାରେ କାରଖାନାରେ ୩୨୬୪୬ ଜଣ ନିଯୁକ୍ତି ପାଇଥିବା ବେଳେ ଅନ୍ୟ ୧୨ ରାଜ୍ୟରେ ଓଡ଼ିଶାଠାରୁ ଅଧିକ ନିଯୁକ୍ତି ଯୋଗାଇ ଦିଆଯାଇଛି ।

## ସିଜିମାଳୀ ଅଞ୍ଚଳରେ ଖଣିଖନନ ପ୍ରସଙ୍ଗ

# ସ୍ଥାନୀୟ ଆଦିବାସୀ ଓ ପାରମ୍ପରିକ ବାସିନ୍ଦାଙ୍କ ଅଧିକାରର ସ୍ପଷ୍ଟ ଉଲ୍ଲଙ୍ଘନ ଅଭିଯୋଗ

**ଭବାନୀପାଟଣା, (ବ୍ୟୁରୋ) :** ୨୦୨୩ ପରଠାରୁ, ବେଦାନ୍ତ ଲିମିଟେଡ୍ ଦ୍ୱାରା ସିଜିମାଲି ବକ୍ସାଇଟ୍ ଖଣିଖନନ ପ୍ରସ୍ତାବ ଭାରତ ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ମଞ୍ଜୁର ପାଇଁ ପର୍ଯ୍ୟାୟ କ୍ରମେ ଶୀଘ୍ର ଆଗକୁ ବଢ଼ିଛି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ନିର୍ବାଚନୀ ବଣ୍ଡ୍ ର ଖୁଲାସା ଅନୁଯାୟୀ ରାଜନୈତିକ ଦଳଗୁଡ଼ିକର ସବୁଠାରୁ ବଡ ଦାତା ଅନୁଷ୍ଠାନ ହେଉଛି ବେଦାନ୍ତ ଲିମିଟେଡ୍, ଯାହା ଭାରତୀୟ ଜନତା ପାର୍ଟିକୁ ୨୩୦.୧୫ କୋଟି, କଂଗ୍ରେସକୁ ୧୨୫ କୋଟି ଏବଂ ଓଡିଶାର ଶାସକ ଦଳ ବିଜେଡିକୁ ୪୦ କୋଟି ଟଙ୍କା ଦାନ ଦେଇଛି ।ଏହାକୁ ଦୃଷ୍ଟିରେ ରଖି ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ଅନୁମତି ପାଇବା ଦିଗରେ ପ୍ରସ୍ତାବ ଅଗ୍ରଗତି ହୋଇଛି, ଯାହା ସ୍ଥାନୀୟ ଆଦିବାସୀ ଓ ପାରମ୍ପରିକ ଜଙ୍ଗଲବାସୀ ମାନଙ୍କ ଅଧିକାରକୁ ଉଲ୍ଲଂଘନ କରୁଛି ବୋଲି ବିଭିନ୍ନ ମାନବାଧିକାର ଓ ନାଗରିକ ଅଧିକାର ସଂଗଠନ ତରଫରୁ ଏକ ତଥ୍ୟାନୁସନ୍ଧାନୀ ଦଳ ସଂପୃକ୍ତ ଅଞ୍ଚଳ ଗ୍ରସ୍ତ କରିବା ପରେ ଅଭିଯୋଗ କରିଛନ୍ତି । ଆଜି ଭବାନୀପାଟଣାର ବାହାଦୁରବଗିଚା ପଡା ଗୋଷ୍ଠୀକେନ୍ଦ୍ରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମୀଳନୀରେ ସେମାନେ ସିଜିମାଳୀ ଖଣିଖନନ ପ୍ରସଙ୍ଗକୁ କର୍ପୋରେଟ୍-ରାଜନୈତିକ ସଂପର୍କ ଓ ଅସାଧୁ ମେଣ୍ଟର ଚକ୍ର ଭାବେ ବର୍ଣ୍ଣନା କରିଛନ୍ତି । ସିଜିମାଳୀ ଖଣିଖନନ ଏବଂ ମାନବାଧିକାର ଉଲଂଘନ ଅଭିଯୋଗ ସଂପର୍କରେ ଏକ ନିରପେକ୍ଷ ଅନୁସନ୍ଧାନ କରିବାକୁ, ପିପୁଲ୍ସ ୟୁନିଅନ ଫର ସିଭିଲ ଲିବର୍ଟିସ୍(ପିୟୁସିଏଲ୍), ମର୍ଯ୍ୟାଦାର ସହ ବଞ୍ଚିବାର ଅଭିଯାନ(ସି.ଏସ୍.ଡି), ମିଥ୍ୟା ମକଦ୍ଦମା ବିରୋଧୀ ଅଭିଯାନ ଏବଂ ରାଷ୍ଟ୍ର ଦମନ ଓ ଯୌନ ହିଂସା ବିରୋଧରେ ମହିଳା(ଡବ୍ଲୁ.ଏସ୍.ଏସ୍) ପକ୍ଷରୁ ଏହି ତଥ୍ୟାନୁସନ୍ଧାନୀ ଦଳ ଏପ୍ରିଲ୍ ୧ ରୁ ୩ ତାରିଖ ପର୍ଯ୍ୟନ୍ତ ପ୍ରାୟ ୧୨ ଟି 'ପ୍ରଭାବିତ' ଗ୍ରାମ ପରିଦର୍ଶନ କରି ସ୍ଥାନୀୟ ଜନସାଧାରଣଙ୍କ ସହିତ ଜିଲ୍ଲାର ବିଭିନ୍ନ ପଦାଧିକାରୀଙ୍କ ମତାମତ ନେଇଥିଲେ । ସେହିପରି ଏପ୍ରିଲ୍ ୩, ୨୦୨୪ରେ ତଥ୍ୟାନୁସନ୍ଧାନୀ ଦଳ ରାୟଗଡା ଜିଲ୍ଲାର ପୋଲିସ ଅଧୀକ୍ଷକ, ହରିଶ୍ ବି.ସି., ଜିଲ୍ଲା କଲେକ୍ଟର, ରାୟଗଡା, ମନୋଜ ସତ୍ୟୱାନ୍ ମହାଜନ, କଳାହାଣ୍ଡି ଜିଲ୍ଲା ଅତିରିକ୍ତ ପୋଲିସ ଅଧୀକ୍ଷକ, କଳାହାଣ୍ଡିର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ତନ୍ମୟ କୁମାର ଦାରୁୱାନ୍ , କଳାହାଣ୍ଡି (ଦକ୍ଷିଣ)ର ଡିଭିଜନାଲ ଫରେଷ୍ଟ ଅଫିସର୍ ତଥା ବନ୍ୟପ୍ରାଣୀ ୱାର୍ଡେନ ଆ଼ର୍. କାଲାଇଭାନନ୍ ଙ୍କ ସହ ସାକ୍ଷାତ କରିଥିଲେ । ଏହି ତଥ୍ୟାନୁସନ୍ଧାନୀ ଦଳରେ ପିୟୁସିଏଲ୍ (ଚଟଉଖ) ପକ୍ଷରୁ ଐଶ୍ୱର୍ଯ୍ୟା ରବିକୁମାର, ମିଥ୍ୟା ମକଦ୍ଦମା ବିରୋଧୀ ଅଭିଯାନ ( ଉଇରଉ) ପକ୍ଷରୁ ନରେନ୍ଦ୍ର ମହାନ୍ତି, ମର୍ଯ୍ୟାଦାର ସହ ବଞ୍ଚିବାର ଅଭିଯାନ (ଉଝଉ)ର ପ୍ରତିନିଧି , ରାଷ୍ଟ୍ର ଦମନ ଓ ଯୌନ ହିଂସା ବିରୋଧରେ ମହିଳା (ଡବ୍ଲୁ.ଏସ୍.ଏସ୍) ପକ୍ଷରୁ ଶରଣ୍ୟା ନାୟକ, ସାମ୍ବାଦିକା ଗାର୍ଗୀ ଶତପଥି , ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଡ଼ାକ୍ତର ରାଣ୍ଡେଲ୍ ସେକ୍ୟୁରା ଏବଂ ମୁକ୍ତବୃତ୍ତ ସାମ୍ବାଦିକ ରାଜାରମଣ ସୁଦରସନ୍ ପ୍ରମୁଖ ସାମିଲ୍ ହୋଇଥିଲେ । ବେଦାନ୍ତ ଲିମିଟେଡ୍ ଦ୍ୱାରା ଦାଖଲ ହୋଇଥିବା ପ୍ରସ୍ତାବ ଏବଂ ବିଭିନ୍ନ ଦସ୍ତାବିଜ୍ ଅନୁଯାୟୀ, ପ୍ରସ୍ତାବିତ ଖଣି ଲିଜ୍ କ୍ଷେତ୍ର ୧୫୪୦ ହେକ୍ଟର ଅଟେ ଏବଂ ଏହା କଳାହାଣ୍ଡି ଜିଲ୍ଲାର ଥୁଆମୁଳ-ରାମପୁର ବ୍ଲକ୍ ଏବଂ ରାୟଗଡା ଜିଲ୍ଲାର କାଶିପୁର ବ୍ଲକର ୧୮ ଟି ଗାଁକୁ ପ୍ରଭାବିତ କରୁଛି ।ଏହି ଅଞ୍ଚଳଗୁଡିକ ସମ୍ବିଧାନର ୫ମ ଅନୁସୂଚୀତ କ୍ଷେତ୍ରର ଅନ୍ତର୍ଭୁକ୍ତ, ଯାହାକି ଜଙ୍ଗଲ ଜମିକୁ କୌଣସି ଅଣ-ଜଙ୍ଗଲ କାର୍ଯ୍ୟରେ ବ୍ୟବହାର ପୂର୍ବରୁ ଗ୍ରାମ ସଭାଗୁଡ଼ିକର ସମ୍ମତି ଆବଶ୍ୟକ କରେ । ପରିବେଶ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ କମ୍ପାନୀ ବର୍ତ୍ତମାନ ଏହି ପ୍ରସ୍ତାବ ଅନୁମୋଦନ ପାଇଁ ପରିବେଶ ଅନୁମତିକୁ ଅପେକ୍ଷା କରିଛି । ଯଦିଓ ୱେବସାଇଟରେ ଦଲିଲଗୁଡିକ ମାଧ୍ୟମରେ କମ୍ପାନୀ ଜଙ୍ଗଲ ଜମିକୁ ଅଣ-ଜଙ୍ଗଲ ଉଦ୍ଦେଶ୍ୟରେ ସ୍ଥାନାନ୍ତର କରିବା ନିମନ୍ତେ ଗ୍ରାମ ସଭାଗୁଡ଼ିକର ସମ୍ମତି ହାସଲ କରିଛନ୍ତି ବୋଲି ଦାବି କରିଛନ୍ତି,ତାହା ମିଥ୍ୟା, କପୋଳକଳ୍ପିତ, ଜାଲିଆତି ଓ ବଳପୂର୍ବକ ଭାବରେ କରାଯାଇଛି ବୋଲି ତଥ୍ୟାନୁସନ୍ଧାନୀ ଦଳ ଅଭିଯୋଗ କରିଛନ୍ତି । ଗତ ଅଗଷ୍ଟ ମାସରେ ସ୍ଥାନୀୟ ଆଦିବାସୀ ଓ ଦଳିତ ସମ୍ପ୍ରଦାୟର ୨୪ ଜଣଙ୍କୁ ଗିରଫ କରିବା ଏବଂ ସେମାନଙ୍କୁ ୩ ମାସରୁ ଅଧିକ ସମୟ କାରାଗାରରେ ରଖିବା ପରେ ୧୪ ସେପ୍ଟେମ୍ବର ୨୦୨୩ ରେ ପରିବେଶ ପ୍ରଭାବ ଆକଳନ ରିପୋର୍ଟ ସର୍ବସାଧାରଣଙ୍କ ନିମନ୍ତେ ପ୍ରକାଶ ପାଇଥିଲା ପରିବେଶ ପ୍ରଭାବ ରିପୋର୍ଟ ଅନୁଯାୟୀ, ପ୍ରସ୍ତାବିତ ବକ୍ସାଇଟ୍ ଖଣି ମଧ୍ୟ ୧୮ ଟି ଗାଁ ମଧ୍ୟରୁ ୨ ଟି ଗାଁ ତିଜିମାଲି ଏବଂ ମାଲିପଦରକୁ ସ୍ଥାନାନ୍ତର କରିବ । ମେ ୨୦୨୩ ପରଠାରୁ ବେଦାନ୍ତ ଲିମିଟେଡ୍ ଏବଂ ଏହାର ଚୁକ୍ତିଭିତ୍ତିକ କମ୍ପାନୀ ମୈତ୍ରୀ ଇନଫ୍ରାଷ୍ଟ୍ରକଚର ଲିମିଟେଡ୍ ବିରୋଧରେ ତିଜିମାଲି ପାହାଡରେ ଏବଂ ଆଖପାଖରେ ରହୁଥିବା ଗ୍ରାମବାସୀଙ୍କ ଦ୍ୱାରା ଦୃଢ଼ ବିରୋଧ ଜାରି ରହିଛି । ଗଣତାନ୍ତ୍ରିକ ବିରୋଧକୁ ଦମନ କରିବା ପାଇଁ ମନୋମୁଖୀ ଭାବେ ଗିରଫ, ପୋଲିସ୍ ଅତ୍ୟାଚାର, ଜେଲରେ ଗିରଫ୍ ବ୍ୟକ୍ତି ମାନଙ୍କ ସହ ସାକ୍ଷାତକାର ପାଇଁ ଅନୁମତି ନଦେବା ଲୋକଙ୍କ ଅଭିବ୍ୟକ୍ତିର ସ୍ୱାଧୀନତାର ମୌଳିକ ଅଧିକାରର ଚରମ ଉଲ୍ଲଂଘନ ବୋଲି ତଥ୍ୟାନୁସନ୍ଧାନୀ ଦଳ ମତପ୍ରକାଶ କରିଛନ୍ତି । ବିଭିନ୍ନ ଗାଁର ଗ୍ରାମବାସୀଙ୍କ ସହ ହୋଇଥିବା ଆଲୋଚନାରୁ ଜଣାପଡିଛି ଯେ ସିଜିମାଲି ବକ୍ସାଇଟ୍ ଖଣି ପ୍ରସ୍ତାବ ବିଷୟରେ କମ୍ପାନୀ କିମ୍ବା ସରକାରଙ୍କ କୌଣସି ଅଧିକାରୀ ଲୋକଙ୍କୁ ଜଣାଇ ନାହାଁନ୍ତି । ଅକ୍ଟୋବର ୨୦୨୩ ରେ ହୋଇଥିବା ଜନ ଶୁଣାଣି ପର୍ଯ୍ୟନ୍ତ, ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି ଯେ ସେମାନଙ୍କୁ ଏ ବିଷୟରେ ବିଶଦ ଭାବେ ଅବଗତ କରାଯାଇ ନାହିଁ । ସୂଚନା ଅଧିକାର ଆବେଦନ ନଂ: ୫୧୧୪ / ଜଞ୍ଜଓ ତାରିଖ ୯.୦୧.୨୦୨୪ ରେ, କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ, କଳାହାଣ୍ଡି (ଜିଲ୍ଲା କଲ୍ୟାଣ ବିଭାଗ) ୮.୨.୨୦୨୪ ରେ ଦଲିଲ ପ୍ରକାଶ କରିଥିଲା, ଯେଉଁଥିରେ ତାଲାମପଦର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ "ସମସ୍ତ ଔପଚାରିକତା / ଜଙ୍ଗଲ ଅଧିକାର ଅଧିନିୟମ ଅନୁଯାୟୀ "ତିଜିମାଲି ଏବଂ ଚୁଲବାଡି ଜଙ୍ଗଲ ଜମିର ପରିବର୍ତ୍ତନ ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଦଲିଲଗୁଡ଼ିକ ମଧ୍ୟ ଦାବି କରେ ଯେ, "ଗ୍ରାମ ସଭାଗୁଡ଼ିକ ପ୍ରସ୍ତାବିତ ପରିବର୍ତ୍ତନ ଏବଂ କ୍ଷତିପୂରଣ ଭଳି ପଦକ୍ଷେପ ଗ୍ରହଣ ପାଇଁ ସମ୍ମତି ଦେଇଛନ୍ତି ଏବଂ ପ୍ରସ୍ତାବିତ ପରିବର୍ତ୍ତନ ଉଦ୍ଦେଶ୍ୟ ଏବଂ ସବିଶେଷ ତଥ୍ୟକୁ ସମ୍ପୂର୍ଣ୍ଣ ଭାବରେ ବୁଝିଛନ୍ତି ।" ସେହିପରି ୯.୧.୨୦୨୪ ର ଆରଟିଆଇ ଆବେଦନ ନମ୍ବର: ୦୦୦୦ / ଢଡଓ-୭୦ / ୨୦୨୪ ର ଜବାବରେ, ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା, ରାୟଗଡା, ସୁଙ୍ଗେର ଗ୍ରାମ ପଞ୍ଚାୟତର ଆଠଟି ଗ୍ରାମରୁ ଗ୍ରାମସଭା ପ୍ରସ୍ତାବ ଗୁଡ଼ିକର କପି ପ୍ରକାଶ କରିଥିଲେ, ଯେଉଁଥିରେ ଜଙ୍ଗଲ ଜମିର ପ୍ରସ୍ତାବିତ ପରିବର୍ତ୍ତନ ଲୋକମାନେ ସମ୍ମତି ଦେଇଛନ୍ତି ବୋଲି ଦର୍ଶାଇଛନ୍ତି । କିନ୍ତୁ ଏହି ସମସ୍ତ ୧୦ଟି ଗାଁର ଏହି ଦସ୍ତାବିଜ ଯାଞ୍ଚ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିବା ପରେ, ତଥ୍ୟାନୁସନ୍ଧାନୀ ଦଳ ନିକଟରେ ଅନେକ ଜାଲିଆତିର ପର୍ଦ୍ଦାଫାଶ୍ ହୋଇଥିଲା । ଯେପରିକି ଏହି ଗ୍ରାମସଭା ପ୍ରସ୍ତାବ ଗୁଡ଼ିକର କୌଣସି ସତ୍ୟତା ନଥିବା, କିଛି ଲୋକଙ୍କୁ ସାଦା କାଗଜରେ ସେମାନଙ୍କର ଆଙ୍ଗୁଠି ଛାପ ଲଗାଇବାକୁ ବାଧ କରିବା , ଯେଉଁ ଗ୍ରାମରେ ଏପରି ପ୍ରସ୍ତାବ ସ୍ୱାକ୍ଷରିତ ହୋଇଥିଲା, ସେହି ଗ୍ରାମରେ ରହୁଥିବା ଲୋକମାନେ କହିଥିଲେ ଯେ ଏପରି କିଛି ଗ୍ରାମ ସଭା ଅନୁଷ୍ଠିତ ହୋଇନଥିଲା । ଅନ୍ୟ ପକ୍ଷରେ ସେଠାରେ କିଛି ସରକାରୀ ଓ କମ୍ପାନୀ ଅଧିକାରୀ ଥିଲେ, ଯେଉଁମାନେ ବ୍ୟାପକ ସଂଖ୍ୟକ ସି.ଆ଼ର୍.ପି.ଏଫ୍ ଓ ସଶସ୍ତ୍ର ପୋଲିସଙ୍କ ସହ ଉପସ୍ଥିତ ଥିଲେ, ଯେଉଁମାନେ ଗ୍ରାମବାସୀ ମାନଙ୍କୁ ସେମାନଙ୍କ ଆଙ୍ଗୁଠି ଛାପ କିମ୍ବା ପ୍ରସ୍ତାବରେ ଦସ୍ତଖତ ଦେବାକୁ ବାଧ କରିଥିଲେ । ପ୍ରତ୍ୟେକ ଗ୍ରାମରେ ଲୋକମାନେ କହିଥିଲେ ଯେ ଅନୁଷ୍ଠିତ ହେବାକୁ ଥିବା ଗ୍ରାମ ସଭା ସମ୍ବନ୍ଧରେ ସରପଞ୍ଚ କିମ୍ବା ଅନ୍ୟ କୌଣସି ଗ୍ରାମବାସୀଙ୍କୁ ସୂଚନା ଦିଆଯାଇ ନଥିଲା ପ୍ରସ୍ତାବରେ ଦସ୍ତଖତକାରୀଙ୍କ ତାଲିକା ଦେଖିବା ପରେ ଗ୍ରାମବାସୀ ତଥ୍ୟାନୁସନ୍ଧାନୀ ଦଳ ନିକଟରେ ପ୍ରକାଶ କରିଛନ୍ତି ଯେ ଦସ୍ତଖତକାରୀଙ୍କ ମଧ୍ୟରୁ କେତେକ ମୃତ, କେହି କେରଳରେ, କିଛି ଛୋଟ ପିଲା ଏବଂ କିଛି ଲୋକଙ୍କ ଦସ୍ତଖତ ଭୁଲ ଅଟେ । ସମସ୍ତ ୧୦ଟି ଗ୍ରାମସଭାର ପ୍ରସ୍ତାବରେ ଚକିତକାରୀ ଘଟଣା ହେଲା ଯେ ସ୍ୱାକ୍ଷରଗୁଡିକ ପ୍ରାମାଣିକ ତଥ୍ୟ ଠାରୁ ବହୁ ଦୂରରେ ଥିଲା । ଅନ୍ୟ ଦୁଇଟି ଗ୍ରାମରେ ଲୋକମାନେ କହିଥିଲେ ଯେ କେନାଲ, ଡାକ୍ତରଖାନା, ବିଦ୍ୟାଳୟ, ମୋବାଇଲ୍ ଟାୱାର ଇତ୍ୟାଦି ବିଷୟରେ କମ୍ପାନୀର ଅଧିକାରୀ ଓ ସରକାରୀ ଅଧିକାରୀଙ୍କ ଦ୍ୱାରା ସେମାନଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦିଆଯାଇଥିଲା । ତଥ୍ୟାନୁସନ୍ଧାନୀ ଦଳ କହିଥିଲେ ଯେ ଅନୁସୂଚିତ ଅଞ୍ଚଳରେ ଗ୍ରାମ ସଭାକୁ ସମ୍ବିଧାନ ଦ୍ୱାରା କ୍ଷମତା ଦିଆଯାଇଛି, ଯାହା ଫଳରେ ଗାଁ ଲୋକମାନେ ସେମାନଙ୍କ ବିକାଶ/କଲ୍ୟାଣ ସମ୍ବନ୍ଧରେ ନିଷ୍ପତ୍ତି ନେବାକୁ ସକ୍ଷମ ହୋଇ ପାରିବେ । ଗ୍ରାମ ସଭାରେ ବ୍ଲକ ସ୍ତରୀୟ ଅଧିକାରୀ, କମ୍ପାନୀ ଅଧିକାରୀ, ପୋଲିସ ଏବଂ ସଶସ୍ତ୍ର ବାହିନୀର ଉପସ୍ଥିତି ହେଉଛି କ୍ଷମତାର ଅପବ୍ୟବହାର ଏବଂ ସମ୍ମାନର ସହ ବଞ୍ଚିବା ପାଇଁ ଲୋକଙ୍କ ସାମ୍ବିଧାନିକ ଅଧିକାର ଉପରେ ଆକ୍ରମଣ । ଏହି ନକଲି ଗ୍ରାମସଭା ପ୍ରସ୍ତାବ ଯାହାକୁ 'ଲୋକଙ୍କ ସମ୍ମତି'ର ପୋଷାକ ପିନ୍ଧାଇ ଦାଖଲ କରାଯାଇଛି ତାହା କୌଣସି ଭାବେ ସରଳ କଥା ନୁହେଁ । ଲୋକମାନେ ମତବ୍ୟକ୍ତ କରିଥିଲେ ଯେ ସେମାନଙ୍କ ସମ୍ମତିକୁ ଏପରି ବାଧବାଧକତା ଓ ଜାଲିଆତି ଦ୍ୱାରା ହାସଲ କରାଯାଇଛି, ଯାହା ସେମାନଙ୍କୁ ସେମାନଙ୍କ ଜମି, ଜୀବନଜୀବିକା ଏବଂ ଭବିଷ୍ୟତ ପାଇଁ ଚିନ୍ତିତ କରିଛି । ଜଙ୍ଗଲ ଅଧିକାର ଆଇନ ର ଉପଯୁକ୍ତ ପ୍ରଣୟନ ପାଇଁ ପଦକ୍ଷେପ ନ ନେଇ ଜଙ୍ଗଲ ଅଧିକାରର ସମାଧାନ ହୋଇଛି ବୋଲି ସରକାରଙ୍କ ଦାବି ଭିତ୍ତିହୀନ, ବିଭ୍ରାନ୍ତିକର ଅଟେ, ଯାହା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ବୋଲି ତଥ୍ୟାନୁସନ୍ଧାନୀ ଦଳ ମତବ୍ୟକ୍ତ କରିଥିଲେ । ଦ୍ୱିତୀୟତଃ 'ମୋ ଜଙ୍ଗଲ ମୋ ଜମି' ଯୋଜନା ଅଧୀନରେ, ଅଗଷ୍ଟ ୯, ୨୦୨୩ ରେ, ସରକାର ମାର୍ଚ୍ଚ ୩୧, ୨୦୨୪ ସୁଦ୍ଧା ସାରା ରାଜ୍ୟରେ ଜଙ୍ଗଲ ଅଧିକାର ପ୍ରଦାନକୁ 'ସଂପୁର୍ଣ କରିବା' ପାଇଁ ପ୍ରାଥମିକତା ଘୋଷଣା କରିଥିଲେ । ଏହି ଯୋଜନାର କାର୍ଯ୍ୟକାରିତାକୁ ପ୍ରାଥମିକତା ଦେବା ପାଇଁ ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି ସକ୍ରିୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ଏବଂ କମ୍ପାନୀର ସ୍ୱାର୍ଥରକ୍ଷା ପାଇଁ ସରକାର ଉଦ୍ଦେଶ୍ୟମୂଳକ ଭାବେ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ସୀମାକୁ ସଙ୍କୁଚିତ କରିଛନ୍ତି । ପରିବେଶ ପ୍ରଭାବ ଆକଳନ ରିପୋର୍ଟ ମଧ୍ୟ ଏହି ଜଳ ଉତ୍ସ ଏବଂ ଜୈବ ବିବିଧତା ନଷ୍ଟ ବିଷୟକୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରିଛି ବୋଲି ତଥ୍ୟାନୁସନ୍ଧାନୀ ଦଳ ଅଭିଯୋଗ କରିଛନ୍ତି । ତଥ୍ୟାନୁସନ୍ଧାନୀ ଦଳ ମତବ୍ୟକ୍ତ କରିଛନ୍ତି ଯେ ପ୍ରଥମତଃ, ପୋଲିସ୍ କର୍ମଚାରୀଙ୍କ ନିୟୋଜନ ଅସଙ୍ଗତ ଥିଲା । କେବଳ ୨-୩ ଜଣ ସରକାରୀ ଅଧିକାରୀ ଏବଂ କମ୍ପାନଧୀଙ୍କ ପାଇଁ ସେଠାରେ ବସ୍ ବୋଝେଇ ପୋଲିସ୍ ଏବଂ ସି.ଆ଼ର୍.ପି.ଏଫ୍ ମଧ୍ୟ ଉପସ୍ଥିତ ଥିଲେ । ଏହି ପ୍ରସ୍ତାବରେ ଦସ୍ତଖତ କରିବାକୁ ଲୋକଙ୍କୁ ବାଧ କରିବା ରାଜ୍ୟର ଏକ ଭୟାନକ କୌଶଳ ଛଡା ଆଉ କିଛି ନୁହେଁ । ଦ୍ୱିତୀୟତଃ , ଗ୍ରାମସଭାରେ କମ୍ପାନୀ ପ୍ରତିନିଧୀଙ୍କ ଉପସ୍ଥିତି ରହିବା କଦାପି ଉଚିତ୍ ନୁହେଁ । ପୋଲିସର ପ୍ରାଥମିକ ଦାୟିତ୍ ହେଉଛି କମ୍ପାନୀ କିମ୍ବା ସରକାରଙ୍କ ସ୍ୱାର୍ଥ ନୁହେଁ, ଲୋକଙ୍କୁ ସୁରକ୍ଷା ଦେବା । ଖଣି ଖନନକୁ ବିରୋଧ କରୁଥିବା କିଛି ବ୍ୟକ୍ତିବିଶେଷଙ୍କ ନ୍ୟସ୍ତ ସ୍ୱାର୍ଥ ଥିବାରୁ ଏଭଳି ପୋଲିସ୍ ଉପସ୍ଥିତି ଆବଶ୍ୟକ ବୋଲି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଉଲ୍ଲେଖ କରିଥିଲେ । କିନ୍ତୁ ଲୋକମାନଙ୍କର ଅଭିବ୍ୟକ୍ତିର ସ୍ୱାଧୀନତା ଭଳି ମୌଳିକ ଅଧିକାର ରହିଛି ଏବଂ ଖଣି ଖନନକୁ ବିରୋଧ କରିବାର ମଧ୍ୟ ଅଧିକାର ରହିଛି । ଏହି ପରିପ୍ରେକ୍ଷୀରେ ସାମ୍ବାଦିକ ସମ୍ମିଳନୀ ଆୟୋଜନ ମାଧ୍ୟମରେ ତଥ୍ୟାନୁସନ୍ଧାନୀ ଦଳର ପରାମର୍ଶ ଦେଇଛନ୍ତି ଯେ,ସିଜିମାଲି ବକ୍ସାଇଟ୍ ମାଇନ୍ସ ସମ୍ବନ୍ଧୀୟ ସମସ୍ତ ପ୍ରକ୍ରିୟା ତୁରନ୍ତ ବନ୍ଦ କରାଯାଉ ଏବଂ ବିଶେଷ ଭାବରେ ଅଣ-ଜଙ୍ଗଲ ଉଦ୍ଦେଶ୍ୟରେ ଜଙ୍ଗଲ ଜମିର ପରିବର୍ତ୍ତନ ଉପରେ ରୋକ୍ ଲଗାଯାଉ । ବାଧତାମୂଳକ ଗ୍ରାମସଭା ଆୟୋଜନ ଓ ଜାଲିଆତି ଘଟଣା ଉପରେ ରାଜ୍ୟ ସ୍ତରରେ ନିରପେକ୍ଷ ଅନୁସନ୍ଧାନ କରାଯାଉ ଏବଂ ଦସ୍ତଖତ ଜାଲିଆତି ଏବଂ ବଳପୂର୍ବକ ସମ୍ମତି ହାସଲ ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଉପଯୁକ୍ତ ଦଣ୍ଡବିଧାନ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ସେହିପରି ଖଣି ପ୍ରଭାବିତ ଗ୍ରାମଗୁଡିକରେ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଏବଂ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ନିମନ୍ତେ ପ୍ରକ୍ରିୟାକୁ ପୁନର୍ବାର ଆରମ୍ଭ କରାଯାଉ ଏବଂ ଏ ସଂପର୍କରେ ରାଜ୍ୟ ସ୍ତରୀୟ ସମୀକ୍ଷା କରାଯାଉ । ଅନ୍ୟପକ୍ଷରେ ଖଣି ଖନନକୁ ସହଜ କରିବା ପାଇଁ ଉଦ୍ଦେଶ୍ୟମୂଳକ ଭାବରେ ଆପୋଷ ବୁଝାମଣା କରାଯାଇ ସମ୍ପ୍ରଦାୟର ପାରମ୍ପରିକ ସୀମାକୁ ସଙ୍କୁଚିତ କରାଯାଇଥିବାରୁ ତାହାକୁ ପୁନଃ ସମୀକ୍ଷା ଓ ପୁନର୍ବାର ଆରମ୍ଭ କରାଯାଉ । ସେହିପରି ଲୋକମାନଙ୍କ ମତାମତ ଓ ଚାହିଦା ଅନୁଯାୟୀ ସିଜିମାଲି ପାହାଡରେ ଖଣି ଖନନ ପାଇଁ ବେଦାନ୍ତ ଲିମିଟେଡକୁ ଦିଆଯାଇଥିବା ଲିଜ୍ ତୁରନ୍ତ ଓଡିଶା ସରକାର ବାତିଲ୍ କରିବା ଆବଶ୍ୟକ ଏବଂ ବିକ୍ଷୋଭକାରୀ ଏବଂ ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀଙ୍କ ବିରୋଧରେ ପଞ୍ଜୀକୃତ ହୋଇଥିବା ସମସ୍ତ ମିଥ୍ୟା ମାମଲା ପ୍ରତ୍ୟାହାର କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

ପ୍ରସ୍ତୁତି-ନରେନ୍ଦ୍ର ମହାନ୍ତି
ଫୋନ୍-୯୪୩୭୪୨୬୬୪୭//
୭୦୦୮୪୮୩୬୨୨

# ‘କଂଗ୍ରେସ ଘୋଷଣାପତ୍ରରେ ଆମେରିକା ଓ ଥାଇଲାଣ୍ଡର ଫଟୋ’

**ନୂଆଦିଲ୍ଲୀ:** କଂଗ୍ରେସ ପକ୍ଷରୁ ଆଗାମୀ ନିର୍ବାଚନ ପାଇଁ ନିଜର ଘୋଷଣାପତ୍ର ଜାରି କରାଯାଇଛି । ଦଳ ଏହି ଇସ୍ତାହାରରେ ଯୁବକ, ମହିଳା, ଶ୍ରମିକ ଓ କୃଷକଙ୍କ ଉପରେ ଗୁରୁତ୍ୱ ଦେଇଛି। ଏହି ସବୁ ବର୍ଗପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରତିଶ୍ରୁତି ଦିଆଯାଇଛି। ତେବେ କଂଗ୍ରେସର ଏହି ଇସ୍ତାହାରକୁ କଡ଼ା ସମାଲୋଚନା କରିଛି ବିଜେପି ।

ଲୋକସଭା ନିର୍ବାଚନ ପାଇଁ କଂଗ୍ରେସର ଇସ୍ତାହାର ଉପରେ ପ୍ରତିକ୍ରିୟା ପ୍ରକାଶ କରି ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ଡ. ସୁଧାଂଶୁ ତ୍ରିବେଦୀ କହିଛନ୍ତି ଯେ କଂଗ୍ରେସର ଇସ୍ତାହାରରେ ଜଳ ପରିଚାଳନା ଅଧ୍ୟାୟରେ ଏକ ଚିତ୍ର ରହିଛି। ଏହି




ଚିତ୍ର ଟି ନ୍ୟୁୟର୍କର ବଫେଲୋ ନଦୀର । ସେ ଆହୁରି ମଧ୍ୟ କହିଛନ୍ତି ଯେ କଂଗ୍ରେସ ଘୋଷଣାପତ୍ରରେ ପରିବେଶ ସଫେଇ ଅଧିନରେ ଏକ ଫଟୋ ପୋଷ୍ଟ କରାଯାଇଛି। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏହି ସ୍ଥାନ ରାହୁଲ ଗାନ୍ଧୀଙ୍କ ପ୍ରିୟ ସ୍ଥାନ ଥାଇଲାଣ୍ଡର ଅଟେ । ଏହି ଫଟୋଗୁଡ଼ିକୁ କିଏ ଲଗାଇଛି ତାହା କଂଗ୍ରେସ ଜାଣିବା ଦରକାର। ସୁଧାଂଶୁ ତ୍ରିବେଦୀ କହିଛନ୍ତି ଯେ ନିକଟରେ ସୋସିଆଲ ମିଡିଆ ଅଧକ୍ଷା କହିଛନ୍ତି ଯେ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟକୁ କିଏ ପରିଚାଳନା କରୁଛି ସେ ଜାଣନ୍ତି ନାହିଁ । ଅନ୍ତତଃ ଦଳ ଜାଣିବା ଦରକାର କିଏ ସେମାନଙ୍କ ଇସ୍ତାହାର ପ୍ରସ୍ତୁତ କରୁଛି ।

# ‘ମୋତେ କିଣିପାରିବା ଭଳି ବିଜେପି ପାଖରେ ନାହିଁ ଅର୍ଥ’

**ନୂଆଦିଲ୍ଲୀ:** ମୋତେ କିଣିପାରିବା ଭଳି ଧନ ବିଜେପି ପାଖରେ ନାହିଁ। ଏଭଳି କହିଲେ ସାଉଥଷ୍ଟାର ପ୍ରକାଶ ରାଜ୍। ସବୁବେଳେ ବିଜେପିକୁ ଟାର୍ଗେଟ କରିଆସୁଥିବା ପ୍ରକାଶ ରାଜ୍ ବିଜେପିରେ ଯୋଗ ଦେବାର ଖବର ଭାଇରାଲ ହେବା ପରେ ଏକ୍ସରେ ଏହି ଚର୍ଚ୍ଚା ଉପରେ ବିରାମ ଲଗାଇଛନ୍ତି ପ୍ରକାଶ। କିଛି ଦିନ ହେବ ସୋସିଆଲ ମିଡିଆରେ ଏକ ପୋଷ୍ଟ ଭାଇରାଲ ହେଉଥିଲା, ଯେଉଁଥିରେ ଲେଖାଯାଇଥିଲା ଯେ, ଲୋକସଭା ନିର୍ବାଚନ ପୂର୍ବରୁ ଅଭିନେତା ପ୍ରକାଶ ରାଜ ବିଜେପିରେ ଯୋଗ ଦେବେ। ଏହା ଦେଖି ଅଭିନେତା ନିଜେ ଏହି ଖବରକୁ ମିଛ ବୋଲି କହି ସ୍ପଷ୍ଟୀକରଣ ଦେଇଛନ୍ତି। ଅଭିନେତା ପ୍ରକାଶ ରାଜ୍ ଏକ୍ସରେ ଲେଖିଛନ୍ତି ଯେ, ‘ମୋତେ ଲାଗୁଛି ସେମାନେ ଚେଷ୍ଟା କରିଥିବେ। ହେଲେ ପରେ ହୃଦୟଙ୍ଗମ କରିଥିବେ ଆଦର୍ଶଗତ



ଭାବେ ମୋତେ କିଣିପାରିବା ଭଳି ଧନ ତାଙ୍କ ପାଖରେ ନାହିଁ। ନା କ’ଣ କହୁଛନ୍ତି ସାଙ୍ଗମାନେ।’ ଏଭଳି ଲେଖି ସେ ହସିବା ଇମୋଜି ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ମାନହାନି ମାମଲା

**ଗୁଆହାଟୀ:** ଆସାମରେ କଂଗ୍ରେସ ସଭାପତି ଭୁପେନ କୁମାର ବୋରା ସ୍ଥାନୀୟ ଅଦାଲତରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ସରମାଙ୍କ ବିରୋଧରେ ୧୦କୋଟି ଟଙ୍କା ମାନହାନି ମୋକଦ୍ଦମା ଦାୟର କରିଛନ୍ତି। କଂଗ୍ରେସ ନେତା ଦାବି କରିଛନ୍ତି, ସରମାଙ୍କ ମନ୍ତବ୍ୟ ଯୋଗୁ ତାଙ୍କ ଏବଂ ଦଳର ଭାବମୂର୍ତ୍ତି କ୍ଷୁର୍ଣ୍ଣ ହୋଇଛି। ସିଏମ ସରମାଙ୍କ ବ୍ୟତୀତ ସ୍ଥାନୀୟ



ଖବରକାଗଜ ସମ୍ପାଦକଙ୍କୁ ଏହି ମାମଲାରେ ଅଭିଯୋଗ କରାଯାଇଛି। ବୋରା ଅଭିଯୋଗ କରିଛନ୍ତ, ସିଏମ ସରମାଙ୍କ ବିବୃତ୍ତି ମାଧ୍ୟମରେ କଂଗ୍ରେସର ରାଜ୍ୟ ସଭାପତି ଶୀଘ୍ର ଦଳ ଛାଡିବେ ବୋଲି ଦାବି କରାଯାଇଛି। ଏହା ତାଙ୍କ ଏବଂ ଦଳର ଭାବମୂର୍ତ୍ତିକୁ ଜନସାଧାରଣଙ୍କ ନିକଟରେ କ୍ଷୁର୍ଣ୍ଣ କରିଛି। ଆସାମର ମୁଖ୍ୟମନ୍ତ୍ରୀ ଦାବି କରିଥିଲେ ଯେ, ବୋରା ଭାଜପାରେ ଯୋଗଦେବେ, କିନ୍ତୁ ପରେ ବିରୋଧୀ ଦଳ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲା।

# ବିବାଦୀୟ ବୟାନକୁ ନେଇ ଚର୍ଚ୍ଚାରେ କଙ୍ଗନା

**ନୂଆଦିଲ୍ଲୀ:** ବଲିଉଡ ଅଭିନେତ୍ରୀ କଙ୍ଗନା ରଣାଓ୍ୱତ ତାଙ୍କ ବିବାଦୀୟ ବୟାନକୁ ନେଇ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି। ଚଳିତ ନିର୍ବାଚନରେ ଭାଜପାରୁ ତାଙ୍କୁ ଟିକେଟ୍ ମିଳିଛି। ଗତକାଲି ଅର୍ଥାତ୍ ଗୁରୁବାର ଏକ ସାକ୍ଷତକାରରେ ତାଙ୍କର ବୟାନକୁ ନେଇ ଚର୍ଚ୍ଚା ଆହୁରି ବଢିଯାଇଛି। ଯାହାକୁ ନେଇ ତାଙ୍କୁ ଖୁବ୍ ଟ୍ରୋଲ ହେବାକୁ ପଡିଛି। ସାକ୍ଷାତକାରର ଭାଇରାଲ କ୍ଲିପ୍‌ରେ ଶୁଣିବାକୁ ମିଳିଛି ଯେ, କଙ୍ଗନା ସୁଭାଷ ଚନ୍ଦ୍ର ବୋଷଙ୍କୁ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ବୋଲି କହିଛନ୍ତି। ଯାହାକୁ ନେଇ କଂଗ୍ରେସ, ବିଆରଏସ ସମେତ ଅନେକ ଦଳର ନେତା ଓ ସୋସିଆଲ ମିଡିଆ ୟୁଜର୍ସ ତାଙ୍କୁ ଟ୍ରୋଲ କରିଛନ୍ତି। ଭିଡିଓ ଭାଇରାଲ ହେବା ପରେ ବିଆରଏସ ନେତା କେଟିଆର ତାଙ୍କୁ କଟାକ୍ଷ କରିଛନ୍ତି। ସେ କହିଛନ୍ତି, ଗ୍ରାଜୁଏସନ କେଉଁଠୁ କରିଛନ୍ତି ? ଭାଇରାଲ ଭିଡିଓଟି ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେବା ବେଳେ କଙ୍ଗନା ଏପରି କହିଛନ୍ତି।

# ଅଡୁଆରେ ଲାଲୁ, ଜାରି ହେଲା ଗିରଫ ପରୱାନା

**ଗ୍ୱାଲିୟର:** ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ଯାଦବଙ୍କ ପାଇଁ ଅଡୁଆ ବଢିଯାଇଛି। ଏକ ପୁରୁଣା ମାମଲାରେ ଗ୍ୱାଲିୟରର ଏମପି-ଏମଏଲଏ ଅଦାଲତ ତାଙ୍କ ବିରୋଧରେ ସ୍ଥାୟୀ ଗିରଫ ପରୱାନା ଜାରି କରିଛନ୍ତି। ଅସ୍ତ୍ରଶସ୍ତ୍ର ଆଇନରେ ଏହି ୱାରେଣ୍ଟ ଜାରି କରାଯାଇଛି। ଏହି ମାମଲାରେ ଲାଲୁ ଯାଦବଙ୍କୁ ପୂର୍ବରୁ ଫେରାର ଘୋଷଣା କରାଯାଇଥିଲା। ଲାଲୁ ନକଲି କାଗଜପତ୍ର ରଖି ଜଣେ ଅସ୍ତ୍ରଶସ୍ତ୍ର ବ୍ୟବସାୟୀଙ୍କଠାରୁ ଅସ୍ତ୍ରଶସ୍ତ୍ର କିଣିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଥିଲା। ଏହା ସହ କିଣା ଯାଇଥିବା ଅସ୍ତ୍ରଶସ୍ତ୍ର ଅନେକ ସ୍ଥାନକୁ ଯୋଗାଣ କରାଯାଉଥିବା ମଧ୍ୟ ପୁଲିସ ଜାଣିବାକୁ ପାଇଥିଲା। ଦସ୍ତାବିଜରେ ଉଲ୍ଲେଖ କରାଯାଇଥିବା ଲାଲୁ ଯାଦବ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ବୋଲି ଅଦାଲତ ନିଶ୍ଚିତ ହେବା ପରେ ତାଙ୍କ ବିରୋଧରେ ଥିବା ମାମଲାକୁ ସାଂସଦ-



ବିଧାୟକ ଅଦାଲତକୁ ସ୍ଥାନାନ୍ତର କରାଯାଇଥିଲା। ମାମଲାଟି ୧୯୯୫ ଓ ୧୯୯୭ ମସିହାର। ନକଲି ଫର୍ମ ୧୬ କାଗଜପତ୍ର ବ୍ୟବହାର କରି ଅସ୍ତ୍ରଶସ୍ତ୍ର ଡିଲରଙ୍କ ଘରୁ ଅସ୍ତ୍ରଶସ୍ତ୍ର କିଣାଯାଇଥିଲା। ଏହି ମାମଲାରେ ପୁଲିସ ୨୩ ଜଣଙ୍କୁ ଅଭିଯୁକ୍ତ ଦର୍ଶାଇଥିଲା । ସେମାନଙ୍କ ମଧ୍ୟରେ ଲାଲୁ ଯାଦବଙ୍କ ନାଁ ରହିଥିଲା। ଗ୍ୱାଲିୟର ଏମପି-ଏମଏଲଏ କୋର୍ଟର ଏଡିପିପିଓ ଅଭିଷେକ ମେହରୋତ୍ରା କହିଛନ୍ତି ଯେ, ସ୍ୱତନ୍ତ୍ର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମହେନ୍ଦ୍ର ସିଂହଙ୍କ କୋର୍ଟରୁ ସ୍ଥାୟୀ ଗିରଫ ପରୱାନା ଜାରି କରାଯାଇଛି।

# ମର୍ମନ୍ତୁଦ ଦୁର୍ଘଟଣା, ୫ ଶ୍ରଦ୍ଧାଳୁ ମୃତ

**ଫରୀଦକୋଟ :** ପଞ୍ଜାବ ସ୍ଥିତ କୋଟକପୁରା ନିକଟ ଗାଁ ପଞ୍ଜଗରାଇ ନିକଟରେ ଗୁରୁବାର ବିଳମ୍ବିତ ରାତି ପ୍ରାୟ ୨ଟାରେ ଏକ ଟାଟା ଏସି ଓ ଟ୍ରକ ମଧ୍ୟରେ ଧକ୍କା ହୋଇ ୫ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୨ ମହିଳା ରହିଛନ୍ତି। ଏହାସହ ୮ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସମସ୍ତ ଯାତ୍ରୀ ଏକ ଧାର୍ମିକ ସମାବେଶରେ ଯୋଗ ଦେଇ ଫେରୁଥିଲେ। ରାସ୍ତାରେ ସାମ୍ନା ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ ଶ୍ରଦ୍ଧାଳୁ ଯାଉଥିବା ଏହି ଟାଟା ଏସି ଗାଡିକୁ ଧକ୍କା ଦେଇଥିଲା। ଫଳରେ ଏହି ଦୁର୍ଘଟଣା ଘଟିଛି। ଖବର ପାଇ ପୁଲିସ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ମୃତାହତଙ୍କୁ ଉଦ୍ଧାର କରିବା ସହ ଘଟଣାର ତଦନ୍ତ ଜାରି ରହିଛି।

# ଅଣ୍ଡରୱାର୍ଲ୍ଡ ଡନ୍‌କୁ ଜେଲରୁ ମୁକ୍ତିବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ:** ସଜା ପୂରିବା ଆଗରୁ ଅଣ୍ଡରୱାର୍ଲ୍ଡ ଡନ୍ ଅରୁଣ ଗାଓ୍ୱଲିକୁ ଜେଲରୁ ଖଲାସ କରିବାକୁ କହିଛନ୍ତି ବମ୍ବେ ହାଇକୋର୍ଟର ନାଗପୁର ବେଞ୍ଚ। ଜଷ୍ଟିସ ବିନୟ ଯୋଶୀ ଓ ଜଷ୍ଟିସ ଭି ଯୋଶୀଙ୍କ ଖଣ୍ଡପୀଠ ଆଗୁଆ ଖଲାସ ପାଇଁ ଅରୁଣ କରିଥିବା ଆବେଦନକୁ ଗ୍ରହଣ କରି ତା’ ସପକ୍ଷରେ ରାୟ ଦେଇଛନ୍ତି। ୨୦୦୬ ମସିହା ଜାନୁଆରୀ ୧୦ରେ ସରକାର ଆଗୁଆ ଖଲାସ ପାଇଁ ଜାରି କରିଥିବା ବିଜ୍ଞପ୍ତି ଅନୁସାରେ ଅରୁଣ ଆବେଦନ କରିଥିଲା। ୨୦୧୨ ମସିହା ଅଗଷ୍ଟ ୩ରେ ଅରୁଣ ସମେତ ଆଉ ୧୧ ଜଣଙ୍କୁ ଶିବସେନାର ପୂର୍ବତନ ବିଧାୟକ କମଳାକର ଜାମସାନ୍ଦେକରଙ୍କ ହତ୍ୟା ମାମଲାରେ ସେସନ୍ସ କୋର୍ଟ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ। ମୋକା କୋର୍ଟ ସଶ୍ରମ କାରାଦଣ୍ଡ ଶୁଣାଇବା ସହ ଅରୁଣ ଉପରେ ୧୭ ଲକ୍ଷ ଟଙ୍କାର ଜୋରିମାନା ଲାଗୁ କରିଥିଲେ। ହେଲେ ଏବେ ନାଗପୁର ବେଞ୍ଚ ତା’କୁ ଛାଡ଼ିବା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଉପରେ ବିଚାର କରିବା ପାଇଁ ସରକାରଙ୍କୁ ୪ ସପ୍ତାହର ସମୟ ଦେଇଛନ୍ତି।

# ଇଣ୍ଡିଆ ମେଣ୍ଟର ପ୍ରଧାନମନ୍ତ୍ରୀ ଚେହେରାକୁ ନେଇ ଜବାବ ରଖିଲେ ରାହୁଲ

**ନୂଆଦିଲ୍ଲୀ:** ଲୋକସଭା ନିର୍ବାଚନ ପାଇଁ ପ୍ରସ୍ତୁତି ମଧ୍ୟରେ ଇଣ୍ଡିଆ ମେଣ୍ଟର ପ୍ରଧାନମନ୍ତ୍ରୀ ଚେହେରାକୁ ନେଇ ଏବେ ବି ସନ୍ଦେହ ରହିଛି। ଏପରିକି ନିର୍ବାଚନ ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବରିଷ୍ଠ ବିଜେପି ନେତାମାନେ ମଧ୍ୟ ପ୍ରଧାନମନ୍ତ୍ରୀ ଚେହେରାକୁ ନେଇ ଇଣ୍ଡିଆ ମେଣ୍ଟକୁ ଟାର୍ଗେଟ କରୁଥିବା ଦେଖିବାକୁ ମିଳୁଛି। ଏହି ସମୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦଳର ନିର୍ବାଚନୀ ଇସ୍ତାହାର ଲଞ୍ଚ କରିବା କହିଛନ୍ତି ଯେ, ଭାରତ ଏକ ଆଦର୍ଶ ନିର୍ବାଚନ ଲଢୁଛି ଓ ଇଣ୍ଡିଆ ମେଣ୍ଟର ପ୍ରଧାନମନ୍ତ୍ରୀଙ୍କ ବାବଦରେ ନିର୍ବାଚନ ପରେ ନିଷ୍ପତ୍ତି ନିଆଯିବ। ଗୋଟିଏ ପଟେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ବିଜେପି ନେତାମାନେ କ୍ରମାଗତ ତୃତୀୟ ଥର ଶାସନକୁ ଫେରିବା ନେଇ ଦାବି କରୁଥିବା ବେଳେ ବିରୋଧୀ ଦଳ ଦେଶର ସର୍ବୋଚ୍ଚ ପଦବୀ



ପାଇଁ ଏପର୍ଯ୍ୟନ୍ତ ନିଷ୍ପତ୍ତି ନେଇ ନାହାଁନ୍ତି। ଗତ ବର୍ଷ ଡିସେମ୍ବରରେ ଇଣ୍ଡିଆ ଆଲାଇନ୍‌ସର ବୈଠକରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ ଇଣ୍ଡିଆ ଆଲାଇନ୍‌ସର ପ୍ରଧାନମନ୍ତ୍ରୀ ଚେହେରା ପାଇଁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ନାମ ପରାମର୍ଶ ଦେଇଥିଲେ। ଏହା ଉପରେ କଂଗ୍ରେସ ସଭାପତି କହିଥିଲେ ଯେ, ପ୍ରଧାନମନ୍ତ୍ରୀ ପଦବୀ ପାଇବାକୁ ହେଲେ ସର୍ବପ୍ରଥମେ ପର୍ଯ୍ୟାପ୍ତ ସଂଖ୍ୟକ ଆସନ ଜିତିବାକୁ ପଡ଼ିବ। କଂଗ୍ରେସର ପୂର୍ବତନ ସଭାପତି ରାହୁଲ ଗାନ୍ଧୀ କହିଛନ୍ତି, ‘୨୦୦୪ ମସିହାରେ ଇଣ୍ଡିଆ ସାଇନିଙ୍ଗର ସ୍ଲୋଗାନ ପ୍ରଚାର କରାଯାଇଥିଲା। ସେହି ଅଭିଯାନରେ କେଉଁ ଦଳ ଜିତିଥିଲା। ୨୦୦୪ ଲୋକସଭା ନିର୍ବାଚନରେ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ବିଜେପିର ସ୍ଲୋଗାନ ଥିଲା ଇଣ୍ଡିଆ ସାଇନିଙ୍ଗ। ଯାହାକି ବିଫଳ ହୋଇଥିଲା। ସେତେବେଳେ କଂଗ୍ରେସ ସବୁଠୁ ବଡ ଦଳ ଭାବରେ ଉଭା ହୋଇଥିଲା। ୨୦୧୪ ମସିହାରେ ବିଜେପି କ୍ଷମତାକୁ ଆସିଲା ଏବଂ ନରେନ୍ଦ୍ର ମୋଦିଙ୍କୁ ଦେଶର ପ୍ରଧାନମନ୍ତ୍ରୀ କରାଯାଇଥିଲା ଓ ତା’ପରେ ୨୦୧୯ ଲୋକସଭା ନିର୍ବାଚନରେ ବିଜେପି ମଧ୍ୟ ଜିତିଲା। ଏଥର ଲୋକସଭା ନିର୍ବାଚନରେ ବିଜେପି ନିଜେ ୩୭୦ଟି ଆସନ ଏବଂ ଏନ୍‌ଡିଏ ସହିତ ୪୦୦ରୁ ଅଧିକ ସିଟ୍ ଜିତିବାକୁ ଲକ୍ଷ୍ୟ ରଖିଛି ।

# ପଶ୍ଚିମବଙ୍ଗର ରାଜ୍ୟପାଳ ବିବାଦୀୟ ବୟାନ

**କୋଲକାତା:** ପଶ୍ଚିମବଙ୍ଗ ରାଜ୍ୟପାଳ ସିଭି ଆନନ୍ଦ ବୋଷ ଏକ ବଡ଼ ବୟାନ ଦେଇଛନ୍ତି। ଶୁକ୍ରବାର ସେ ଦାବି କରିଛନ୍ତି ଯେ ରାଜ୍ୟ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ‘ମିନି ସନ୍ଦେଶଖାଲି’ ହୋଇଗଲାଣି। ରାଜନୈତିକ ଉଦ୍ଦେଶ୍ୟରେ ବିଶ୍ୱବିଦ୍ୟାଳୟଗୁଡ଼ିକର ହିଂସା, ଦୁର୍ନୀତି ଓ ଅପବ୍ୟବହାର ହେଉଛି । ସେ ଏସବୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ବୋଲି ରାଜଭବନର ଜଣେ ଅଧିକାରୀ ଏ ନେଇ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ନିକଟରେ ପଶ୍ଚିମବଙ୍ଗର ସନ୍ଦେଶଖାଲି ଅଂଚଳକୁ ନେଇ ଅନେକ ବିବାଦ ଦେଖାଦେଇଛି । ଏଭଳି ସ୍ଥିତିରେ ରାଜ୍ୟପାଳଙ୍କ ଏହି ବୟାନ ପରେ ରାଜନୀତି ମଧ୍ୟ



ତୀବ୍ର ହେବାର ସମ୍ଭାବନା ରହିଛି। ରାଜଭବନର କର୍ମଚାରୀଜଣକ କହିଛନ୍ତି ଯେ ରାଜ୍ୟପାଳ ବୋଷ ଏହି ମାମଲାର ଅନୁଧ୍ୟାନ ପାଇଁ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ଏକ ଜଣିଆ କମିଶନ ଗଠନ କରିବେ। ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ମିନି ମେସେଞ୍ଜରରେ ପରିଣତ ହୋଇଛି ବୋଲି ରାଜ୍ୟପାଳ ଅନୁଭବ କରିଛନ୍ତି। ସୂଚନାଯୋଗ୍ୟ ଯେ, ରାଜ୍ୟପାଳ ସିଭି ଆନନ୍ଦ ବୋଷ ମଧ୍ୟ ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟର କୁଳପତି ଅଛନ୍ତି। ଗତ ଫେବୃଆରି ମାସରେ ସଂଦେଶଖାଲିର ମହିଳାମାନେ ଟିଏମସି ନେତା ଶାହଜାହାଁ ଶେଖ ବିରୋଧରେ ଯୌନ ନିର୍ଯ୍ୟାତନା ଓ ହିଂସା ଅଭିଯୋଗ ଆଣିଥିଲେ।

# ଇରାନରେ ଆତଙ୍କବାଦୀ ଆକ୍ରମଣ : ୨ ମୃତ

**ତେହେରାନ୍:** ଇରାନର ରୁସ୍କ ସହରରେ ଜୈସ-ଅଲ-ଅଦଲ ଆତଙ୍କବାଦୀ ଗୋଷ୍ଠୀ ଏବଂ ସୁରକ୍ଷା ବାହିନୀ ମଧ୍ୟରେ ସଂଘର୍ଷ ଘଟିଛି। ଆକ୍ରମଣରେ ୨୮ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ୧୦ଜଣ ସୁରକ୍ଷା କର୍ମୀ ରହିଥିବା ବେଳେ ୧୮ଜଣ ସାଧାରଣ ନାଗରିକ ରହିଥିବା ଡେପୁଟି ଆଭ୍ୟନ୍ତରୀଣ ମନ୍ତ୍ରୀ ମାଜିଦ ମିରହାମାଡି ପ୍ରକାଶ କରିଛନ୍ତି। ଆଫଗାନିସ୍ତାନ ଏବଂ ପାକିସ୍ତାନ ସୀମାବର୍ତ୍ତୀ ଏହି ଅଞ୍ଚଳ ଦୀର୍ଘ ଦିନରୁ ଇରାନର ସୁରକ୍ଷା ବାହିନୀ ଏବଂ ସୁନ୍ନି ମାଓବାଦୀ ତଥା ଡ୍ରଗ ବେପାରୀଙ୍କ ମଧ୍ୟରେ ବାରମ୍ବାର ସଂଘର୍ଷ ହୋଇଆସୁଛି। ଡିସେମ୍ବରରେ ଆତଙ୍କବାଦୀ ଗୋଷ୍ଠୀ ରୁଷର ଏକ ପୋଲିସ ଷ୍ଟେଶନ ଉପରେ ଆକ୍ରମଣ କରି ୧୧ଜଣ ସୁରକ୍ଷା କର୍ମୀଙ୍କୁ ହତ୍ୟା କରିଥିଲେ।

# ମାଳଦ୍ୱୀପକୁ ସହଯୋଗ କରିବ ଭାରତ

**ନୂଆଦିଲ୍ଲୀ:** ମାଳଦ୍ୱୀପକୁ ସହଯୋଗ ଜାରି ରଖିବ ଭାରତ। ମାଲେରେ ଚାଇନାର ହସ୍ତକ୍ଷେପ ଯୋଗୁ ନୂଆଦିଲ୍ଲୀ ସହ ମାଳଦ୍ୱୀପର ସମ୍ପର୍କ ଭଲ ନାହିଁ। ତଥାପି ଭାରତ ମାଳଦ୍ୱୀପକୁ ସହଯୋଗର ହାତ ବଢ଼ାଇଛି। ଭାରତ ପକ୍ଷରୁ ସୀମିତ ପରିମାଣର ଜରୁରୀ ସାମଗ୍ରୀ ଯଥା ଚିନି, ଗହମ, ଚାଉଳ ଓ ପିଆଜ ମାଳଦ୍ୱୀପକୁ ରପ୍ତାନୀ କରିବାକୁ ଅନୁମତି ଦିଆଯାଇଛି।

ଚାଉଳ, ଚିନି ଓ ପିଆଜ ରପ୍ତାନୀ କରିବାରେ ଭାରତ ସର୍ବାଗେ ରହିଥିଲା। କିନ୍ତୁ ସାଧାରଣ ନିର୍ବାଚନ ପୂର୍ବରୁ ଦେଶରେ ଏହି ସବୁ ଜରୁରୀ ସାମଗ୍ରୀର ଦାମ ନିୟନ୍ତ୍ରଣ ମଧ୍ୟରେ ରଖିବାକୁ କେନ୍ଦ୍ର ସରକାର ରପ୍ତାନୀ ଉପରେ ଏକାଧିକ କଟକଣା ଲଗାଇଥିଲେ। ଏବେ ସୀମିତ ପରିମାଣ ରପ୍ତାନୀ ମାଳଦ୍ୱୀପକୁ କରିବା ପାଇଁ ଭାରତ ସରକାର ଅନୁମତି ଦେଇଛନ୍ତି। ସରକାର ଗୋଟିଏ ବିଜ୍ଞପ୍ତିରେ କହିଛନ୍ତି, ଏହି ସବୁ ସାମଗ୍ରୀ ୨୦୨୪/୨୫



ଆର୍ଥିକ ବର୍ଷ ଅର୍ଥାତ ଏପ୍ରିଲ ୧ରୁ ମାଳଦ୍ୱୀପକୁ ରପ୍ତାନୀ ହେବ। ଏହା ଉପରେ କୌଣସି ପ୍ରକାରର କଟକଣା ରହିବ ନାହିଁ। ମାଳଦ୍ୱୀପକୁ ୧୨୪, ୨୧୮ ମେଟ୍ରିକ ଟନ ଚାଉଳ, ୧୦୯,୧୬୨ ଟନ ଗହମ, ୬୪,୪୯୪ ଟନ ଚିନି, ୨୧,୫୧୩ ଟନ ଆଳୁ, ୩୫,୭୪୯ ଟନ ପିଆଜ ଓ ୪୨୭.୫ ମିଲିୟନ ଅଣ୍ଡା ରପ୍ତାନୀ କରାଯିବ। ଏହାବାଦ ୧ ମିଲିୟନ ଟନ ଲେଖାଏ ପଥର ଜିନିଷ ଓ ନଦୀ ବାଲି ମଧ୍ୟ ଭାରତ ପଡ଼ୋଶୀ ମାଳଦ୍ୱୀପକୁ ପଠାଇବ। ମାଳଦ୍ୱୀପ ଏକଦା ଭାରତର ଭଲ ବନ୍ଧୁ ଥିଲା। କିନ୍ତୁ ନୂଆ ରାଷ୍ଟ୍ରପତି ମହମ୍ମଦ ମୁଇଜୁ ଆସିବା ପରେ ମାଲେ ଅନ୍ୟତମ ପଡ଼ୋଶୀ ଚାଇନା ଆଡ଼କୁ ଢଳିଛି। ଏଥିସହ ଭାରତ ବିରୋଧରେ ମଧ୍ୟ ସ୍ୱର ଶାଣିତ କରିଛି।

# ଆମେଥିରୁ ଲଢିବେ କି ରବର୍ଟ ଭଦ୍ରା !

**ନୂଆଦିଲ୍ଲୀ:** ଉତ୍ତରପ୍ରଦେଶର ଆମେଥି ଓ ରାୟବରେଲୀ ଭଳି ଭିଭିଆଇପି ଆସନ ପାଇଁ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇନଥିବା ବେଳେ ଏଠାରୁ ଦଳ କାହାକୁ ଟିକେଟ ଦେବ ତାହାକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଏହାରି ଭିତରେ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସ୍ୱାମୀ ଭବର୍ଟ ଭଦ୍ରା ଆମେଥି ଆସନରୁ ନିର୍ବାଚନ ଲଢିବା ଲାଗି ଇଚ୍ଛା ପ୍ରକାଶ କରିଛନ୍ତି। ସକ୍ରିୟ ରାଜନୀତିକୁ ରବର୍ଟ ଭଦ୍ରା ଆସିବା ନେଇ ଏକ ସଙ୍କେତ ଦେଇଛନ୍ତି। ଏକ ସାକ୍ଷାତକାରରେ ରବର୍ଟ ଭଦ୍ରା କହିଛନ୍ତି ଯେ ଆମେଥିର ଲୋକମାନେ ବର୍ତ୍ତମାନର ସାଂସଦଙ୍କ ଉପରେ ଅସନ୍ତୁଷ୍ଟ ଅଛନ୍ତି। ଏପରିକି ବର୍ତ୍ତମାନର ପ୍ରତିନିଧିଙ୍କୁ ନିର୍ବାଚିତ କରି ସେମାନେ ବଡ ଭୁଲ କରିଥିବା କହୁଛନ୍ତି। ରବର୍ଟ କହିଛନ୍ତି ଆମେଥିବାସୀ ତାଙ୍କୁ ନିଜର ପ୍ରତିନିଧିଭାବେ ଚାହାଁନ୍ତି। ୨୦୧୯ରେ ସ୍ମୃତି ଇରାନୀ ଆମେଥିରୁ ରାହୁଲଙ୍କ ବିପକ୍ଷରେ ଲଢି ନିର୍ବାଚିତ ହୋଇଥିଲେ। ଗାନ୍ଧୀ ପରିବାରର ଦୁର୍ଗ ଭାବେ ପରିଚିତ ଆମେଥି ଆସନରୁ ୨୦୧୯ ନିର୍ବାଚନରେ ରାହୁଲ ଗାନ୍ଧୀ ପରାଜିତ ହୋଇଥିଲେ।

# ସମାନ ନାଗରିକ ସଂହିତା ଲାଗୁ କରିବା ଆମର ପ୍ରତିବଦ୍ଧତା : ରାଜନାଥ

**ନୂଆଦିଲ୍ଲୀ:** କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଶୁକ୍ରବାର କହିଛନ୍ତି ଯେ, ସମାନ ନାଗରିକ ସଂହିତା ବା ୟୁନିଫର୍ମ



ସିଭିଲ କୋଡ୍ (ୟୁସିସି) କାର୍ଯ୍ୟକାରୀ କରିବା ସରକାରଙ୍କ ପ୍ରତିବଦ୍ଧତା। ବିରୋଧୀମାନେ ଏହି ପ୍ରସଙ୍ଗରେ ଦେଶକୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଗଣମାଧ୍ୟମ ସଂସ୍ଥା ନେଟୱର୍କ-୧୮ର ଗ୍ରୁପ୍ ଏଡିଟର ଇନ୍ ଚିଫ୍ ରାହୁଲ ଯୋଶୀଙ୍କ ସହ କଥାବାର୍ତ୍ତା କରି ରାଜନାଥ କହିଛନ୍ତି ଯେ, ମୁଁ ପୂର୍ବରୁ କହିସାରିଛି ଯେ ଇସ୍ତାହାର ବ୍ୟତୀତ ଆମେ ୟୁନିଫର୍ମ ସିଭିଲ କୋଡ୍ ଲାଗୁ କରିବାକୁ ଚାହୁଁଛୁ। ଏହା ହେଉଛି ଆମର ଦୀର୍ଘଦିନର ବିଶ୍ୱାସ । ବିରୋଧୀ ଦଳର ଅନେକ ଲୋକ ଅଯଥାରେ ଏହି ପ୍ରସଙ୍ଗକୁ ଜାତି, ବର୍ଣ୍ଣ କିମ୍ବା ଧର୍ମ ଆଧାରରେ ଉଠାଇବାକୁ ଚେଷ୍ଟା କରୁଛନ୍ତି। ୟୁସିସି ଶରିଆ ଅନୁଯାୟୀ ମୁସଲମାନଙ୍କ ବଞ୍ଚିବାର ଅଧିକାର ଛଡ଼ାଇ ନେବ ବୋଲି ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରି ସିଂହ କହିଛନ୍ତି, ତାହା ସତ ନୁହେଁ। ସମସ୍ତେ ନିଜ ଇଚ୍ଛା ଅନୁଯାୟୀ ଜୀବନ ଯାପନ କରିବା ଉଚିତ୍ । ୟୁନିଫର୍ମ ସିଭିଲ କୋଡ୍ ଲାଗୁ କରିବାରେ କାହାର ଆପତ୍ତି ହେବା ଉଚିତ ନୁହେଁ ବୋଲି ସେ କହିଛନ୍ତି ଏବଂ ଏହା କାହାର ବିଶ୍ୱାସ, ବିଶ୍ୱାସ କିମ୍ବା ପରମ୍ପରାକୁ କ୍ଷତି ପହଞ୍ଚାଇବ ନାହିଁ ବୋଲି ସେ କହିଛନ୍ତି।

# ଶୁଖିଲା ପଡ଼ିଛି ଜଳାଶୟ: ପାଣି ପାଇଁ ମନୁଷ୍ୟଠୁ ପଶୁପକ୍ଷୀ ହନ୍ତସନ୍ତ



**କୋରାପୁଟ(ଅମୃତ ମିଡିଆ):** ରାଜରାଜୁଡ଼ା ସମୟରରେ ଜୟପୁର ସହରରେ ଦୁଇଟି ବୃହତ ଜଳାଶୟ ଜଗନ୍ନାଥ ସାଗର ଓ ନୀଳକଣ୍ଠ ସାଗର ଖୋଳା ଯାଇଥିଲା। ଏହି ଦୁଇଟି ଜଳାଶୟର ପାଣି ବର୍ଷ ତମାମ ରହିବା ସହ ସହରର ଜଳସ୍ତର ଏଥି ଯୋଗୁଁ ବଜାୟ ରହୁଥିଲା। ତା ସାଙ୍ଗକୁ ପାଗ ବି ଗରମ ରହୁନଥିଲା। ତେବେ ଉଭୟ ଜଗନ୍ନାଥ ସାଗର ଓ ନୀଳକଣ୍ଠ ସାଗରର ପୁନଃଉଦ୍ଧାର କାମ ସଂପ୍ରତି ଜାରୀ ରହିଛି। ଏଥି ପାଇଁ ଉଭୟ ଜଳାଶୟ ସୁଖି ଯାଇଛି। ଉଭୟ ସାଗରରୁ ପାଣି ପାଉଥିବା ମନୁଷ୍ୟ ସମେତ ପଶୁପକ୍ଷୀ ଏବେ ହନ୍ତସନ୍ତ ହେଉଛନ୍ତି। ଜୟପୁରରେ ପୂର୍ବରୁ ଏଭଳି ଜଳ ସମସ୍ୟା ଦେଖା ଯାଇ ନଥିଲା । ୨ସାଗରରେ ଜଳ ସଂରକ୍ଷିତ ହେଇ ରହୁଥିବା ଯୋଗୁଁ ସହରବାସୀଙ୍କୁ ପାଣିର ଅଭାବ ଦେଖା ଯାଉ ନଥିଲା। କାଳକ୍ରମେ ସହରର ତଳି ଅଞ୍ଚଳରେ ଜନବସତି ଗଢି ଉଠିବା ପରେ ପୌର ପ୍ରଶାସନ ଏବଂ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ନଳକୂପ ଖନନ କରାଯାଇଥିଲା। ସାଂପ୍ରତିକ ପରିସ୍ଥିତିରେ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ପ୍ରତ୍ୟକ ଘରେ ପାଣି ପହଞ୍ଚାଇବାର ବ୍ୟବସ୍ଥା କରାଯାଉଛି। ଏଥି ନିମନ୍ତେ ଲୋକଙ୍କୁ କିଛି ଅର୍ଥ ପ୍ରଦାନ କରି ଘରକୁ ଜଳ ସଂଯୋଗ ନେବା ପାଇଁ ପଡୁଛି। ୨୦୧୧ ମସିହାର ଜନଗଣନ ପ୍ରକାରେ ଜୟପୁର ସହରରେ ପ୍ରାୟ ୧୯ ହଜାରରୁ ଉର୍ଦ୍ଧ୍ୱ ଲୋକ ଘର କରି ରହିଛନ୍ତି। ସମସ୍ତଙ୍କ ଘରେ କୂଅ କିମ୍ବା ବୋରୱେଲ୍ ନାହିଁ। ସେମାନେ ଆଜି ଯାଏଁ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ବସି ଥିବା ଷ୍ଟାଣ୍ଡ ପୋଷ୍ଟରୁ ପାଣି ନେଇ ବ୍ୟବହାର କରୁଛନ୍ତି। ନଚେତ କ୍ୱଚିତ ସ୍ଥାନରେ ଥିବା ନଳକୂପରୁ ଜଳ ନେଇ ପରିବାରର ଆବଶ୍ୟକତା ପୂରଣ କରୁଛନ୍ତି। ବର୍ତ୍ତମାନ ଯାଏ ଜୟପୁର ସହରର ପ୍ରତି ଘରେ ଜଳ ଯୋଗାଣ ବ୍ୟବସ୍ଥା ହୋଇ ପାରି ନାହିଁ । ଉଲ୍ଲେଖଯୋଗ୍ୟ ଯେ, ପାଇପ୍ ଲାଇନ ସଂଯୋଗ ଥିବା ଘରକୁ ଆଜି ଯାଏ ୨୪ଘଣ୍ଟିଆ ଜଳଯୋଗାଣ ବ୍ୟବସ୍ଥା। ଜନସ୍ୱାସ୍ଥ୍ୟ ବିଭାଗ ବ୍ୟବସ୍ଥା କରି ଦିନ ରାତି ଜନସ୍ୱାସ୍ଥ୍ୟ ବିଭାଗ ଜଳ ଯୋଗାଇବାରେ ବିଫଳ ହୋଇଛି। ଏତିକିବେଳେ ଜୟପୁରର ବୃହତ ଦୁଇଟି ଜଳାଶୟ ନୀଳକଣ୍ଠ ସାଗର ଏବଂ ଜଗନ୍ନାଥ ସାଗରର ପୁନରୁଦ୍ଧାର କରିବାକୁ ଜଳାଶୟର ପାଣି ନିଷ୍କାସନ କରି ଶୁଖେଇ ଦିଆ ଯାଇଛି। ଜଳାଶୟ ଶୁଖି ଯିବା ପରେ ଲୋକଙ୍କ ଘରେ ରହି ଥିବା କୂଅର ଝର ଓ ଅଳ୍ପ ସମୟ ମଧ୍ୟରେ ନଳକୂପରୁ ପାଣି ବନ୍ଦ ହେଇ ଯାଉଛି। ଏହି ସମସ୍ୟା ବର୍ତ୍ତମାନ ଠାରୁ ଦେଖା ଯାଉ ଥିବାରୁ ସହରବାସୀ ଚିନ୍ତାରେ ପଡ଼ି ଯାଇଛନ୍ତି। ଦୀର୍ଘ ଦିନ ହେବ ଇନଟେକ୍ ୱେଲର କାମ ବି ସରିବା ନାଁ ନେଉନି। ୨୦୨୪ରେ ଜୟପୁରରେ ଯେତିକି ନୂଆ ଘର ନିର୍ମାଣ କରା ଯାଉଛି ପ୍ରାୟ ସମସ୍ତେ ପାଣିର ଅସୁବିଧାକୁ ଦୂରେଇବା ପାଇଁ ବୋରୱେଲ ଖୋଳୁଛନ୍ତି। ଆଗରୁ ୧୦୦ରୁ ୨୦୦ ଫୁଟ ମେସିନ ସାହାଯ୍ୟରେ ଖୋଳାଯିବା ପରେ ପାଣି ବାହାରୁ ଥିଲା। ହେଲେ ଏବେ ୧୮୦ ରୁ ୩୦୦ ଫୁଟ ଖୋଳିବାକୁ ପଡୁଛି। ଅପରପକ୍ଷରେ ସାମାଜିକ ଗଣମାଧ୍ୟମରେ କିଛି ସ୍ୱେଚ୍ଛାସେବୀ ନିଜ ଘର ଉପରେ ବାଲଟି, ଡବାରେ ପାଣି ରଖିବାକୁ ବି ଅନୁରୋଧ କରାଯାଇଛି। ଖରାଦିନ ଆରମ୍ଭ ହୋଇଥିବା ବେଳେ ୨ପ୍ରମୁଖ ଜଳାଶୟର ଜଳ କମିବା ପରେ ସହରର ଜଳସ୍ତର କମିବାରେ ଲାଗିଛି ବୋଲି ବହୁ ପରିବେଶବିତ୍ କହିଛନ୍ତି।

# ଅଚାନକ କୋଟିଆ ଗସ୍ତ କଲେ ମୁଖ୍ୟ ଶାସନ ସଚିବ



**ପଟାଙ୍ଗି(ଅମୃତ ମିଡିଆ):** ମାସକ ପରେ ବିଧାନସଭା ଏବଂ ଲୋକ ସଭା ନିର୍ବାଚନ ହେବାକୁ ଥିବା ବେଳେ ଏହିପରି ସ୍ଥିତିରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ସହ ଅନ୍ୟ ବିଭାଗର ସଚିବ ସୀମାନ୍ତ ଅଞ୍ଚଳକୁ ଗସ୍ତରେ ଆସି ଫେରିଯିବା ଦୃଶ୍ୟ ରାଜନୈତିକ ମହଲଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାନୁଯାୟୀ, ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଏବଂ ରାଜ୍ୟ କୃଷି ବିଭାଗର ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀ ଜିଲାରେ ଅଚାନକ ପହଞ୍ଚି ଜିଲା ପ୍ରଶାସନ ସହ ନିର୍ବାଚନ ସମ୍ପର୍କିତ ଆଲୋଚନା କରିଥିଲେ। ଏହି ସମୟରେ ଜିଲାପାଳ ଭି.କୀର୍ତ୍ତି ଭାସନ, ଡିଆଇଜି ଚରଣସିଂ ମୀନା, ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକାର, ଉପଜିଲାପାଳ ବେଣୁଧର ଶବର, ସ୍ଥାନୀୟ ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ ଏବଂ ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ ପ୍ରମୁଖଙ୍କ ସହ ପଞ୍ଚାୟତରେ ରହିଥିବା ୯ଟି ବୁଥ୍ ମଧ୍ୟରୁ ସୀମାନ୍ତ ୫ଟି ବୁଥ୍‌ରେ ରହିଥିବା ସ୍ଥିତି ସମ୍ପର୍କରେ ଆଲୋଚନା ହୋଇଥିଲେ ମଧ୍ୟ ଏହାକୁ ସମ୍ପୂର୍ଣ୍ଣ ଗୋପନ ରଖା ଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ମୁଖ୍ୟ ଶାସନ ସଚିବ ଏବଂ କୃଷି ବିଭାଗ ପ୍ରମୁଖ ସଚିବଙ୍କ ଏହିପରି ଗସ୍ତ ପଡ଼ୋଶୀ ଆନ୍ଧ୍ର ରାଜ୍ୟ ପାଇଁ ଅନେକ ପ୍ରଭାବ ପଡ଼ିପାରେ ବୋଲି ଅନୁମାନ କରା ଯାଉଥିବା ବେଳେ ଉକ୍ତ ଦୁଇ ଅଧିକାରୀଙ୍କ ସମେତ ଜିଲାର ଅନ୍ୟ ଅଧିକାରୀମାନେ ପଞ୍ଚାୟତରେ ପହଞ୍ଚି ବାରାବନ୍ଧ ଗ୍ରାମରେ ହୋଇଥିବା ଷ୍ଟ୍ରବେରୀ ଚାଷ ଦେଖି ଉପସ୍ଥିତ ଚାଷୀଙ୍କ ସହ ଲାଭ ଏବଂ କ୍ଷତି ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଉକ୍ତ ସ୍ଥାନରୁ ବାହାରି ପଞ୍ଚାୟତ କାର୍ଯ୍ୟାଳୟ , ସ୍ୱତନ୍ତ୍ର ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର, ଜଗନ୍ନାଥ ମନ୍ଦିର ଓ ୫-ଟି ବିଦ୍ୟାଳୟ ପ୍ରମୁଖ ସ୍ଥାନକୁ ଗସ୍ତ କରି ପାରିପାର୍ଶ୍ୱିକ ସ୍ଥିତି ଅନୁଧାନ କରି ଉକ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସହ ପାଠପଢ଼ା ସମ୍ପର୍କରେ ଆଲୋଚନା କରି ସମସ୍ୟା ଉପରେ ଅବଗତ ହୋଇଥିଲେ। ଶେଷରେ ସୀମାନ୍ତ ସ୍ଥାନଗୁଡ଼ିକରେ ରହିଥିବା ବୁଥ୍‌ମାନଙ୍କରେ କିପରି ଭୋଟ୍ ହାର ବଢ଼ିବ ସେନେଇ ଲୋକଙ୍କୁ ସଚେତନତା ସୃଷ୍ଟି କରିବା ଦିଗରେ ଦୃଷ୍ଟି ଦେବାକୁ ଜିଲା ଓ ବ୍ଲକ ପ୍ରଶାସନକୁ ପରାମର୍ଶ ଦେଇଥିଲେ।

## ଦ୍ରୁତଗତି ଯୋଗୁଁ ଓଲଟିଲା ପଥର ବୋଝେଇ ଡମ୍ଫର



**ନୀଳଗିରି(ଅମୃତ ମିଡିଆ):** ନୀଳଗିରି ଥାନା ସନ୍ତରାଗଡିଆ ନିକଟସ୍ଥ ଏକ ଇଟା ଭାଟି ସମ୍ମୁଖରେ ଓଆର ୦୧ଏସ୦୧୧୦ନମ୍ବର ବିଶିଷ୍ଟ ପଥର ବୋଝେଇ ଡମ୍ଫରଟି ଭାରାସ୍ୟାମ ହରାଇ ଚାରିକାତ ମାରି ଉପରକୁ ଚକା ଗୁଡିକ ହୋଇ ଓଲଟି ପଡିଛି ।ଦୃତଗତି ମହାବିପତ୍ତି ପରିବହନ ବିଭାଗ ସଚେତନ କରାଉଥିବା ବେଳେ ନିଶା ଖୋର ଡ୍ରାଇଭର ମାନେ ଏହାକୁ ଭ୍ରୁକ୍ଷେପ ନକରି ନିଶା ଖାଇ ଦ୍ରୁତଗତିରେ ଗାଡି ଚାଳନା କରୁଥିବାରୁ ଏଭଳି ଦୁର୍ଘଟଣା ଘଟୁଥିବାର କୁହାଯାଉଛି । ଆଉ ଗୋଟିଏ କାରଣ ହୋଇଥାଇ ପାରେ ବୋଲି ଅନୁମାନ କରାଯାଏ ଯେ ସନ୍ତରାଗଡିଆ ଅଞ୍ଚଳରେ ଚୋରା ପଥର,ମୋରମ,ବାଲି ଚାଲଣ କରାଯାଉଥିବାରୁ ରାଜସ୍ୱ ବିଭାଗ ଆଖିରେ ଧୂଳି ଫିଙ୍ଗି କାଳେ ଧରା ପଡି ଯିବା ଭୟରେ ଦୃତଗତିରେ ଗାଡି ଚାଳନା କରି ଯାଉଥିବାରୁ ବିଭିନ୍ନ ସମୟରେ ଘଟଣା ଦୁର୍ଘଟଣା ଘଟୁଛିଥିବାର କୁହାଯାଉଛି ।ଯେଉଁ ଭଳି ଭାବେ ଉକ୍ତ ଅଞ୍ଚଳରେ ଖଣିଜ ଦ୍ରବ ପ୍ରତ୍ୟେହ ଶହଶହ ଟ୍ରିପ୍ ଚୋର ଚାଲାଣ ଟ୍ରକ,ଟ୍ରାକ୍ଟର ସାହାଯ୍ୟରେ କରାଯାଉଛି ଯାହାଫଳରେ ଗାଡି ଡ୍ରାଇଭର ମାନେ ଦୃତ ଗତିରେ ଗାଡି ଚଳାଉଥିବାରୁ ଅଞ୍ଚଳବାସୀ ଅସ୍ତବ୍ୟସ୍ତ ହୋଇ ପଡୁଛନ୍ତି ।ପୋଲିସ ଭୟରେ ଗାଡି ମାଲିକ କ୍ରେନ ସାହାଯ୍ୟରେ ଗାଡିଟିକୁ ଉଠାଇ ଚମ୍ପଟ ମାରିଥିବାର ଅଭିଯୋଗ ଉଠିଛି ।

# ଜଙ୍ଗଲ ନିଆଁକୁ ନେଇ ଜଙ୍ଗଲ ସୁରକ୍ଷାକାରୀଙ୍କୁ ଘାରିଛି ଚିନ୍ତା



**ନୟାଗଡ଼(ଅମୃତ ମିଡିଆ):**ଜଙ୍ଗଲ ସୁରକ୍ଷାକାରୀଙ୍କୁ ଘାରିଛି ନିଆଁ ଚିନ୍ତା। ଜଙ୍ଗଲରେ ନିଆଁ ନ ଲାଗିବା ପାଇଁ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକର ଆଦିବାସୀମାନେ ଗାଁରେ ଆଗୁଆ ସଭା କରି ସଚେତନତା ସୃଷ୍ଟି କରିଛନ୍ତି। ପୁଣି ପାଳି କରି ଜଙ୍ଗଲ ସୁରକ୍ଷାକୁ କଡ଼ାକଡ଼ି କରିଛନ୍ତି। ସେହିପରି ଜଙ୍ଗଲର ବିଭିନ୍ନ ପଥରରେ ନିଆଁ ନ ଲାଗିବା ପାଇଁ ସଚେତନତା ବାର୍ତ୍ତା ଲେଖିଛନ୍ତି। ଏପରି କି ଗଛରୁ ପଡିଥିବା ପତରକୁ ପ୍ରାୟ ୫ ଫୁଟ ଲେଖାଏ ଓଳାଇ ଫାୟାର ଲାଇନ୍ ସୃଷ୍ଟି କରିଛନ୍ତି। ଫାୟାର ଲାଇନ୍ ଦ୍ୱାରା ଜଙ୍ଗଲରେ ନିଆଁ ଯେପରି ନ ଲାଗିବ ସେଥିପାଇଁ ଆଗୁଆ ପଦକ୍ଷେପ ନେଇଛନ୍ତି। ଆଦିବାସୀଙ୍କ ଏପରି ପଦକ୍ଷେପ ଯୋଗୁ ଚଳିତ ବର୍ଷ ନିଆଁ ଲାଗି ନାହିଁ। ତେବେ ଚଳିତ ବର୍ଷ ଯେପରି ଜଙ୍ଗଲରେ ନିଆଁ ନ ଲାଗିବ ସେଥିପାଇଁ ସବୁ ପ୍ରକାରର ବ୍ୟବସ୍ଥା କରିଛନ୍ତି ଆଦିବାସୀ। ଦଶପଲ୍ଲା ବ୍ଲକର ବାଙ୍କତଇଲା, ମଞ୍ଜାରୀ, ମିଟୁକୁଳି, ଟାକରା, ଘୁଗୁଡିପଡା, କଦଳୀବାରି ଆଦି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଆଦିବାସୀମାନେ ୨୦୧୯ରୁ ଜଙ୍ଗଲ ସୁରକ୍ଷା କରି ଆସୁଛନ୍ତି। ଜଙ୍ଗଲ ସୁରକ୍ଷା ଯୋଗୁ ବାଙ୍କତଇଲାରେ ୬୭୦ ଏକର, ମଞ୍ଜାରୀରେ ୪୪୦ ଏକର, ମିଟୁକୁଳରେ ୫୦୦ ଏକର, ଟାକରାରେ ୪୦୦ ଏକର, ଘୁଗୁଡିପଡ଼ାରେ ୨୫୦ ଏକର, କଦଳୀବାରିରେ ୧୫୦ ଏକର ଜଙ୍ଗଲ ସୁରକ୍ଷିତ ହୋଇପାରିଛି । ସ୍ଥାନୀୟ ଜଙ୍ଗଲରେ କାଠ ଚୋର, ପଥର ଚୋର ଓ ଶିକାରୀଙ୍କ ଦୌରାମତ୍ ?ୟ କମିଯାଇଛି। ପୁଣି ଜଙ୍ଗଲରେ ନିଆଁ ଲଗାଇବାକୁ ଲୋକମାନେ ଡରିଲେଣି। ଏପରିକି କାମ ନ ଥିଲେ ଲୋକମାନଙ୍କୁ ଜଙ୍ଗଲ ଭିତରକୁ ଯିବା ବାରଣ କରାଯାଇଛି। ଏନେଇ ସାନକୁରୁବାରୀ ଗାଁର ପଞ୍ଚାନନ ଜାନି ଓ ବାଙ୍କତଇଲା ଗାଁର ଲକ୍ଷ୍ମୀଧର ମୁଦୁଲି କୁହନ୍ତି, ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ଗଛଲତା ପୋଡ଼ି ଯିବା ସହ ବନ୍ୟପ୍ରାଣୀଙ୍କ ମୃତ୍ୟୁ ଘଟୁଛି। ଏହାର ଭୟାବହତା ନେଇ ଆଖପାଖ ଲୋକଙ୍କୁ ସଚେତନତା କରିବା ପରେ ସଫଳତା ମିଳିଛି। ଗତ ବର୍ଷ ଅଳ୍ପ କିଛି ଜଙ୍ଗଲରେ ନିଆଁ ଲାଗିଥିଲା। ଆମେ ଗଛର ଡାଳ, ବାଲି ଓ ପାଣି ସାହାର୍ଯ୍ୟରେ ନିଆଁ ଲିଭାଉଥିଲୁ। ଏଣୁ ଚଳିତ ବର୍ଷ ସଚେତନତାକୁ ଗୁରୁତ୍ୱ ଦେବାରୁ ନିଆଁ ଲାଗିବା କମ୍ ହୋଇ ଯାଇଛି। ମୁଣ୍ଡୁଳୀର ନିରାକାର ଜାନି କୁହନ୍ତି, ଜଙ୍ଗଲରେ ପତ୍ର ପଡି ରହିଲେ ମାଟି କ୍ଷୟ କମ୍ ହୁଏ। ଅନ୍ୟପକ୍ଷେ ପତ୍ର ପଚିଶଢ଼ି ମାଟିକୁ ଉର୍ବର କରାଏ। ପାହାଡ଼ର ବର୍ଷା ଜଳ ଜମିକୁ ଆସି ଜମିର ଉର୍ବରତା ବଢ଼ାଏ। ଏଣୁ ଆମେ ଜଙ୍ଗଲରେ ଫାୟାର ଲାଇନ କରୁଥିଲେ ମଧ୍ୟ ପତ୍ରକୁ ନଷ୍ଟ କରି ନ ଥାଉ। ମଞ୍ଜାରୀର ଶରତ ମାଝି କୁହନ୍ତି, ନିଆଁ ଲାଗିବା ଦ୍ୱାରା ପାଣିଆଳୁ ଓ କସାଆଳୁ, ମସିଆ, କନ୍ଦା, ବାଉଁଶ କରଡ, ସତାବରୀ ଆଉ ମିଳୁ ନ ଥିଲା। ନିଆଁ ନ ଲାଗିବା ଦ୍ୱାରା ଏଗୁଡିକ ଚଳିତ ବର୍ଷ ଜଙ୍ଗଲରୁ ଅଧିକ ସଂଗ୍ରହ କରାଯାଇଛି। ଏହି ପ୍ରକ୍ରିୟା ଚାଲୁ ରହୁଛି। ଜଙ୍ଗଲ ରହିଲେ ଆମେ ସମସ୍ତେ ସୁରକ୍ଷିତ ରହିବୁ। ଏହି ବାର୍ତ୍ତା ଦେଇ ଆମେ ସମସ୍ତଙ୍କୁ ସଚେତନ କରିଛୁ।

# ଛାତ୍ରଙ୍କ ସଫଳତା ହାସଲରେ ଆନନ୍ଦିତ ଶିକ୍ଷକ ଶିକ୍ଷୟତ୍ରୀ ଓ ଗ୍ରାମବାସୀ



**ବାସୁଦେବପୁର(ଅମୃତ ମିଡିଆ):** ଛୋଟ ବୟସରୁ ସଫଳତା ପରେ ସଫଳତା, ଅଞ୍ଚଳ ପାଇଁ ଆଣି ଦେଇଛନ୍ତି ଖୁସି ଓ ଆନନ୍ଦର ଲହରୀ। ଖୁସିରେ ଆତ୍ମହରା ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ, ଶିକ୍ଷକ ଓ ଗ୍ରାମ ବାସୀ। ହଁ ଆଜ୍ଞା ଆମେ କହୁଛୁ, ସରକାରୀ ପ୍ରାଥମିକ ବିଦ୍ୟାଳୟ କାଳୀଦାସପୁର, ନରସିଂହପୁର ପଞ୍ଚାୟତ ବାସୁଦେବପୁର ବ୍ଲକର ଛାତ୍ର ପର୍ଶୁରାମ ସାହୁ। ପିତା ଗଣେଶ ପ୍ରସାଦ ସାହୁ, ମାତା ଚାନ୍ଦ ବାଳା ସାହୁଙ୍କ ଏକ ମାତ୍ର ପୁତ୍ର ପର୍ଶୁରାମ। ସରକାରୀ ପ୍ରାଥମିକ ବିଦ୍ୟାଳୟ କାଳୀ ଦାସ ପୁରରୁ ପଞ୍ଚମ ଶ୍ରେଣୀ ରୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତ ନବଦୋୟ ପରୀକ୍ଷା ରେ ସମଗ୍ର ଜିଲ୍ଲାରେ ସେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ପରିଚାଳନା କମିଟି ସଦସ୍ୟ, ଗ୍ରାମ ବାସୀ ତଥା ତାଙ୍କ ବାପା ମା, ଜେଜେ ବାପା ଜେଜେ ମା ବହୁତ ଖୁସି ବୋଲି କହିଛନ୍ତି। ପିଲାଟି ଛୋଟ ବେଳୁ ଜଣେ ଉତ୍ତମ ମେଧାବୀ ଛାତ୍ର, ସେ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ବାସୁଦେବପୁର ବ୍ଲକ୍‌ରେ ତୃତୀୟ, ଆଦର୍ଶ ପରୀକ୍ଷାରେ ବ୍ଲକ୍‌ରେ ପ୍ରଥମ, ତା ଛଡା ଅନ୍ୟାନ୍ୟ ପରୀକ୍ଷା ଯଥା କୁଇଜ୍ ପ୍ରତିଯୋଗିତା ପରୀକ୍ଷାରେ ସଫଳତା ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣି ଦେଇଛନ୍ତି ବୋଲି ପ୍ରଧାନ ଶିକ୍ଷୟତ୍ରୀ ସୁବାଷିନୀ ପଣ୍ଡା କହିଛନ୍ତି। ପିଲାର ଉଜ୍ଜଳ ଭବିଷ୍ୟତ କାମନା ସହ ଉତ୍ତର ଉତ୍ତର ଉନ୍ନତି ହେଉ, ଆମ ପଞ୍ଚାୟତ ପାଇଁ ସଫଳତା ଆଣି ରାଜ୍ୟ ତଥା ଦେଶ ବିଦେଶରେ ନାମ କରୁ ବୋଲି ଶିକ୍ଷକ ଶିକ୍ଷୟତ୍ରୀ ଓ ଗ୍ରାମବାସୀ କହିଛନ୍ତି।

# ପ୍ରାର୍ଥୀ ଦେଇପାରୁ ନାହାନ୍ତି ବିଜେଡି, କଂଗ୍ରେସ

**ନୟାଗଡ଼(ଅମୃତ ମିଡିଆ):**ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ନୟାଗଡ଼ ଜିଲା ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ଜୋର ଧରୁନି। ଟିକେଟ୍ ଲବିରେ ବିଜେଡି ଓ କଂଗ୍ରେସ ନେତା ଥିବାରୁ ଏଭଳି ସ୍ଥିତି ଉପୁଜିଛି। ତେବେ ଭାଜପା ପ୍ରାର୍ଥୀ ଦୁଷ୍ମନ୍ତ ସ୍ୱାଇଁ ଟିକେଟ୍ ପାଇ କ୍ଷେତ୍ର ପ୍ରସ୍ତୁତିରେ ଲାଗି ପଡିଛନ୍ତି। ବିଜେଡି ଟିକେଟ୍ ଦେବା ପରେ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିପାରେ। କଂଗ୍ରେସ ଦଳରେ ନେତାଙ୍କ ଅଭାବ ଥିବାରୁ ଭାଜପା ଓ ବିଜେଡିର ଅସନ୍ତୁଷ୍ଟ ନେତାଙ୍କୁ ଦଳ ଶେଷ ପର୍ଯ୍ୟାୟରେ ଟିକେଟ୍ ଦେଇପାରେ ବୋଲି ଚର୍ଚ୍ଚା ହେଉଛି। ବିଜେଡିରେ ଟିକେଟ୍ ଦୌଡରେ ଅନେକ ପ୍ରାର୍ଥୀ ରହିଥିଲେ ହେଁ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ, ଭାପୁର ବ୍ଲକ ଅଧକ୍ଷା ସାବିତ୍ରୀ ପ୍ରଧାନ, ଖଣ୍ଡପଡ଼ା ବ୍ଲକ୍ ଉପାଧକ୍ଷ ଶିଶିର ସାହୁ, ନାରୀନେତ୍ରୀ ଇରାନୀ ରାୟଙ୍କ ନାଁ ଚର୍ଚ୍ଚାକୁ ଆସୁଛି। ନୂଆ ମୁହଁ ମଧ୍ୟ ବିଜେଡି ଦେଇପାରେ ବୋଲି ଅନୁରୂପ ଆଲୋଚନା ଚାଲିଛି। ୨୦୧୯ ନିର୍ବାଚନରେ ଦୁଷ୍ମନ୍ତ ସ୍ୱାଇଁ ସ୍ୱାଧୀନ ପ୍ରାର୍ଥୀ ହୋଇ ୧୮ ହଜାର ୬୦୮ ଭୋଟ ପାଇଥିଲେ। ୨୦୨୪ ନିର୍ବାଚନରେ ଭାଜପାରୁ ଦୁଷ୍ମନ୍ତ ପ୍ରାର୍ଥୀ ହେବା ପରେ ଭୋଟରଙ୍କୁ ଆପଣେଇବାକୁ ଚେଷ୍ଟା ଜାରି ରଖିଛନ୍ତି। ଦୁଷ୍ମନ୍ତ ଶାସକ ବିଜେଡିର ବିଫଳତା ଓ ଅନ୍ତଃକନ୍ଦଳକୁ ନେଇ ଭୋଟରକୁ ଭେଟୁଛନ୍ତି। ପୁଣି ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଲୋକହିତକର ଯୋଜନା ସମ୍ପର୍କରେ ଭୋଟରଙ୍କୁ ବଖାଣି ନିଜ ସପକ୍ଷକୁ ଆଣିବାକୁ ଚେଷ୍ଟା କରୁଛନ୍ତି। ବିଜେଡିର ଅସନ୍ତୋଷ କର୍ମୀ ଓ ନେତାଙ୍କୁ ନିଜ ପକ୍ଷକୁ ଆଣି ବିଜୟ ହେବାର ସ୍ୱପ୍ନ ଦେଖୁଛନ୍ତି। ତେବେ ଖଣ୍ଡପଡ଼ା ଭୋଟର ଦକ୍ଷ ପ୍ରାର୍ଥୀ ଖୋଜୁଛନ୍ତି। ଯିଏକି ସେମାନଙ୍କ ଦୁଃଖସୁଖର ସାଥି ହୋଇ ନିର୍ବାଚନ ମଣ୍ଡଳୀରେ ବିକାଶର ରଥକୁ ଆଗକୁ ନେବ। ରାଜନୈତିକ ମାନଚିତ୍ରରେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ କୋଣଠେସା ହୋଇ ରହିଥିବାରୁ ଅନେକ ଭୋଟର ଉଦ୍‌ବେଗ ପ୍ରକାଶ କରିଛନ୍ତି। ୨୦୧୯ ନିର୍ବାଚନରେ ଶାସକ ବିଜେଡିର ପ୍ରାର୍ଥୀ ସୌମ୍ୟ ରଞ୍ଜନ ପଟ୍ଟନାୟକ ୧ଲକ୍ଷ ୩୮ ହଜାର ଭୋଟ ପାଇ ବିଧାୟକ ହୋଇଥିଲେ। ଏଠାରେ ଦୁଷ୍ମନ୍ତ ସ୍ୱାଇଁ ସ୍ୱାଧୀନ ପ୍ରାର୍ଥୀ ହୋଇ ୨ୟ ସ୍ଥାନରେ ରହି ୧୮ ହଜାର ୬୦୮ ଭୋଟ ପାଇଥିଲେ। ସେହିପରି ଭାଜପାର ପ୍ରାର୍ଥୀ ସିଦ୍ଧାର୍ଥ ଶେଖର ସିଂ ୧୪ ହଜାର ୧୪, ନୋଟାକୁ ୧ହଜାର ୨୦, କଂଗ୍ରେସର ବସନ୍ତ କୁମାର ମହାରଣା ୮୮୫ ଭୋଟ ପାଇଥିଲେ।

## ପୋଖରୀରେ ବୁଡି କନଷ୍ଟେବଲ ମୃତ

**ନୀଳଗିରି(ଅମୃତ ମିଡିଆ):** ନୀଳଗିରି ଥାନା ତଥା ଔପଦା ବ୍ଲକ ବାଉଁଷବଣିଆ ପଞ୍ଚାୟତ ଅଧିନ ଛୋଟକାନପୁର ଗାଁର ନବକିଶୋର ପ୍ରଧାନଙ୍କ ପୁଅ ଭିଲା ଓରଫ ଦୀବପ (୪୭)ଘର ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲେ ।ମୁଣ୍ଡ ବୁଲାଇବା ଯୋଗୁଁ ପାଣିରେ ପଡି ତାଙ୍କ ଜୀବନ ଯାଇଛି ।ସେ ଭଦ୍ରକ ଜିଲ୍ଲା ପୀରହାଟ ଥାନାରେ କନଷ୍ଟେବଳ ଭାବେ କାର୍ଯ୍ୟରତ ଥିଲେ ।ଦୁଇ ମାସ ହେବ ଶରୀର ଅସୁସ୍ଥତା କାରଣରୁ ସେ ଛୁଟିରେ ଗାଁକୁ ଆସିଥିବା ବେଳେ ଆଜି ମଧ୍ୟାହ୍ନରେ ଏଭଳି ଅଘଟଣ ଦେଖିବାକୁ ମିଳିଛି ।ସ୍ଥାନୀୟ ଲୋକେଙ୍କ ସହଯୋଗରେ ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ନୀଳଗିରି ଡାକ୍ତରଖାନାକୁ ଅଣାଯାଇଛି ।ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି ।ସୂଚନା ଯେ ମୃତକଙ୍କ ସାନ ଭାଇ ଦୀଲପ ଦୁଇ ବର୍ଷ ପୂର୍ବରୁ ପୋଖରୀରେ ବୁଡି ମୃତ୍ୟୁ ଘଟିଥିଲା ।

# ବ୍ରଜରାଜନଗରରେ ଜୁଆ ଆଡ୍ଡା ଉପରେ ଚଢ଼ଉ




**ବ୍ରଜରାଜନଗର(ଅମୃତ ମିଡିଆ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ଅନ୍ତର୍ଗତ ମଧୁପୁର ଜଙ୍ଗଲରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ପୁଲିସ ଅତର୍କିତ ଚଢ଼ଉ କରି ଘଟଣାସ୍ଥଳରୁ ୧୫ ଜୁଆଡ଼ିଙ୍କୁ ଗିରଫ କରିବାରେ ସଫଳ ହୋଇଛି। ପୁଲିସ ନଗଦ ୨ ଲକ୍ଷ ୨୫ ହଜାର ଟଙ୍କା , ୮ଟି କାର, ୧୮ ଟି ବାଇକ ଓ ୧୮ ମୋବାଇଲ ଫୋନ ଜବତ କରିଛି। ଜୁଆଖେଳରେ ବ୍ୟବହୃତ ୫ ମୁଠା ତାସ , ଗୋଟିଏ ଗୋଲେଇ ଟୋକେଇ, ଗୋଟିଏ ତାରପୋଲିନ ୬ଟି ଘୁଡୁଘୁଡି ପଟି ଜବତ ହୋଇଥିବା ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ ସୂଚନା ଦେଇଛନ୍ତି। ପୁଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ କିଛି ଫେରାର ହୋଇଯାଇଛନ୍ତି। ସୂଚନା ଅନୁସାରେ, ଝାରସୁଗୁଡ଼ା -ସୁନ୍ଦରଗଡ଼ ଜିଲ୍ଲା ସୀମାନ୍ତ ଅଞ୍ଚଳରେ ଥିବା ଜଙ୍ଗଲରେ ଏକ ବଡ଼ ଧରଣର ଜୁଆ ଆଡ୍ଡା ଚାଲୁଥିବା ଖବର ବ୍ରଜରାଜନଗର ପୁଲିସ ପାଇବା ପରେ ଅପରାହ୍ନ ୪ ଟାରୁ ସେଠାରେ ଭିଭିନ୍ନ ଦଳରେ ଭାଗ ହୋଇ କିଛି ଦୂରରେ ଅପେକ୍ଷା କରିଥିଲେ। ସେହିପରି କିଛି ଜୁଆଡ଼ି ଭାବରେ ସେଠାକୁ ଯାଇଥିଲେ। ଗାଡ଼ିଗୁଡ଼ିକ ବହୁ ଦୂରରେ ରଖି ଚାଲି ଚାଲି ଯିବାକୁ ପଡ଼ିଥିଲା। ରାତିରେ ଜୁଆ ଖେଳ ଆରମ୍ଭ ହେବା ପରେ ପୁଲିସ ଏକାଧିକ ଟିମରେ ସେଠାରେ ଚଢ଼ଉ କରି ୧୫ ଜଣଙ୍କୁ ଧରିବାରେ ସଫଳ ହୋଇଥିଲେ। ଘଟଣାସ୍ଥଳରୁ ପ୍ରାୟ ୩୦ରୁ ଅଧିକ ଜୁଆଡ଼ି ଅନ୍ଧାରର ସୁଯୋଗ ନେଇ ଖସିଯିବାରେ ସଫଳ ହୋଇଥିଲେ ମଧ୍ୟ ପୁଲିସ ଖୁବ ଶୀଘ୍ର ଧରିବ ବୋଲି ପ୍ରକାଶ କରିଛି। ଏହି ଜୁଆ ଖେଳରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର ଓ ଛତିଶଗଡ଼ର ଯଶପୁରର ଜୁଆଡ଼ିମାନେ ଜୁଆ ଖେଳୁଥିବା ଜଣାପଡ଼ିଛି।

# ଅନୁଗୁଳ ଜିଲ୍ଲାରେ ଖଣି ମୁହଁରେ ଜରଡ଼ା ଗାଁ



**କଣିହାଁ(ଅମୃତ ମିଡିଆ):** ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ୍ ଜରଡ଼ା ଗାଁ କଣିହାଁ ଖୋଲାମୁହଁ କୋଇଲା ଖଣିଠାରୁ ମାତ୍ର ୫ ଶହ ମିଟର ଦୂରରେ ଅବସ୍ଥିତ। ଖଣିରେ ହେଉଥିବା ଡିନାମାଇଟ୍ ବିସ୍ଫୋରଣ, ଖଣିଜନିତ ପ୍ରଦୂଷଣରେ ଗ୍ରାମବାସୀ ଅତିଷ୍ଠ। ସେମାନଙ୍କୁ ବିସ୍ଥାପନ କରିବାକୁ ଜରଡ଼ା ଗ୍ରାମବାସୀ ଦାବି କରିଆସୁଛନ୍ତି। ସେମାନଙ୍କୁ ବିସ୍ଥାପନ କରି ଅନ୍ୟତ୍ର ଥଇଥାନ ପାଇଁ ଖଣି କର୍ତ୍ତୃପକ୍ଷ ସ୍ଥିର ମଧ୍ୟ କରିଛନ୍ତି। କିନ୍ତୁ ବିସ୍ଥାପନ କରୁନାହାନ୍ତି। ଏହାର ପ୍ରତିବାଦରେ ଜରଡ଼ା ଗ୍ରାମବାସୀ ଆନ୍ଦୋଳନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଖଣିରେ କୋଇଲା ଖନନ ପାଇଁ ଡିନାମାଇଟ୍ ବିସ୍ଫୋରଣ କରାଯାଉଛି। ଫଳରେ ଗାଁ ଥରିଉଠୁଛି। କେତେକ ଘର ଫାଟି ଆଁ କଲାଣି। କେତେକ ଘର ଭାଙ୍ଗି ପଡ଼ିଥିବା ଦେଖାଯାଇଛି। ସାମାନ୍ୟ ପବନହେଲେ ଖଣି ଅଞ୍ଚଳରୁ କୋଇଲା ଗୁଣ୍ଡ ଉଡ଼ି ଲୋକଙ୍କ ଘରେ ପଡୁଛି। ପ୍ରଦୂଷଣ ଯୋଗୁଁ ଗ୍ରାମବାସୀ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ସେମାନେ ବର୍ଷ ବର୍ଷ ଧରି ଆତଙ୍କିତ ଅବସ୍ଥାରେ ରହୁଛନ୍ତି। କୋଇଲା ଖଣି ପାଇଁ ଜରଡ଼ା ଗାଁର ଜମି ୧୯୯୫ ମସିହାରେ ଅଧିଗ୍ରହଣ କରାଯାଇଛି। ଜମି ଅଧିଗ୍ରହଣ କରିବାର ୩ ବର୍ଷ ମଧ୍ୟରେ ଲୋକଙ୍କୁ ନିଯୁକ୍ତି, କ୍ଷତିପୂରଣ ଦେଇ ବିସ୍ଥାପିତ କରିବା କଥା, ମାତ୍ର ଏହା ଭିତରେ ୨୯ ବର୍ଷ ବିତିଯାଇଥିଲେ ବି ସେମାନଙ୍କୁ ଏପର୍ଯ୍ୟନ୍ତ ବିସ୍ଥାପିତ କରାଗଲା ନାହିଁ। ଗ୍ରାମବାସୀଙ୍କର ବାକି ଥିବା ଜମି ବାବଦ କ୍ଷତିପୂରଣ, ଘର, ଗଛ ପାଇଁ କ୍ଷତିପୂରଣ ଓ ନିଯୁକ୍ତି ଦିଆଯିବାକୁ ଗ୍ରାମବାସୀ ଦାବି କରୁଛନ୍ତି। ସେମାନଙ୍କୁ ବିସ୍ଥାପିତ କରିବା ପାଇଁ ଗ୍ରାମବାସୀ ଅନେକ ଥର ଖଣି କର୍ତ୍ତୃପକ୍ଷ, ପ୍ରଶାସନ ଓ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅନେକ ଥର ଆନ୍ଦୋଳନ କରିଛନ୍ତି। ସେମାନଙ୍କୁ ବିସ୍ଥାପିତ କରାଯିବ ବୋଲି ଖଣି କର୍ତ୍ତୃପକ୍ଷ ପ୍ରଶାସନର ଉପସ୍ଥିତିରେ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ଗ୍ରାମବାସୀଙ୍କୁ ବିସ୍ଥାପିତ କରାଗଲାନାହିଁ। ଅନ୍ୟପକ୍ଷରେ ପଥରମୁଣ୍ଡା ଗାଁରେ କଲୋନି କରି ସେଠାରେ ଜରଡ଼ା ଗ୍ରାମବାସୀଙ୍କୁ ଥଇଥାନ କରିବେ ବୋଲି ଖଣି କର୍ତ୍ତୃପକ୍ଷ ସ୍ଥିର କରିଛନ୍ତି। ପଥରମୁଣ୍ଡା ଗାଁ କଣିହାଁ କୋଇଲା ଖଣି ଦ୍ୱାରା କ୍ଷତିଗ୍ରସ୍ତ। ଏହି ଗାଁର କିଛି ପରିବାର ଖଣି ପକ୍ଷରୁ ନିଯୁକ୍ତି ପାଇଥିବା ବେଳେ କିଛି ପରିବାର ନିଯୁକ୍ତି ପାଇନାହାନ୍ତି। ଯେଉଁମାନେ ନିଯୁକ୍ତି ପାଇନାହାନ୍ତି, ସେମାନେ ନିଯୁକ୍ତି ଦାବିରେ ତାଙ୍କ ଜମି ଉପରେ ବସି ଆନ୍ଦୋଳନ ଜାରି ରଖିଛନ୍ତି। ଫଳରେ ଜରଡ଼ା ଗ୍ରାମବାସୀଙ୍କୁ ସେଠାରେ ଥଇଥାନ କରିବାରେ ଏହି ଘଟଣା ପ୍ରତିବନ୍ଧକ ସାଜିଛି। ପଥରମୁଣ୍ଡା ଗାଁର ଯେଉଁ ଲୋକମାନେ ନିଯୁକ୍ତି ପାଇନାହାନ୍ତି, ନିଯୁକ୍ତି ନମିଳିବା ପର୍ଯ୍ୟନ୍ତ ସେମାନଙ୍କ ଜମିରେ କୌଣସି ଲୋକକୁ ବାସ କରିବାକୁ ଦେବେନାହିଁ ବୋଲି ସେମାନେ ରୋକ୍‌ଠୋକ୍ ଶୁଣାଇ ଦେଇଛନ୍ତି।

# ରୁକୁଣା ରଥଯାତ୍ରା ପାଇଁ ରଥଖଳାରେ ପହଞ୍ଚିଲା 'ଅଖ' କାଠ



**ଭୁବନେଶ୍ୱର(ବ୍ୟୁରୋ):** ହାତରେ ସମୟ କମ୍। ରୁକୁଣା ରଥ ଯାତ୍ରାକୁ ଆଉ ମାତ୍ର ୧୨ ଦିନ ବାକି ରହିଛି। ତେଣୁ ବେଳ ଉଚ୍ଛୁର ନକରି ମହାରଣା ସେବାୟତ ହାତରେ ବଟାଳି, ହାତୁଡ଼ି, ନିହଣ, ବାରିଶ, ମାପକାଠି ଓ କରତ ଧରି ଗଢ଼ି ଚାଲିଛନ୍ତି ପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥ। ମହାରଣାଙ୍କ କୋଳାହଳ ଭିତରେ ମନ୍ଦିର ଉତ୍ତର-ପୂର୍ବ କୋଣରେ ଥିବା ରଥ ଖଳା ସକାଳୁ ରାତି ଯାଏ ଚଳଚଞ୍ଚଳ ହୋଇ ଉଠିଛି। ସପ୍ତାହେ ହେବ ୬୦ ରୁ ଉର୍ଦ୍ଧ୍ୱ ମହାରଣା ସେବାୟତ ଅକ୍ଳାନ୍ତ ପରିଶ୍ରମ କରି ଗଢ଼ିଛନ୍ତି ରଥର ୪ଟି ଚକ। ଆଜି ଦୁଇଟି ଚକ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଆଉ ଦୁଇଦିନ ମଧ୍ୟରେ ଅନ୍ୟ ଦୁଇଟି ଚକ ଶେଷ ହେବ। ଏହାରି ଭିତରେ ଆଜି ରଥ ଖଳାରେ ପହଞ୍ଚିଛି ୨୩ ଫୁଟ ଲମ୍ବର ଦୁଇଟି 'ଅଖ' କାଠ। ଆସନ୍ତାକାଲିଠାରୁ ଚାରୋଟି ଚକ ପାଇଁ ଆସିଥିବା ଏହି କାଠରେ 'ଅଖ' ତିଆରି କରାଯିବ। ଆଉ ୫ ଦିନ ମଧ୍ୟରେ ରଥ ଚକ ଡେରା ହେବ ବୋଲି ମହାରଣା ସେବାୟତମାନେ କହିଛନ୍ତି। ଭୁବନେଶ୍ୱର: ୧୨ ବର୍ଷ ହେବ ପ୍ରଭୁ ଲିଙ୍ଗରାଜଙ୍କ ସେବାରେ ନିଜକୁ ସମର୍ପିତ କରିଛି। ରଥ ଗଢ଼ିବା ବେଳର ସବୁ ସମୟ ମୋ ପାଇଁ ଗୋଟେ ଗୋଟେ ଦିବ୍ୟ ଅନୁଭୂତି। ରୁକୁଣା ରଥର ଚାରି ଦ୍ୱାରର କଳାକୃତି ସହ ରଥ ଉପରେ ଝାଲେରୀ କାମ ମୋ ଦାୟିତ୍ୱ। ବର୍ଷସାରା ମୁଁ ଚାହି ରହିଥାଏ, କେବେ ରଥ ନିର୍ମାଣ ହେବ। ପ୍ରଭୁ ଲିଙ୍ଗରାଜଙ୍କ କୃପା ନରହିଲେ ରଥ କାମ କରିହେବ ନାହିଁ। ପ୍ରଭୁଙ୍କ ଆଜ୍ଞାରେ ତାଙ୍କ କାମ କରିବାର ଆନନ୍ଦ ସ ?ତରେ ଅବର୍ଣ୍ଣନୀୟ। ଯେତେ ଦିନ ବଞ୍ଚିଥିବି ଏମିତି ପ୍ରଭୁଙ୍କ ସେବାରେ ଲାଗି ପାରିଲେ ଏ ଜୀବନ ସାର୍ଥକ ହେବ।

# ମେଟ୍ରୋ ରେଳ ସହ ସଂଯୋଗୀକରଣ କରିବ ବସ୍‌ଷ୍ଟାଣ୍ଡ

**ଭୁବନେଶ୍ୱର(ବ୍ୟୁରୋ):** ନବ ନିର୍ମିତ ବାବା ସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲ(ବିଏସ୍‌ଏବିଟି) ଯାତ୍ରୀମାନଙ୍କ ପାଇଁ ଅତୁଳନୀୟ ଆରାମ ପ୍ରଦାନ କରୁଛି। ଉଦ୍‌ଘାଟନର ମାସେ ମଧ୍ୟରେ ୨୦ ହଜାର ଯାତ୍ରୀ ଯାତାୟାତ କରିଥିବା ବେଳେ ପ୍ରତ୍ୟେକ ଦିନ ଏଠାକୁ ୧୫୦୦ ବସ୍ ଆସୁଛି। ବରମୁଣ୍ଡା ବସ୍‌ଷ୍ଟାଣ୍ଡର ଇତିହାସରେ ଏହା ପ୍ରଥମ। ଏହାର ଅନ୍ୟ ଏକ ରୂପାନ୍ତରଣ ଖୁବ୍‌ଶୀଘ୍ର ଦେଖିବାକୁ ମିଳିବ। ଏହା ମେଟ୍ରୋ ରେଳ ସହ ସଂଯୋଗୀକରଣ କରାଯିବ। ଫଳରେ ଏହା ଯୋଗାଯୋଗ କ୍ଷେତ୍ରରେ ନୂଆ ମାଇଲଖୁଣ୍ଟ ସ୍ଥାପନ କରିବ ବୋଲି କହିଛନ୍ତି ୫-ଟି ଅଧକ୍ଷ ଭି.କେ ପାଣ୍ଡିଆନ। ସେ କହିଛନ୍ତି, ୫-ଟି ମନ୍ତ୍ର ଆଧାରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଏହା ଏକ ସ୍ୱପ୍ନର ପ୍ରକଳ୍ପ। ଭୁବନେଶ୍ୱରକୁ ଏକ ମେଟ୍ରୋପଲିଟାନ୍ ସହର ଭାବରେ ପରିଣତ କରିବାକୁ ଏହା ଆରମ୍ଭ ମାତ୍ର। ଏହା ସମସ୍ତଙ୍କର କାମରେ ଲାଗୁଥିବାରୁ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି। ଏଣୁ ଆମେ ସମସ୍ତେ ଏହି ବିଶ୍ୱସ୍ତରୀୟ ପ୍ରକଳ୍ପର ରକ୍ଷଣାବେକ୍ଷଣରେ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ଟର୍ମିନାଲ୍ ଭିତରକୁ ପଶୁ ପଶୁ ଐତିହ୍ୟ ସ୍ୱାଗତ କରୁଛି। ତା' ସହିତ ଯାବତୀୟ ସୁବିଧା ଯାତ୍ରୀଙ୍କୁ ଏକ ନିଆରା ଅନୁଭବ ଦେଉଛି। ୧୫.୫ ଏକର ପରିବ୍ୟାପ୍ତ ଏହି ପ୍ରକଳ୍ପର ଲୋକେସନ ଓ ଅତ୍ୟାଧୁନିକ ସେବା ପାଇଁ ଏହା ଜଲ୍‌ଦି ଲୋକପ୍ରିୟତା ସାଉଁଟି ପାରିଛି। ବିମାନବନ୍ଦର ତୁଲ୍ୟ ସୁବିଧା ସୁଯୋଗ ଯଥା; ଆହାର କେନ୍ଦ୍ର, ଶିଶୁ ଯତ୍ନ କେନ୍ଦ୍ର, ଆସବାବପତ୍ର ରଖିବା ସ୍ଥଳ, ଯାତ୍ରୀ ରହିବାକୁ ଡର୍ମିଟୋରି, ଫୁଡ୍ କୋର୍ଟ, ସଫାସୁତରା ପ୍ରତୀକ୍ଷାଗୃହ, ପାଇଖାନା ଓ ୱାସ୍‌ରୁମ୍, ପର୍ଯ୍ୟାପ୍ତ ପାର୍କିଂସ୍ଥଳ ଯାତ୍ରୀଙ୍କ ପାଇଁ ସୁଗମ ହୋଇଛି। ଭିତରର ସାଜସଜ୍ଜା ଯାତ୍ରୀଙ୍କ ଯାତ୍ରା ଆରମ୍ଭ ଓ ଶେଷକୁ ଆନନ୍ଦରେ ଭରି ଦେଉଛି। ଏହା ଭିତରେ ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ଜୀବନୀ ଆଧାରିତ ଏକ କୋଠରୀ ଭବିଷ୍ୟତ ପିଢ଼ିଙ୍କୁ ଉତ୍ସାହିତ କରୁଛି। ତା' ସହିତ ଯେଉଁମାନେ ଅଧିକ ଆନନ୍ଦ ଯାତ୍ରା ଅନୁଭବ କରିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ସମର୍ପିତ ଲାଉଞ୍ଜ, ଟିଭି ସୁବିଧା ଓ ରିଫ୍ରେସ୍‌ମେଣ୍ଟ ବ୍ୟବସ୍ଥା ରହିଛି। ସପରିବାର ଯାତ୍ରା କରୁଥିବା ଯାତ୍ରୀଙ୍କର ପିଲାମାନଙ୍କ ପାଇଁ ଖେଳିବା ସୁବିଧା ମଧ୍ୟ ରହିଛି। ଏହି ପ୍ରକଳ୍ପକୁ ପ୍ରଶଂସା କରି ଜଣେ ଯାତ୍ରୀ କହିଛନ୍ତି, ମୁଁ ଓ ମୋ ପରିବାର ବିମାନବନ୍ଦର ତୁଲ୍ୟ ବସ୍‌ଟର୍ମିନାଲ୍ ଦେଖି ଆନନ୍ଦିତ। ଏଥିପାଇଁ ରାଜ୍ୟ ସରକାର ଓ ଅଧିକାରୀମାନଙ୍କୁ ଧନ୍ୟବାଦ ଏଭଳି ଏକ ସୁନ୍ଦର ବସ୍ ଟର୍ମିନାଲ୍ ପ୍ରସ୍ତୁତ କରିଥିବାରୁ। ବସ୍ ଧରିବା ପାଇଁ ଅପେକ୍ଷା କରିବା ବେଳେ ଆମେ ଏକ ନିଆରା ଆନନ୍ଦ ପାଇଲୁ।



# ସାରା ରାଜ୍ୟରେ ପ୍ରବଳ ଖରା



**ଭୁବନେଶ୍ୱର(ବ୍ୟୁରୋ):** ପ୍ରଚଣ୍ଡ ତାତିରେ ଜଳୁଛି ସାରା ରାଜ୍ୟ। ଦିନ ସାଢ଼େ ୧୧ଟାରେ ଭୁବନେଶ୍ୱର ତାପମାତ୍ରା ୩୯.୮ ଡ଼ିଗ୍ରୀ ରେକର୍ଡ ହୋଇଛି। ରାଜଧାନୀ ଭୁବନେଶ୍ୱର ସହ ସାରା ରାଜ୍ୟରେ ପ୍ରବଳ ଖରା ଅନୁଭୂତ ହେଉଛି। ଭୁବନେଶ୍ୱର ବ୍ୟତୀତ ଦିନ ୧୧ ଟା ୩୦ ସୁଦ୍ଧା କେନ୍ଦୁଝର: ୩୯.୨, ବାଲେଶ୍ୱର:୩୮, ଝାରସୁଗୁଡା : ୩୮, ରାଉରକେଲା: ୩୭.୮, ଚାନ୍ଦବାଲି: ୩୭.୪ , ସମ୍ବଲପୁର: ୩୭.୪ , ହୀରାକୁଦ: ୩୬.୬, ପୁରୀ: ୩୨.୪, ପାରାଦୀପ: ୩୨, ଗୋପାଳପୁର: ୩୧.୮ ଡ଼ିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ପାଗରେ ପରିବର୍ତ୍ତନ ହେବ ନାହିଁ ଏବଂ ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବାର ସମ୍ଭାବନା ଅଛି ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି । ରାଜ୍ୟର କେତେକ ସ୍ଥାନରେ ତାପମାତ୍ରା ୪୫ଡିଗ୍ରୀ ପହଞ୍ଚିବ ବୋଲି ପାଣିପାଗ ବିଜ୍ଞାନୀ ମାନେ ଅନୁମାନ କରିଛନ୍ତି । ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କୁ ଅଂଶୁଘାତରୁ ରକ୍ଷା କରିବା ପାଇଁ ପାଠପଢ଼ା ସମୟରେ ୩ ଥର ପାଣି ଯୋଗାଇ ଦେବାପାଇଁ ବ୍ଲକ୍ ଶିକ୍ଷା ଅଧିକାରୀ ଏବଂ ସ୍କୁଲର ପ୍ରଧାନଶିକ୍ଷକମାନଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହାବ୍ୟତୀତ ବଲାଙ୍ଗୀର, କଳାହାଣ୍ଡି, ସମ୍ବଲପୁର ଜିଲ୍ଲାର ସ୍କୁଲ ପାଠପଢ଼ା ସମୟ ସକାଳ ସାଢ଼େ ୬ଟାରୁ ସାଢ଼େ ୧୦ଟା ମଧ୍ୟରେ ସୀମିତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

# ଭାଜପାକୁ ଘାରିଲାଣି ଅସନ୍ତୁଷ୍ଟଙ୍କ ଚିନ୍ତା

**ଭୁବନେଶ୍ୱର(ବ୍ୟୁରୋ):** ୨୦୨୪ ନିର୍ବାଚନରେ ରାଜ୍ୟରେ ଭାଜପା ସରକାରକୁ ଆସିବ ବୋଲି ଭାଜପା ରାଜ୍ୟ ନେତୃବୃନ୍ଦ ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। ଅନେକ ସମୟରେ ବିଜେଡିରେ ଅସନ୍ତୁଷ୍ଟଙ୍କ ସଂଖ୍ୟା ବହୁ ପରିମାଣରେ ବଢ଼ିଯାଇଥିବା ବେଳେ ଶାସକ ଦଳର ବହୁ ନେତା ଯୋଗାଯୋଗରେ ଥିବା ନେଇ ମଧ୍ୟ ଭାଜପାର ଆଗ ଧାଡ଼ିର ନେତାମାନେ ଅନେକ ସମୟରେ ମତ ରଖିଛନ୍ତି। ସେହିକ୍ରମରେ ବିଜେଡିରୁ ଟିକେଟ ପାଉ ନ ଥିବା ଏବଂ ଅସନ୍ତୁଷ୍ଟ ନେତାମାନଙ୍କୁ ଦଳରେ ସାମିଲ କରି ଟିକେଟ ଦେବା ଭାଜପା ପାଇଁ ମହଙ୍ଗା ସାବ୍ୟସ୍ତ ହେଉଛି। ବିଭିନ୍ନ ନିର୍ବାଚନମଣ୍ଡଳୀର ନେତାମାନଙ୍କ ଟିକେଟ କଟିବା ପରେ ସେମାନଙ୍କ ସମର୍ଥକମାନେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପଶି ଗତ କିଛିଦିନ ହେବ ହଙ୍ଗାମା କରୁଥିବା ଦେଖିବାକୁ ମିଳୁଛି। ଗୁରୁବାର ଏହି ଘଟଣା ସୀମା ଲଙ୍ଘିଛି। ଜୟଦେବ ନିର୍ବାଚନମଣ୍ଡଳୀର ବହୁ ସମର୍ଥକ ଅରବିନ୍ଦ ଢାଲିଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରି ରାଜ୍ୟ କାର୍ଯ୍ୟାଳୟରେ ପଶି ଚେୟାର ଭଙ୍ଗାରୁଜା କରିବା ସଙ୍ଗେ ଦଳର ଜଣେ ମୁଖପାତ୍ରଙ୍କୁ ମଧ୍ୟ ଆକ୍ରମଣ କରିବାକୁ ପଛାଇ ନାହାନ୍ତି। ଏଭଳି ଘଟଣା ପରେ ଅସନ୍ତୁଷ୍ଟମାନଙ୍କୁ ବୁଝାଶୁଝା କରିବାରେ ଭାଜପା ଏକ ପ୍ରକାର ବିଫଳ ହେଉଥିବା ଦେଖିବାକୁ ମିଳୁଛି। ନିକଟରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଭାଜପାରେ ଯୋଗଦେବା ପରେ ସେ ଖୋର୍ଦ୍ଧାରୁ ପ୍ରାର୍ଥୀ ହେବା ନେଇ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏକ ସଭାରେ ଘୋଷଣା କରିଦେଲେ। ଏହାପରେ ସେଠାରୁ ୨୦୧୯ରେ ପ୍ରାର୍ଥୀ ହୋଇଥିବା କାଳୁ ଖଣ୍ଡାୟତରାୟଙ୍କ ସମର୍ଥକମାନେ ଦଳୀୟ କାର୍ଯ୍ୟାଳୟକୁ ଆସି ହୋହଲ୍ଲା ନାରାବାଜି ଆରମ୍ଭ କରିଦେଇଥିଲେ। ଅପରାଜିତାଙ୍କୁ ହଟାଇବା ପାଇଁ ମଧ୍ୟ ଦାବି କରିଥିଲେ। ଏହାପରେ ତାଙ୍କୁ ବୁଝାଶୁଝା କରି ଦଳ ଟିକେଟ ବିଷୟରେ ବିଚାର କରିବ ବୋଲି କହିଥିଲା। ଏପର୍ଯ୍ୟନ୍ତ ଖୋର୍ଦ୍ଧା ଆସନରେ ଭାଜପା କାହାକୁ ପ୍ରାର୍ଥୀ କରିବ ସେନେଇ ଘୋଷଣା କରିନାହିଁ। ସେହିପରି ଧର୍ମଶାଳାରେ ସ୍ମୃତିରେଖା ପହିଙ୍କୁ ଭାଜପା ଟିକେଟ ଦେବା ପରେ ଅନ୍ୟତମ ଆଶାୟୀ ହିମାଂଶୁ ଶେଖର ସାହୁଙ୍କ ସମର୍ଥକମାନେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଟିକେଟ ବିକ୍ରି କରିଦେଇଥିବା ଅଭିଯୋଗ କରିଥିଲେ। ଏପର୍ଯ୍ୟନ୍ତ ମଧ୍ୟ ହିମାଂଶୁଙ୍କ ସମର୍ଥକମାନେ ଆସି ପ୍ରତିବାଦ ଜାରି ରଖିଛନ୍ତି। ସେହିପରି କୋରେଇରୁ ଆକାଶ ଦାସ ନାଏକଙ୍କୁ ଟିକେଟ ମିଳିବା ପରେ ସେହି ଆସନର ଅନ୍ୟତମ ଆଶାୟୀଙ୍କ ସମର୍ଥକମାନେ ଆସି ଦଳୀୟ କାର୍ଯ୍ୟାଳୟ ଠାରେ ପ୍ରତିବାଦ କରିଛନ୍ତି। ସମାନଭାବେ ବାଙ୍କୀ ନିର୍ବାଚନମଣ୍ଡଳୀର ବହୁ ଭାଜପା ସମର୍ଥକ ମଧ୍ୟ ରାଜ୍ୟ କାର୍ଯ୍ୟାଳୟରେ ବିରୋଧ କରିଛନ୍ତି। ସେହିପରି ହିଞ୍ଜିଳିରେ ଦଳ ଦେଇଥିବା ପ୍ରାର୍ଥୀଙ୍କୁ ବହୁ ଭାଜପା ସମର୍ଥକ ବିରୋଧ କରି ରାଜ୍ୟ କାର୍ଯ୍ୟାଳୟ ଆସିଥିବା ବେଳେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ସେମାନଙ୍କୁ ବୁଝାଶୁଝା କରିଛନ୍ତି। ଏହିଭଳି ଆହୁରି ଅନେକ ନିର୍ବାଚନମଣ୍ଡଳୀରେ ଟିକେଟ ବଣ୍ଟନକୁ ନେଇ ସମସ୍ୟା ଦେଖାଦେଇଛି। ଅସନ୍ତୁଷ୍ଟ ଗୋଷ୍ଠୀମାନେ କାହା କଥା ନ ଶୁଣି ରାଜ୍ୟ କାର୍ଯ୍ୟାଳୟ ବାହାରେ ଘେରାଉ କରି ରହିଛନ୍ତି।

## ସୁପର ହେଭି-ଡ୍ୟୁଟି ଏୟାର କଣ୍ଡିସନ ପରିସରର ଶୁଭାରମ୍ଭ

**ଭୁବନେଶ୍ୱର(ବ୍ୟୁରୋ):** କ୍ରମାଗତ ୧୫ ବର୍ଷ ଧରି ନମ୍ବର ୧ ସର୍ବଭାରତୀୟ ପ୍ରମୁଖ ଉପକରଣ ଭାବରେ ହାୟର ବଜାରରେ ତାର ସ୍ଥିତି ସୁଦୃଢ଼ କରିଆସିଛି। ହେକ୍‌ଜା ଇନଭର୍ଟର ପ୍ରଯୁକ୍ତି ସହ ସୁପର ହେଭି ଡ୍ୟୁଟି ରେଂଜର ଉତ୍ପାଦ ବଜାରକୁ ଆଣିଛି। ଏହି ନୂଆ ରେଂଜ ଏକ ୨୦ ଗୁଣା ଦ୍ରୁତ କୁଲିଂ ଅଭିଜ୍ଞତା ପ୍ରଦାନ କରିବା ସହ ୬୫% ପର୍ଯ୍ୟ' ଉର୍ଜା ସଂଚୟରେ ସହାୟକ ହେବ। ହାୟର ଇଣ୍ଡିଆ ଗ୍ରାହକ ଅନୁପ୍ରାଣିତ ଉଦ୍ଭାବନକୁ କେନ୍ଦ୍ର କରି ତାର ସମସ୍ତ ଉତ୍ପାଦ ପ୍ରସ୍ତୁତ କରୁଛି। ଏଥିରେ ରଖାଯାଇଥିବା ହେକଜା ଇନଭର୍ଟର ପ୍ରଯୁକ୍ତି ସୁପରସୋନିକ କୁଲିଂ ଦକ୍ଷତା ଆଣିବାରେ ସକ୍ଷମ ଯାହା ମାତ୍ର ୧୦ ସେକେଣ୍ଡରେ ଫ୍ରଷ୍ଟ ସେଲଫ କ୍ଲିନ ଟେକନୋଲୋଜି ଓ ଇଂଟେଲି କନଭର୍ଟେବଲ ୭ ଇନ ଇନ ୧ ଭଳି ଉନ୍ନତ ପ୍ରଯୁକ୍ତିକୁ ନେଇ ଗଠିତ। ଉନ୍ମୋଚନ ବିଷୟରେ ସୂଚନା ଦେଇ ହାୟର ଆପ୍ଲାଏନସ ଇଣ୍ଡିଆର ଅଧ୍ୟକ୍ଷ ଶ୍ରୀ ଏନଏସ ସତୀଶ କହିଛନ୍ତି ଯେ ହାୟରରେ ଆମେ ଅଭିନବ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ପରିଚାଳିତ ଉତ୍ପାଦକୁ ଡିଜାଇନ କରିଛୁ, ଯାହା ଆମ ଗ୍ରାହକଙ୍କ ଜୀବନକୁ ଅଧିକ ସ୍ମାର୍ଟ, ସୁବିଧାଜନକ ଓ ଆରାମଦାୟକ କରିଥାଏ। ବିଶେଷ କରି ପ୍ରଚଣ୍ଡ ଗ୍ରୀଷ୍ମ ଋତୁ ଉପଯୋଗୀ ଏହି ଉତ୍ପାଦ ଅଧିକ ଆରାମ, ବିଶ୍ୱସନୀୟତା ଓ କାର୍ଯ୍ୟଦକ୍ଷ ସେବା ପ୍ରଦାନ କରିବାକୁ ପ୍ରସ୍ତୁତ। ଆମେ ସର୍ବଦା ଗ୍ରାହକଙ୍କ ଚାହିଦା ପୂରଣ ଲାଗି ସଜାଗ ରହିଛୁ ଓ ୨୦୨୪ରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ଲକ୍ଷ୍ୟ ରଖିଛୁ। ବର୍ଷ ବର୍ଷ ଧରି ଗ୍ରାହକଙ୍କ ମନରେ ବିଶ୍ୱାସଭାଜନ ହୋଇ ଆସିଅଛି। ଏହାର ଅଭିନବ ଓ ନୂଆ ପରିସର ଏହାର ସ୍ଥିତିକୁ ମଜବୁତ କରିବା ଓ ଭାରତରେ ଏୟାର କଣ୍ଡିସନ ବର୍ଗରେ ଅଭିବୃଦ୍ଧି ଘଟାଇବା ଲକ୍ଷ୍ୟ ରଖିଥିବା କଥା ସତୀଶ କହିଛନ୍ତି ।

# ଅନନ୍ତ ନ୍ୟାସନାଲ ୟୁନିଭର୍ସିଟି ଡିଜାଇନ ପାଠ୍ୟକ୍ରମ ନାମଲେଖା ଲାଗି ପ୍ରବେଶିକା ପରୀକ୍ଷା

**ଭୁବନେଶ୍ୱର(ବ୍ୟୁରୋ):** ଅନନ୍ତ ନ୍ୟାସନାଲ ବିଶ୍ୱବିଦ୍ୟାଳୟ ଡିଜାଇନରେ ସ୍ନାତକ ଡିଗ୍ରୀ ପାଠ୍ୟକ୍ରମରେ ନାମଲେଖା ଲାଗି ଏହାର ପ୍ରବେଶିକା ପରୀକ୍ଷା (ଏଡିଇପିଟି)କୁ ପାଂଚଗୋଟି ଭାଷା ଇଂରାଜୀ, ହିନ୍ଦୀ, ଗୁଜରାଟୀ, ବଙ୍ଗଳା ଓ ତାମିଲ ଭାଷାରେ ପରିଚାଳନା କରିବ। ଏହି ପଦକ୍ଷେପ ଭାରତରେ ପ୍ରଥମ କରି ଆରମ୍ଭ କରାଯାଉଛି ଯେଉଁଥିରେ ଇଂରାଜୀ ଭାଷା ବ୍ୟତୀତ ଅନ୍ୟାନ୍ୟ ଭାଷାରେ ଦକ୍ଷତାକୁ ମୂଲ୍ୟାୟନ କରାଯାଇଥାଏ। ଅନନ୍ତ ବିଶ୍ୱବିଦ୍ୟାଳୟର ଏହି ସୁଯୋଗ ଡିଜାଇନ ପାଠ୍ୟକ୍ରମରେ ନାମ ଲେଖାଇବାକୁ ଚାହୁଁଥିବା ବିଦ୍ୟାର୍ଥୀଙ୍କ ନିମନ୍ତେ ପ୍ରଯୁଜ୍ୟ ହେବ। ଏହି ଡିଜାଇନ ପାଠ୍ୟକ୍ରମ ଲାଗି ପ୍ରବେଶିକା ପରୀକ୍ଷା ୦୭ ଏପ୍ରିଲ ୨୦୨୪ରେ ଆରମ୍ଭ ହେବ ଓ ଏହା ଅନଲାଇନରେ ପରିଚାଳିତ ହେବାକୁ ସ୍ଥିର କରାଯାଇଛି। ପଂଜିକରଣ ବର୍ତ୍ତମାନ ଖୋଲା ରହିଛି ଓ ଏହା ୦୬ ଏପ୍ରିଲରେ ବନ୍ଦ ହେବ। ଅନ' ନ୍ୟାସନାଲ ବିଶ୍ୱବିଦ୍ୟାଳୟର ସଭାପତି ଶ୍ରୀ ଅଜୟ ପିରାମଲ କହିଛନ୍ତି ଯେ ଡିଜାଇନ ଭାଷା ବାହାରେ ପାଂଚୋଟି ଭାଷାରେ ଏଡିଇପିଟି ପରିଚାଳନା ଦ୍ୱାରା ଛାତ୍ରଛାତ୍ରୀମାନେ ଶିକ୍ଷା ଲାଭ ପାଇଁ ବିଶେଷ ସୁବିଧା ପାଇପାରିବେ। ପ୍ରତ୍ୟେକ ଛାତ୍ର ନିଜ ଭାଷାରେ ଦକ୍ଷତା ପ୍ରଦର୍ଶନ ସୁଯୋଗ ପାଇପାରିବେ। ଜଣେ ଛାତ୍ରର ଚି'ାଧାରା, ଡିଜାଇନ ଦକ୍ଷତା ଓ ସାମାଜିକ ତଥା ବିଶ୍ୱସ୍ତରୀୟ ଗତିଶୀଳତା ବିଷୟରେ ସଚେତନତା ପାଇଁ ଏଡିଇପିଟି ପରୀକ୍ଷାର ମୂଲ୍ୟାଙ୍କନ ପଦ୍ଧତି ରହିବ। ଅନନ୍ତ ନ୍ୟାସନାଲ ବିଶ୍ୱବିଦ୍ୟାଳୟ ସ୍ନାତକଠାରୁ ଆରମ୍ଭ କରି ଡକ୍ଟରାଲ ସ୍ତର ପର୍ଯ୍ୟ' ବିଭିନ୍ନ ପ୍ରକାର ପାଠ୍ୟକ୍ରମ ପ୍ରଦାନ କରୁଛି। ପେନସିଲଭାନିଆ ବିଶ୍ୱବିଦ୍ୟାଳୟ, ମିଆମି ବିଶ୍ୱବିଦ୍ୟାଳୟ, ପ୍ରାଟ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଗୁଡ଼ିକର ଶିକ୍ଷା ସହଭାଗିତା ସହିତ ଛାତ୍ର ଛାତ୍ରୀମାନେ ଶିକ୍ଷା ସୁଯୋଗ ପାଇପାରିବେ। ବିଶ୍ୱବିଦ୍ୟାଳୟ ଗୁଣମାନର ଶିକ୍ଷା ପଦ୍ଧତିକୁ ଅନୁସରଣ କରିଥାଏ ଓ ଛାତ୍ର ଛାତ୍ରୀମାନଙ୍କୁ ସେମାନଙ୍କ ଜ୍ଞାନର ପ୍ରସାର ଓ ସଶକ୍ତିକରଣ ଦିଗରେ ବିଶ୍ୱସ୍ତରୀୟ ଆହ୍ୱାନର ମୁକାବିଲା ପାଇଁ ପ୍ରସ୍ତୁତ କରିଥାଏ।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ୮୯ତମ ଉତ୍କଳ ଦିବସ ପାଳିତ



**ଭୁବନେଶ୍ୱର(ବ୍ୟୁରୋ):** ବେଦାନ୍ତ ଆଲୁମିନିୟମ ଭାରତର ବୃହତ ଆଲୁମିନିୟମ ଉତ୍ପାଦକ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟକୁ ସମ୍ମାନ ଜଣାଇ ୮୯ତମ ଉତ୍କଳ ଦିବସ ପାଳନ କରିଛି। ଏହି ଉତ୍ସବରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ, କଳା ଶିଳ୍ପ ଓ ପ୍ରଗତି ଉପରେ ବହୁ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଉତ୍କଳ ଦିବସ ଓଡ଼ିଶା ରାଜ୍ୟର ପ୍ରତିଷ୍ଠା ଦିବସ ରୂପେ ୧୯୩୬ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପରଠାରୁ ପାଳିତ ହୋଇ ଆସୁଛି। ବିଶ୍ୱର ବୃହତ ଆଲୁମିନିୟମ କାରଖାନା ଝାରସୁଗୁଡ଼ାରେ ବିଶିଷ୍ଟ ଅତିଥି ପଦ୍ମଶ୍ରୀ ମିତ୍ରଭାନୁ ଗୌଁଆ ଯିଏକି ପ୍ରସିଦ୍ଧ ଗୀତ ରଙ୍ଗବତୀର କବି, ସଙ୍ଗୀତକାର ଓ ଏପିକ ଲେଖକଙ୍କ ସହ ପ୍ରଫେସର ଅଶୋକ କୁମାର ଦାସ- ସମ୍ବଲପୁରୀ ଭାଷାବିତ ଏହି ଉତ୍ସବରେ ଯୋଗ ଦେଇଥିଲେ। ଏହି ଦୁଇଜଣ ଅତିଥି ଓଡ଼ିଆ ଅସ୍ମିତା ଓଡ଼ିଶାର ଗର୍ବ ଶୀର୍ଷକ ଉପରେ ଆଲୋଚନା କରିଥିଲେ। ଅତିଥିମାନେ ଏହି ଉପଲକ୍ଷେ ପାରଂପାରିକ ଖାଦ୍ୟ ଉପଭୋଗ କରିବା ସହିତ ଫେନସି ଡ୍ରେସ ପ୍ରତିଯୋଗିତାକୁ ଉପଭୋଗ କରିଥିଲେ। କଳାହାଣ୍ଡିର ବେଦାନ୍ତ ଲାଞ୍ଜିଗଡ଼ ୟୁନିଟରେ ଓଡ଼ିଶାର ସଂସ୍କୃତିର ମହତ୍ୱକୁ ପ୍ରାଧାନ୍ୟ ଦିଆଯାଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଗାୟକ ଜ୍ୟୋର୍ତିମୟୀ ନାୟକଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ପରିବେଷଣ, ମିଳିତ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ତଥା ସ୍ଥାନୀୟ ଗୋଷ୍ଠୀଙ୍କ ଦ୍ୱାରା ଘୁମୁରା ନୃତ୍ୟ ପରିବେଷଣ କରାଯାଇଥିଲା । ସୁନୀଲ ଗୁପ୍ତା, ସିଓଓ-ବେଦାନ୍ତ ଲିମିଟେଡ କହିଥିଲେ ଯେ- ଉତ୍କଳ ଦିବସ ଆମ ପାଇଁ ଏକ ଗୌରବର ଦିବସ। ଆମେ ଓଡ଼ିଶାର ସମୃଦ୍ଧ ଐତିହ୍ୟ, ସଂସ୍କୃତିର ସମୃଦ୍ଧି ପାଇଁ ପ୍ରୟାସ କରିବା ଉଚିତ। ଆମ ପାଇଁ ଏହା ଗର୍ବର ବିଷୟଯେ ବେଦାନ୍ତ ଗ୍ରୁପରେ ସର୍ବବୃହତ ପୁଁ ବିନିଯୋଗ ରାଜ୍ୟ ପାଇଁ ଏକ ବରଦାନ ପାଲଟିଛି। ଆଜି ହଜାର ହଜାର ଶିଳ୍ପ ମୁଣ୍ଡ ଟେକିଛି। କଳାହାଣ୍ଡି ଆଜି ସମାଜର ମୁଖ୍ୟ ସ୍ରୋତ ସହ ସାମିଲ ହୋଇ ବହୁମୁଖୀ ସୁଯୋଗ ପାଇପାରୁଛି। ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଆଜି ପ୍ରଗତି ପଥରେ ଅଗ୍ରସର। ଚଳିତ ବର୍ଷ ଉତ୍କଳ ଦିବସ ଉତ୍ସବ ବେଦାନ୍ତ ଆଲୁମିନିୟମର ଓଡ଼ିଶା ପାଇଁ ଅଦ୍ୟମ ପ୍ରତିବଦ୍ଧତା ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ,ସମାଜ କଲ୍ୟାଣ, ଜୀବିକା ନିର୍ବାହ, କ୍ରୀଡ଼ା, ସଂସ୍କୃତିରେ ପଦକ୍ଷେପ ମାଧ୍ୟମରେ ଏହା ସମାଜରେ ଅର୍ଥନୈତିକ ବିକାଶ ସହ ଜଡ଼ିତ ରହି ହଜାର ହଜାର ଲୋକଙ୍କ ଜୀବନରେ ପରିବର୍ତନ ଆଣିଛି। ଓଡ଼ିଆ ସଂସ୍କୃତି ଓ ଐତିହ୍ୟର ସଂରକ୍ଷଣ ସହ ଧୋକ୍ରା ଓ ସଉରା ପରି ପାରଂପାରିକ କଳାକୁ ପ୍ରୋତ୍ସାହିତ କରି ଆସୁଛି। ଏହି ସଂସ୍ଥା ନିକଟରେ କାନଜୁରୀ ନାମକ ଦୀର୍ଘତମ ସମ୍ବଲପୁରୀ ନାଟ୍ୟକଳା ପରିବେଷଣ କରିଥିଲା ଯାହା ୪୯ ଘଂଟା ଧରି ଚାଲିଥିଲା। ୧୦୦ ସମ୍ବଲପୁରୀ ନାଟକ ବିଶିଷ୍ଟ ଏକ କାର୍ଯ୍ୟକ୍ରମକୁ ୪୦୦୦ ଦର୍ଶକ ଉପଭୋଗ କରିଥିଲେ ଓ ଏହା ଥିଏଟର ଇତିହାସରେ ଏକ ମାଇଲଖୁଂଟ ଥିଲା।

# ୨୦ ଘରୋଇ ସ୍କୁଲକୁ ନୋଟିସ

**ଭୁବନେଶ୍ୱର(ବ୍ୟୁରୋ):** ୨୦୨୪-୨୫ ଶିକ୍ଷାବର୍ଷରେ ଶିକ୍ଷା ଅଧିକାର ଆଇନ ଅନୁଯାୟୀ ଘରୋଇ ସ୍କୁଲରେ ମାଗଣା ପଢ଼ିବାକୁ ମନୋନୀତ ହୋଇଥିବା ଛାତ୍ରୀଛାତ୍ରଙ୍କୁ କିଛି ସ୍କୁଲ ଫେରାଇ ଦେବା ପରେ ବିବାଦ ତେଜିବାରେ ଲାଗିଛି। ଏହାର ପ୍ରତିବାଦରେ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଶତାଧିକ ଅଭିଭାବକ ଗୁରୁବାର ଭୁବନେଶ୍ୱର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ପରେ ବିଇଓ ସଂଘ ସହିତ ଆଲୋଚନା କରିଥିଲେ। ତେବେ ଅଭିଯୋଗ ଅନୁଯାୟୀ ୨୦ଟି ସ୍କୁଲକୁ ନୋଟିସ ଜାରି କରିଛନ୍ତି ବିଇଓ। ଶିକ୍ଷା ଅଧିକାର ଆଇନ(ଆରଟିଇ) ଅନୁଯାୟୀ ଘରୋଇ ବିଦ୍ୟାଳୟର ୨୫% ସିଟ୍‌ରେ ମାଗଣା ଶିକ୍ଷାଦାନ ପାଇଁ ପ୍ରାବଧାନ ରହିଛି। ହେଲେ ଏହାକୁ ବହୁ ଘରୋଇ ବିଦ୍ୟାଳୟ ମାନୁନାହାନ୍ତି। ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଆରଟିଇ ଅଧୀନରେ ନାମଲେଖାଇବା ପାଇଁ ଛାତ୍ରୀଛାତ୍ରଙ୍କ ପ୍ରଥମ ପର୍ଯ୍ୟାୟ ତାଲିକା ପ୍ରକାଶ ପାଇଛି। ଗତ ୨୭ ତାରିଖରୁ ଚୟନ ହୋଇଥିବା ବିଦ୍ୟାଳୟରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ କିଛି ଘରୋଇ ବିଦ୍ୟାଳୟ ଆରଟିଇ ନାମଲେଖା ପାଇଁ କୌଣସି ସିଟ୍ ଉପଲବ୍ଧ ନ ଥିବା କହି ଅଭିଭାବକଙ୍କୁ ଫେରାଇ ଦେଉଛନ୍ତି। ଏପରିକି କାଗଜପତ୍ର, ସରକାରୀ ନିର୍ଦ୍ଦେଶନାମା, ଚୟନ ତାଲିକା ଆଦି ଦେଖିବାକୁ ମଧ୍ୟ ନାରାଜ ହେଉଛନ୍ତି। ଆଉ ଦୁଇଦିନ ଅର୍ଥାତ୍ ଏପ୍ରିଲ ୬ରେ ନାମଲେଖା ଶେଷ ହେଉଥିବାବେଳେ ବହୁ ଛାତ୍ରୀଛାତ୍ର ନାମଲେଖାରୁ ବଞ୍ଚିତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ତେଣୁ ଅଭିଭାବକ ମହାସଂଘର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ, ଶିକ୍ଷା ଅଧିକାର ଆବାହିକା କଳ୍ପନା ସାହୁ, ବିମଳ ଜେନାଙ୍କ ସମେତ ଶତାଧିକ ଅଭିଭାବକ ବିଇଓ କାର୍ଯ୍ୟାଳୟ ଆଗରେ କିଛି ସମୟ ଧାରଣା ଦେବା ସହ ତୁରନ୍ତ ନାମଲେଖା ପାଇଁ ଦାବି କରି ତାଲା ପକାଇ ଦେଇଥିଲେ। ପରେ ଅଭିଭାବକ ମହାସଂଘ ବିଇଓଙ୍କୁ ଭେଟି ସିଟ୍ ନ ଥିବା କହି ଫେରାଇ ଦେଇଥିବା ସମ୍ପୃକ୍ତ ବିଦ୍ୟାଳୟ ନାମରେ ଫେରାଦ ହୋଇଥିଲେ। ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କ ନାମଲେଖା ପାଇଁ ସମ୍ପୃକ୍ତ ବିଦ୍ୟାଳୟକୁ ନିର୍ଦ୍ଦେଶ ଦେବା ସହ ନିୟମର ଅବମାନନା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଭାବକମାନେ ଦାବି କରିଥିଲେ। ଏହାପରେ ଅଭିଯୋଗ ଆସିଥିବା ୨୦ଟି ବିଦ୍ୟାଳୟକୁ ବିଇଓଙ୍କ ପକ୍ଷରୁ ନୋଟିସ୍ ପଠାଯାଇଛି। ଚୟନ ହୋଇଥିବା ଛାତ୍ରୀଛାତ୍ରଙ୍କ ନାମଲେଖା ତୁରନ୍ତ କରିବାକୁ ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ନିର୍ଦ୍ଦେଶ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ଏ ନେଇ ଭୁବନେଶ୍ୱର ବିଇଓ ପ୍ରଜ୍ଞାପାରମିତା ଜେନା କହିଛନ୍ତି, ଛାତ୍ରୀଛାତ୍ରଙ୍କ ହିତ ଦୃଷ୍ଟିରୁ ନିୟମାନୁଯାୟୀ ସମସ୍ତ ପଦକ୍ଷେପ ନିଆଯାଉଛି। ତେବେ ତୁରନ୍ତ ବଞ୍ଚିତ ଛାତ୍ରୀଛାତ୍ରଙ୍କ ନାମଲେଖା କରା ନ ଗଲେ ପୁଣି ବିଇଓ ଅଫିସକୁ ତାଲା ପକାଇବା ଶିକ୍ଷା ନିର୍ଦ୍ଦେଶାଳୟ ଅଫିସ ଆଗରେ ଅନିର୍ଦ୍ଦିଷ୍ଟକାଳ ଧାରଣା ଦିଆଯିବ ବୋଲି ମହାସଂଘ ଚେତାବନୀ ଦେଇଛି।

# ହୋ ସମାଜରୁ ଦଳୀୟ ବିଧାୟକ ପ୍ରାର୍ଥୀ ଦାବିରେ ବୈଠକ



**ବାରିପଦା(ଅମୃତ ମିଡିଆ):** ଆଦିବାସୀମାନଙ୍କ ନିମନ୍ତେ ସଂରକ୍ଷଣ ରାଇରଙ୍ଗପୁର ବିଧାନସଭା ଆସନରୁ ଏଯାଏ ପ୍ରମୁଖ ରାଜନୈତିକ ଦଳ ବିଜେପି, ବିଜେଡ଼ି, ଜେଏମଏମ କିମ୍ବା କଂଗ୍ରେସ ଦଳ ତରଫରୁ ବିଧାୟକ ପ୍ରାର୍ଥୀ ଘୋଷଣା କରାଯାଇ ନାହିଁ । ଅତୀତରେ ଏହି ଆସନରୁ ଆଦିବାସୀ ହୋ ସମ୍ପ୍ରଦାୟର ହାରଦେଦ ସିଂ ତିରିଆ ପ୍ରଥମ ବିଧାୟକ ହୋଇଥିଲେ । ସେ ଲଗାତାର ରାଇରଙ୍ଗପୁର ଆସନରୁ ବିଧାୟକ ହୋଇଥିଲେ । ତାଙ୍କ ପରେ ଚନ୍ଦ୍ରମୋହନ ସିଂ (ତୁବିଡ଼୍) ବିଧାନସଭାର ତୃତୀୟ ନିର୍ବାଚନରେ ନିର୍ବାଚିତ ହୋଇଥିଲେ । ମାତ୍ର ବିଭିନ୍ନ ରାଜନୈତିକ ଦଳ ଏହାପରେ ହୋ ସମ୍ପ୍ରଦାୟକୁ ଦଳୀୟ ଟିକେଟ ପ୍ରଦାନରୁ ବଞ୍ଚିତ କରିଥିଲେ । ଫଳରେ ହୋ ସମ୍ପ୍ରଦାୟର ଲୋକମାନେ ରାଇରଙ୍ଗପୁର ବିଧାନସଭା ଆସନରୁ ଦଳୀୟ ବିଧାୟକ ପ୍ରାର୍ଥୀ ହେବାରୁ ବଂଚିତ ହୋଇ ଆସୁଛନ୍ତି । ଚଳିତ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ରୂପେ ରାଜନୈତିକ ଦଳଗୁଡ଼ିକ ହୋ ସମାଜର ବ୍ୟକ୍ତିବିଶେଷଙ୍କୁ ସୁଯୋଗ ଦେବା ପାଇଁ ହୋ ସମାଜର ସାମାଜିକ କର୍ମୀ, ସଙ୍ଗଠକ ମାନଙ୍କର ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ସାମାଜିକ କର୍ମୀ ତଥା ହୋ ଭାଷା ଆନ୍ଦୋଳନର ପ୍ରମୁଖ ନେତା ମନୋରଞ୍ଜନ ତିରିଆଙ୍କ ଆବାହକତ୍ୱରେ କଚେରୀ ପଡ଼ିଆଠାରେ ଏହି ଅବସରରେ ବାମନଘାଟୀ ଉପଖଣ୍ଡର ରାଇରଙ୍ଗପୁର, ତିରିଂ, ବହଳଦା, ଜାମଦା ବ୍ଲକ ଅଞ୍ଚଳର ବ୍ୟକ୍ତି ବିଶେଷମାନେ ଏକାଠି ହୋଇଥିଲେ । ଆଇନଜୀବି ବିର୍ସା କଣ୍ଡାଂକେଲ, ସାନଗୀ ଜଙ୍କ, ଲାଲୁ ପୂର୍ତ୍ତି , ନାଉରୁ ହେମ୍ବ୍ରମ, ଶ୍ରୀକାନ୍ତ ବାନରା, ଟାଙ୍ଗୁରୁ ଗୋଇପାଇ, ସିଦିଉ ଲେୟାଙ୍ଗୀ, ପ୍ରଦୀପ ବାର୍ଦା, ସୀତାରାମ ବାରି, ସୁରେନ୍ଦ୍ର ସୋୟ, ଦିକୁଲ ବାଗେ, ଲୁନ୍ଦୁରୁ ବିରୁଆ, କାଳାଇ ଚାକି, ମାଧବଚନ୍ଦ୍ର ଦେଓଗାମ, ଶିବଶଙ୍କର ହେମ୍ବ୍ରମ, ରମେଶ କୁମାର ପୂର୍ତ୍ତି, ଗୋପାଲ ପୂର୍ତ୍ତି, ଜିତେନ ପୂର୍ତ୍ତି, ସୁନାରାମ ବାଗେ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଗଣିତ ବିଭାଗର ଜାତୀୟ ସ୍ତରୀୟ ଆଲୋଚନାଚକ୍ର

**ଚଣ୍ଡିଖୋଲ(ଅମୃତ ମିଡିଆ):** ବଡଚଣା ଶିକ୍ଷାମଣ୍ଡଳ ଅଧିନସ୍ଥ ନୂଆହାଟସ୍ଥିତ ବିଷ୍ଣୁସାମନ୍ତରାୟ ମହାବିଦ୍ୟାଳୟର ଗଣିତ ବିଭାଗ ଆନୁକୂଲ୍ୟରେ "ଆଡଭାନ୍ସ ଇନ କମ୍ପିଟିସନାଲ ମ୍ୟାଥେମାଟିକ୍ସ" ଶୀର୍ଷକ ଏକ ଜାତୀୟ ସ୍ତରୀୟ ଆଲୋଚନା ଚକ୍ର ବିଭାଗୀୟ ମୁଖ୍ୟ ଡଃ ସଞ୍ଜିତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଆଲୋଚନା ଚକ୍ର ଆବାହକ ମହାବିଦ୍ୟାଳୟର ଅଧକ୍ଷ୍ୟ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲା, ବିଷୟ ବିଶେଷଜ୍ଞ ରାଜ୍ୟ ଶିକ୍ଷା ପରିଷଦ ର ଉପଦେଷ୍ଟା ଡଃ ତୁଷାରକାନ୍ତ ତ୍ରିପାଠୀ, ଡଃ ପ୍ରଦୀପ କୁମାର ପରିଡା, ବିଭାଗୀୟ ମୁଖ୍ୟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଝାଡଖଣ୍ଡ ରାଞ୍ଚି ଡଃ ଦ୍ୱିତୀକୃଷ୍ଣ ବେହେରା, ବିଭାଗୀୟ ମୁଖ୍ୟ ରେଭେନ୍ସା ମହାବିଦ୍ୟାଳୟ କଟକ, ପରିଚାଳନା ସମିତି ର ସଦସ୍ୟ ପୂର୍ଣଚନ୍ଦ୍ର ସାହୁ, ଗଣିତ ବିଭାଗର ଅଧ୍ୟାପକ ପ୍ରଫେସର ରଞ୍ଜିତା ସ୍ୱାଇଁ, ବିଭାଗ ମୁଖ୍ୟ ଅଶୋକ କୁମାର ସାହୁ, ପଦାର୍ଥ ବିଭାଗ ର ମୁଖ୍ୟ ଗିରୀଶ ରାଉଳ, ଇଂରାଜୀ ବିଭାଗ ର ଅଧ୍ୟାପକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଅଧକ୍ଷ୍ୟ ଶ୍ରୀ ମାହାଲା ଅତୀତ ଭାରତର ଗଣିତଶାସ୍ତ୍ର ବିଷୟକୁ ଆଲୋକ ଦେଖାଇଥିବାର ଦର୍ଶାଇବା ସହ ବର୍ତ୍ତମାନ ମଧ ଏହି ଗଣିତଶାସ୍ତ୍ର ସକଳ ଉନ୍ନତିର ମୂଳାଧାର ବୋଲି କହିଥିଲେ । ଏହି ଅବସରରେ +୩ ତୃତୀୟ ବର୍ଷର ଛାତ୍ରୀ ସ୍ମୃତିରେଖା ପରିଡା ସ୍ୱରଚିତ ସନ୍ଦର୍ଭ ପାଠ କରିଥିଲେ । ବିଷୟ ବିଶେଷଜ୍ଞ ପ୍ରଫେସର ତ୍ରିପାଠୀ ଟଙ୍କିଆ ସ୍ୱଲିଖିତ ସନ୍ଦର୍ଭ ପାଠ କରିବା ସହ ଗଣିତଶାସ୍ତ୍ର ବହୁ ସୂକ୍ଷ୍ମାଦିସୂକ୍ଷ୍ମ ତତ୍ୱକୁ ପ୍ରାଞ୍ଜଳ ଭାବରେ ଉପସ୍ଥାପନ କରିଥିଲେ । ଅନ୍ୟତମ ବିଷୟ ବିଶେଷଜ୍ଞ ପ୍ରଫେସର ବେହେରା ତାଙ୍କ ସନ୍ଦର୍ଭ ଉପସ୍ଥାପନ କରି ଅନେକ କୌଶଳ ମାଧମରେ କିପରି ଜଟିଳ



ପ୍ରଶ୍ନର ସମାଧାନ କରାଯାଇପାରିବ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ । ଏହି ଅବସରରେ କଲେଜର ଅଧ୍ୟାପକ ଓମ ପ୍ରକାଶ ସାହୁ, ପତିତପାବନ ଦାଶ, ଦିଲୀପ କୁମାର ସାହୁ, ଅଭିଜିତ ନାୟକ ସମେତ କଲେଜ ର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା, ପ୍ରାଧ୍ୟାପକ ପ୍ରମୋଦ କୁମାର ଖଣ୍ଡାଇ, ଅଧ୍ୟାପକ ଶାନ୍ତନୁ କୁମାର ନାୟକ, ନାରାୟଣ ମୁଦୁଲି, ଡଃ ଭାଗ୍ୟଧର ନାୟକ, ଡଃ ଦୀପକ କୁମାର ମିଶ୍ର, ଦୀପକ କୁମାର ଦାଶ, ଡଃ ହରିହର ସାହୁ , ଶମ୍ଭୁନାଥ ହେମରାମ, ପ୍ରୀତମ ମିଶ୍ର, ଡଃ ସାମ୍ୱେଇ ଲିମା, ଅଧ୍ୟାପକ ପ୍ରଦୀପ କୁମାର ବରାଳ, ଅଧ୍ୟାପିକା ଡଃ ଅମ୍ବିକା ତ୍ରିପାଠୀ, ସରିତା ସେଠୀ, ଶ୍ରାବଣୀ କନ୍ୟା, ସସ୍ମିତା ବେହେରା, ନିରୂପମା ସ୍ୱାଇଁ, ସସ୍ମିତ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜେପି ବିଧାୟକ ପ୍ରାର୍ଥୀ ଅମର ନାୟକ ଛତିଆରୁ ଆରମ୍ଭ କଲେ ପ୍ରଚାର

**ଚଣ୍ଡିଖୋଲ(ଅମୃତ ମିଡିଆ):** ଯାଜପୁର ଜିଲ୍ଲା ବଡ଼ଚଣା ନିର୍ବାଚନ ମଣ୍ଡଳୀର ବିଜେପି ପ୍ରାର୍ଥୀ ଭାବେ ଅମର ନାୟକଙ୍କ ନାମ ଘୋଷଣା ହେବା ପରେ କର୍ମୀଙ୍କ ମହଲରେ ଖୁସିର ଲହରୀ ଦେଖିବାକୁ ମିଳିଛି। ବଡ଼ଚଣା ବିଜେପି ପ୍ରାର୍ଥୀ ଅମରଙ୍କ ଉପରେ ଦଳ ପୁନର୍ବାର ଭରଷା କରିଛି। ଟିକେଟ ଘୋଷଣା ପରେ ବଡ଼ଚଣା ବିଜେପିର ବହୁ ସଂଖ୍ୟାରେ କର୍ମୀ ଛତିଆ ଠାରେ ସ୍ୱାଗତ କରିବା ସହ ମଟର ସାଇକେଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ସୂଚନାଯୋଗ୍ୟ ଯେ, ୨୦୧୯ ବିଗତ ସାଧାରଣ ନିର୍ବାଚନରେ ସ୍ୱଳ୍ପ ଭୋଟ ବ୍ୟବଧାନରେ ଶ୍ରୀ ନାୟକ ହାରି ଯାଇ ଥିଲେ । ୨୦୨୪ ନିର୍ବାଚନ ପାଇଁ ଟିକେଟ ମିଳିବା ପରେ ବିଜେପି ଶିବିର ଏବେ ଉତ୍ସବମୁଖର ହୋଇ ପଡ଼ିଛି । ଶ୍ରୀ ନାୟକଙ୍କୁ କର୍ମୀ ମାନେ ଛତିଆ ଠାରୁ ସ୍ୱାଗତ କରି ଥିବା ବେଳେ କର୍ମୀମାନଙ୍କ ସହ ଆସି ଦ୍ୱିତୀୟ ଶ୍ରୀ କ୍ଷେତ୍ର ଛତିଆ ବଟ ମହାପୁରୁଷଙ୍କୁ ଦର୍ଶନ କରିବା ସହ ମହାବିନାୟକଙ୍କ ଦର୍ଶନ କରି କୃପା ଭିକ୍ଷା କରିବାପାଇଁ ମଟରସାଇକେଲ ଶୋଭାଯାତ୍ରାରେ ଯାଇଥିଲେ ।



# ସଦଭାବନା ସମିତିର ୪୫ତମ ମାନବ ଧର୍ମ ସମ୍ମିଳନୀ



**ବାରିପଦା(ଅମୃତ ମିଡିଆ):** ସ୍ଥାନୀୟ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବାରିପଦା ସଦଭାବନା ସମିତିର ୪୫ତମ ମାନବ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଇଂ ସର୍ବେଶ୍ୱର ଭୂୟାଁଙ୍କ ପୌରହିତ୍ୟରେ ଆୟୋଜିତ ସମ୍ମିଳନୀରେ ଓଡିଶାରେ ବେଦ ଧାମର ପ୍ରତିଷ୍ଠାତା ପୂଜ୍ୟସ୍ୱାମୀ ସୁଧାନନ୍ଦଜୀ ସରସ୍ୱତୀ ମହାରାଜ ମୁଖ୍ୟ ଅତିଥି, ଅଖିଳ ଭାରତୀୟ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜର ଅଧକ୍ଷ ମୁନିଶ୍ୱର ନିରଞ୍ଜନ ଶାସ୍ତ୍ରୀ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଧର୍ମ ଓ ଆଧାତ୍ମିକତା ମଧରେ ଅନ୍ତର ନଜାଣି ଧର୍ମ ପ୍ରଚାର ପ୍ରବଚନ ନୁହେଁ ବୋଲି ମତ ରଖିଥିଲେ । ଉକ୍ତ ସମ୍ମିଳନୀରେ ଜିଲ୍ଲାର ଶ୍ରେଷ୍ଠ ପୁଲିସ କନେଷ୍ଟବଳ ପ୍ରଦୀପ କୁମାର ଘୋଷ, ନର୍ସିଂ ଅଫିସର ଶକୁନ୍ତଳା ପାତ୍ରୀ, ଶ୍ରେଷ୍ଠ ଅଗ୍ନି ନିର୍ବାପକ ଅଜୟ କୁମାର ଦାସ ଏବଂ ଶ୍ରେଷ୍ଠ ସଫେଇ କର୍ମଚାରୀ ଦଶରଥ ହେମ୍ବ୍ରମଙ୍କୁ ସେବକଶ୍ରୀ ଉପାଧିରେ ବିଭୁଷିତ କରିବା ସହ ପ୍ରବକ୍ତା ଏବଂ ସମୀକ୍ଷକ ଆଚାର୍ଯ୍ୟ ବିଜୟଜୀଙ୍କୁ ସମିତି ତରଫରୁ ରୌପ୍ୟ ପଦକ ଦେଇ ସମ୍ବର୍ଦ୍ଧିତକରାଯାଇଥିଲା । ସଦଭାବନା ସମିତିର ପ୍ରତିଷ୍ଠାତା ସନ୍ଥମୂର୍ତ୍ତି ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ, ଫାଦାର ସଞ୍ଜୟ ପରମାଣିକ, ଜନାବ ଏସକେ ମୟୀନୁଲ ଅଜିଜ, ଖାଲସା ପନ୍ଥର ସର୍ଦ୍ଦାର ହରଦୀପ ସିଂ, ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ, ବ୍ରହ୍ମସମାଜ, ପ୍ରଜାପିତା, ଚିନ୍ମୟ ମିଶନ, ଠାକୁର ଅନୁକୂଳ ଚନ୍ଦ୍ର ଆଶ୍ରମ, ଠାକୁର ନିଗମାନନ୍ଦ, ଗାୟତ୍ରୀ ପରିବାର, ରାଧାଗୋବିନ୍ଦ ଧାମ, ଶ୍ରୀଅରବିନ୍ଦ ଯୋଗ ନିକେତନ, ତ୍ରାହି ଅଚ୍ୟୁତ ସଂଘ, ସତ୍ୟସାଇ ଦେବା ସଂସ୍ଥାନ, ମୁନି ସମାଜ ଆଦିର ସଞ୍ଚାଳକ ଏବଂ ପ୍ରତିନିଧି ବର୍ଗଙ୍କୁ ଜାତୀୟ ସଂହତି ପାଇଁ ଶପଥ ପାଠ କରାଇ ସମ୍ବର୍ଦ୍ଧିତ କରିଥିଲେ । ଆଇନଜୀବୀ ବସନ୍ତ କୁମାର ମହାନ୍ତ ସ୍ୱାଗତ ଭାଷଣ ଦେଇଥିବା ବେଳେ ଇଂ ସରୋଜ କୁମାର ଦଣ୍ଡପାଟ ଅତିଥି ପରିଚୟ ପ୍ରଦାନ ଏବଂ ଦାମୋଦର ପତି ଓ ଡ. ପୁଷ୍ପାରାଣୀ ପାତ୍ର ସଂଯୋଜନା କରିଥିଲେ । ଶେଷରେ ସତ୍ୟାନନ୍ଦ ଶେଜପଡା ଧନ୍ୟବାଦ ଜଣାଇଥିଲେ ।

# ଚାନ୍ଦବାଲିରେ ଅସହ୍ୟ ହୋଇଛି ତାତି

**ଚାନ୍ଦବାଲି(ଅମୃତ ମିଡିଆ):** ବନ୍ଦରି ନଗରୀ ଚାନ୍ଦବାଲିରେ ଅସ୍ତ ବ୍ୟସ୍ତ ହୋଇ ପଡିଛି ଜନ ଜୀବନ, ଦୀନ ୧୦ ଟା ସମୟ ଘରୁ ବାହାରିବା ଲୋକଙ୍କ ପାଇଁ ଏକ ପ୍ରକାର ଅସମ୍ଭବ ହୋଇପଡିଛି। ପ୍ରତି ବର୍ଷ ଅପେକ୍ଷା ଚଳିତ ବର୍ଷ ଚାନ୍ଦବାଲିରେ



ସର୍ବାଧିକ ତାପମାତ୍ରା ହେଉଥିବା ଅନୁମାନ କରାଯାଉଥିବା ବେଳେ ଖରାରୁ ରକ୍ଷା ପାଇବା ପାଇଁ ଚାନ୍ଦବାଲି ପ୍ରଶାସନ ପକ୍ଷରୁ ସେଭଳି କିଛି ବ୍ୟବସ୍ଥା କରାଯାଇନଥିବା ଦେଖିବାକୁ ମିଳିଛି। ଯେଉଁଠି ଥଣ୍ଡା ପାନୀୟ ଜଳର ଆସର ରହିଛି ସେଠାରେ ଭିଡ଼ ଦେଖିବାକୁ ମିଳୁଛି । ଚାନ୍ଦବାଲି ସହର ଏକ ସମୁଦ୍ର ତଟବ୍ରତୀ ଅଞ୍ଚଳ ହୋଇଥିବାରୁ ଗ୍ରୀଷ୍ମର ପ୍ରଭାବ ଅଧିକ ହେଉଥିବା ପରିଲକ୍ଷିତ ହେଉଛି। ତେବେ ଚାନ୍ଦବାଲି ବିଜ୍ଞାପିତ ଅଞ୍ଚଳ ପରିଷଦ ହେଉ କିମ୍ବା ବନ ବିଭାଗ ପକ୍ଷରୁ ଚାନ୍ଦବାଲିର ବିଭିନ୍ନ ସ୍ଥାନରେ ଗଛ ଲଗାଇବା ସହିତ ଚାନ୍ଦବାଲି ବ୍ଲକ ପ୍ରସାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଜଳ ଛତ୍ର ଖୋଲିବା ପାଇଁ ଦାବି ହୋଇଛି।

## ପ୍ରଥମ ପୃଷ୍ଠାର ପୃଷ୍ଠାଂଶ...

**ଖୋର୍ଦ୍ଧାରେ...**

ସ୍କୁଲ ସାଢେ ୧୦ଯାଏଁ ଖୋଲା ରହିବ। ସୂଚନାଥାଉ କି, ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବଲାଙ୍ଗିର ଜିଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ଗତକାଲି ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଜିଲାରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସକାଳ ସାଢେ ୬ଟାରୁ ସାଢେ ୧୦ଟା ପର୍ଯ୍ୟନ୍ତ ଖୋଲିବାକୁ ନିର୍ଦ୍ଦେଶ ଜାରି କରାଯାଇଛି।

**ଏସିଆର...**

୪୦, ଢେଙ୍କାନାଳରେ ୪୦.୬, ବରଗଡ଼ରେ ୪୦.୪, ନୂଆପଡ଼ାରେ ୩୯.୪, ନବରଙ୍ଗପୁରରେ ୩୯.୨, ଖୋର୍ଦ୍ଧାରେ ୩୯.୫, ଜଗତସିଂହପୁରରେ ୪୧.୫, କେନ୍ଦ୍ରାପଡ଼ାରେ ୪୧ ଓ ରାଉରକେଲାରେ ୪୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି ।ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କରାଯାଇଥିବା ଆକଳନ ଅନୁଯାୟୀ, ଆସନ୍ତା ଦୁଇ ଦିନ ରାଜ୍ୟର କିଛି ସ୍ଥାନରେ ଦିନର ସର୍ବୋଚ୍ଚ ତାପମାତ୍ରାରେ ୨ରୁ ୩ ଡିଗ୍ରୀ ସେଲ୍‌ସିୟସ ବଢ଼ିପାରେ। ତା' ପରବର୍ତ୍ତୀ ୩ ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ହ୍ରାସ ପାଇବାର ସମ୍ଭାବନା ରହିଛି।

**ଆଇଏଏସ...**

ସମ୍ଭାଳିବାକୁ କୁହାଯାଇଛି । ଏସପି ଭାବେ ନିଯୁକ୍ତି ପାଇଥିବା ଉପରୋକ୍ତ ୩ଜଣ ଆଇପିଏସ୍ ଅଫିସର ଏବେ ଡିଆଇଜି ପାହ୍ୟାରେ କାର୍ଯ୍ୟ କରୁଛନ୍ତି । ନିର୍ବାଚନ କାର୍ଯ୍ୟରୁ ବିରତ କରିଥିବା ଏହି ଆଇପିଏସ୍ ଅଫିସରଙ୍କୁ ରାଜ୍ୟ ପୁଲିସ ମୁଖ୍ୟାଳୟକୁ ସରକାର ବଦଳି କରିଛନ୍ତି । ତେବେ କମିଶନ ଖୋର୍ଦ୍ଧା ଏସପି ଯୁଗଳ କିଶୋର ବାନୋଥ ଓ ବ୍ରହ୍ମପୁର ଏସପି ସର୍ଭଣା ବିବେକ୍ ଏମଙ୍କୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ ମଧ ସେଠାରେ ଏପର୍ଯ୍ୟନ୍ତ ନୂଆ ନିଯୁକ୍ତି ହୋଇପାରିନି ।ଅନ୍ୟପକ୍ଷରେ ଜଗତସିଂହପୁର ଜିଲ୍ଲାପାଳ ପାରୁଲ ପଟ୍ଟୱାରୀଙ୍କ ସ୍ଥାନରେ ଓସେପ ପ୍ରକଳ୍ପ ନିର୍ଦ୍ଦେଶକ ଆଇଏଏସ୍ ଅନୁପମ ଶାହ ଓ କଟକ ଜିଲ୍ଲାପାଳ ଭିନିତ୍ ଭରଦ୍ୱାଜଙ୍କ ବଦଳରେ ପଂଚାୟତିରାଜ ବିଭାଗ ନିର୍ଦ୍ଦେଶକ ଆଇଏଏସ୍ ଅରିନ୍ଦମ ଡାକୁଆଙ୍କୁ ଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି । ସୂଚନାଯୋଗ୍ୟ, ଏହି ୮ଜଣ ସର୍ବଭାରତୀୟ ଅଫିସରମାନଙ୍କୁ ନିର୍ବାଚନ କାର୍ଯ୍ୟରୁ ଦୂରେଇ ରଖିବାକୁ କମିଶନ ନିର୍ଦ୍ଦେଶ ଦେବାପରେ ସମ୍ପୃକ୍ତ ଅଫିସରମାନଙ୍କ ବିଶ୍ୱସନୀୟତା ଏବେ ସଙ୍କଟରେ ପଡ଼ିଛି ।

# ବ୍ଲକ ଖାଇଗଲା ତିନି ସ୍କୁଲ୍ ପିଲର !

**କୁଜଙ୍ଗ(ଅମୃତ ମିଡିଆ):** ଜଗତସିଂହପୁର ଜିଲ୍ଲାରେ ଦୁର୍ନୀତି ଏବେ ଦିନକୁ ଦିନ ସୀମା ଟପିବାରେ ଲାଗିଛି କିନ୍ତୁ କମିବାରେ ନା ଧରୁନି ସେହିପରି ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତୁଲଙ୍ଗ ପଞ୍ଚାୟତରେ ନିର୍ମାଣ ହେଇଥିବା ଆମ ଓଡ଼ିଶା ନବୀନ ଓଡ଼ିଶା କାମକୁ ନେଇ ଏବେ ଚର୍ଚ୍ଚା ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ଏହି ପଞ୍ଚାୟତରେ ପର୍ଶୁରାମ ଜିଉ ଉଚ୍ଚ ବିଦ୍ୟାଳୟ ନୂତନ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ସରକାରଙ୍କ ଆସୁଥିବା ଅନୁଦାନ ଆମ ଓଡ଼ିଶା ନବୀନ ଓଡ଼ିଶା ବାବଦରେ ୭ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର ହେଇଥିବା ବେଳେ ସେଠାରେ ଥିବା ଜନ ପ୍ରତିନିଧୀଙ୍କ ଛତ୍ର ଛାୟାତଳେ ରହି ବ୍ଲକ ପ୍ରଶାସନ ଗୃହ ପାଇଁ ୯ଟି ପିଲର୍ ଏଷ୍ଟିମେଣ୍ଟ କରି ଥିବା ବେଳେ ୬ଟି ପିଲର କରି ବାକି ପିଲର ପୁରୁଣା ଘରର କାନ୍ଥ



ଭାଙ୍ଗି ସେଥିରେ ଜଏଣ୍ଟ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ଯୋଜନା ରେ ଛୋଟ ଛୋଟ ପିଲାଙ୍କ ଭବିଷ୍ୟତ ପାଇଁ ଶ୍ରେଣୀ ଗୃହ ନିର୍ମାଣ କରିଥିବା ବେଳେ ତିର୍ତ୍ତୋଲ ବ୍ଲକ ଅଧୀନରେ ଥିବା ତୁଳଙ୍ଗ ଏହି ପର୍ଶୁରାମ ସ୍କୁଲ୍ ଏଭଳି କାମ ଏବେ ଏବେ ଛୋଟ ପିଲାଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚି ସୃଷ୍ଟି ହୋଇଛି । ଏହି କାମ ବାବଦରେ ଗ୍ରାମର କିଛି ଲୋକ ଏବେ ସୂଚନା ଅଧିକାର ଆଇନ ରିପୋର୍ଟ ମାଗିବାକୁ ଯାଇଥିବା ବେଳେ ବିଡ଼ିଓଙ୍କ ଅନୁପସ୍ଥିତି ରୋଚକ ମୋଡ ସୃଷ୍ଟି କରିଛି । ଏଭଳି ନିମ୍ନ ମାନର କାମ ବ୍ଲକ ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧି ମଧୁ ଚନ୍ଦ୍ରିକାକୁ ନେଇ ନିର୍ବାଚନ ସମୟରେ ଏହା ମୁଦା ହେବ ବୋଲି ଚର୍ଚ୍ଚା ହେଉଛି ।

# ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଚିହ୍ନଟ ପାଇଁ ସଂରକ୍ଷିତ

**ବାରିପଦା(ଅମୃତ ମିଡିଆ):** ଗତ ଏପ୍ରିଲ୨ତାରିଖ ଦିନ ମୁର୍ଗାବାଡି ଅଞ୍ଚଳର ୧୮ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରୁ ଜଣେ ଅଜଣା ଯୁବକଙ୍କୁ ଭଞ୍ଜପୁର ଥାନା ପୁଲିସ ଉଦ୍ଧାର କରି ସ୍ଥାନୀୟ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ହସ୍ପିଟାଲକୁ ଆଣିଥିଲା । କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା । ତାଙ୍କର ଆନୁମାନିକ ବୟସ ୩୦ ହେବ । ଏ ସମ୍ପର୍କରେ ବାରିପଦା ଭଞ୍ଜପୁର ଥାନାରେ କେଶ ନଂ ୧୦/ ୨୪ ମୂଳେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହିତ ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ଚିହ୍ନଟ ପାଇଁ ସଂରକ୍ଷିତ ରଖାଯାଇଛି । ଏନେଇ ଭଂଜପୁର ଥାନା ଏଏସଆଇ ଗୋବିନ୍ଦ ଟୁଡୁଙ୍କ ସହ ମୋବାଇଲ ନଂ ୯୬୯୨୦୬୯୮୫ ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

# ପୋଷ୍ଟାଲ ବାଲଟ ମତଦାନ ପାଇଁ ପ୍ରଶିକ୍ଷଣ




**ବାରିପଦା (ଅମୃତ ମିଡିଆ):** ନିର୍ବାଚନ ସମୟରେ ମତଦାନରେ ସବୁଠୁ ମହତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରେ, ପୋଷ୍ଟାଲ ବାଲଟ । ଏଣୁ ୨୦୨୪ ସାଧାରଣ ନିର୍ବାଚନର ଏହି ଗୁରୁତ୍ୱପୂର୍ଣ୍ଣ ଅଂଶକୁ ମୟୂରଭଞ୍ଜ ଜିଲ୍ଲାରେ ପ୍ରାଧାନ୍ୟତା ଦେଇ ସମ୍ପାଦନା କରିବା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଏବଂ ଅତିରିକ୍ତ ଜିଲ୍ଲାପାଳ (ନିର୍ବାଚନ) ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତା ତଥା ସମସ୍ତ ରିଟର୍ଣ୍ଣିଙ୍ଗ ଅଫିସର ଏବଂ ଅତିରିକ୍ତ ରିଟର୍ଣ୍ଣିଙ୍ଗ ଅଫିସର ମାନଙ୍କ ଅଧ୍ୟକ୍ଷତାରେ ଉଦଳା ଏବଂ ବାରିପଦା ନିର୍ବାଚନ ମଣ୍ଡଳୀର ନିର୍ବାଚନ ଦାୟିତ୍ୱରେ ଥିବା ସମସ୍ତ କାର୍ଯ୍ୟକାରୀ ଅଧିକାରୀ ମାନଙ୍କୁ ନେଇ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି; । ଏହି ପୋଷ୍ଟାଲ ବାଲଟ ଭୋଟିଂ ବ୍ୟବସ୍ଥା ସମ୍ପୂର୍ଣ୍ଣ (ସର୍ବନିମ୍ନ ୪୦%) ଶାରୀରିକ ଅକ୍ଷମ ବ୍ୟକ୍ତି । ସମସ୍ତ ଚାକିରିଆ ବ୍ୟକ୍ତି ଏବଂ ୮୫ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଯେଉଁମାନେ ଚାଲିବୁଲି ପାରୁ ନଥିବେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ. ସୂଚନା ଥାଉକି, ମୟୂରଭଞ୍ଜ ଜିଲ୍ଲାରେ ସର୍ବମୋଟ ୪୮୯୩ ଜଣ ଚାକିରିଆ ମତଦାତା ଅଛନ୍ତି ଏବଂ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତ ସରକାରୀ ଚାକିରିଆଙ୍କ ପତ୍ନୀ ଯଦି ତାଙ୍କ ସହିତ ରହୁ ଥିବେ ତେବେ ସେମାନେ ମଧ ଏହି ପୋଷ୍ଟାଲ ବାଲଟ ଭୋଟିଂ ପାଇଁ ଯୋଗ୍ୟ ଅଟନ୍ତି । ପୋଲିସ ସେବା, ଜରୁରୀକାଳୀନ ସେବା, ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ ସେବା ଇତ୍ୟାଦି ସମେତ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରାଧୀକୃତ ଗଣମାଧମ ପ୍ରତିନିଧି ଯେଉଁମାନେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି, ସେମାନଙ୍କୁ ମଧ ଏହି ପୋଷ୍ଟାଲ ବାଲଟ ମାଧମରେ ଭୋଟ ଦେବାର ବ୍ୟବସ୍ଥା କରାଯାଇଛି. ସରକାରୀ ଚାକିରିଆ ମାନେ ନିର୍ବାଚନ କମିଶନ ଫର୍ମ - ୧୨ ଦ୍ୱାରା ଏହି ବ୍ୟବସ୍ଥାର କାର୍ଯ୍ୟକାରୀ କରାଇ ପାରିବେ । ପୋଷ୍ଟାଲ ବାଲାଟ ଭୋଟିଂ, ଆପ ବ୍ୟବହାର ଦ୍ୱାରା ଭୋଟ ପ୍ରକ୍ରିୟା ସରଳୀକରଣ ହେବା ଦ୍ୱାରା ମତଦାନ ଲୋକାଭିମୁଖୀ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ । ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ମତଦାତା ମାନଙ୍କୁ ମତଦାନ କେନ୍ଦ୍ର କୁ ନେବା ଆଣିବା ସାଙ୍ଗକୁ ଏହି ମତଦାତା ମାନଙ୍କୁ ପ୍ରାଥମିକତା ଭିତ୍ତି ରେ ମତଦାନ କରିବା ସୁଯୋଗ ଦିଆଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ନିୟୋଜିତ ବିଏଲଓ ମାନେ ଘରକୁ ଘର ଯାଇ ଏହି ସମସ୍ତ ଭୋଟର ମାନଙ୍କ ତଥ୍ୟ ସଂଗ୍ରହ କରିବା ସହ ରିଟର୍ଣ୍ଣିଙ୍ଗ ଅଧିକାରୀଙ୍କ ନିକଟରେ ଏହାକୁ ଦାଖଲ କରିବେ । ଦୃଷ୍ଟି ବାଧିତ ଭୋଟରମାନେ ନିଜସହ ଜଣକୁ ଭୋଟ ଦେବାକୁ କେନ୍ଦ୍ରକୁ ନେଇପାରିବେ । ଏହା ସହ ଇଭିଏମରେ ବ୍ରେଲି ସଲଗ୍ନ ସୁବିଧା ଯୋଗୁଁ ସେମାନଙ୍କୁ ଭୋଟ ଦେବାକୁ ସୁବିଧା ହେବ ବୋଲି ସୂଚନା ଦିଆ ଯାଇଥିଲା. କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, କପ୍ତିପଦା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ସମସ୍ତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକଙ୍କ ସମେତ କପ୍ତିପଦା ଏବଂ ବାରିପଦା ଉପଖଣ୍ଡର ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସମସ୍ତ ଅଧିକାରୀଗଣ ଉପସ୍ଥିତ ଥିଲେ ବୋଲି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣିଙ୍କ ଠାରୁ ପ୍ରକାଶ ।

# ଦୁର୍ଘଟଣାରେ ଶାଳୁଆ ପତନୀଜନ୍ତୁର ମୃତ୍ୟୁ

**ମହାକାଳପଡ଼ା(ଅମୃତ ମିଡିଆ):** ମହାକାଳପଡା ଥାନା ଅନ୍ତର୍ଗତ ଜମ୍ବୁ - ମାର୍ଶାଘାଇ ରାସ୍ତାର ଖ୍ରୀଷ୍ଟିଆନ ପଡା ଛକ ନିକଟରେ ଉପରେ ବିଲୁପ୍ତ ପ୍ରାୟ ବାଘ ପ୍ରଜାତିର ବନ୍ୟଜନ୍ତୁ ଶାଳୁଆପତନୀର ମୃତ ଦେହ ଦେଖିବାକୁ ମିଳିଛି। ଖାଦ୍ୟ ଅନ୍ୱେଷଣରେ ରାସ୍ତା ପାର ହେଉଥିବା ସମୟରେ ଦୁର୍ଘଟଣାରେ ଏହି ଜୀବର ମୃତ୍ୟୁ ହୋଇଥିବା ସନ୍ଦେହ ହେଉଛି । ଅତୀତରେ ବଣ ଜଙ୍ଗଲରେ ପରିପୂର୍ଣ୍ଣ ଥିବା ମହାକାଳପଡ଼ା ର ଏହି ଅଞ୍ଚଳ ଏବେ ଜନ ବସତିରେ ପରିପୂର୍ଣ୍ଣ ହୋଇସାରିଲାଣି। ଜଙ୍ଗଲକଟା ଯୋଗୁଁ ଖାଦ୍ୟ ଅଭାବରେ ଏହି ଜନ୍ତୁ ଏବେ ଗାଁଗଣ୍ଡା, ରାସ୍ତା ଘାଟ ସବୁ ଆଡେ ଘୁରି ବୁଲୁଛନ୍ତି। ଫଳରେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କରୁଛନ୍ତି ବୋଲି ବୁଦ୍ଧିଜୀବିମାନେ ମତପୋଷଣ କରିଛନ୍ତି । ଅତୀତରେ ପେଟଛେଲକ୍ଷ ଘଞ୍ଜଙ୍ଗଲ ଥିବା କୋଟିଳା ଅଂଚଳର ପରିବେଶ ପ୍ରେମୀ ସୁବାସ ସ୍ୱାଇଁ କହିଛନ୍ତି କି ବାଘ ପ୍ରଜାତିର ଏହିଭଳି ଜୀବଜନ୍ତୁ ସଂଧ୍ୟା ହେଲେ ଖାଦ୍ୟ ଅନ୍ୱେଷଣରେ ବାହାରକୁ ବାହାରି ପଡନ୍ତି । ଜଙ୍ଗଲ ମଧ୍ୟରୁ ଛୋଟ ଛୋଟ ଜୀବ ଜନ୍ତୁ ଶିକାର କରିବା ସହିତ ପକ୍ଷୀ ଶିକାର କରି ଖାଦ୍ୟରୁପେ ବ୍ୟବହାର କରନ୍ତି । ମାତ୍ର ଜଙ୍ଗଲ ଲୋପ ପାଇବା ପରେ ଏହି ଜନ୍ତୁ ଲୋପ ପାଇବାକୁ ବସିଲେଣି । ପରିବେଶ ସନ୍ତୁଳନ ରକ୍ଷା ଦିଗରେ ଏମାନଙ୍କ ବଞ୍ଚିବା ନିହାତି ଆବଶ୍ୟକ । ଏମାନଙ୍କ ସୁରକ୍ଷା ପାଇଁ ବନବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ ବୋଲି ସୁବାସ ସ୍ୱାଇଁ, ସମରେନ୍ଦ୍ର ମାହାଳି ପ୍ରମୁଖ କହିଛନ୍ତି ।






# ଆଇସିସି ପକ୍ଷରୁ ପୁରସ୍କୃତ ପାଇଁ ସର୍ଟ ଲିଷ୍ଟ ହେଲେ ଖେଳାଳି

**ନୂଆଦିଲ୍ଲୀ :** ମାର୍ଚ୍ଚରେ ହୋଇଥିବା ଦମଦାର ପ୍ରଦର୍ଶନ ପାଇଁ ଆଇସିସି ପୁରୁଷ ଏବଂ ମହିଳା ପ୍ଲେୟାର ଅଫ ଦି ମନ୍ଥ ପୁରସ୍କାର ପାଇବାକୁ ପ୍ରତିଯୋଗୀମାନଙ୍କ ସର୍ଟଲିଷ୍ଟ ଗୁରୁବାର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପ୍ରକାଶ କରିଛି। ମାର୍ଚ୍ଚ ୨୦୨୪ ପାଇଁ ଆଇସିସି ପୁରୁଷ ପ୍ଲେୟାର ଅଫ ମନ୍ଥ ପାଇଁ ସର୍ଟଲିଷ୍ଟରେ ଶ୍ରୀଲଙ୍କା ଅଲରାଉଣ୍ଡରଙ୍କ ସହ ଆୟରଲାଣ୍ଡ ଏବଂ ନ୍ୟୁଜିଲ୍ୟାଣ୍ଡର ଦୁଇଜଣ ଦ୍ରୁତ ବୋଲର ମଧ୍ୟ ସାମିଲ ହୋଇଛନ୍ତି। କୌଣସି ଭାରତୀୟ ଖେଳାଳି ଏଥିରେ ସ୍ଥାନ ପାଇ ନାହାଁନ୍ତି। ମାର୍କ ଅଦାୟାର ୨୦୧୯ରେ ତାଙ୍କର ଆନ୍ତର୍ଜାତୀୟ ଡେବ୍ୟୁ କରିବା ପରଠାରୁ, ସେ ସମସ୍ତ ଫର୍ମାଟରେ ଆୟର୍ଲାଣ୍ଡ ସେଟଅପର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇପାରିଛନ୍ତି। ମାର୍ଚ୍ଚରେ ଆଫଗାନିସ୍ତାନ ଉପରେ ତାଙ୍କ ଦଳର ଐତିହାସିକ ଟେଷ୍ଟ ବିଜୟରେ ମାର୍କ ଅଦାୟର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ପ୍ରଥମ ଥର ପାଇଁ ୫ ୱିକେଟ ନେଇ ସଫଳତା ହାସଲ କରିଥିଲେ। ମ୍ୟାଚରେ ତାଙ୍କର ଭଲ ପ୍ରଦର୍ଶନ ପାଇଁ ଅଦାୟରଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ଭାବେ ମନୋନୀତ କରାଯାଇଥିଲା। ତାଙ୍କର ଆଠଟି ୱିକେଟ ହାରାହାରି ୧୧.୮୭ ରେ ଆସିଥିଲା । ଏହା ପରେ ସେ ୱାନଡେ ସିରିଜରେ ୩ ୱିକେଟ ଏବଂ ପରେ ଟି -୨୦ ସିରିଜରେ ୫ ୱିକେଟ ନେଇଥିଲେ। ଶ୍ରୀଲଙ୍କା ଖେଳାଳି କାମେନ୍ଦୁ ମେଣ୍ଡିସ ୨୦୨୨ ପରଠାରୁ ପ୍ରଥମ ଥର ପାଇଁ ଶ୍ରୀଲଙ୍କା ଦଳକୁ ପ୍ରତ୍ୟାବର୍ତ୍ତନ କରି କ୍ରମାଗତ ଭାବରେ ଭଲ ପ୍ରଦର୍ଶନ କରିଛନ୍ତି। ବାଂଲାଦେଶ ବିପକ୍ଷରେ କାମେନ୍ଦୁ ଧନଞ୍ଜୟ ଡି ସିଲଭାଙ୍କ ସହ ଷଷ୍ଠ ୱିକେଟ ପାଇଁ ୨୦୨ ରନ ସଂଗ୍ରହ କରିଥିଲେ। ଦ୍ୱିତୀୟ ଇନିଂସରେ ସେ ଏକ ଭଲ ପ୍ରଦର୍ଶନ କରିଥିଲେ। ଅଷ୍ଟମ ନମ୍ବରରେ ଆସି ସେ ସପ୍ତମ ୱିକେଟ ପାଇଁ ଧନଞ୍ଜୟଙ୍କ ସହ ୧୭୩ ରନ ଯୋଡିଥିଲେ। ଏହି ସମୟ ମଧ୍ୟରେ ସେ ୧୬୪ ରନର ଶ୍ରେଷ୍ଠ ଇନିଂସ ଖେଳିଥିଲେ। ନ୍ୟୁଜିଲ୍ୟାଣ୍ଡର ଦ୍ରୁତ ବୋଲର ମ୍ୟାଟ ହେନେରୀ ଏକ ଶକ୍ତିଶାଳୀ ଅଷ୍ଟ୍ରେଲିଆ ଦଳ ବିପକ୍ଷରେ ଅସାଧାରଣ ରେଡ-ବଲ ଫର୍ମ ପ୍ରଦର୍ଶନ କରିଥିଲେ।




# ଚେନ୍ନାଇକୁ ହରାଇଲା ହାଇଦ୍ରାବାଦ

**ହାଇଦ୍ରାବାଦ :** ଅନୁଷ୍ଠିତ ଆଇପିଏଲ୍ ଖେଳର ଏକ ମ୍ୟାଚ୍‌ରେ ଡିଫେଣ୍ଡର ଚମ୍ପିଆନ୍ ଚେନ୍ନାଇ ସୁପରକିଙ୍ଗ୍‌କୁ ୬ ୱିକେଟ୍‌ରେ ମାତ୍ ଦେଇଛି ସନରାଇଜର ହାଇଦ୍ରାବାଦ। ଆଉ ୮ଟି ବଲ୍ ବାକିଥାଇ ହାଇଦ୍ରାବାଦ ଦଳ ଜିତିଯାଇଛି। ସନରାଇଜର ପକ୍ଷରୁ ଏଡେନ୍ ମର୍କମ ସର୍ବାଧିକ ୫୦ ରନ୍ କରିଥିବା ବେଳେ ଅଭିଷେକ ଶର୍ମା ୩୭ ରନ୍ କରିଥିଲେ। ଅପରପକ୍ଷରେ ଚେନ୍ନାଇ ପକ୍ଷରୁ ମୋଏନ୍ ଅଲ୍ଲୀ ଦୁଇଟିୱିକେଟ୍ ଅକ୍ତିଆର କରିଥିଲେ। ସୂଚନାଯୋଗ୍ୟ ହାଇଦ୍ରାବାଦରେ ଖେଳାଯାଉଥିବା ଆଇପିଏଲ-୨୦୨୪ର ୧୮ତମ ମ୍ୟାଚରେ ହାଇଦ୍ରାବାଦ ଆଗରେ ବିଜୟ ପାଇଁ ୧୬୬ ରନର ଲକ୍ଷ୍ୟ ରଖିଥିଲା ଚେନ୍ନାଇ । ଏହି ମ୍ୟାଚରେ ସନରାଇଜର୍ସ ହାଇଦ୍ରାବାଦ ଟସ ଜିତି ଚେନ୍ନାଇ ସୁପରକିଙ୍ଗସଙ୍କୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ପ୍ରଥମେ ବ୍ୟାଟିଂ କରି ଥିବା ଚେନ୍ନାଇ ଏକ ଭଲ ଆରମ୍ଭ କରିଥିଲେ ବି ରାଚିନ ରବୀନ୍ଦ୍ର ମାତ୍ର ୧୨ ରନ କରି ଆଉଟ ହୋଇଥିଲେ । ଋତୁରାଜ ଗାୟକ୍ୱାଡ୍ ୨୬ରନ ଓ ଆଜିଙ୍କ୍ୟ ରାହାଣେ ୩୫ରନ କରିଥିଲେ । ସେହିପରି ଶିବମ ଦୁବେ ୪୫ ରନ କରିଥିବାବେଳେ ରବୀନ୍ଦ୍ର ଜାଡେଜା ୩୧ରନ କରିଥିଲେ । ଦଳ ୨୦ ଓଭରରେ ୫ ୱିକେଟ ହରାଇ ୧୬୫ ରନ କରିଥିଲା । ଡାରିଲ ମିଚେଲ ୧୩ ରନ କରିଥିଲେ ଓ ଧୋନୀ ୧ ରନ କରିଥିଲେ ।ହାଇଦ୍ରାବାଦ ପକ୍ଷରୁ ଟି . ନଟରାଜନ, ଭୁବନେଶ୍ୱର କୁମାର, ପାଟ କମିନ୍ସ,,ଶେହବାଜ ଅହମ୍ମଦ ଓ ଜୟଦେବ ଉନାଡକଟ୍ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ ।



# ଅଲ୍ ଓଡ଼ିଶା ଆର୍ଟିଷ୍ଟ କ୍ରିକେଟ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

**ବଲାଙ୍ଗୀର(ଅମୃତ ମିଡିଆ):** ବଲାଙ୍ଗିର ଗାନ୍ଧୀ ଷ୍ଟାଡିୟମ ଠାରେ ବଲାଙ୍ଗିର ଯୁବ କଳାକାର ସଂଘର ସଭାପତି ବିନୋଦ କାଲସାଏଙ୍କ ସଭାପତିତ୍ୱରେ ଅଲ୍ ଓଡିଆ ଆର୍ଟିଷ୍ଟ ପ୍ରିମିୟମ ଲିଗ୍ ୨୦୨୪ ସିଜନ-୩କୁ ସମାଜସେବୀ ଶ୍ରୀକର ମିଶ୍ର ଉଦ୍‌ଘାଟନ କରିଥିଲେ । ଆଜିର ଏହି ପ୍ରଥମ ଦିନ ସବୁ ଜିଲ୍ଲାରୁ କଳାକାର ଆସି ଆଜିର ମ୍ୟାଚରେ ବିଭିନ୍ନ ଦଳ କ୍ୱାଟର ଫାଇନାଲ ଖେଳି କାଲି ସେମିଫାଇନାଲ ଓ ଫାଇନାଲ ମ୍ୟାଚ ରେ ପ୍ରବେଶ କରିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀକର ମିଶ୍ର, ସମ୍ମାନିତ ଅତିଥି ସନ୍ଦୀପ ବାଗ, ଅନିତା ତ୍ରିପାଠି, ଗୋପାଳ ପ୍ରଧାନ, ଏସ୍. ସରୋଜ, ସମିର, ଅଜୟ ନାଗ, ମିଲି ବାରିକ, ଶଶି, ରାଜ ସିନ୍ଧିୟା, ଶ୍ରୀକାନ୍ତ ବାଗ, ଦେବେନ ସାହୁ, ବିନୟ ସୁନା, ସାଗର କୁମ୍ଭାର, ଅର୍ଚ୍ଚନା ପାଢି, ନରସିଂହ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଖେଳକୁ ଅମିତ ମଛଖଣ୍ଡ, ହୃଦୟ ଶବର, ସଂଗୀତ ସାହୁ, ସୁଦର୍ଶନ ବାଗ, ମନ୍‌ସି ସୋରେନ, କଳାକୃଷ୍ଣ ସାହୁ ପରିଚ୍ଚଳନା କରିଥିଲେ ।



# ଫିଫା ମାନ୍ୟତାରେ ଖସିଲା ଭାରତ



**ନୂଆଦିଲ୍ଲୀ :** ଫିଫା ମାନ୍ୟତାରେ ଭାରତୀୟ ପୁରୁଷ ଫୁଟ୍‌ବଲ୍ ଦଳର ଅବନତି ଘଟିଛି। ଭାରତୀୟ ଦଳ ୪ ସ୍ଥାନ ତଳକୁ ଖସି ୧୨୧ତମ ସ୍ଥାନରେ ରହିଛି। ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ଆଫଗାନିସ୍ଥାନଠୁ ୧-୨ ଗୋଲ୍‌ରେ ପରାଜିତ ହେବା ପରେ ଭାରତର ଏଭଳି ଅବନତି ହୋଇଛି। ପ୍ରଶିକ୍ଷକ ଇଗୋର ଷ୍ଟିମାକ୍‌ଙ୍କ ଅଧୀନରେ ଭାରତୀୟ ଦଳ ଗତବର୍ଷ ଶୀର୍ଷ ୧୦୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲା। ଇଣ୍ଟରକଣ୍ଟିନେଣ୍ଟାଲ୍ କପ୍, ତ୍ରିରାଷ୍ଟ୍ରୀୟ ଶୃଙ୍ଖଳା, ସାଫ୍ ଚାମ୍ପିଅନ୍‌ସିପ୍‌ରେ ଉନ୍ନତ ପ୍ରଦର୍ଶନ କରି ଭାରତ ଏଭଳି ବଡ଼ ସଫଳତା ପାଇଥିଲା। ଏଏଫ୍‌ସି ଏସିଆ କପ୍ ?ରେ ଅଷ୍ଟ୍ରେଲିଆ, ଉଜ୍‌ବେକିସ୍ତାନ ଓ ସିରିଆଠୁ ପରାଜିତ ହୋଇ ଭାରତ ଗ୍ରୁପ୍ ?ର ନିମ୍ନରେ ରହିଥିଲା। ଯେଉଁଥିପାଇଁ ଦଳର ମାନ୍ୟତା ୧୧୭କୁ ଖସିଆସିଥିଲା। ପରେ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ଆଫଗାନିସ୍ତାନ ସହିତ ଗୋଲ୍‌ଶୂନ୍ୟ ରଖିବା ପରେ ଘରୋଇ ମ୍ୟାଚ୍‌ରେ ଏହି ଦଳଠୁ ପରାଜିତ ହୋଇଥିଲା। ଫିଫା ମାନ୍ୟତାରେ ବିଶ୍ୱକପ୍ ବିଜେତା ଆର୍ଜେଣ୍ଟିନା ଶୀର୍ଷରେ ଥିବା ବେଳେ ଫ୍ରାନ୍ସ, ଇଂଲଣ୍ଡ, ବେଲଜିୟମ୍, ବ୍ରାଜିଲ୍ ଶୀର୍ଷ ୫ ମଧ୍ୟରେ ଅଛନ୍ତି।

# ମୁମ୍ବାଇକୁ ଫେରିବେ ସୂର୍ଯ୍ୟ କୁମାର



**ନୂଆଦିଲ୍ଲୀ :** ଚଳିତ ସିଜନରେ କ୍ରମାଗତ ତିନିଟି ମ୍ୟାଚ୍ ହାରିଥିବା ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଏକ ଖୁସି ଖବର ଆସିଛି। ମିଷ୍ଟର ୩୬୦ ଡିଗ୍ରୀ ଭାବରେ ଜଣାଶୁଣା ସୂର୍ଯ୍ୟକୁମାର ଯାଦବ ସମ୍ପୂର୍ଣ୍ଣ ଫିଟ୍ ହୋଇଯାଇଛନ୍ତି। ସେ ଆଇପିଏଲ୍ ୨୦୨୪ରେ ତାଙ୍କର ପ୍ରଥମ ମ୍ୟାଚ୍ ଖେଳିବାକୁ ଏବେ ପ୍ରସ୍ତୁତ ହୋଇସାରିଛନ୍ତି । ଟି - ୨୦ ଇଣ୍ଟରନ୍ୟାସନାଲରେ ବିଶ୍ୱର ନମ୍ବର ୱାନ ବ୍ୟାଟ୍ସମ୍ୟାନ୍ ସୂର୍ଯ୍ୟକୁମାର ଯାଦବ ଆହତ ହେବା ପରେ କ୍ରିକେଟ୍ ପଡ଼ିଆଠାରୁ ଦୂରରେ ଅଛନ୍ତି। ଏହି ସମୟରେ ତାଙ୍କର ଅସ୍ତ୍ରୋପଚାର ହୋଇଥିବାରୁ ଏହି କାରଣରୁ, ସୂର୍ଯ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଆଇପିଏଲ ୨୦୨୪ରେ ଗୋଟିଏ ବି ମ୍ୟାଚ୍ ଖେଳିବାକୁ ସକ୍ଷମ ହୋଇନାହାଁନ୍ତି । ସୂର୍ଯ୍ୟ ବିନା ତାଙ୍କ ଦଳ ବିଜୟୀ ଖାତା ମଧ୍ୟ ଖୋଲି ପାରି ନାହିଁ । ରିପୋର୍ଟ ଅନୁଯାୟୀ, ସୂର୍ଯ୍ୟକୁମାର ଯାଦବ ଆଇପିଏଲ ୨୦୨୪ରେ ଖେଳିବା ପାଇଁ ନ୍ୟାସନାଲ କ୍ରିକେଟ୍ ଏକାଡେମୀ (ଏନସିଏ) ରୁ ସବୁଜ ସଙ୍କେତ ପାଇଛନ୍ତି। ଶୁକ୍ରବାର (ଏପ୍ରିଲ ୫) ରେ ସୂର୍ଯ୍ୟ ମୁମ୍ବାଇ ଇଣ୍ଡିଆନ୍ସରେ ଯୋଗଦେବେ। ସୂଚନା ଥାଉ କି ଯେ ମୁମ୍ବାଇ ଇଣ୍ଡିଆନ୍ସକୁ ଆସନ୍ତା ଏପ୍ରିଲ ୭ରେ ଦିଲ୍ଲୀ କ୍ୟାପିଟାଲସ ବିପକ୍ଷରେ ପରବର୍ତ୍ତୀ ମ୍ୟାଚ୍ ଖେଳିବାକୁ ପଡିବ। ରିପୋର୍ଟ ଅନୁଯାୟୀ, ସୂର୍ଯ୍ୟକୁମାର ଯାଦବ ଏହି ମ୍ୟାଚରେ ଖେଳିପାରନ୍ତି। ସୂର୍ଯ୍ୟକୁମାର ଯାଦବଙ୍କ ଆଇପିଏଲ୍ କ୍ୟାରିୟର ବାବଦରେ କହିବାକୁ ଗଲେ, ତେବେ ସେ ଏପର୍ଯ୍ୟନ୍ତ ୧୩୯ଟି ମ୍ୟାଚ୍ ଖେଳିଛନ୍ତି, ଯେଉଁଥିରେ ଏହି ଖେଳାଳି ୧୪୩.୩୨ ଷ୍ଟ୍ରାଇକ୍ ହାରରେ ୩୨୪୯ ରନ୍ ଏବଂ ହାରାହାରି ୩୧.୮୫ ରନ୍ କରିଛନ୍ତି।

# ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୯ମ ଦିନ

## ଟିମ-ଏ, ୭୦ ରନରେ ବିଜୟୀ



**ବାରିପଦା(ଅମୃତ ମିଡିଆ) :** ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଏସୋସିଏସନ ଆନୁକୂଲ୍ୟରେ ତଥା ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସହଯୋଗରେ ଆୟୋଜିତ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୯ମ ଦିନର ମ୍ୟାଚରେ ଟିମ - ଏ ଟିମ - ଇ କୁ ୭୦ ରନରେ ପରାସ୍ତ କରିଛି ଓ ପ୍ରଥମେ ବ୍ୟାଟିଂ କରି ଟିମ - ଏ ୨୭.୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୯୦ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ଜି ଏନ ବିଶ୍ୱପ୍ରକାଶ ସାହୁ ୫୨ ରନ କରିଥିବା ବେଳେ ବିପକ୍ଷ ଦଳର କୁନାଲ କୌଶିକ ଦାସ ୩ ଉଇକେଟ ଅକ୍ତିଆର କରିଥିଲେ ଓ ଉତ୍ତରରେ ଟିମ - ଇ ୨୧.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୨୦ ରନ ସଂଗ୍ରହ କରିପାରିଥିଲେ ଓ ଦଳ ପକ୍ଷରୁ ଅଙ୍କିତ ଅମନ ଦାଶ ୨୬ ରନ କରିଥିବା ବେଳେ ବିପକ୍ଷ ଦଳର ପ୍ରିୟଙ୍କ ପଟ୍ଟନାୟକ ୩ ଟି ଉଇକେଟ ଅକ୍ତିଆର କରିଥିଲେ ଓ ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ ଓ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ବରିଷ୍ଠ ସଦସ୍ୟ ତଥା ଦକ୍ଷ କ୍ରୀଡ଼ା ସଂଗଠକ ନିରୋଜ କୁମାର ଦାସ , ସାଧାରଣ ସମ୍ପାଦକ ବିଜୟ କୁମର ଦାସ, କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର, ସହ ସମ୍ପାଦକ ବୈଦ୍ୟନାଥ ରଥ ଓ ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

# ଟୁର୍ଣ୍ଣାମେଣ୍ଟରେ ଭାଗ ନେବାକୁ ଭାରତକୁ ଆମନ୍ତ୍ରଣ କଲା ପାକିସ୍ତାନ



**କରାଚୀ :** ଆସନ୍ତା ମାସରେ ଇସ୍‌ଲାମାବାଦରେ ଖେଳାଯିବ ଏସିଆନ ଚ୍ୟାଲେଞ୍ଜ ଭଲିବଲ୍ ଲିଗ୍। ଏନେଇ ଦଳ ପଠାଇବା ଲାଗି ଭାରତକୁ ଅନୁରୋଧ କରିଛି ପାକିସ୍ତାନ ଭଲିବଲ୍ ମହାସଂଘ (ପିଭିଏଫ୍)। ଟୁର୍ଣ୍ଣାମେଣ୍ଟରେ ୧୦ରୁ ୧୨ ଦଳ ଭାଗ ନେବେ ବୋଲି ଆଶା କରାଯାଉଛି। ଇଭେଣ୍ଟ ଲାଗି ଭାରତୀୟ ଭଲିବଲ୍ ମହାସଂଘକୁ ଆମନ୍ତ୍ରଣ ପତ୍ର ପଠାଯାଇଥିବା ପିଭିଏଫ୍ ମୁଖ୍ୟ ଚୌଧାରୀ ଯାକୁବ ପ୍ରକାଶ କରିଛନ୍ତି। ସେ କହିଛନ୍ତି. ଏସିଆନ ଚ୍ୟାଲେଞ୍ଜ ଭଲିବଲ୍ ଚାମ୍ପିୟନଶିପ୍ ଆୟୋଜନ ଲାଗି ବିଡ୍ ଜିତିବା ପରେ ମେ’ ୧୧ରୁ ୧୭ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ମହାଦେଶର ସମସ୍ତ ଟପ୍ ଟିମ୍ ଅଂଶଗ୍ରହଣ କରନ୍ତୁବୋଲି ଆମେ ଚାହିଁବୁ। ଇରାନ, ଶ୍ରୀଲଙ୍କା, ଭୁଟାନ, ତୁର୍କମେନିସ୍ତାନ, ଆଫଗାନିସ୍ତାନ, କାଜାଖସ୍ତାନ ଓ କିରଗିଜସ୍ତାନ ଟୁର୍ଣ୍ଣାମେଣ୍ଟରେ ଭାଗ ନେବାଲାଗି ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟ କେତେକ ଦଳଠାରୁ ଉତ୍ତରକୁ ଅପେକ୍ଷା କରାଯାଇଛି। ଯାକୁବ କହିଛନ୍ତି, ପାକିସ୍ତାନ ଖେଳାଳିମାନେ ଇତିମଧ୍ୟରେ ଇସ୍‌ଲାମାବାଦରେ ସେମାନଙ୍କ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିସାରିଛନ୍ତି।

# ଆଘାତ କାରଣରୁ ୨ ସପ୍ତାହ ଖେଳିବେନି ମିଲର



**ନୂଆଦିଲ୍ଲୀ:** ଗତକାଲି ଖେଳାଯାଇଥିବା ଆଇପିଏଲ ମ୍ୟାଚରେ ଗୁଜୁରାଟ ଟାଇଟାନ୍ସକୁ ପଞ୍ଜାବ କିଙ୍ଗସଠାରୁ ପରାଜୟର ସମ୍ମୁଖୀନ ହେବାକୁ ପଡିଛି । ଶିଖର ଧାୱନଙ୍କ ନେତୃତ୍ୱାଧୀନ ପଞ୍ଜାବ କିଙ୍ଗ ଗୁଜୁରାଟ ଟାଇଟାନ୍ସକୁ ୩ ୱିକେଟରେ ଗତକାଲି ପରାସ୍ତ କରିଥିଲା । ଏହାରି ଭିତରେ ଗୁଜୁରାଟ ଟାଇଟାନ୍ସ ପାଇଁ ବର୍ତ୍ତମାନ ଏକ ଖରାପ ଖବର ଆସୁଛି। ବାସ୍ତବରେ ଗୁଜୁରାଟ ଟାଇଟାନ୍ସର ଭେଟେରାନ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ୍ ଡେଭିଡ ମିଲର ପ୍ରାୟ ୨ ସପ୍ତାହ ପଡ଼ିଆରୁ ଦୂରରେ ରହିବେ। ବର୍ତ୍ତମାନ ଡେଭିଡ ମିଲର ଆଘାତ ସହ ସଂଘର୍ଷ କରୁଛନ୍ତି। ଶୁଭମାନ ଗିଲଙ୍କ ଦ୍ୱାରା ପରିଚାଳିତ ଗୁଜୁରାଟ ଟାଇଟାନ୍ସ ପାଇଁ ଡେଭିଡ ମିଲରଙ୍କ ଅନୁପସ୍ଥିତି ଏକ ବଡ ଝଟକା ବୋଲି ବିବେଚନା କରାଯାଉଛି । ଏହାପୂର୍ବରୁ ପଞ୍ଜାବ କିଙ୍ଗସ ବିପକ୍ଷରେ ଡେଭିଡ ମିଲର ଗୁଜୁରାଟ ଟାଇଟାନ୍ସ ପାଇଁ ଖେଳି ପାରିନଥିଲେ । କିନ୍ତୁ ବିଶ୍ୱାସ କରାଯାଉଥିଲା ଯେ ସେ ପରବର୍ତ୍ତୀ ମ୍ୟାଚ୍ ବେଳକୁ ଗୁଜୁରାଟ ଟାଇଟାନ୍ସ ପାଇଁ ଖେଳିବାକୁ ଫିଟ୍ ହୋଇଯାଇଥିବେ । କିନ୍ତୁ ବର୍ତ୍ତମାନ ଗୁଜୁରାଟ ଟାଇଟାନ୍ସ ମ୍ୟାନେଜମେଣ୍ଟ ଏବଂ ପ୍ରଶଂସକଙ୍କ ପାଇଁ ଖରାପ ଖବର ଆସୁଛି । ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ଡେଭିଡ ମିଲର ଗୁଜୁରାଟ ଟାଇଟାନ୍ସ ପାଇଁ ଖେଳିପାରିନଥିଲେ । ତାଙ୍କ ବଦଳରେ କେନ ୱିଲିୟମସନଙ୍କୁ ସ୍ଥାନ ଦିଆଯାଇଥିଲା । କେନ୍ ୱିଲିୟମ୍ସନ୍ ୨୨ ବଲରେ ୨୬ ରନ୍ ଯୋଗଦାନ କରିଥିଲେ । ଉଲ୍ଲେଖ ଥାଉ କି ଗତକାଲି ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୧୯୯/୪ (ଶୁବମନ ଗିଲ୍ ୮୯, ସାଇ ସୁଦର୍ଶନ ୩୩, କେନ୍ ୱିଲିୟମସନ୍ ୨୬, ରାହୁଲ ତିୱାତିଆ ୨୩ କରିଥିବାବେଳେ ପଞ୍ଜାବ କିଙ୍ଗ୍ସ ୧୯.୫ ଓଭରରେ ୨୦୦ (ଶଶାଙ୍କ ସିଂହ ୬୧, ପ୍ରଭସିମରନ୍ ସିଂହ ୩୫, ଆଶୁତୋଷ ଶର୍ମା ୩୧, ଜନି ବେୟାରଷ୍ଟୋ ୨୨ ରନ କରି ବିଜୟୀ ହୋଇଥିଲେ ।

# ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୭ମ ଦିନ

## ଚନ୍ଦନଙ୍କ ଦ୍ୱିଶତ : ଟିମ ବି ବିଜୟୀ



**ବାରିପଦା(ଅମୃତ ମିଡିଆ) :** ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଏସୋସିଏସନ ଆନୁକୂଲ୍ୟରେ ତଥା ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସହଯୋଗରେ ଆୟୋଜିତ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୭ମ ଦିନର ମ୍ୟାଚରେ ଟିମ - ବି ଟିମ - ଇ କୁ ୭୭ ରନରେ ପରାସ୍ତ କରିଛି ଓ ପ୍ରଥମେ ବ୍ୟାଟିଂ କରି ଟିମ - ବି ୩୦ ଓଭରରେ ୫ ଉଇକେଟ ହରାଇ ୩୧୩ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ଚନ୍ଦନ ସିଂ ଧୂଆଁଧାର ୨୩୧ ରନ ସଂଗ୍ରହ କରିଥିବା ବେଳେ ସୁଜଳ ନାଥ ମଧ୍ୟ ୪୧ ରନ କରିଥିଲେ ଓ ବିପକ୍ଷ ଦଳର ଭବେଶ ମହାନ୍ତି ୩ ଟି ଉଇକେଟ ଅକ୍ତିଆର କରିଥିଲେ ଓ ଉତ୍ତରରେ ଟିମ - ଇ ୩୦ ଓଭରରେ ୬ ଉଇକେଟ ହରାଇ ୨୩୬ ରନ ସଂଗ୍ରହ କରିପାରିଥିଲେ ଓ ଦଳ ପକ୍ଷରୁ ସୁହିର୍ଦ୍ଦ ମହାନ୍ତି ୯୫ ଓ ଅଂଶ ଅଗ୍ରୱାଲ ୪୫ ରନ କରିଥିବା ବେଳେ କୁମାର ସତ୍ୟଜିତ ମିସ୍ତ୍ରୀ ୨ ଟି ଉଇକେଟ ଅକ୍ତିଆର କରିଥିଲେ ଓ ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ ଓ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ବରିଷ୍ଠ ସଦସ୍ୟ ବିଜୟ ସିଂହ, ନିରୋଜ ଦାସ, ସାଧାରଣ ସମ୍ପାଦକ ବିଜୟ କୁମର ଦାସ, କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର, ସହ ସମ୍ପାଦକ ବୈଦ୍ୟନାଥ ରଥ ଓ ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।


କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085 (News).

ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra






କମ୍ବାକ୍ଟ ନେସନାଲ ଚାମ୍ପିଅନସିପ୍‌ର ଶୁଭାରମ୍ଭ, ସିଂହଦ୍ୱାର ସମ୍ମୁଖରେ ଦୀପଦାନ





ପୁରୀ ଶରଧାବାଲି ଠାରେ କମ୍ବାକ୍ଟ କୁସ୍ତି ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ଉତ୍କଳ ସଙ୍ଗୀତ ନୃତ୍ୟ ପରିବେଷଣ






ମିଳିତ ସାମ୍ବାଦିକ ମଞ୍ଚପକ୍ଷରୁ ଦାବି ଜଣାଇବା ସହ ଦିଲ୍ଲୀ ବିଜେପି କାର୍ଯ୍ୟାଳୟରେ ସ୍ମାରକପତ୍ର ପ୍ରଦାନ



ଆମ୍ ଆଦମୀ ପାର୍ଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



ପ୍ରଚଣ୍ଡ ଖରା: ଭୁବନେଶ୍ୱରରେ ୪୩.୫ ଡିଗ୍ରୀ ତାତି


₹ 5/-
Saffron Blended
MEENAJEE®
MAWA
₹5 ରେ
ପ୍ରିମିୟମ୍ କ୍ୱାଲିଟି
Call Toll Free: 1800 123 6292
Warning: Chewing of supari is injurious to health. Not for minors.